# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁନ୍ ୩୦/୨୦୨୦ (୧୬ ପୃଷ୍ଠା) | Sambalpur, Tuesday, June 30/2020 ★★

୧୬ଶ ଭାଗ ୧୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଚାଇନା ସାମଗ୍ରୀକୁ ରବୀନାଙ୍କ ନା

ବଲିଉଡ୍ ଅଭିନେତ୍ରୀ ରବୀନା ଟଣ୍ଡନ ଟୁଇଟ କରି କହିଛନ୍ତି, ଖୁବ୍‌ଶୀଘ୍ର ସେ ଚାଇନାର ସମସ୍ତ ସାମଗ୍ରୀ ଏବଂ ମୋବାଇଲ୍ ଆପ୍‌କୁ ବର୍ଜନ କରିବେ।

୧୦

୧୬

## ଏଲିଟ ପ୍ୟାନେଲରେ ମେନନ ସର୍ବ କନିଷ୍ଠ

ଭାରତର ନାତିନ ମେନନ ସର୍ବ କନିଷ୍ଠ ଅମ୍ପାୟରଭାବେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ଏଲିଟ ପ୍ୟାନେଲରେ ସାମିଲ ହୋଇଛନ୍ତି।



### କରୋନା ରୋଗୀଙ୍କ ପାଇଁ ଓଡ଼ିଶା ଆସିଲା ଔଷଧ

### ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ ସ୍ପେଶାଲ ଟ୍ରେନ୍

### ହାର୍ଲି ଡେଭିଡ୍‌ସନରେ ସିଜେଆଇ

୩

### ଲକ୍‌ଡାଉନ ଯୋଗୁ ୫ ରାଜ୍ୟକୁ ଅଧିକ କ୍ଷତି

୯

# ୧ରୁ ଅନ୍‌ଲକ୍ ୨.୦

- ଜୁଲାଇ ୩୧ ପର୍ଯ୍ୟନ୍ତ ସାରା ଦେଶରେ କାର୍ଯ୍ୟକାରୀ ହେବ
- ରାତି ୧୦ରୁ ସକାଳ ୫ ଯାଏ କର୍ଫ୍ୟୁ
- ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ ବନ୍ଦ ରହିବ
- ଆଜି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ମୋଦି



ନୂଆଦିଲ୍ଲୀ,୨୯।୬

ଅନ୍‌ଲକ୍ ୧.୦ ସମୟସୀମା ମଙ୍ଗଳବାର ଶେଷ ହେଉଥିବା ବେଳେ ଏହାର ଦିନକ ପୂର୍ବରୁ କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟ ଅନ୍‌ଲକ୍ (ଅନ୍‌ଲକ୍ ୨.୦) ପାଇଁ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହା ଜୁଲାଇ ୧ରୁ ୩୧ ପର୍ଯ୍ୟନ୍ତ ସାରା ଦେଶରେ କାର୍ଯ୍ୟକାରୀ ହେବ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମିଳିଥିବା ପରାମର୍ଶ ଆଧାରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ସଂଶୋଧିତ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏହି ପର୍ଯ୍ୟାୟରେ ପୂର୍ବଭଳି ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସେହିପରି ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡ଼ିକ ମଧ୍ୟ ସର୍ବସାଧାରଣଙ୍କ ଲାଗି ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି। ଆବଦ୍ଧାଞ୍ଚଳରେ କେବଳ ଅତ୍ୟାବଶ୍ୟକ ସେବାକୁ ଅନୁମତି ଦିଆଯାଇଛି। ଅନ୍‌ଲକ୍ ୨.୦ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଅପରାହ୍ଣ ୪ଟାରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି।

ଅନ୍‌ଲକ୍ ୨.୦ରେ ଘରୋଇ ବିମାନ ଓ ଯାତ୍ରୀବାହୀ ଟ୍ରେନ ଚଳାଚଳ ବୃଦ୍ଧିପାଇବ। ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ଆତିଥେୟତା ସେବା ଏବଂ ଆବଦ୍ଧାଞ୍ଚଳରେ ସପିଙ୍ଗ ମଲ୍ ବନ୍ଦ ରହିବ। ଯେଉଁ ଅଞ୍ଚଳରେ ଦୋକାନଗୁଡ଼ିକ ଖୋଲା ରହିବ, ସେଠାରେ ଏକସଙ୍ଗରେ ୫ରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ଦିଆଯିବ ନାହିଁ। ଦୋକାନରେ ପର୍ଯ୍ୟାପ୍ତ ସାମାଜିକ ଦୂରତା ବଜାୟ ରଖିବା ଲାଗି ନିର୍ଦ୍ଦେଶାବଳୀରେ କୁହାଯାଇଛି। କେବଳ ବନ୍ଦେ ଭାରତ ମିଶନରେ ଅନ୍ତର୍ଜାତୀୟ ଉଡ଼ାଣ ଲାଗି ସୀମିତ ଅନୁମତି ଦିଆଯାଇଛି। ତେବେ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ସିନେମା ହଲ୍, ଜିମ୍ନାସିୟମ୍, ସୁଇମିଂ ପୁଲ୍, ☞ପୃଷ୍ଠା–୪

# ଜୁଲାଇ ପାଇଁ ରଣନୀତି

ଭୁବନେଶ୍ୱର,୨୯।୬(ବ୍ୟୁରୋ)

### ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ

- ସରକାରୀ କାର୍ଯ୍ୟାଳୟରେ ଗାଇଡଲାଇନ ପାଳନ ନ ହେଲେ ଦାୟୀ ରହିବେ କାର୍ଯ୍ୟାଳୟ ମୁଖ୍ୟ
- ଜିଲାପାଳ, ଏସ୍‌ପିଙ୍କ ସହ ଆଲୋଚନା

ଏବେ ସରକାରୀ କର୍ମଚାରୀମାନେ ମଧ୍ୟ କୋଭିଡ-୧୯ ସଂକ୍ରମଣର ଶିକାର ହେଉଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିନ୍ତାପ୍ରକଟ କରିଛନ୍ତି। ବିଭିନ୍ନ ସରକାରୀ ଅଫିସ ଯେପରି ସଂକ୍ରମଣମୁକ୍ତ ରହିବ ସେ ନେଇ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। କୋଭିଡ ନିୟମ କଡ଼ାକଡ଼ି କରି ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଶୂନ୍ ସଂକ୍ରମଣ ଅଞ୍ଚଳ କରି ରଖିବା ଏବଂ କର୍ମଚାରୀମାନେ କ'ଣ କରିବେ କ'ଣ ନ କରିବେ ସେ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି। ଏହା ସତ୍ତ୍ୱେ ଯଦି ଉଲ୍ଲଂଘନ ହୁଏ ତେବେ ସବୁ କାର୍ଯ୍ୟାଳୟର ମୁଖ୍ୟ ଏଥିପାଇଁ ଦାୟୀ ରହିବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ☞ପୃଷ୍ଠା–୪

# ମରୁଛନ୍ତି ପୁରୁଷ

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ଓଡ଼ିଶାରେ ୧୯ ଜିଲାରୁ ଆଉ ୨୪୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୮୫୯କୁ ବୃଦ୍ଧି ପାଇଛି। ସେପଟେ ସୋମବାର ଆଉ ୨ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ମୃତ ଦୁଇଜଣ ହେଉଛନ୍ତି ଗଞ୍ଜାମ ଜିଲାର ୪୮ ଓ ୫୨ ବର୍ଷୀୟ ପୁରୁଷ। ବର୍ତ୍ତମାନ ଓଡ଼ିଶାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୩ରେ ପହଞ୍ଚିଛି। ସବୁଠାରୁ ବଡ଼ କଥା ହେଉଛି ରାଜ୍ୟରେ ମରିଥିବା ସମସ୍ତ ୨୩ଜଣ ହେଉଛନ୍ତି ପୁରୁଷ। ଯଦିଓ ରାଜ୍ୟରେ ମହିଳାମାନେ ସଂକ୍ରମିତ ହୋଇଛନ୍ତି, କିନ୍ତୁ ଏଯାଏ କାହାର ବି ଜୀବନ ନେଇପାରିନି କୋଭିଡ୍-୧୯। ଗଞ୍ଜାମ ଜିଲାରେ ସର୍ବାଧିକ ୧୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଖୋର୍ଦ୍ଧା ଜିଲାରେ ୫, କଟକରେ ୪, ପୁରୀ ଓ ବରଗଡ଼ରେ ☞ପୃଷ୍ଠା–୪

## ପୁଣି ବଢ଼ିଲା ତେଲ ଦର

### ଡିଜେଲ ୧୩, ପେଟ୍ରୋଲ ୫ ପଇସା

**ନୂଆଦିଲ୍ଲୀ,୨୯।୬:** ରବିବାର ଦର ବୃଦ୍ଧିର ବିରତି ପରେ ପୁଣି ଥରେ ସୋମବାର ତେଲ ଦର ବୃଦ୍ଧି ଘଟିଛି। ସୋମବାର ଡିଜେଲ ଲିଟର ପିଛା ୧୩ ପଇସା ଏବଂ ପେଟ୍ରୋଲ ୫ ପଇସା ବଢ଼ିଥିବା ଜଣାପଡିଛି। ଗତ ୨୨ ଦିନ ଧରି ତେଲ ଦର ବୃଦ୍ଧି ହେଉଥିବା ବେଳେ ଅଚାନକ ଗ୍ୟାସ ଦରରେ ବୃଦ୍ଧିକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। କରୋନା ସଂକ୍ରମଣ ବୃଦ୍ଧି ଫଳରେ ବର୍ତ୍ତମାନ ଜୀବନ ଜୀବିକା କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ ତେଲ ଓ ଗ୍ୟାସ ଦର ବୃଦ୍ଧି ଘଟଣାକୁ ନେଇ ବିରୋଧୀ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଉଛି। ଗତ ୬ଦିନ ହେବ ଡିଜେଲ ଦର ପେଟ୍ରୋଲଠାରୁ ଉଚ୍ଚରେ ରହିଛି। ଫଳରେ ଲୋକଙ୍କୁ ଡିଜେଲ ଉପରେ ଲିଟର ପିଛା ୧୧.୧୪ ଟଙ୍କା ଏବଂ ପେଟ୍ରୋଲ ୯.୧୭ ଟଙ୍କା ଅତିରିକ୍ତ ଦେୟ ବହନ କରିବାକୁ ପଡୁଛି। ସୋମବାର ଭୁବନେଶ୍ୱରର ପେଟ୍ରୋଲ ଲିଟର ପିଛା ୮୦.୯୯ ଟଙ୍କା ଓ ଡିଜେଲ ୭୮.୬୮ ଟଙ୍କା ରହିଥିବା ତୈଳ ବିପଣନ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ସେହିଭଳି ଦିଲ୍ଲୀରେ ପେଟ୍ରୋଲର ଲିଟର ପିଛା ଦର ୮୦.୩୮ ଟଙ୍କାରୁ ବଢ଼ି ୮୦.୪୩ ଟଙ୍କା ଛୁଇଁଛି। ଡିଜେଲ ଦର ୮୦.୪୦ ଟଙ୍କାରୁ ବୃଦ୍ଧି ପାଇ ୮୦.୫୩ ଟଙ୍କାରେ ପହଞ୍ଚିଛି। ☞ପୃଷ୍ଠା–୪

## ପାକ୍ ଷ୍ଟକ୍ ଏକ୍ସଚେଞ୍ଜରେ ଆତଙ୍କବାଦୀ ଆକ୍ରମଣ: ୧୧ ମୃତ

**କରାଚୀ,୨୯।୬:** ପାକିସ୍ତାନର କରାଚୀସ୍ଥିତ ଷ୍ଟକ୍ ଏକ୍ସଚେଞ୍ଜରେ ସୋମବାର ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ଜଣେ ପୋଲିସ ଏସ୍‌ଆଇ, ୪ ସୁରକ୍ଷାକର୍ମୀଙ୍କୁ ମିଶାଇ ୭ ଜଣ ପ୍ରାଣ ହରାଇଥିବା ବେଳେ ୪ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡ଼ିଛି। ଆତଙ୍କବାଦୀମାନେ ଆଖିବୁଜା ଗୁଳିମାଡ଼ କରିବା ପରେ ଷ୍ଟକ୍ ଏକ୍ସଚେଞ୍ଜରେ ଗ୍ରେନେଡ୍ ମାଡ଼ କରିଥିଲେ। କିଛି ସମୟ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ପରେ ସୁରକ୍ଷାକର୍ମୀଙ୍କ ଜୋର୍‌ଦାର ଅପରେଶନ ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କଠାରୁ ପୋଲିସ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ କେତେକ ବିସ୍ଫୋରକ ସାମଗ୍ରୀ ଜବତ କରିଛି। କଡ଼ା ସୁରକ୍ଷାବଳୟ ମଧ୍ୟରେ ରହିଥିବା ଏହି ବିଲ୍ଡିଂକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିବା ବେଳେ ଅନେକ ଘରୋଇ ବ୍ୟାଙ୍କର ମୁଖ୍ୟାଳୟ ଏଠାରେ ରହିଥିଲା। କରାଚୀ ପୋଲିସ ମୁଖ୍ୟ ଗୁଲାମ ନବୀ ମେମନ୍ କହିଛନ୍ତି, ଏହି ବନ୍ଧୁକଧାରୀମାନେ ଏକ ସିଲ୍‌ଭର କରୋଲା କାର୍ ଯୋଗେ ଆସି ଏଭଳି ଆକ୍ରମଣ କରିଥିଲେ। ପ୍ରଥମେ ବିଲ୍ଡିଂ ବାହାରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କ ଉପରକୁ ଗ୍ରେନେଡ୍ ଫିଙ୍ଗିବା ସହ ଆଖିବୁଜା ଗୁଳିମାଡ଼ କରିଥିଲେ। ଏତେ ସବୁ ଘଟିବା ପରେ ମଧ ବାଣିଜ୍ୟିକ କାର୍ଯ୍ୟ ବନ୍ଦ ହୋଇ ନ ଥିବା ପାକ୍ ଷ୍ଟକ୍ ଏକ୍ସଚେଞ୍ଜର ପରିଚାଳନା ନିର୍ଦ୍ଦେଶକ ଫରୁଖ୍ ଖାନ୍ କହିଛନ୍ତି। ପାକିସ୍ତାନରେ ଏଭଳି ଇସ୍‌ଲାମିକ୍ ଆତଙ୍କବାଦ ନୂଆ ନ ହେଲେ ମଧ ଏଭଳି ଆକ୍ରମଣ ପଛରେ ବେଲୁଚିସ୍ତାନ ଓ ସିନ୍ଧ୍ ପ୍ରଦେଶର ବିଚ୍ଛିନ୍ନତାବାଦୀଙ୍କ ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ୨୦୧୮ କରାଚୀ ଦୂତାବାସ ନିକଟରେ ହୋଇଥିବା ଆକ୍ରମଣ ଲାଗି ବିଚ୍ଛିନ୍ନତାବାଦୀମାନେ ଦାୟୀ ରହିଥିଲେ। ସିନ୍ଧ୍ ପ୍ରଦେଶର ରାଜ୍ୟପାଳ ଇମ୍ରାନ ଇସ୍‌ମାଇଲ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଆକ୍ରମଣକାରୀ ଓ ସେମାନଙ୍କ ପଛରେ ରହିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଟିକ୍‌ଟକ୍ ସମେତ ୫୯ ଚାଇନା ଆପ୍‌କୁ ନିଷିଦ୍ଧ କଲା ଭାରତ

ନୂଆଦିଲ୍ଲୀ,୨୯।୬


ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଭାରତ ସରକାର ଟିକ୍‌ଟକ୍ ସମେତ ଚାଇନାର ୫୯ଟି ଆପ୍‌କୁ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଆପ୍‌ଗୁଡ଼ିକରେ ଗୋପନୀୟତା ସମେତ ଅନ୍ୟାନ୍ୟ ତଥ୍ୟ ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ଅଭିଯୋଗ ହୋଇଥିଲା। ଚାଇନା ଓ ଆମେରିକା ପରେ ଭାରତରେ ଟିକ୍‌ଟକ୍‌ର ସର୍ବାଧିକ ବ୍ୟବହାରକାରୀ ଅଛନ୍ତି। ଟିକ୍‌ଟକ୍‌ର ମୋଟ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୦ କୋଟି ଟପିଥିବାବେଳେ ଭାରତରେ ୬୧.୧ କୋଟି ୟୁଜର ଥିବା ଜଣାପଡ଼ିଛି। ଟିକ୍‌ଟକ୍ ବ୍ୟତୀତ ଅନ୍ୟ ଯେଉଁ ଚାଇନା ଆପ୍ ବ୍ୟାନ ହୋଇଛି, ସେଗୁଡ଼ିକ ମଧ୍ୟରେ ରହିଛି ଶେୟାର୍‌ଇଟ, ଜେଣ୍ଡର, କେୱାଇ, ୟୁସି ବ୍ରାଉଜର, ଶିନ୍, କ୍ଲାସ୍ ଅଫ୍ କିଙ୍ଗ୍‌ସ, ଡିୟୁ ବ୍ୟାଟେରି ସେଭର, ହେଲୋ, ଲାଇକି, ୟୁକ୍ୟାମ୍ ମେକ୍‌ଅପ୍, ମି କମ୍ୟୁନିଟି, ସିଏମ୍ ବ୍ରାଉଜର୍ସ, ଭାଇରସ କ୍ଲିନର, କ୍ଲବ୍ ଫ୍ୟାକ୍ଟ୍ରି, ନ୍ୟୁଜ୍‌ଡଗ୍, ବିଉଟି ପ୍ଲସ୍, ୱି ଚାଟ୍, ୟୁସି ନ୍ୟୁଜ, କ୍ୟୁକ୍ୟୁ ମେଲ୍, ୱିବୋ, ବିଗୋ ଲାଇଭ, ସେଲ୍‌ଫିସିଟି, ମେଲ୍ ମାଷ୍ଟର, ପାରାଲାଲ୍ ସ୍ପେସ୍, ଭିଗୋ ଭିଡିଓ ପ୍ରମୁଖ।




# ଗଲ୍‌ୱାନରେ ଭାରତର ୪୨୩ ମିଟର ଭିତରକୁ ପ୍ରବେଶ କରିଛି ଚାଇନା

ନୂଆଦିଲ୍ଲୀ,୨୯।୬

### ସାଟେଲାଇଟ ଚିତ୍ରରୁ ସ୍ପଷ୍ଟ




ଚାଇନା ସୈନ୍ୟ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଅଞ୍ଚଳ ମଧ୍ୟକୁ ୪୨୩ ମିଟର ପ୍ରବେଶ କରିବା ସହ ଉକ୍ତ ଅଞ୍ଚଳକୁ ଅକ୍ତିଆର କରି ରଖିଛି। ସାଟେଲାଇଟ୍ ଚିତ୍ରରୁ ଏହା ସ୍ପଷ୍ଟ ହୋଇଛି। ୧୯୬୦ରେ ବେଜିଂ ଉକ୍ତ ଅଞ୍ଚଳରେ ଯେଉଁ କ୍ଲେମ୍ ଲାଇନ (ଦାବି ରେଖା)ଧାର୍ଯ୍ୟ କରିଥିଲା, ଏହା ତାହାଠାରୁ ଯଥେଷ୍ଟ ଆଗରେ। ଜୁନ୍ ୨୫ରେ ମିଳିଥିବା ହାଇ ରିଜୋଲ୍ୟୁଶନ ସାଟେଲାଇଟ୍ ଚିତ୍ର ଅନୁଯାୟୀ ଗଲ୍‌ୱାନର ୪୨୩ ମିଟର ଭାରତୀୟ ଅଞ୍ଚଳ ମଧ୍ୟରେ ଚାଇନାର ୧୬ଟି ଟେଣ୍ଟ ଓ ତାର୍‌ପୋଲିନ, ଗୋଟିଏ ବଡ଼ ଶିବିର ଏବଂ ୧୪ଟି ଗାଡ଼ି ଥିଲା। ୧୯୬୦ରେ ଚାଇନା ନିର୍ଦ୍ଦିଷ୍ଟ ଅକ୍ଷାଂଶ ଓ ଦ୍ରାଘିମାକୁ ନେଇ ଉକ୍ତ ଅଞ୍ଚଳରେ ଏହାର ସୀମା ବୋଲି ବିଶ୍ୱାସ କରିଥିଲା ଯାହା 'ସୀମା ପ୍ରଶ୍ନ ଉପରେ ଭାରତ ସରକାରଙ୍କ ଅଧିକାରୀ ଓ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ରିପୋର୍ଟ' ଭାବେ ଜଣାଶୁଣା। ୧୯୬୦-୬୧ରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହି ଦସ୍ତାବିଜ୍‌କୁ ପ୍ରକାଶ କରିଥିଲା, ଯେଉଁଥିରେ ଉଭୟ ପକ୍ଷ ଆଲୋଚନା ବେଳେ ଭାରତ ପଚାରିଥିବା ପ୍ରଶ୍ନ ଓ ଚାଇନାର ଉତ୍ତର ଉଲ୍ଲେଖ ରହିଛି। ସେହି ଅନୁଯାୟୀ ଗଲ୍‌ୱାନ ନଦୀ ଉପରେ ଏହି ସୀମାରେଖା ୭୮ଡିଗ୍ରୀ ୧୩' ପୂର୍ବ ଦ୍ରାଘିମା ଏବଂ ୩୪ ଡିଗ୍ରୀ ୪୬' ଉତ୍ତର ଅକ୍ଷାଂଶ ଦେଇ ଯାଇଛି। ଗୁଗଲ୍ ଆର୍ଥ ପ୍ରୋରେ ଗଲ୍‌ୱାନ ☞ପୃଷ୍ଠା–୪

# ଲକ୍‌ଡାଉନ୍: ବଢ଼ିଛି ଓଜୋନ ପ୍ରଦୂଷଣ

ନୂଆଦିଲ୍ଲୀ,୨୯।୬

ଲକ୍‌ଡାଉନ ଯୋଗୁ ସାରା ବିଶ୍ୱରେ ଅର୍ଥନୈତିକ କାର୍ଯ୍ୟକଳାପ ବନ୍ଦ ହୋଇଥିଲା। କଳକାରଖାନା, ଗାଡ଼ିମୋଟର ଚଳାଚଳ ପ୍ରାୟ ବନ୍ଦ ହୋଇଯାଇଥିଲା। ଏହାର ପ୍ରଭାବରେ ବାୟୁ ପ୍ରଦୂଷଣର ମାତ୍ରା ହ୍ରାସ ପାଉଥିବାର ଖବର ଆସିଥିଲା। କିନ୍ତୁ ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଲକ୍‌ଡାଉନ ସମୟରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ (ଏନ୍‌ଓ୨) ଏବଂ ସୂକ୍ଷ୍ମ କଣିକା ପଦାର୍ଥ ବା ପିଏମ୍୨.୫ ସ୍ତର ହ୍ରାସ ପାଇଥିବାବେଳେ ଓଜୋନରୁ ପ୍ରଦୂଷଣ ବୃଦ୍ଧିପାଇଛି।

ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଏବଂ ପରିବେଶ କେନ୍ଦ୍ର (ସିଏସ୍‌ଇ) ବୁଧବାର କହିଛି ଯେ, ମାର୍ଚ୍ଚ ୨୫ରେ ଭାରତରେ ଲକ୍‌ଡାଉନ ଆରମ୍ଭ ହେବାଠାରୁ ଦେଶର ୨୨ ବଡ଼ ସହରରେ ଓଜୋନ ପ୍ରଦୂଷଣ ବୃଦ୍ଧି ପାଇଛି। ଅତ୍ୟଧିକ ପ୍ରତିକ୍ରିୟାଶୀଳ ଓଜୋନ ଗ୍ୟାସ୍ (ଓ୩) ପୃଥିବୀର ଷ୍ଟ୍ରାଟୋସ୍ଫିୟର (ସମତାପ ମଣ୍ଡଳ)ରେ ଥିବାବେଳେ ଜୀବନକୁ ରକ୍ଷା କରିବାରେ ସାହାଯ୍ୟ କରେ। ସେଠାରେ ଏହା ଓଜୋନ ସ୍ତର ସୃଷ୍ଟିକରେ, ଯାହା ସୂର୍ଯ୍ୟଙ୍କଠାରୁ ଅତିବାଇଗଣି ରଶ୍ମିକୁ ଛାଣିଥାଏ। କିନ୍ତୁ ଟ୍ରପୋସ୍ଫିୟର (ବାୟୁମଣ୍ଡଳର ସବୁଠୁ ନିମ୍ନସ୍ତର)ରେ ଓଜୋନ ଏକ ପ୍ରଦୂଷକ ଭାବେ କାର୍ଯ୍ୟ କରେ। ଏହାଦ୍ୱାରା ଶ୍ୱାସକ୍ରିୟାଜନିତ ରୋଗ ଏବଂ ହୃଦ୍‌ରୋଗ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ବିଶେଷକରି ବାହ୍ୟ ବାୟୁ ପ୍ରଦୂଷଣ କାରଣରୁ ହେଉଥିବା ଅନେକ କୁପ୍ରଭାବ ପାଇଁ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ (ଏନ୍‌ଓ୨) ଏବଂ ସୂକ୍ଷ୍ମ କଣିକା ପଦାର୍ଥ (ପିଏମ୍୨.୫ ଏବଂ ପିଏମ୍୧୦) ସହିତ ଟ୍ରପୋସ୍ଫରିକ ଓଜୋନ ଦାୟୀ।

ସିଏସ୍‌ଇ ପକ୍ଷରୁ ୨୦୧୯ ଜାନୁୟାରୀ ୧ରୁ ଚଳିତବର୍ଷ ମେ ୩୧ ଯାଏ ୨୨ ସହରରେ ୪ ପ୍ରମୁଖ ପ୍ରଦୂଷକ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, ପିଏମ୍୨.୫, ପିଏମ୍୧୦ ଏବଂ ଓଜୋନର ସ୍ଥିତି ବିଶ୍ଳେଷଣ କରାଯାଇଥିଲା। ଉକ୍ତ ସହରଗୁଡ଼ିକ ମଧ୍ୟରେ ଦିଲ୍ଲୀ-ଏନ୍‌ସିଆର୍ (ଫରିଦାବାଦ, ଗାଜିଆବାଦ, ଗୁରୁଗ୍ରାମ ଏବଂ ନୋଏଡା ସମେତ), କୋଲକାତା, ଚେନ୍ନାଇ, ମୁମ୍ବାଇ, ଅହମ୍ମଦାବାଦ, ଉଜ୍ଜୟିନୀ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଜୟପୁର, ଯୋଧପୁର, ପାଟନା, ବିଶାଖାପାଟଣା, ଅମୃତସର, ହାଓଡା, ପୁଣେ, ଗୁଆହାଟି, ଲକ୍ଷ୍ନୌ ଏବଂ କୋଚି ଆଦି ରହିଛି। ବିଶ୍ଳେଷଣରୁ ଜଣାପଡିଛି ଯେ, ଲକ୍‌ଡାଉନ୍ ସମୟରେ ଅନେକ ଦିନ ଧରି ସହରଗୁଡ଼ିକର ଓଜୋନ ପ୍ରଦୂଷଣ ନିର୍ଦ୍ଧାରିତ ☞ପୃଷ୍ଠା–୪



# ୬୦୯ କୋଟିର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୨୯।୬(ବ୍ୟୁରୋ)

### ସୃଷ୍ଟି ହେବ ୧୫୦୦ ନିଯୁକ୍ତି ସୁଯୋଗ

ରାଜ୍ୟରେ ୬୦୯ କୋଟି ଟଙ୍କାର ୫ଟି ପ୍ରକଳ୍ପ ସ୍ଥାପନ ହେବ। ଏଥିରେ ପ୍ରାୟ ୧୫୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଉକ୍ତ ପ୍ରକଳ୍ପଗୁଡିକୁ ଅନୁମୋଦନ ଦିଆଯାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ରିଲାଏବଲ ସ୍ପଞ୍ଜ ଲିମିଟେଡ୍ ରାଜ୍ୟରେ ବାର୍ଷିକ ୨.୫ ନିୟୁତ ଟନ୍(ଏମ୍‌ଟିପିଏ) ଆଇରନ ଓର୍ ବେନିଫିକେଶନ ପ୍ଲାଣ୍ଟ ଏବଂ ୨.୦ ଏଟିପିଏ ପେଲେଟ ପ୍ଲାଣ୍ଟ ସ୍ଥାପନ କରିବାକୁ ଆଗ୍ରହ ଦେଖାଇଛି। ଏଥିରେ ଉକ୍ତ କମ୍ପାନୀ ୨୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବ। ପ୍ରାୟ ୨୫୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଗ୍ରୋଲଲ ଫିଡ୍‌ସ ଲିମିଟେଡ୍ ୬୫.୮୨ କୋଟି ଟଙ୍କାର ଚିଙ୍ଗୁଡି ଓ ମାଛ ଖାଦ୍ୟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ସେଥିରେ ୭୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଶ୍ରବଣ ସିପିଂ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଯଦୁପୁରଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ଲଜିଷ୍ଟିକ ପାର୍କ ସ୍ଥାପନ କରାଯିବ। ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଚିଲିକା ଡିଷ୍ଟିଲେରିଜ୍ ୯୯.୯୭ କୋଟି ଟଙ୍କା ବ୍ୟୟରେ ଦୈନିକ ୧୧୦ କିଲୋଲିଟର କ୍ଷମତା ବିଶିଷ୍ଟ ଡିଷ୍ଟିଲେରି ପ୍ଲାଣ୍ଟ ସ୍ଥାପନ କରିବ। ସେଥିରେ ୧୭୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ସୋମ୍ ଡିଷ୍ଟିଲେରିଜ୍ ଆଣ୍ଡ ବେଭେରିଜ୍ ଓଡ଼ିଶା ୯୩ କୋଟି ଟଙ୍କା ବ୍ୟୟରେ ଦୈନିକ ୧୨୦ କିଲୋଲିଟର କ୍ଷମତା ବିଶିଷ୍ଟ ଡିଷ୍ଟିଲେରି ୟୁନିଟ୍ ସ୍ଥାପନ କରିବ। ଏ ସମସ୍ତ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଅନୁମୋଦନ କରାଯାଇଛି। ☞ପୃଷ୍ଠା–୪

### ଆଜିର ସମ୍ପାଦକୀୟ

## ବିରୋଧୀ ବଧ

### ଆଜିର ମନ୍ତବ୍ୟ

"ଭାରତ-ଚାଇନା ସୀମା ବିବାଦରେ ସରକାରଙ୍କୁ ସମର୍ଥନ କରି ମାୟାବତୀ ଶାସକ ଦଳର ଅଘୋଷିତ ମୁଖପାତ୍ର ଭାବେ କାର୍ଯ୍ୟ କରୁଛନ୍ତି।

– ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦକ



ବାବ୍ରୀ ମସ୍‌ଜିଦ ଭଙ୍ଗା ମାମଲାରେ ରାମମନ୍ଦିର ଆନ୍ଦୋଳନର ବରିଷ୍ଠ ନେତ୍ରୀ ସାଧ୍ୱୀ ଋତୁମ୍ଭରା ସୋମବାର ଲକ୍ଷ୍ନୌର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହୋଇ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ସେତେବେଳେ ଏକ ଜାତୀୟ ଆନ୍ଦୋଳନ ସୃଷ୍ଟି ହୋଇଥିଲା ଓ ଜନସାଧାରଣ ମାନସିକ ଦାସତ୍ୱରୁ ମୁକ୍ତି ଚାହୁଁଥିଲେ। ଏଥିପାଇଁ ସେମାନେ ମସ୍‌ଜିଦକୁ ଭାଙ୍ଗିଦେଇଥିଲେ ବୋଲି ଋତୁମ୍ଭରା କହିଛନ୍ତି।



ତୈଳ ଦର ବୃଦ୍ଧିର ଅଭିନବ ପ୍ରତିବାଦ: ଅହମ୍ମଦାବାଦରେ କଂଗ୍ରେସ କର୍ମୀମାନେ ଏକ କାର୍‌କୁ ଶଗଡ଼ରେ ବୋହି ନେଉଛନ୍ତି।

# ଜୁଲାଇରେ ଭାରତକୁ ମିଳିବ ୬ ରାଫାଲ ଯୁଦ୍ଧବିମାନ

ନୂଆଦିଲ୍ଲୀ,୨୯।୬(ଆଇଏଏନ୍‌ଏସ୍)

ଜୁଲାଇ ଶେଷ ସୁଦ୍ଧା ଭାରତୀୟ ବାୟୁସେନାକୁ ଫ୍ରାନ୍ସ ୬ଟି ରାଫାଲ ଲଢୁଆ ବିମାନ ଯୋଗାଇଦେବ। ଏ ସମ୍ପର୍କରେ ଫ୍ରାନ୍ସ ପକ୍ଷରୁ ମହାମାରୀ ଆରମ୍ଭରୁ ଭାରତକୁ ଜଣାଇଦିଆଯାଇଥିଲା। ଯୁଦ୍ଧବିମାନରେ ଦୂରଗାମୀ ମେଟେଅର କ୍ଷେପଣାସ୍ତ୍ର ସଂଯୋଗ ହୋଇଥିବାରୁ ଏହା ଭାରତୀୟ ବାୟୁସେନାର ସାମର୍ଥ୍ୟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଉକ୍ତ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୫୦ କିଲୋମିଟରରୁ ଅଧିକ ରହିଛି। ବାୟୁସେନା ପାଇଲଟ ରାଫାଲ ଉଡ଼ାଇବା ପାଇଁ ଫ୍ରାନ୍ସରେ ତାଲିମ ନେଉଛନ୍ତି। ଯୁଦ୍ଧବିମାନ ପହଞ୍ଚିବାର କିଛିଦିନ ପରେ ଏହାକୁ ବାୟୁସେନାରେ ସାମିଲ କରାଯିବ ବୋଲି ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜୁଲାଇ ୨୭ରେ ଫ୍ରାନ୍ସର ଡାସଲ୍ଟ ଆଭିଏଶନ କମ୍ପାନୀ ବହୁପ୍ରତୀକ୍ଷିତ ଟୁଇନ୍-ଜେଟ୍ ରାଫାଲ ଯୁଦ୍ଧବିସମାନ ଯୋଗାଇଦେବା ଆଶା କରାଯାଉଛି ବୋଲି ବାୟୁସେନାର ଜଣେ ଉଚ୍ଚ ପଦାଧିକାରୀ ସୂଚନା ଦେଇଛନ୍ତି।

ବାୟୁସେନାର ଯୁଦ୍ଧବିମାନ ଆବଶ୍ୟକତା ପୂରଣ ଲାଗି ୩୬ଟି ରାଫାଲ କିଣିବା ପାଇଁ ଭାରତ ସରକାର ୨୦୧୬ ସେପ୍ଟେମ୍ବରରେ ଫ୍ରାନ୍ସ ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ।



ଏୟାର ଚିଫ୍ ମାର୍ଶାଲ ଭଦୁରିଆ ସେତେବେଳେ ଏୟାର ଷ୍ଟାଫ୍‌ର ଉପମୁଖ୍ୟ ଥିଲେ ଓ ସେ ଭାରତୀୟ ବୁଝାମଣାକାରୀ ଟିମ୍‌ର ନେତୃତ୍ୱ ନେଇଥିଲେ। ୨୦୧୯ ଅକ୍ଟୋବର ୮ରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଫ୍ରାନ୍ସ ଯାଇ ଭାରତକୁ ମିଳିବାକୁ ଥିବା ରାଫାଲ ବିମାନରେ ଉଡ଼ିଥିଲେ।

# ଓଆର୍‌ଏଫ୍‌କୁ ଚାନ୍ଦା ଦେଇଛି ଚାଇନା କନ୍‌ସୁଲେଟ୍

ନୂଆଦିଲ୍ଲୀ,୨୯।୬

- ଅବ୍‌ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନରେ ଏସ୍. ଜୟଶଙ୍କରଙ୍କ ପୁଅ ସମ୍ପୃକ୍ତ
- ବହୁ ଚାଇନା ଅନୁଷ୍ଠାନ ସହ ରହିଛି ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନର ସମ୍ପର୍କ

ଗଲୱାନ ବିଫଳତାରୁ ଦୃଷ୍ଟି ହଟାଇବା ପାଇଁ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଭାରତରେ ଥିବା ଚାଇନା ଦୂତାବାସରୁ ଚାନ୍ଦା ସଂଗ୍ରହ କରିଥିବା ଭାଜପା ଅଭିଯୋଗ ଆଣିଥିଲା। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ଫାଉଣ୍ଡେଶନର ଅଧ୍ୟକ୍ଷା ଥିବାବେଳେ ମନମୋହନ ସିଂ, ରାହୁଲ ଗାନ୍ଧୀ, ପି. ଚିଦାମ୍ବରମ ଓ ପ୍ରିୟଙ୍କା ଗାନ୍ଧୀ ଏହାର ବୋର୍ଡ ସଦସ୍ୟ ଅଛନ୍ତି। ତେବେ ଭାଜପା ସହ ସମ୍ପୃକ୍ତ କେତେକ ସଂସ୍ଥାରେ ଚାଇନା ଅର୍ଥ ଲାଗିଥିବା କଥାକୁ ଗୈରିକ ଦଳ ଭୁଲିଯାଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ପୁଅ ସମ୍ପୃକ୍ତ ଥିବା ବୈଦେଶିକ ନୀତି ଥିଙ୍କ୍‌ଟ୍ୟାଙ୍କ ଅବ୍‌ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ (ଓଆର୍‌ଏଫ୍) ୨୦୧୬ରେ ଚାଇନାର ବାଣିଜ୍ୟିକ ଦୂତାବାସରୁ ଅର୍ଥ ସଂଗ୍ରହ କରିଥିଲା। ଓଆର୍‌ଏଫ୍‌କୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହାୟତା କରୁଛି। ଅନ୍ୟ ଏକ ଥିଙ୍କ୍‌ଟ୍ୟାଙ୍କ ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ (ଭିଆଇଏଫ୍) ବୈଦେଶିକ ନୀତି ଓ ରଣନୀତି ପ୍ରସଙ୍ଗରେ ୯ଟି ଚାଇନା ଅନୁଷ୍ଠାନ ସହ ସମ୍ପର୍କ ରଖି କାର୍ଯ୍ୟ କରୁଥିବା ଏହାର ୱେବସାଇଟ୍‌ରେ ଘୋଷଣା କରିଛି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭିଆଇଏଫ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଅଛନ୍ତି, ଯାହାଙ୍କର ଭାଜପା ନେତା ଏବଂ ଆର୍‌ଏସ୍‌ଏସ୍ ସହ ଘନିଷ୍ଠ ସମ୍ପର୍କ ରହିଛି। ଜାତୀୟ ସୁରକ୍ଷା ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ଉଦ୍ଦେଶ୍ୟରେ ୨୦୦୫-୦୬ରେ କଂଗ୍ରେସ ଚାଇନା ଲିଙ୍କ୍‌ରୁ ଅର୍ଥ ସଂଗ୍ରହ କରିଥିବା କଥା ଭାଜପା ଉଠାଇ ନ ଥିଲେ, ଏହିସବୁ ଦାତାଙ୍କ ପରିଚୟ ଲୋକଲୋଚନକୁ ଆସି ନ ଥାନ୍ତା।

ବହିର୍ବ୍ୟାପାର ମନ୍ତ୍ରୀଙ୍କ ପୁଅ ଧ୍ରୁବ ଜୟଶଙ୍କର ଗତବର୍ଷ ଓଆର୍‌ଏଫ୍‌ରେ ଆମେରିକା ଉପକ୍ରମ (ୟୁଏସ୍ ଇନିସିଏଟିଭ୍)ର ନିର୍ଦ୍ଦେଶକ ହୋଇଥିଲେ। ପୂର୍ବରୁ ଚାଇନାରେ ଭାରତର ରାଷ୍ଟ୍ରଦୂତ ଥିବା ଏସ୍ ଜୟଶଙ୍କର ଓଆର୍‌ଏଫ୍‌କୁ ନିୟମିତ ଯାଇଥାନ୍ତି ଓ ବିଭିନ୍ନ ବୈଦେଶିକ ନୀତି ସମ୍ପର୍କରେ ଆଲୋଚନା କରିଥାନ୍ତି। ଏହି ସଂସ୍ଥାର ୱେବ୍‌ସାଇଟରେ ବିଦେଶୀ ଦାତା ଓ ସେମାନେ ଦାନ କରିଥିବା ଅର୍ଥରାଶି ସମ୍ପର୍କରେ ଉଲ୍ଲେଖ ରହିଛି। ୨୦୧୬ରେ ଓଆର୍‌ଏଫ୍ ଚାଇନା କନ୍‌ସୁଲେଟ୍ ଜେନେରାଲଙ୍କଠାରୁ ତିନିଥରରେ ୧.୨୫ କୋଟି ଟଙ୍କା ଏବଂ ତା' ପରବର୍ଷ ୫୦ ଲକ୍ଷ ଟଙ୍କା ସଂଗ୍ରହ କରିଥିଲା। ୨୦୧୬ ଏପ୍ରିଲ୍ ୨୯ ଏବଂ ନଭେମ୍ବର ୪ରେ କୋଲକାତାସ୍ଥିତ ଚାଇନା କନ୍‌ସୁଲେଟ୍ ଜେନେରାଲଙ୍କଠାରୁ ଯଥାକ୍ରମେ ୭.୭ କୋଟି ଏବଂ ୧୧.୫୫ କୋଟି ସଂଗ୍ରହ କରିଥିବାବେଳେ ସେହିବର୍ଷ ଡିସେମ୍ବର ୩୧ରେ କନ୍‌ସୁଲେଟ ଜେନେରାଲ ଅଫ୍ ପିପୁଲ୍ସ ରିପବ୍ଲିକ ଅଫ୍ ଚାଇନାଠାରୁ ୧.୦୬୮ କୋଟି ସଂଗ୍ରହ କରିଥିଲା। ସେହିପରି ୨୦୧୭ ଡିସେମ୍ବର ୧ରେ କନ୍‌ସୁଲେଟ ଜେନେରାଲ ଅଫ୍ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାଠାରୁ ଓଆର୍‌ଏଫ୍ ୫୦ ଲକ୍ଷ ଟଙ୍କା ପାଇଥିଲା।

ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନର ବିଭିନ୍ନ ଚାଇନା ଅନୁଷ୍ଠାନ ସହ ସମ୍ପର୍କ ରହିଥିବା ଏହାର ଓେବ୍‌ସାଇଟରୁ ଜଣାପଡ଼ିଛି। ସେହି ଅନୁଷ୍ଠାନଗୁଡ଼ିକ ହେଲା ଚାଇନା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ (ବେଜିଂ); ଚାଇନା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍ (ବେଜିଂ); ସେଣ୍ଟର ଫର ସାଉଥ୍ ଏସିଆ ଷ୍ଟଡିଜ୍, ପେକିଂ ୟୁନିଭର୍ସିଟି (ବେଜିଂ); ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଫର ଇଣ୍ଡିଆନ ଓସନ ଇକୋନୋମିକ୍ସ, ୟୁନାନ ୟୁନିଭର୍ସିଟି ଅଫ୍ ଫାଇନାନ୍ସ ଆଣ୍ଡ ଇକୋନୋମିକ୍ସ, କୁନ୍‌ମିଙ୍ଗ; ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଷ୍ଟ୍ରାଟେଜି ଅଫ୍ ଚାଇନିଜ୍ ଏକାଡେମୀ ଅଫ୍ ସୋସିଆଲ ସାଇନ୍ସ, ବେଜିଂ; ସେଣ୍ଟର ଫର ସାଉଥ୍ ଏସିଆ ଆଣ୍ଡ ୱେଷ୍ଟ ଚାଇନା କୋଅପରେରେଶନ ଆଣ୍ଡ ଡେଭେଲପମେଣ୍ଟ ୟୁନିଭର୍ସିଟି, ଚେଙ୍ଗ୍‌ଡୁ, ଇନ୍‌ଷ୍ଟିଚ୍ୟୁଟ ଅଫ ସାଉଥ୍ ଏସିଆନ ଷ୍ଟଡିଜ୍, ସିଚୁଆନ ୟୁନିଭର୍ସିଟି, ଚେଙ୍ଗ୍‌ଡୁ, ସିଲ୍କ ରୋଡ ଲିଙ୍କ ଟ୍ୟାଙ୍କ ନେଟ୍‌ୱାର୍କ ଡେଭେଲପମେଣ୍ଟ ରିସର୍ଚ୍ଚ କାଉନସିଲ୍, ବେଜିଂ ଏବଂ ସେଣ୍ଟର ଫର ଇଣ୍ଡିଆନ ଷ୍ଟଡିଜ୍, ଶେନଝେନ୍। ନିରାପତ୍ତା ପ୍ରତିଷ୍ଠାନ ସୂତ୍ରରୁ ଜଣାପଡିଛି, ଦୁଇ ଥିଙ୍କ୍‌ଟ୍ୟାଙ୍କର ସଦସ୍ୟମାନଙ୍କର ନର୍ଥ ବ୍ଲକ୍ ଓ ସାଉଥ୍ ବ୍ଲକ୍ ସହ ସମ୍ପର୍କ ରହିଥିଲା। ତେବେ କୌଣସି ଦାନ ସଂଗ୍ରହ କରିବା ଆଇନଗତ ନୁହେଁ ବୋଲି ରିପୋର୍ଟରେ କୁହାଯାଇନାହିଁ।

# ଆଜି ତୃତୀୟ ପର୍ଯ୍ୟାୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆଲୋଚନା

ନୂଆଦିଲ୍ଲୀ,୨୯।୬(ପି.ଟି.)

ପୂର୍ବ ଲଦାଖ ସୀମାରେ ଲାଗି ରହିଥିବା ଉତ୍ତେଜନାକୁ ପ୍ରଶମିତ କରିବା ଲାଗି ମଙ୍ଗଳବାର ଭାରତ ଓ ଚାଇନା ସୈନ୍ୟବାହିନୀ ପକ୍ଷରୁ ତୃତୀୟ ପର୍ଯ୍ୟାୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବାକୁ ଯାଉଛି। ବୈଠକରେ ସମ୍ବେଦନଶୀଳ ଅଞ୍ଚଳରୁ ସେନା ପ୍ରତ୍ୟାହାର ନେଇ ବିଭିନ୍ନ ପଦକ୍ଷେପ ଚୂଡ଼ାନ୍ତ ହେବ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ର ଭାରତୀୟ ପାର୍ଶ୍ୱରେ ଥିବା ଚୁଶୁଲ ସେକ୍ଟରରେ ଏହି ଆଲୋଚନା ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେବ। ପୂର୍ବ ଦୁଇଟି ବୈଠକ ଚାଇନା ପାର୍ଶ୍ୱର ମୋଲଡୋରେ ଅନୁଷ୍ଠିତ ହୋଇଥିଲା। ୬ ତାରିଖ ବୈଠକରେ ଯେଉଁ ସହମତି ହୋଇଥିଲା, ତାହାର କାର୍ଯ୍ୟକାରିତା ଉପରେ ମଙ୍ଗଳବାର ଆଲୋଚନା ହେବା ଆଶା କରାଯାଉଛି। ଭାରତ ପକ୍ଷରୁ ୧୪ କର୍ପସ କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଆଲୋଚନାର ନେତୃତ୍ୱ ନେବେ ବୋଲି ଜଣାପଡ଼ିଛି।

# ଡୋଡା ହେଲା ଆତଙ୍କବାଦ ମୁକ୍ତ

ଶ୍ରୀନଗର,୨୯।୬(ପି.ଟି.)

ଜମ୍ମୁ-କଶ୍ମୀରର ଡୋଡା ଜିଲା ଆତଙ୍କବାଦରୁ ମୁକ୍ତ ହୋଇଛି। ଏହି ଜିଲାରେ ଥିବା ଶେଷ ହିଜ୍‌ବୁଲ ଆତଙ୍କବାଦୀଙ୍କର ସୋମବାର ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଛି। ଅନନ୍ତନାଗ ଜିଲାର ଖୁଲ୍ଲ ଚୋହର ଅଞ୍ଚଳରେ ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ଅଭିଯାନ ବେଳେ ହିଜ୍‌ବୁଲ ମୁଜାହିଦ୍ଦିନ କମାଣ୍ଡର ମାସୁଦ ଏବଂ ଲଶ୍କର-ଇ-ତୋଇବାର ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି।

## ହୁରିୟାତ୍ କନ୍‌ଫରେନ୍ସରୁ ଗିଲାନିଙ୍କ ଇସ୍ତଫା



ଶ୍ରୀନଗର,୨୯।୬(ପି.ଟି.): ବରିଷ୍ଠ ବିଚ୍ଛିନ୍ନତାବାଦୀ ନେତା ସୟେଦ ଅଲି ଶାହ ଗିଲାନି ଅଲ୍ ପାର୍ଟି ହୁରିୟାତ୍ କନ୍‌ଫରେନ୍ସରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସେ ସୋମବାର ଘୋଷଣା କରିଛନ୍ତି। ୨୦୦୩ରେ ସେ ଏହି ସଂଗଠନ ଗଠନ କରିବା ସହ ଏହାର ଆଜୀବନ ସଭାପତି ନିଯୁକ୍ତ ହୋଇଥିଲେ। ତେବେ ସେ କ'ଣ ପାଇଁ ହୁରିୟାତ କନ୍‌ଫରେନ୍ସ ଛାଡ଼ିବାକୁ ନିଷ୍ପତ୍ତି ନେଲେ ସେନେଇ ସବୁ ସଦସ୍ୟଙ୍କୁ ଜଣାଇ ଦେଇଛନ୍ତି। ହରିୟାତ କନ୍‌ଫରେନ୍ସ ସଦସ୍ୟମାନଙ୍କ କାର୍ଯ୍ୟକ୍ରମ ଏବେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ସୀମିତ ରହିଛି ଓ ବିଭିନ୍ନ ଅଭିଯୋଗ ଉପରେ ମେଣ୍ଟ ଏହାର ତଦନ୍ତ ଚଳାଇଛି। କେତେଜଣ ସଦସ୍ୟଙ୍କୁ ବହିଷ୍କାର କରାଯାଇଥିବାବେଳେ ଅନ୍ୟମାନେ ଅଲଗା ବୈଠକ କରୁଛନ୍ତି। ଏହିସବୁ କାରଣରୁ ଗିଲାନି ଇସ୍ତଫା ଦେବା ଲାଗି ନିଷ୍ପତ୍ତି ନେଇଥିବା କହିଛନ୍ତି।

## ଦିଲ୍ଲୀରେ ହେବ ପ୍ଲାଜ୍‌ମା ବ୍ୟାଙ୍କ

ନୂଆଦିଲ୍ଲୀ,୨୯।୬(ପି.ଟି.): ଦିଲ୍ଲୀରେ କରୋନା ରୋଗୀଙ୍କ ଚିକିତ୍ସା ଲାଗି ଏକ ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର କହିଛନ୍ତି। ଆଗାମୀ ଦୁଇଦିନରେ ଦିଲ୍ଲୀ ସରକାରଙ୍କ ପରିଚାଳିତ ଲିଭର ଆଣ୍ଡ ବିଲିଆରୀ ସାଇନ୍ସରେ ଏହା କାର୍ଯ୍ୟକାରୀ ହେବ। କୌଣସି କରୋନା ରୋଗୀଙ୍କର ପ୍ଲାଜ୍‌ମା ଆବଶ୍ୟକ ହେଲେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କିମ୍ବା ସମ୍ପୃକ୍ତ ହସ୍ପିଟାଲ ଉକ୍ତ ସଂସ୍ଥାକୁ କହିପାରିବେ। ଯେଉଁମାନେ କୋଭିଡ୍-୧୯ରୁ ସୁସ୍ଥ ହୋଇଛନ୍ତି ସେମାନେ ପ୍ଲାଜ୍‌ମା ଦାନ କରିବା ଲାଗି ସରକାର ପ୍ରୋତ୍ସାହିତ କରିବେ। ଏନେଇ ଏକ ହେଲ୍ପଲାଇନ ସ୍ଥାପନ କରାଯିବ ବୋଲି କେଜ୍‌ରିୱାଲ କହିଛନ୍ତି।

# ଟ୍ରମ୍ପଙ୍କ ବିରୋଧରେ ଗିରଫ ପରୱାନା

ତେହେରାନ,୨୯।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଇରାନ ଗିରଫ ପରୱାନା ଜାରି କରିବା ସହ ଇଣ୍ଟରପୋଲର ସହଯୋଗ ଲୋଡ଼ିଛି। ବାଗ୍‌ଦାଦରେ ଇରାନର ମୁଖ୍ୟ ଜେନେରାଲ କାସିମ୍ ସୁଲେମାନୀଙ୍କୁ ହତ୍ୟା କରାଯିବା ଘଟଣାକୁ ଆତଙ୍କବାଦୀ କାର୍ଯ୍ୟକଳାପ ବୋଲି ଇରାନ ଦର୍ଶାଇ ଏଭଳି ପଦକ୍ଷେପ ଗ୍ରହଣ କରିଛି। ତେହେରାନ ଓକିଲ ଅଲି ଅଲ୍‌କାସିମେହର ସୋମବାର କହିଛନ୍ତି, କେବଳ ଟ୍ରମ୍ପ ନୁହନ୍ତି, ୩୦ରୁ ଅଧିକ ବ୍ୟକ୍ତି ଏହି ହତ୍ୟାକାଣ୍ଡ ଲାଗି ଦାୟୀ। ଗତ ଜାନୁୟାରୀ ୩ ଏୟାରଷ୍ଟ୍ରାଇକ୍‌ରେ ସୁଲେମାନୀଙ୍କ ହତ୍ୟା କରାଯାଇଥିଲା। ଇରାନ ଓ ଆମେରିକା ମଧ୍ୟରେ ତିକ୍ତତା ବଢ଼ିବା ଓ ତେହେରାନ ଅଣୁଚୁକ୍ତିରୁ ଆମେରିକା ଓ ସହଯୋଗୀ ରାଷ୍ଟ୍ର ମୁହଁ ଫେରାଇ ଆଣିବା ପରିସ୍ଥିତିକୁ ଗମ୍ଭୀର କରିଛି। ଇଣ୍ଟରପୋଲ ଟ୍ରମ୍ପଙ୍କୁ ରେଡ୍‌କର୍ନର ନୋଟିସ ଜାରି କରୁ ବୋଲି ଅଲ୍‌କାସିମେହର ଦାବି କରିଛନ୍ତି।



ଇଣ୍ଟରପୋଲର ସହଯୋଗ ଲୋଡ଼ିଲା ଇରାନ

# ମହାରାଷ୍ଟ୍ରରେ ଜୁଲାଇ ୩୧ ଯାଏ ଲକ୍‌ଡାଉନ୍

ମୁମ୍ବାଇ,୨୯।୬

ମହାମାରୀ କରୋନାର ପ୍ରାଦୁର୍ଭାବ ବଢ଼ି ଚାଲିଥିବା ବେଳେ ମହାରାଷ୍ଟ୍ର ସରକାର ରାଜ୍ୟରେ ଜୁଲାଇ ୩୧ ପର୍ଯ୍ୟନ୍ତ ଲକ୍‌ଡାଉନ୍‌କୁ ବୃଦ୍ଧି କରିଛନ୍ତି। ସ୍ଥିତି ଭଲ ନ ଥିବାରୁ ଲକ୍‌ଡାଉନ୍ କଟକଣା ହଟିବାର ପ୍ରଶ୍ନ ଉଠୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରବିବାର କହିଥିଲେ। ଏବେ ରାଜ୍ୟରେ ମଲ୍, ଥିଏଟର, ମଲ୍ଟିକମ୍ପ୍ଲେକ୍ସ, ସ୍କୁଲ, କଲେଜ, ଜିମ୍ନାସିୟମ୍, ସୁଇମିଂ ପୁଲ୍ ଆଦି ବନ୍ଦ ରହିବ। ରେଡ୍ ଜୋନ୍‌ରେ ବିଭିନ୍ନ ସରକାରୀ ଓ ଘରୋଇ ଅଫିସରେ ମାତ୍ର ୧୦ରୁ ୧୫% କର୍ମଚାରୀ କାମ କରିବାକୁ ଅନୁମତି ମିଳିବ। ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଥିବା ବେଳେ ଅଣଅତ୍ୟାବଶ୍ୟକ ସେବା ଯୋଗାଉଥିବା ଦୋକାନ କେତେକ କଟକଣା ମାନିବା ବାଧ୍ୟତାମୂଳକ କରାଯାଇଛି। ରେଡ୍ ଜୋନ୍‌କୁ ଛାଡ଼ି ଅନ୍ୟ ଅଞ୍ଚଳରେ ଅଣଅତ୍ୟାବଶ୍ୟକ ସେବା ଓ ଆନ୍ତଃଜିଲା ପରିବହନକୁ ଅନୁମତି ଦିଆଯାଇଛି। ମହାରାଷ୍ଟ୍ର ଦେଶର ସବୁଠାରୁ ଅଧିକ କରୋନା ପ୍ରଭାବିତ ରାଜ୍ୟ ଭାବେ ଉଭା ହୋଇଥିବା ବେଳେ ଏଠାରେ ଏବେ ୧ ଲକ୍ଷ ୬୦ ହଜାର ଭୂତାଣୁ ଆକ୍ରାନ୍ତ ଅଛନ୍ତି। କେବଳ ମୁମ୍ବାଇରେ ୭୪ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭ ହଜାରରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି।

# ବାଂଲାଦେଶରେ ଡଙ୍ଗାବୁଡ଼ି ୩୦ ମୃତ




ଢାକା,୨୯।୬

ବାଂଲାଦେଶର ବୁଡ଼ିଗଙ୍ଗା ନଦୀରେ ସୋମବାର ଏକ ଡଙ୍ଗା ଅନ୍ୟ ଏକ ଡଙ୍ଗା ସହ ଧକ୍କାଖାଇ ବୁଡ଼ିଯିବାରୁ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୮ ମହିଳା, ୩ ଶିଶୁ ଥିବା ବେଳେ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୁନ୍‌ସିଗଞ୍ଜରୁ ଢାକା ଅଭିମୁଖେ ଆସୁଥିବା 'ମର୍ନିଂ ବାର୍ଡ' ଡଙ୍ଗାଟି ସକାଳ ୯ଟା ୩୦ରେ ସଦରଘାଟ୍ ଲଞ୍ଚ ଟର୍ମିନାଲ ନିକଟରେ 'ମୟୂର-୨' ଡଙ୍ଗା ସହ ଧକ୍କା ଖାଇଥିଲା। ଏଥିରେ ଶତାଧିକ ଯାତ୍ରୀ ଥିଲେ ବୋଲି ଅଗ୍ନିଶମ ବିଭାଗର ଉପଅଧିକାରୀ ଶହଦତ୍ ହୋସେନ ପ୍ରକାଶ କରିଛନ୍ତି। 'ମୟୂର-୨ ଡଙ୍ଗାକୁ ଜବତ କରାଯାଇଥିବା ବେଳେ ଏହାର କ୍ୟାପ୍‌ଟେନ ଓ ଅନ୍ୟ ସହଯୋଗୀମାନେ ଫେରାର୍ ହେବାରେ ସଫଳ ହୋଇଛନ୍ତି। ଘଟଣାର ତଦନ୍ତ ଲାଗି ୪ଜଣିଆ ଏକ କମିଟି ଗଠନ କରାଯାଇଥିବା ପ୍ରକାଶ।

# ତେଲଙ୍ଗାନା ଗୃହମନ୍ତ୍ରୀଙ୍କୁ କରୋନା

ହାଇଦ୍ରାବାଦ୍, ୨୯।୬



ତେଲଙ୍ଗାନା ଗୃହମନ୍ତ୍ରୀ ମହମ୍ମଦ ମହମୁଦ ଅଲ୍ଲୀଙ୍କୁ କରୋନା ସଂକ୍ରମଣ ହୋଇଛି। ରବିବାର ସନ୍ଧ୍ୟାରେ ତାଙ୍କର ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ୍ ଆସିଛି। ଚିକିତ୍ସା ଲାଗି ତାଙ୍କୁ ଜୁବଲି ହିଲ୍ସସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩ ଦିନ ତଳେ ତାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ବୁଧବାର ଅଲ୍ଲୀଙ୍କର ୫ ଜଣ ସୁରକ୍ଷାକର୍ମୀଙ୍କଠାରେ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ଏହାପରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ଅଲ୍ଲୀ ଏହି ସମୟ ମଧ୍ୟରେ ଗୋସାମହଲ ପୋଲିସ ଷ୍ଟାଡ଼ିୟମ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ସମୁଦ୍ର କୂଳରେ ୩୫ ଫୁଟର ତିମି



କୋଲକତା, ୨୯।୬

ପଶ୍ଚିମବଙ୍ଗ ମନ୍ଦାରମଣି ସମୁଦ୍ର କୂଳରେ ୩୫ ଫୁଟ ଲମ୍ବର ବିରାଟକାୟ ତିମି ମୃତଦେହ ଲାଗିଛି। ସ୍ଥାନୀୟ ଲୋକେ ଏଠାରେ ଜମା ହୋଇଥିବାବେଳେ ଖବର ପାଇ ପୂର୍ବ ମେଦିନାପୁରର ବନ୍ୟ ବିଭାଗ ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତିମିର ଲାଞ୍ଜରେ ଗଭୀର କ୍ଷତ ରହିଛି। ସମୁଦ୍ରରେ କୌଣସି କାରଣରୁ ତିମିର ମୃତ୍ୟୁ ଘଟିବା ପରେ ମୃତଦେହ ଲହଡ଼ିରେ ଭାସି ଆସିଥିବା ଅନୁମାନ କରାଯାଉଛି। କୋଲକାତାଠାରୁ ୧୫୦ କିମି ଦୂରରେ ମନ୍ଦାରମଣି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ।

# ଭାରତ ମହାସାଗର ଉପରେ ସତର୍କଦୃଷ୍ଟି

ନୂଆଦିଲ୍ଲୀ,୨୯।୬

ଭାରତ ମହାସାଗରୀୟ ଅଞ୍ଚଳଗୁଡ଼ିକରେ ସତର୍କଦୃଷ୍ଟି ରଖିଛି ଭାରତୀୟ ନୌସେନା। ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଚାଇନା ସେନା ସହ ରକ୍ତାକ୍ତ ସଂଘର୍ଷ ଓ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ସୀମାରେ ତିକ୍ତତା ଲାଗି ରହିଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ୭ ସପ୍ତାହ ପରେ ବି ସୁଧୁରିନି ସ୍ଥିତି। ଭାରତୀୟ ନୌସେନା ପକ୍ଷରୁ ମିତ୍ର ରାଷ୍ଟ୍ର ଆମେରିକା, ଜାପାନ ନୌସେନା ସହ ଯୋଗସୂତ୍ର ରକ୍ଷା କରାଯାଇଛି। ଶନିବାର ଭାରତୀୟ ନୌସେନା ଓ ଜାପାନ ନୌସେନା ମଧ୍ୟରେ ଭାରତ ମହାସାଗରରେ ସମରାଭ୍ୟାସ କରାଯାଇଥିଲା। ଭାରତୀୟ ନୌସେନା ଜାହାଜ ଆଇଏନ୍‌ଏସ୍ ରାଣା, ଆଇଏନ୍‌ଏସ୍ କୁଲିସ ସହ ଜାପାନର ଦୁଇ ଜାହାଜ ଜେଏସ୍ କସିମା,ଜେଏସ୍ ସିମୟୁକି ସେନା ସହ ସମରାଭ୍ୟାସ କରିଥିଲେ। ଆମେରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜାପାନ ଭାରତ ସହ ମିଶି ଭାରତୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମେଣ୍ଟ କରିବାରେ ଲାଗିଛନ୍ତି। ଚାଇନାର ପ୍ରଭାବ ହ୍ରାସ କରିବା ଓ ତା'ର ଯେକୌଣସି ପ୍ରୟାସକୁ ଭଣ୍ଡୁର କରିବା ଲାଗି ତୀକ୍ଷ୍ଣଦୃଷ୍ଟି ରଖାଯାଇଛି।

ଶକ୍ତି ବଢ଼ାଉଛି ନୌସେନା



## ସଂକ୍ଷେପରେ

### ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୯।୬(ବ୍ୟୁରୋ):** ରାଜ୍ୟ ସରକାର ସୋମବାର ଓଏଏସ୍ ସ୍ତରରେ ମଧ୍ୟ ବଡ ଧରଣର ଅଦଳ ବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ବରିଷ୍ଠ ଓଏଏସ ଉମାକାନ୍ତ ସ୍ୱାଇଁଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଦୁର୍ଗା ପ୍ରସାଦ ମହାପାତ୍ରଙ୍କୁ ଢେଙ୍କାନାଳ ଜିଲା ଅତିରିକ୍ତ ଜିଲାପାଳ, ଲୋପାମୁଦ୍ରା ମହାପାତ୍ରଙ୍କୁ ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ, ଭବେଶ କୁମାର ନାୟକଙ୍କୁ ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ, ନିରଞ୍ଜନ ଜେନାଙ୍କୁ ସମ୍ବଲପୁର ଆରଡିସି କାର୍ଯ୍ୟାଳୟରେ ଉପସଚିବ ଭାବେ ଦାୟିତ୍ୱ ମିଳିଛି। ସେହିପରି କସ୍ତୁରୀ ପ୍ରଧାନଙ୍କୁ ଓଡିଶା ଷ୍ଟାଫ ସିଲେକ୍ସନ କମିଶନର ଉପସଚିବ ଏବଂ ଜ୍ୟୋତିଶଙ୍କର ରାୟଙ୍କୁ ଗଞ୍ଜାମ ଜିଲା ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

### ଯୁକ୍ତ୨ ପରୀକ୍ଷା ବାତିଲ ସମ୍ଭାବନା ବଢୁଛି, ଆଜି ନିଷ୍ପତ୍ତି

**ଭୁବନେଶ୍ୱର,୨୯।୬(ବ୍ୟୁରୋ):** ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ଏକ ଜରୁରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ସମୀର ରଞ୍ଜାନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ସଚିବ, ସିଏଚଏସଇ ଅଧ୍ୟକ୍ଷ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଗକୁ ଯୁକ୍ତ୨ ପରୀକ୍ଷା ହେବା ଉପରେ ଆଲୋଚନା କରିଛନ୍ତି। ମିଳିଥିବା ସୂଚନା ମୁତାବକ, ବିଭାଗୀୟ ଅଧିକାରୀମାନେ ଯୁକ୍ତ ୨ର ବାକିଥିବା ପରୀକ୍ଷା ସବୁ ବନ୍ଦ କରିଦେବା ନେଇ ନିଜ ମତ ରଖିଛନ୍ତି। ଅନ୍ୟ କେତେଗୁଡିଏ ରାଜ୍ୟ କୋଭିଡ-୧୯ ଯୋଗୁ ଯୁକ୍ତ ୨ ପରୀକ୍ଷା ବାତିଲ କରିଦେଇଛନ୍ତି। ରାଜ୍ୟ ସରକାର ବିଭିନ୍ନ ଉପାୟରେ ପରୀକ୍ଷା କରିବା ଲାଗି ଚେଷ୍ଟା କରିଥିଲେ ମଧ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ସବୁ ପ୍ରକାର ନିୟମ ମାନି ପରୀକ୍ଷା କରାଇବା ସମ୍ଭବପର ନୁହେଁ ବୋଲି ମତ ରଖିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହମତି ପାଇଁ ଫାଇଲ ପଠାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଏନେଇ ମଙ୍ଗଳବାର ଘୋଷଣା କରାଯିବ ବୋଲି ସୂତ୍ରରୁ ଜଣାପଡିଛି।

### ଥାନାରେ ରଖି ନାବାଳିକାଙ୍କୁ ବଳାତ୍କାର ଘଟଣା
### ନାବାଳିକାଙ୍କ ମା'ଙ୍କ ସ୍ୱାବ୍ ସଂଗ୍ରହ ହେଲା

**ସୁନ୍ଦରଗଡ, ୨୯।୬ (ଡି.ଏନ୍,ଏ.)** ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନାରେ ଜଣେ ନାବାଳିକାଙ୍କୁ ଥାନା ଅଧିକାରୀଙ୍କ ବଳାତ୍କାର ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ସୋମବାର ନାବାଳିକାଙ୍କ ମା'ଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ସକାଶେ ପଠାଯାଇଛି। ଏଥି ସହିତ ନାବାଳିକାଙ୍କୁ ସୋମବାର ପୋକ୍ସୋ ଅଦାଲତରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ଅପରପକ୍ଷରେ ତଦନ୍ତ ପ୍ରକ୍ରିୟାର କୌଣସି ଦିଗକୁ ଅଣଦେଖା କରାଯାଉ ନାହିଁ। ନିରପେକ୍ଷ ଭାବେ ତଦନ୍ତ ଚାଲିଥିବା ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ପ୍ରକାଶ କରିଛନ୍ତି। ସେହିପରି ସିଡବ୍ଲୁସି ଚେୟାରମ୍ୟାନ୍ ରାମଚନ୍ଦ୍ର ବେହେରା କହିଛନ୍ତି ଯେ, ନାବାଳିକା ଓ ତାଙ୍କ ପରିବାରର ଥଇଥାନ ଓ କର୍ମନିଯୁକ୍ତି ଦିଗ ପ୍ରତି ଗୁରୁତ୍ୱ ଦିଆଯିବ।

# କରୋନା ରୋଗୀଙ୍କ ପାଇଁ ଓଡ଼ିଶା ଆସିଲା ଔଷଧ

## ଚିକିତ୍ସାରେ ବ୍ୟବହାର ହେବ ରେମ୍‌ଡେସିଭିର୍ ଓ ଫାବି ଫ୍ଲୁ

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱୀକୃତ ରେମ୍‌ଡେସିଭିର୍ ଓ ଫାବିଫ୍ଲୁ ଔଷଧ ଓଡ଼ିଶାରେ ପହଞ୍ଚିଛି। ରେମ୍‌ଡେସିଭିର୍ ଔଷଧ 'ମୋଡରେଟ ଟୁ ସିଭିୟର' ଅର୍ଥାତ ମଧ୍ୟମରୁ ଅଧିକ ଲକ୍ଷଣ ଥିବା ରୋଗୀଙ୍କୁ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। କରୋନାର ଦୁଇଟି ଔଷଧ ବାହାରିଥିବାବେଳେ ଏଥିରୁ ରେମ୍‌ଡେସିଭିର୍ ରାଜ୍ୟର କେତେକ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବାବେଳେ ଖୁବ୍‌ଶୀଘ୍ର ଏହା ବାକି ହସ୍ପିଟାଲଗୁଡ଼ିକୁ ଯୋଗାଇ ଦିଆଯିବ। ଯେହେତୁ ଜାତୀୟ ସ୍ତରରେ ଓଡ଼ିଶା ହଟସ୍ପଟ୍ ଏରିଆ ନୁହେଁ, ତେଣୁ ରାଜ୍ୟକୁ ଧୀରେ ଧୀରେ କରୋନା ଔଷଧ ଆସିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଡ୍ରଗ କଣ୍ଟ୍ରୋଲର ମାମିନା ପଟ୍ଟନାୟକ କହିଛନ୍ତି, ଫାବିଫ୍ଲୁ ଔଷଧର ୧୨ଶହ ଷ୍ଟ୍ରିପ ସୋମବାର ଓଡ଼ିଶାରେ ପହଞ୍ଚିଛି। ଗୋଟିଏ ଦିନ ଭିତରେ ଏହା ଆମେ ହସ୍ପିଟାଲଗୁଡ଼ିକୁ ପଠାଇଦେବୁ। 'ମାଇଲ୍ଡ ଟୁ ମୋଡରେଟ' ଅର୍ଥାତ ସାମାନ୍ୟରୁ ମଧ୍ୟମ ଧରଣର ଲକ୍ଷଣ ଥିବା ରୋଗୀଙ୍କୁ ଏହି ଔଷଧ




ଦିଆଯିବ। ତେବେ ଡେକ୍ସାମେଥାସୋନ ରାଜ୍ୟରେ ପ୍ରଚୁର ପରିମାଣରେ ମହଜୁଦ ରହିଛି। ପ୍ରାୟ ୨ଲକ୍ଷ ଟାବ୍‌ଲେଟ ଓ ୨ଲକ୍ଷ ଇଞ୍ଜେକ୍ସନ ରହିଥିବା ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମହାମାରୀ କରୋନାକୁ କେତେକାଂଶରେ ଆରୋଗ୍ୟ କରିପାରୁଥିବା ଆଣ୍ଟି ଭାଇରାଲ ଔଷଧ ରେମ୍‌ଡେସିଭିର୍‌କୁ ନିକଟରେ ଡ୍ରଗ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ସର୍ତ୍ତମୂଳକ ଭାବେ ବ୍ୟବହାର କରିବାକୁ ଅନୁମତି ଦେଇଥିଲା। କେବଳ ଜରୁରୀ ସ୍ଥିତିରେ କିମ୍ବା କରୋନା ଯୋଗୁ ଅତ୍ୟନ୍ତ ସଙ୍କଟ ସ୍ଥିତିରେ ଥିବା ଲୋକଙ୍କୁ ହିଁ ଏହି ଔଷଧ ଦିଆଯାଇ ପାରିବ ବୋଲି ଡିସିଜିଆଇ କହିଛି। ଏହାପରେ ଭାରତରେ ବିଭିନ୍ନ ଔଷଧ କମ୍ପାନୀ ଏହାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏବେ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ରେମ୍‌ଡେସିଭିର୍ ରହିଛି। ଏଗୁଡ଼ିକ ଖୁବଶୀଘ୍ର ଅନ୍ୟ ଔଷଧ ଭଳି ମାର୍କେଟରେ ମିଳିବ ବୋଲି ଜଣାପଡ଼ିଛି।

# ସକାଳ ୮ରେ ପହଣ୍ଡି, ମଧ୍ୟାହ୍ନରେ ରଥଟଣା

**ପୁରୀ ଅଫିସ, ୨୯।୬**

## ୧ରେ ବାହୁଡ଼ା

ଆସନ୍ତା ୧ତାରିଖରେ ବାହୁଡ଼ା ଯାତ୍ରା। ନବଦିନାତ୍ମକ ଯାତ୍ରା ଶେଷ କରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରସୋର ପ୍ରସ୍ତୁତି ଚାଲିଥିବାବେଳେ ସୋମବାର ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ପ୍ରକାଶ କରାଯାଇଛି। ଏବର୍ଷ କରୋନା ପାଇଁ ରଥଯାତ୍ରା ହେବ ନା ନାହିଁ ସେ ନେଇ ଶେଷ ପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ଲାଗି ରହିଥିଲା। ତେବେ ଶେଷ ମୁହୂର୍ତ୍ତରେ ସୁପ୍ରିମ୍‌କୋର୍ଟ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘୋଷଯାତ୍ରା ନୀତି ନିର୍ଘଣ୍ଟ ପ୍ରକାଶ ପାଇ ନ ଥିଲା। ଦିନକ ପରେ ବାହୁଡ଼ା ଯାତ୍ରା ଥିବାବେଳେ ପ୍ରଶାସନ ନୀତି ନିର୍ଘଣ୍ଟ ପ୍ରକାଶ କରିଛି।

### ନୀତି ନିର୍ଘଣ୍ଟ



| | |
|---|---|
| ମଙ୍ଗଳ ଆଳତି | ଭୋର ୪ଟା |
| ମଇଲମ | ୪ଟା ୧୫ |
| ତଡ଼ପଲାଗି | ୪ଟା ୩୦ |
| ରୋଷହୋମ | ୪ଟା ୩୦ |
| ଅବକାଶ | ୫ଟା |
| ସୂର୍ଯ୍ୟପୂଜା | ୫ଟା ୧୫ |
| ଦ୍ୱାରପାଳ ପୂଜା | ୫ଟା ୩୦ |
| ବେଶ ଶେଷ | ୫ଟା ୩୦ |
| ଗୋପାଳ ବଲ୍ଲଭ ଓ ସକାଳ ଧୂପ | ୫ଟା ୪୫ରୁ ୬ଟା ୪୫ |
| ସେନାପଟା ଲାଗି | ସକାଳ ୭ଟାରୁ ୭ଟା ୩୦ |
| ମଙ୍ଗଳାର୍ପଣ | ୭ଟା ୪୫ |
| ବାହୁଡ଼ା ପହଣ୍ଡି | ସକାଳ ୮ଟାରୁ ୧୦ଟା |
| ବେଶ ଶେଷ | ୯ଟାରୁ ସାଢେ ୧୦ଟା |
| ଛେରା ପହଁରା | ସାଢେ ୧୦ରୁ ସାଢେ ୧୧ଟା |
| ଚାର ମାଳଫିଟା ଓ ଘୋଡ଼ା ଲାଗିବା | ୧୧ଟାରୁ ମଧ୍ୟାହ୍ନ ୧୨ଟା |
| ରଥଟଣା ଆରମ୍ଭ | ମଧ୍ୟାହ୍ନ ୧୨ଟା |



ଦରଜୀ ସେବାୟତମାନେ ଶ୍ରୀମନ୍ଦିରରେ ସୋମବାର ଶ୍ରୀଜୀଉଙ୍କ ପାଇଁ କନକମୁଣ୍ଡି ଚାନ୍ଦୁଆ ତିଆରି କରୁଛନ୍ତି।

# ଜୁଲାଇ ଶେଷରେ ମାଟ୍ରିକ୍ ପରୀକ୍ଷା ଫଳ

**କଟକ ଅଫିସ,୨୯।୬:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତାଦେଖା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୁନ ୩୦ରେ ଖାତାଦେଖା ଶେଷ ହେବ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଅଧିକାଂଶ ମୂଲ୍ୟାୟନ କେନ୍ଦ୍ରରୁ ପରୀକ୍ଷା ଖାତା ଫେରି ଆସିଲାଣି। ଆଉ ଅଳ୍ପ କିଛି ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ମୂଲ୍ୟାୟନ ଚାଲିଛି। ୩୦ ତାରିଖ ସୁଦ୍ଧା ମୂଲ୍ୟାୟନ ଶେଷ କରିବାକୁ ପ୍ରଚେଷ୍ଟା କରାଯାଉଥିବା ସେ କହିଛନ୍ତି। ଆବଶ୍ୟକ ପଡ଼ିଲେ ଗୋଟିଏ ଦିନ ଅଧିକ ମହଲତ ନିଆଯିବ। ଏହାଛଡ଼ା ସମସ୍ତ ଉତ୍ତରଖାତା ବୋର୍ଡ କାର୍ଯ୍ୟାଳୟକୁ ଫେରାଇ ଆଣିବା ପରେ ଫଳାଫଳ ୱେବସାଇଟ୍‌ରେ ଅପଲୋଡ଼ କରାଯିବ। ଫଳାଫଳ କେବେ ପ୍ରକାଶ ପାଇବ, ତାହା ଜୁଲାଇ ୧୫ ସୁଦ୍ଧା ସ୍ପଷ୍ଟ ହୋଇଯିବ ବୋଲି ହାଜରା ସୂଚନା ଦେଇଛନ୍ତି। ଜୁଲାଇ ଶେଷ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡର ଜଣେ ଅଧିକାରୀ କହିଛନ୍ତି।

# ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ ସ୍ପେଶାଲ ଟ୍ରେନ୍

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

- ଓଡ଼ିଶାରେ ସପ୍ତାହକୁ ୫ଦିନ ପରିବର୍ତ୍ତେ ୩ଦିନ ଚାଲିବ ଅଧିକାଂଶ ଟ୍ରେନ୍
- ପୂର୍ବ ଭଳି ଭୁବନେଶ୍ୱରରୁ ବାହାର ରାଜ୍ୟକୁ ଚଳାଚଳ କରିବ ଅନ୍ୟ ସ୍ପେଶାଲ ଏକ୍ସପ୍ରେସ

ପୂର୍ବତଟ ରେଳପଥ ଦ୍ୱାରା ଓଡ଼ିଶା ଭିତରେ ଚାଲୁଥିବା ସ୍ପେଶାଲ ଏକ୍ସପ୍ରେସ୍ ଟ୍ରେନ୍ ଜୁନ୍ ୩୦ ପରିବର୍ତ୍ତେ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୮ ତାରିଖରୁ ରାଜ୍ୟ ମଧ୍ୟରେ ୬ଟି ଟ୍ରେନ୍ ଚଳାଚଳ କରୁଛି। ହେଲେ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣ ଯାତ୍ରୀବାହୀ ଟ୍ରେନ୍ ପରିବର୍ତ୍ତେ ଆସନ୍ତା ମାସେ ପର୍ଯ୍ୟନ୍ତ ଏହି ସ୍ପେଶାଲ ଟ୍ରେନ୍ ଯାତ୍ରୀ ପରିବହନ ଜାରି ରଖିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରୁ ଭୁବନେଶ୍ୱର, ଭୁବନେଶ୍ୱରରୁ ମୁମ୍ବାଇ, ଭୁବନେଶ୍ୱରରୁ ହାଓଡ଼ା ଭଳି ଅନ୍ୟ ସ୍ପେଶାଲ ଟ୍ରେନ୍ ପୂର୍ବ ବିଜ୍ଞପ୍ତି ଅନୁସାରେ ଚଳାଚଳ କରିବ।

ସୂଚନା ମୁତାବକ, ସପ୍ତାହକୁ ୩ଦିନ ଚାଲିବାକୁ ଥିବା ସମ୍ବଲପୁର-ଖୋର୍ଦ୍ଧାରୋଡ଼-ସମ୍ବଲପୁର ସ୍ପେଶାଲ ଟ୍ରେନ୍ ସମ୍ବଲପୁରରୁ ପୂର୍ବଭଳି ସକାଳ ୬ଟା ଓ ଖୋର୍ଦ୍ଧାରୋଡରୁ ଅପରାହ୍ନ ୪ଟା ୫୫ରେ ଛାଡ଼ିବ। ଜୁଲାଇ ୩୧ ପର୍ଯ୍ୟନ୍ତ ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ଏହି ଟ୍ରେନ୍ ଚାଲିବ। ସେହିଭଳି ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସ୍ପେଶାଲ ଟ୍ରେନ୍ ଶନିବାର ଓ ରବିବାରକୁ ଛାଡ଼ି ସପ୍ତାହରେ ୫ଦିନ ଚାଲିବ। ପୂର୍ବଭଳି ସକାଳ ୬ଟା ୩୦ରେ ଏହା ଭୁବନେଶ୍ୱରରୁ ଓ ୨ଟା ୪୫ରେ ବଲାଙ୍ଗୀର ଷ୍ଟେଶନରୁ ଛାଡ଼ିବ। ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ସ୍ପେଶାଲ ଟ୍ରେନ୍ ଏଣିକି ସପ୍ତାହକୁ ୩ଦିନ ଚାଲିବ। ସୋମବାର, ବୁଧବାର ଓ ଗୁରୁବାର ଏହା ଭୁବନେଶ୍ୱରରୁ ସନ୍ଧ୍ୟା ୬ଟାରେ ଏବଂ ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ସକାଳ ୭ଟା ୩୦ରେ ଭଦ୍ରକ ଷ୍ଟେଶନ ଛାଡ଼ିବ। ତେବେ ଜୁଲାଇ ୧ରେ ଏହା ଭଦ୍ରକ ଷ୍ଟେଶନରୁ ବନ୍ଦ ରହିବ ବୋଲି ସୂଚନା ମିଳିଛି। ସେହିଭଳି ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ମଧ ସପ୍ତାହକୁ ୫ଦିନ ପରିବର୍ତ୍ତେ ୩ଦିନ ଚଳାଚଳ କରିବ। ସୋମବାର, ବୁଧବାର ଓ ଗୁରୁବାର ଭୁବନେଶ୍ୱରରୁ ଅପରାହ୍ନ ୫ଟା ୩୦ ଏବଂ ମଙ୍ଗଳବାର, ଗୁରୁବାର, ଶୁକ୍ରବାର ବ୍ରହ୍ମପୁରରୁ ସକାଳ ୭ଟାରେ ଛାଡ଼ିବ। ଜୁଲାଇ ୧ ଦିନ ଏହାମଧ ବ୍ରହ୍ମପୁର ଷ୍ଟେଶନରୁ ବାତିଲ ରହିବ। ସପ୍ତାହକୁ ୩ଦିନ ଚାଲୁଥିବା ଭୁବନେଶ୍ୱର-କୋରାପୁଟ-ଭୁବନେଶ୍ୱର ସ୍ପେଶାଲ ଟ୍ରେନ୍ ଭାୟା ସମ୍ବଲପୁର-ରାୟଗଡ଼ା ଦେଇ ପୂର୍ବଭଳି ଚଳାଚଳ କରିବ। ସୋମବାର, ବୁଧବାର ଓ ଶୁକ୍ରବାର ଭୁବନେଶ୍ୱରରୁ ସନ୍ଧ୍ୟା ୬ଟା ୩୦ରେ ଏବଂ ମଙ୍ଗଳବାର, ଗୁରୁବାର ଓ ରବିବାର କୋରାପୁଟରୁ ଅପରାହ୍ନ ୫ଟା ୩୦ରେ ଛାଡ଼ିବ। ଏଥିଲାଗି ଯାତ୍ରୀମାନେ ରିଜର୍ଭେଶନ କାଉଣ୍ଟର ସହ ଆଇଆର୍‌ସିଟିସି ୱେବ୍‌ସାଇଟ୍‌ରେ ଟିକେଟ୍ ବୁକିଂ କରି ପାରିବେ। କେବଳ କନ୍‌ଫର୍ମ ଟିକେଟ୍ ଥିଲେ ଯାତ୍ରୀ ଟ୍ରେନ୍‌ରେ ଯାତ୍ରା କରିବେ।

# ହସ୍ପିଟାଲରେ ବଢୁଛି ସଂକ୍ରମଣ

**କଟକ ଅଫିସ,୨୯।୬**

ରୋଗୀଙ୍କୁ ଆରୋଗ୍ୟ କରୁଥିବା ହସ୍ପିଟାଲରେ ଏବେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। କେବଳ ରୋଗୀ ନୁହନ୍ତି, କରୋନା ଯୋଦ୍ଧା ମଧ କରୋନା ସଂକ୍ରମଣର ଶିକାର ହେଉଛନ୍ତି।

**ଏସ୍‌ସିବି, ଆଚାର୍ଯ୍ୟ ହରିହରରୁ ଗୋଟିଏ ଦିନରେ ୧୧ ଆକ୍ରାନ୍ତ ଚିହ୍ନଟ**

ସୋମବାର ଗୋଟିଏ ଦିନରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରୁ ୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏସ୍‌ସିବି ନ୍ୟୁରୋ ସର୍ଜରୀ ବିଭାଗ ଇନ୍‌ଡୋରରୁ ଜଣେ, ଆଇସୋଲେଶନ ୱାର୍ଡ଼ରୁ ୪ ଜଣ ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରୁ ୬ ଜଣ ରହିଛନ୍ତି।

ସୂଚନା ଅନୁଯାୟୀ, ନ୍ୟୁରୋ ସର୍ଜରୀ ବିଭାଗର ରୋଗୀ ଜଣକ ଅସ୍ତ୍ରୋପଚାର ପାଇଁ କିଛି ଦିନ ତଳେ ଭର୍ତ୍ତି ହୋଇଥିଲେ। କରୋନାଜନିତ ଲକ୍ଷଣ ଦେଖାଦେବାରୁ ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ରିପୋର୍ଟ ପଜିଟିଭ ଆସିଛି। ସେହିପରି ମେଡିସିନ ୱାର୍ଡର ଜଣେ ନିରାପତ୍ତାରକ୍ଷୀଙ୍କ ରିପୋର୍ଟ ଆଇସୋଲେଶନ ୱାର୍ଡରେ ପଜିଟିଭ ଆସିଥିବା ଜଣାପଡ଼ିଛି। ଆଇସୋଲେଶନ ୱାର୍ଡ଼ରୁ ଅନ୍ୟ ଜଣେ ଏନ୍‌ଡିଆର୍‌ଏଫ୍ ଯବାନଙ୍କ ସମେତ ଦୁଇ ଜଣଙ୍କ ରିପୋର୍ଟ ମଧ ପଜିଟିଭ ବାହାରିଛି। ଏହା ବ୍ୟତୀତ ଏହି ୱାର୍ଡରେ ଜଣେ ୩୮ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି । କିନ୍ତୁ ଉକ୍ତ ମହିଳାଙ୍କ ରିପୋର୍ଟ ନେଗେଟିଭ ଆସିଥିବା ସୂଚନା ମିଳିଛି। ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରୁ ଜଣେ ଆଟେଣ୍ଡାଣ୍ଟ ଓ ଆହାର କେନ୍ଦ୍ରର ଜଣେ କର୍ମଚାରୀ କରୋନା ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି।

# ହାର୍ଲି ଡେଭିଡ୍‌ସନରେ ସିଜେଆଇ



## ଫଟୋ ଭାଇରାଲ

**ନୂଆଦିଲ୍ଲୀ, ୨୯।୬:** ନାଗପୁରସ୍ଥିତ ନିଜ ବାସଭବନଠାରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି(ସିଜେଆଇ) ଜଷ୍ଟିସ ଶରଦ ଅରବିନ୍ଦ ବୋବ୍‌ଡେ ହାର୍ଲି ଡେଭିଡ୍‌ସନ ସୁପରବାଇକ୍ ଉପରେ ବସିଥିବା ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ବାଇକ୍ ପ୍ରତି ତାଙ୍କର ଦୁର୍ବଳତା ବହୁ ଆଗରୁ ରହିଆସିଛି। ପୂର୍ବରୁ ତାଙ୍କର ଏକ ବୁଲେଟ୍ ମଧ ଥିଲା। ତେବେ ପ୍ରଧାନ ବିଚାରପତି ଏବେ ଯେଉଁ ହାର୍ଲି ଡେଭିଡ୍‌ସନ ସୁପରବାଇକ୍ ଉପରେ ବସି ଫଟୋ ଉଠାଇଛନ୍ତି ତାକୁ ନେଇ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଛି। ପ୍ରଥମତଃ ଉକ୍ତ ବାଇକ୍‌ଟି ନାଗପୁରର ଭାଜପା ନେତା ସୋନ୍‌ବା ମୁସଲେଙ୍କ ପୁଅ ରୋହିତ ସୋନ୍‌ବାଜି ମୁସଲେଙ୍କ ନାମରେ ପଞ୍ଜୀକୃତ ହୋଇଛି। ଏପରିକି, ବାଇକ୍‌ରେ ବସିଥିବା ବେଳେ ପ୍ରଧାନ ବିଚାରପତି ମାସ୍କ କିମ୍ବା ହେଲମେଟ ପିନ୍ଧି ନ ଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଲକ୍‌ଡାଉନ୍ ଯୋଗୁ ସିଜେଆଇ ବୋବ୍‌ଡେ ଦୀର୍ଘ ସପ୍ତାହ ହେବ ନିଜ ସହର ନାଗପୁରରେ ରହିଛନ୍ତି।

# ହେମନ୍ତଙ୍କ ସ୍ଥାନରେ କେନ୍ଦ୍ରରୁ ଫେରି ଦାୟିତ୍ୱ ନେଲେ ସତ୍ୟବ୍ରତ

**ଭୁବନେଶ୍ୱର,୨୯।୬(ବ୍ୟୁରୋ):** ରାଜ୍ୟ ସରକାର ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ସତ୍ୟବ୍ରତ ସାହୁଙ୍କୁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ବିଭାଗର ପ୍ରମୁଖ ସଚିବଭାବେ ନିଯୁକ୍ତ କରିଛନ୍ତି। ଏହି ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିଥିବା ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କୁ ଏହି ସ୍ଥାନରୁ ହଟାଇ ତାଙ୍କ ସ୍ଥାନରେ ସତ୍ୟବ୍ରତ ଦାୟିତ୍ୱ ଦେଇଛନ୍ତି। ସତ୍ୟବ୍ରତ ସାହୁ ଦାୟିତ୍ୱ ନେବାପରେ

## ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳବଦଳ

ଏହି ଦାୟିତ୍ୱରେ ରହିଥିବା ହେମନ୍ତ ଶର୍ମା ଏହି ପଦରୁ ହଟିବେ। ସେହିପରି ଯୋଜନା ଓ ସଂଯୋଜନା ବିଭାଗ ସ୍ୱତନ୍ତ୍ର ସଚିବ ଗୋପବନ୍ଧୁ ଶତପଥୀଙ୍କୁ ଓଡିଶା କୋପରେଟିଭ ବ୍ୟାଙ୍କ ଭୁବନେଶ୍ୱରର ମ୍ୟାନେଜିଂ ଡାରେକ୍ଟର(ଏମ୍‌ଡି) ଭାବେ ଦାୟିତ୍ୱ ମିଳିଛି। କୋପରେଟିଭ ବ୍ୟାଙ୍କ ଭୁବନେଶ୍ୱରର ଏମ୍‌ଡି ଥିବା ଦେବେନ୍ଦ୍ର କୁମାର ଜେନାଙ୍କୁ ଏହି ପଦରୁ ହଟାଇ ଦିଆଯାଇଛି। ଗୋପବନ୍ଧୁ ଶତପଥୀ ପାଇଥିବା ମ୍ୟାନେଜିଂ ଡାଇରେକ୍ଟର ଦାୟିତ୍ୱ ସ୍ୱତନ୍ତ୍ର ସଚିବ ପାହ୍ୟାର ରାଙ୍କ ସହିତ ସମାନ, ଏହା ସରକାରଙ୍କ ଆଇଏଏସ କ୍ୟାଡରର ପଦବୀ। ସେହିପରି ଓଡିଶା କୋପରେଟିଭ ବ୍ୟାଙ୍କ, ଭୁବନେଶ୍ୱର ଏମ୍‌ଡି ଥିବା ଦେବେନ୍ଦ୍ର କୁମାର ଜେନାଙ୍କୁ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ପଦରେ ଦାୟିତ୍ୱ ମିଳିଛି।

# ମୌସୁମୀ ସକ୍ରିୟ: ୫ ଦିନ ସାରା ରାଜ୍ୟରେ ବର୍ଷା

**ଭୁବନେଶ୍ୱର,୨୯।୬(ବ୍ୟୁରୋ):** ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଏଥିସହିତ ମଧ୍ୟ ପ୍ରଦେଶରୁ ଉପକୂଳ ଓଡିଶା ଉପରେ ଏକ ଟ୍ରପ ଲାଇନ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ବଲାଙ୍ଗୀର, ବରଗଡ, ସୋନପୁର, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ପୁରୀ, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ଆଭ୍ୟନ୍ତରୀଣ ଓଡିଶା ସମେତ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି।

# ସରକାରୀ କାର୍ଯ୍ୟାଳୟକୁ ଲୋକଙ୍କୁ ମନା

**ଯାଜପୁର ଅଫିସ,୨୯।୬**

## ଯାଜପୁର ଜିଲାରେ କରୋନା ସଂକ୍ରମଣ ସାଂଘାତିକ

- ୪୮ ଘଣ୍ଟାରେ ୮୧ ସଂକ୍ରମିତ
- ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସଂକ୍ରମିତ

ଯାଜପୁର ଜିଲାରେ ସୋମବାର ୪୦ ନୂଆ ସଂକ୍ରମିତଙ୍କୁ ମିଶାଇ ଗତ ୪୮ ଘଣ୍ଟା ମଧ୍ୟରେ ୮୧ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଥିରେ ଅଛନ୍ତି ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ। ତେଣୁ ସରକାରୀ କାର୍ଯ୍ୟାଳୟ(ପବ୍ଲିକ ଅଫିସ୍)ଗୁଡିକୁ ସାଧାରଣ ଲୋକମାନଙ୍କ ପାଇଁ ମନା କରାଯାଇଛି। ଏହି ମର୍ମରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ସୋମବାର ନିର୍ଦ୍ଦେଶ ଜାରି କରିଛନ୍ତି। ସେ ନିର୍ଦ୍ଦେଶ ପତ୍ରରେ ଦର୍ଶାଇଛନ୍ତି ଯେ, ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କୋଭିଡ-୧୯ରେ ଆକ୍ରାନ୍ତ ହେବା ସାଂଘାତିକ ବିଷୟ। ଲକ୍‌ଡାଉନ କୋହଳ ହେବା ପରେ ବହୁସଂଖ୍ୟାରେ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଆସୁଛନ୍ତି। କେତେକାଂଶରେ ଜରୁରୀ କାର୍ଯ୍ୟ ନ ଥିଲେ ବି ଲୋକମାନେ ମାନୁନାହାନ୍ତି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ଆଇନ ଅନୁଯାୟୀ ଆସନ୍ତା ଜୁଲାଇ ୮ ମଧ୍ୟରାତ୍ରି ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ କେହି ଜନସାଧାରଣ ଯାଇପାରିବେ ନାହିଁ। କିନ୍ତୁ ସରକାରୀ କାର୍ଯ୍ୟାଳୟ ସବୁ କୋଭିଡ-୧୯ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରିବ। ଜରୁରୀ ସମୟରେ ସାଧାରଣ ଲୋକ ଯେକୌଣସି ସରକାରୀ କାର୍ଯ୍ୟାଳୟର ମୁଖ୍ୟ କିମ୍ବା ଅତିରିକ୍ତ ଅଧିକାରୀଙ୍କ ଫୋନ, ମୋବାଇଲ ନମ୍ବର, ହ୍ୱାଟ୍ସଆପ୍, ଇ-ମେଲ୍‌ରେ ଯୋଗାଯୋଗ କରିପାରିବେ। ଯଦି ସମ୍ପୃକ୍ତ ଅଧିକାରୀ ଜରୁରୀ ବୋଲି ଭାବିବେ ତେବେ ତଦନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି।

ଅନ୍ୟପକ୍ଷେ ସୋମବାର ନୂଆ ୪୦ ସଂକ୍ରମିତଙ୍କ ମଧ୍ୟରୁ ୨୬ ଜଣ ଅସ୍ଥାୟୀ ଚିକିତ୍ସାକେନ୍ଦ୍ରର ହୋଇଥିବାବେଳେ ୧୪ ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ତନ୍ମଧ୍ୟରୁ ବଡ଼ଚଣା ବ୍ଲକର ୧୨ ଜଣ, ଦଶରଥପୁର ବ୍ଲକର ୧୨, ରସୁଲପୁର ବ୍ଲକର ୮, ଯାଜପୁର ବ୍ଲକର ୫ ଓ ଧର୍ମଶାଳା ବ୍ଲକର ୩ ଜଣ ଅଛନ୍ତି। ଏହାକୁ ଆଧାରକରି ଜିଲା ପ୍ରଶାସନ ପକ୍ଷରୁ ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଅଧୀନ ପ୍ରଥମାଖଣ୍ଡି ଗ୍ରାମର ୭, ୮, ୯, ୧୦, ୧୧ ନମ୍ବର ୱାର୍ଡ ଓ ଚକଗୋପାଳପୁର ଗ୍ରାମର ୬ ନମ୍ବର ୱାର୍ଡର ୪୦୩ ପରିବାରଙ୍କୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏହା ସୋମବାର ରାତି୭ଟାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି।



କଟକସ୍ଥିତ ସିଡିଏରେ କଣ୍ଟେନମେଣ୍ଟ ଜୋନ୍ ଘୋଷିତ ସେକ୍ଟର-୯କୁ ଆସୁଥିବା ଲୋକମାନଙ୍କୁ ଫେରାଇଦେଉଛି ପୋଲିସ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆସ୍‌ଲାନ୍
ପରିବାରବର୍ଗ


ଗୁଡିଆ
ପରିବାରବର୍ଗ


ନିଭାସ୍
ପରିବାରବର୍ଗ


ନୋନି
ପରିବାରବର୍ଗ


ରାମିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ୧ରୁ ଅନ୍‌ଲକ୍...

ପ୍ରମୋଦ ଉଦ୍ୟାନ, ଥିଏଟର, ବାର୍, ଅଡିଟୋରିୟମ୍, ସଭାଗୃହ ଆଦି ବନ୍ଦ ରହିବ। ସେହିପରି ଆବଦ୍ଧାଞ୍ଚଳରେ ମେଟ୍ରୋସେବାକୁ ଅନୁମତି ମିଳିବ ନାହିଁ। ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ଶିକ୍ଷା, ସଂସ୍କୃତି, ଧାର୍ମିକ କାର୍ଯ୍ୟକ୍ରମ ଭଳି ବଡ଼ ସମାବେଶକୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଅନୁମତି ଦିଆଯିବନାହିଁ। ଆନ୍ତଃରାଜ୍ୟ ଓ ଅନ୍ତଃରାଜ୍ୟରେ ଲୋକ ଓ ସାମଗ୍ରୀ ପରିବହନ ଉପରେ କୌଣସି କଟକଣା ଜାରି କରାଯାଇନାହିଁ। ଏଥିପାଇଁ ସ୍ୱତନ୍ତ୍ର ଅନୁମତି କିମ୍ବା ମଞ୍ଜୁରୀ ବା ଇ-ପର୍ମିଟ୍‌ର ଆବଶ୍ୟକତା ପଡ଼ିବ ନାହିଁ। ଅନ୍‌ଲକ୍ ୨.୦ରେ ରାତ୍ରିକାଳୀନ କର୍ଫ୍ୟୁ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଜାରିରହିବ। ତେବେ ଏହି ସମୟ ମଧ୍ୟରେ ଅତ୍ୟାବଶ୍ୟକ କାର୍ଯ୍ୟକଳାପରେ କୋହଳ କରାଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ୧୦ ବର୍ଷରୁ କମ୍ ଶିଶୁ, ଅନ୍ୟାନ୍ୟ ରୋଗଥିବା ବ୍ୟକ୍ତି, ଗର୍ଭବତୀ ମହିଳାଙ୍କ ପ୍ରତି ବିପଦ ଥିବାରୁ ସେମାନଙ୍କୁ ଘରେ ରହିବା ଲାଗି ପରାମର୍ଶ ଦିଆଯାଇଛି। ହେଲେ ସ୍ୱାସ୍ଥ୍ୟ ଭଳି ଅତ୍ୟାବଶ୍ୟକ ଜରୁରୀ କାର୍ଯ୍ୟରେ ସେମାନେ ବାହାରକୁ ଯାଇପାରିବେ। ବିବାହ କାର୍ଯ୍ୟ ଲାଗି ୫୦ ଜଣ ଏବଂ ଶେଷକୃତ୍ୟରେ ୨୦ ଜଣରୁ ଅଧିକ ଲୋକ ଭାଗ ନେବାକୁ ଅନୁମତି ଦିଆଯିବ ନାହିଁ। ସେହିପରି ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ଜରିମାନା ଦେବାକୁ ପଡ଼ିବ। ସର୍ବସାଧାରଣ ସ୍ଥାନରେ ପାନ, ଗୁଟ୍‌ଖା, ତମାଖୁ ସେବନକୁ ନିଷିଦ୍ଧ କରାଯାଇଛି। ଯଥାସମ୍ଭବ ଘରୁ କାର୍ଯ୍ୟ କରିବାକୁ ଅନୁମତି ଦେବା ଲାଗି କୁହାଯାଇଛି। ବିପର୍ଯ୍ୟୟ ପରଚାଳନା ଆଇନ, ୨୦୦୫ ଅନୁଯାୟୀ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ନିୟମାବଳୀକୁ ଦୁର୍ବଳ କରିପାରିବେ ନାହିଁ। ଉପର ଲିଖିତ ସମସ୍ତ ନିୟମ କଠୋର ଭାବେ ପାଳନ କରିବାକୁ ସମସ୍ତ ଜିଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ନିୟମକୁ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନର ଧାରା ୫୧ ଓ ୬୦ ଅନୁଯାୟୀ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବଭଳି ସର୍ବସାଧାରଣ ସ୍ଥାନ, କାର୍ଯ୍ୟସ୍ଥଳୀ ଓ ଯାତାୟାତ ସମୟରେ ପ୍ରତ୍ୟେକ ବ୍ୟକ୍ତି ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲୁଣୀ କାନ୍ଦୁଛି**
**ନଡ଼ିଆଣୀ କାନ୍ଦୁଛି।**

ତେଲ ଘଡ଼ା ପଡ଼ିଗଲେ ସବୁ ତେଲ ନଷ୍ଟ ହୋଇଯାଏ ପରନ୍ତୁ ନଡ଼ିଆ ପଡ଼ିଗଲେ ସବୁ ଯାକ ନଷ୍ଟ ହୋଇ ନ ଥାଏ। ପରୋକ୍ଷରେ ଯାହାର ପ୍ରକୃତ କ୍ଷତି ହୁଏ ସେ ଦୁଃଖ କରେ। ତେବେ ଯାହାର ବିଶେଷ କିଛି କ୍ଷତି ହୋଇ ନ ଥାଏ ସେ ବି ସମଭାଗୀ ହୋଇ ଦୁଃଖ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତା'ର ଉପବାସ**
**ତୋର ପୁଷମାସ।**

ଉପବାସ କଲେ କାଷ୍ଟା ରହିବାକୁ ପଡ଼େ, ଖାଇବା ପିଇବା କମ୍ କରାଯାଏ। ଖାଇବା ପିଇବା ବିନା ଜଣଙ୍କର ଅବସ୍ଥା ବେହାଲ ତ ଆଉ କିଏ ଖାଇ ପିଇ ବେଶ୍ ଆରାମ ହିଁ ଆରାମ। ଅବସ୍ଥାର ତାରତମ୍ୟ ପ୍ରତି ଉପଲକ୍ଷ୍ୟ। ଜଣଙ୍କର ମନ୍ଦ ଘଟିଲା ବେଳେ ଆଉ ଜଣଙ୍କର ଭଲ ବା ଫାଇଦା ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ଗଲ୍‌ୱାନରେ ଭାରତର...

ଉପତ୍ୟକାରେ ଏହି ଲାଇନ୍‌ର ସ୍ଥିତି ସୂଚାଇ ଦିଆଯାଇଛି। ସାଟେଲାଇଟ ଚିତ୍ର ଓ ଗୁଗଲ୍ ଆର୍ଥ ପ୍ରୋ'ରେ ଦିଆଯାଇଥିବା ସୂଚନାରୁ ସ୍ପଷ୍ଟ ହେଉଛି, ଚାଇନା ସୈନ୍ୟ ନିଜ କ୍ଲେମ୍ ଲାଇନ ଅତିକ୍ରମ କରି ଭାରତୀୟ ଅଞ୍ଚଳ ମଧ୍ୟକୁ ୪୨୩ ମିଟର ପ୍ରବେଶ କରିଛନ୍ତି। ଦୀର୍ଘ ଦୁଇମାସ ହେବ ପୂର୍ବ ଲଦାଖ ସୀମାରେ ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ଗତ ୧୫ ତାରିଖରେ ଗଲ୍‌ୱାନ ଉପତ୍ୟକାରେ ଦୁଇ ପକ୍ଷର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣେ କଲୋନେଲଙ୍କ ସମେତ ୨୦ ଭାରତୀୟ ଯବାନ ଶହୀଦ ହେବା ସହ ଅନେକେ ଆହତ ହୋଇଥିଲେ। ଚାଇନା ପକ୍ଷରୁ ମଧ୍ୟ ଅନୁରୂପ ସଂଖ୍ୟକ ମୃତାହତ ହୋଇଥିବା କୁହାଯାଉଛି। ଏହା ପରଠାରୁ ସୀମାରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ସାମରିକ ଓ କୂଟନୈତିକ ସ୍ତରରେ ଏକାଧିକ ଆଲୋଚନା ସତ୍ତ୍ୱେ ଉତ୍ତେଜନା ପ୍ରଶମିତ ହୋଇନାହିଁ।

## ଜୁଲାଇ ପାଇଁ...

କୋଭିଡ ସଂକ୍ରମଣ ରୋକିବାରେ ମାସ୍କର ବିଶେଷ ଗୁରୁତ୍ୱ ରହିଛି। ତେଣୁ ମାସ୍କର ଉପଯୁକ୍ତ ବ୍ୟବହାର ଓ ସାମାଜିକ ଦୂରତା ନିୟମର କଡ଼ାକଡ଼ି ପାଳନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୋଲିସ ଓ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ଭିତରେ ୩ ମାସ ବିତିଗଲାଣି, ବର୍ତ୍ତମାନ ଏ ସବୁ ଉଲ୍ଲଂଘନ ଘଟଣାରେ ଅଧିକ କଠୋର ହେବାକୁ ପଡ଼ିବ। ସୋମବାର ସନ୍ଧ୍ୟାରେ ଭିଡିଓ କନଫରେନ୍ସ ଜରିଆରେ ଜୁଲାଇର କୋଭିଡ ରଣନୀତି ସମ୍ପର୍କରେ ବରିଷ୍ଠ ଅଧିକାରୀ, ଜିଲାପାଳ ଏବଂ ଏସ୍‌ପିମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। କୋଭିଡ ପରିଚାଳନାରେ ଜିଲାପାଳ ଓ ଏସ୍‌ପିମାନେ ସେମାନଙ୍କର ଗତ ୩ ମାସର ଅଭିଜ୍ଞତା ଜଣାଇବା ସହିତ ଜୁଲାଇରେ କୋଭିଡ ମୁକାବିଲା ପାଇଁ ମତାମତ ଦେଇଛନ୍ତି। ସେମାନଙ୍କ ମତାମତ ଭିତ୍ତିରେ ରାଜ୍ୟ ସରକାର କୋଭିଡ ପରିଚାଳନା ପାଇଁ ସମ୍ପୂର୍ଣ୍ଣ ରଣନୀତି ନିର୍ଦ୍ଧାରଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ନିଜେ ସଂକ୍ରମିତ କୋଭିଡ ଯୋଦ୍ଧାମାନଙ୍କ ସହିତ ଫୋନରେ କଥାହୋଇ ସେମାନଙ୍କ ଭଲମନ୍ଦ ବୁଝୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କର ଉତ୍ତର ସନ୍ତୋଷଜନକ ରହିଛି। ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସଂକ୍ରମିତ କୋଭିଡ ଯୋଦ୍ଧାଙ୍କ ସହିତ ଆଲୋଚନା କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ସେମାନଙ୍କର ମନୋବଳ ବୃଦ୍ଧି ପାଇବ ବୋଲି ସେ ମତ ଦେଇଛନ୍ତି।

ଗାଁ କଲ୍ୟାଣ ସମିତି ସ୍ତରରେ କୋଭିଡ କେୟାର କମିଟି ଗଠନ କରିବା, ପାଣ୍ଠି ଓ କ୍ଷମତା ପ୍ରଦାନ କରିବା, ପ୍ରଶିକ୍ଷଣ ସହିତ ସେମାନଙ୍କ କାର୍ଯ୍ୟକୁ ମନିଟରିଂ କରିବା ପାଇଁ ଏକ ବିଧିବଦ୍ଧ ବ୍ୟବସ୍ଥା ସୃଷ୍ଟି କରିବା, ପ୍ରତି ପଞ୍ଚାୟତରେ କୋଭିଡ କେୟାର ହୋମ୍ ସ୍ଥାପନ ଏବଂ କେତେକ ପଞ୍ଚାୟତକୁ ନେଇ ଟିଏମସି ଗଠନ, ସେମାନଙ୍କୁ ପାଣ୍ଠି ଯୋଗାଣ ଓ ସେବା ପ୍ରଦାନ ବ୍ୟବସ୍ଥା ଆଦି ବିଭିନ୍ନ ବିଷୟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି), ବରିଷ୍ଠ ଅଧିକାରୀ ଓ ସମସ୍ତ ଜିଲାର ଜିଲାପାଳ, ଏସପି ଯୋଗ ଦେଇଥିଲେ।

## ୬୦୯ କୋଟିର...

ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ପରିବେଶ ପ୍ରଦୂଷଣ ଉପରେ ଧ୍ୟାନଦେବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ସଞ୍ଜୟ ସିଂ, ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଯୋଗ ଦେଇଥିଲେ।

## ମରୁଛନ୍ତି ପୁରୁଷ...

| ଜିଲା | ସଂକ୍ରମିତ | ସୁସ୍ଥ | ସକ୍ରିୟ | ମୃତ |
|---|---|---|---|---|
| ଗଞ୍ଜାମ | ୧୩୬୭ | ୯୫୨ | ୪୦୩ | ୧୨ |
| ଖୋର୍ଦ୍ଧା | ୮୧୪ | ୫୯୨ | ୨୧୫ | ୫ |
| କଟକ | ୫୫୭ | ୪୪୯ | ୧୦୩ | ୪ |
| ପୁରୀ | ୨୫୫ | ୨୧୦ | ୪୩ | ୧ |
| ବରଗଡ଼ | ୯୭ | ୫୦ | ୪୬ | ୧ |

ଜଣେ ଲେଖାଏ ରୋଗୀଙ୍କ ମୃତ୍ୟୁ ହୋଇଛି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନାନୁସାରେ, ରାଜ୍ୟରେ ମାର୍ଚ୍ଚ ୧୬ରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଏବେ ଏହା ବୃଦ୍ଧି ପାଇ ୬,୮୫୯ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୧୮ପ୍ରତିଶତ ମହିଳା ଓ ୮୨ପ୍ରତିଶତ ପୁରୁଷ ଆକ୍ରାନ୍ତ ହୋଇଛନ୍ତି। ସେପଟେ ଏପ୍ରିଲ ୨୯ରେ ରାଜ୍ୟର ପ୍ରଥମ କରୋନାଜନିତ ମୃତ୍ୟୁ ହୋଇଥିଲା। ମେ ୨୧ ସୁଦ୍ଧା ୭ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜୁନ୍‌ରେ କରୋନା ମୃତ୍ୟୁ ହଠାତ୍ ବଢ଼ିଯାଇଛି।

ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୧୪ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୩୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୯୬ଜଣ ରହିଛନ୍ତି। ସେହିପରି ଯାଜପୁର ଜିଲାରୁ ୪୦, ଖୋର୍ଦ୍ଧାରୁ ୨୮, ବରଗଡ଼ରୁ ୧୦, ଜଗତ୍‌ସିଂହପୁର ୯, କେନ୍ଦ୍ରାପଡ଼ା ୮, କଟକ, ଗଜପତି, କେନ୍ଦୁଝର, ନବରଙ୍ଗପୁରରୁ ୭ ଲେଖାଏ, ସୁନ୍ଦରଗଡ଼ ୬, ମୟୂରଭଞ୍ଜ ୫, ଢେଙ୍କାନାଳ, ନୟାଗଡ଼ରୁ ୩ ଲେଖାଏ ଥିବା ବେଳେ ବାଲେଶ୍ୱର, ଭଦ୍ରକରୁ ୨ଜଣ ଲେଖାଏ, ଝାରସୁଗୁଡ଼ା, ରାୟଗଡ଼ା, ସୋନପୁରରୁ ଜଣେ ଲେଖାଏ ରହିଛନ୍ତି। ଏଥି ସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୨ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ଦେଖାଯାଇଛି। ଅନ୍ୟପଟେ ସୋମବାର କରୋନା ରୋଗରୁ ଆରୋଗ୍ୟ ହୋଇଛନ୍ତି ୨୦୩ ଆକ୍ରାନ୍ତ। ଏମାନଙ୍କ ମଧ୍ୟରେ ଗଞ୍ଜାମରେ ୬୦ଜଣ ସୁସ୍ଥ ହୋଇଥିବା ବେଳେ ଗଜପତି ୨୦, ଖୋର୍ଦ୍ଧା ୧୯, କଟକ ୧୮, ଭଦ୍ରକ ୧୪, କେନ୍ଦୁଝର ୧୩, ନୟାଗଡ଼ ୧୨, ମୟୂରଭଞ୍ଜ ୧୦, ଯାଜପୁର ୯, ବାଲେଶ୍ୱର ୮, କେନ୍ଦ୍ରାପଡ଼ା ୭, ଅନୁଗୋଳ ୪, ଢେଙ୍କାନାଳ ୩, ବଲାଙ୍ଗୀର ଓ ଜଗତସିଂହପୁରରେ ୨ଜଣ ଲେଖାଏ ଏବଂ ଦେବଗଡ଼ ଓ ସୁନ୍ଦରଗଡ଼ରେ ଜଣେ ଲେଖାଏ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ଆରୋଗ୍ୟଙ୍କ ସଂଖ୍ୟା ୪,୯୪୬ରେ ପହଞ୍ଚିଛି। ବର୍ତ୍ତମାନ ୧,୮୮୩ଜଣ ସକ୍ରିୟ ରୋଗୀ ଥିବା ବେଳେ ୨୦୮୬ଜଣ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

## ଲକ୍‌ଡାଉନ୍: ବଢ଼ିଛି...

ମାନକଠାରୁ ଅଧିକ ଥିଲା। ଅହମ୍ମଦାବାଦରେ ସର୍ବାଧିକ ୪୩ ଦିନ ଧରି ନିର୍ଦ୍ଧାରିତ ମାନକଠାରୁ ଅଧିକ ଥିଲା ଓଜୋନ ପ୍ରଦୂଷଣ। ସେହିପରି ଉଜ୍ଜୟିନୀରେ ୩୮ ଦିନ, ଗୁରୁଗ୍ରାମରେ ୨୬ ଦିନ, ଗାଜିଆବାଦରେ ୧୫ ଦିନ ଏବଂ ନୋଏଡାରେ ୧୨ ଦିନ ପାଇଁ ମାନକ ଅତିକ୍ରମ କରିଛି ଓଜୋନ ପ୍ରଦୂଷଣ। ଏପରିକି ଗୋଟିଏ ସହରର ଭିନ୍ନ ଭିନ୍ନ ସ୍ଥାନରେ ଓଜୋନ ପ୍ରଦୂଷଣ ସ୍ଥିତି ଭିନ୍ନ ରହିଥିଲା। ଦିଲ୍ଲୀ-ଏନ୍‌ସିଆର୍ ଏବଂ ଅହମ୍ମଦାବାଦକୁ ଦେଖିଲେ ଅତି କମ୍‌ରେ ଗୋଟିଏ ମେଜରିଂ ଷ୍ଟେଶନରେ ଲକ୍‌ଡାଉନ ଅବଧିର ଦୁଇ ତୃତୀୟାଂଶ ଦିନରେ ନିର୍ଦ୍ଧାରିତ ମାନକଠାରୁ ଓଜୋନ ପ୍ରଦୂଷଣ ଅଧିକ ଥିଲା।

ସୂଚନାଥାଉ କି, ବିଶ୍ୱର ଅନେକ ସ୍ଥାନରେ ଗରମ ମାସରେ ଓଜୋନ ପ୍ରଦୂଷଣ ବୃଦ୍ଧି ପାଇଥାଏ। ଏହା ସଫା ବାୟୁ ଥିବା ଅଞ୍ଚଳରେ ମଧ୍ୟ ବୃଦ୍ଧି ହୁଏ। ସିଏସ୍‌ଇ ଅନୁଯାୟୀ, ଓଜୋନ କୌଣସି ଉତ୍ସ ଦ୍ୱାରା ସିଧାସଳଖ ନିର୍ଗତ ହୁଏ ନାହିଁ। କିନ୍ତୁ ସୂର୍ଯ୍ୟକିରଣ ଏବଂ ଉତ୍ତାପ ପ୍ରଭାବରେ ବାୟୁରେ ଥିବା ନାଇଟ୍ରୋଜେନ ଅକ୍ସାଇଡ୍ (ଏନ୍‌ଓଏକ୍ସ) ଏବଂ ଅନ୍ୟାନ୍ୟ ଭିଓସିଏସ୍ (ଭୋଲାଟାଇଟ୍ ଅର୍ଗାନିକ୍ କମ୍ପାଉଣ୍ଡ୍‌ସ) ଓ ଗ୍ୟାସ୍ ମଧ୍ୟରେ ଫଟୋକେମିକାଲ ପ୍ରତିକ୍ରିୟା ଦ୍ୱାରା ତାହା ସୃଷ୍ଟି ହୁଏ। ହେଲେ ଉଚ୍ଚ ନାଇଟ୍ରୋଜେନ ଅକ୍ସାଇଡ୍ ସ୍ତର ପୁନର୍ବାର ଓଜୋନ ସହିତ ପ୍ରତିକ୍ରିୟା କରିପାରେ ଏବଂ ତାହାକୁ ପୋଛି ଦେଇପାରେ। ହେଲେ ଅଧିକ ସଫା ବାୟୁ ଥିବା ଅଞ୍ଚଳକୁ ପଳାଇଯାଉଥିବା ଓଜୋନକୁ ନିୟନ୍ତ୍ରଣ କରିବା ପାଇଁ ସେଠାରେ ନାଇଟ୍ରୋଜେନ ଅକ୍ସାଇଡ୍ ନାହିଁ। ଫଳରେ ଉକ୍ତ ଅଞ୍ଚଳରେ ଓଜୋନ ବୃଦ୍ଧି ପାଏ। ଭାରତରେ, ଗ୍ରୀଷ୍ମ ସମୟରେ ଲକ୍‌ଡାଉନ ଲାଗୁ କରାଯାଇଥିଲା। ଏହାର ପ୍ରଭାବରେ ତାପମାତ୍ରାରେ ନାଇଟ୍ରୋଜେନ ଅକ୍ସାଇଡ୍ ସାଧାରଣ ସ୍ତରଠାରୁ କମ୍ ହୋଇଥିଲା। ବ୍ରିଟେନରେ ମଧ୍ୟ ସମାନ ଧାରା ଦେଖାଯାଇଥିଲା, ଯେଉଁଠାରେ ଲକ୍‌ଡାଉନ ସମୟରେ ନାଇଟ୍ରୋଜେନ ଅକ୍ସାଇଡ ସ୍ତର ୨୦ରୁ ୮୦ ପ୍ରତିଶତ ହ୍ରାସ ପାଇଥିଲା, କିନ୍ତୁ ଓଜୋନ ସ୍ତର ବୃଦ୍ଧି ପାଇଥିଲା। ଲକଡାଉନ୍ ଏବଂ ସାମାଜିକ ଦୂରତ୍ୱରୁ ବାୟୁ ସଫା ହେବା ଏବଂ ନାଇଟ୍ରୋଜେନ ଅକ୍ସାଇଡ୍, ଧୂଳିକଣା ହ୍ରାସ ହେବା ଭଲ ଫଳାଫଳ। କିନ୍ତୁ ଉଚ୍ଚସ୍ତରର କ୍ଷତିକାରକ ଓଜୋନ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଯଦି ସମସ୍ତ ଉତ୍ସରୁ ଗ୍ୟାସ ନିୟନ୍ତ୍ରିତ କରାଯାଏ ତେବେ ଓଜୋନକୁ ନିୟନ୍ତ୍ରଣ କରାଯାଇପାରିବ।

ସିଏସ୍‌ଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ରିସର୍ଚ୍ଚ ଆଣ୍ଡ ଆଡଭୋକେସି) ଅନୁମିତା ରାୟଚୌଧୁରୀ କହିଛନ୍ତି ଯେ, ପ୍ରଦୂଷଣ ହ୍ରାସ ପାଇଁ ସମ୍ମିଳିତ ଉଦ୍ୟମ ଜରୁରୀ। ମହାମାରୀର ପରବର୍ତ୍ତୀ ସମୟରେ ଲାଭକୁ ବଜାୟ ରଖିବା ପାଇଁ 'ନୀଳ ଆକାଶ ଏବଂ ସ୍ୱଚ୍ଛ ଫୁସ୍‌ଫୁସ୍' ନିମନ୍ତେ ଏକ ଏଜେଣ୍ଡା ଆବଶ୍ୟକ। ଫଳରେ ଓଜୋନ ସମେତ ଉଭୟ କଣିକା ଏବଂ ଗ୍ୟାସୀୟ ନିର୍ଗମନ ହ୍ରାସ ପାଇଁ ନିଶ୍ଚିତ କରାଯାଇପାରିବ।

## ପୁଣି ବଢ଼ିଲା...

ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ଅନ୍ୟ ମେଟ୍ରୋ ସହରରେ ତେଲ ଦର ଯଥାକ୍ରମେ କଲିକତାରେ ପେଟ୍ରୋଲ ୮୨.୧୦ଟଙ୍କା ଓ ଡିଜେଲ ୭୫.୬୪ ଟଙ୍କା, ମୁମ୍ବାଇରେ ପେଟ୍ରୋଲ ୮୭.୧୯ଟଙ୍କା ଓ ଡିଜେଲ ୭୮.୮୩ଟଙ୍କା ଏବଂ ଚେନ୍ନାଇରେ ପେଟ୍ରୋଲ ୮୩.୬୩ ଟଙ୍କା ଓ ଡିଜେଲ ୭୭.୭୨ ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ ଜୁନ ପ୍ରଥମ ସପ୍ତାହରେ ୧୪.୨କେଜି ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଦର ପ୍ରାୟ ୧୧.୫୦ ଟଙ୍କା ବୃଦ୍ଧି ଘଟିଛି। ସୋମବାର ଭୁବନେଶ୍ୱରରେ ଗ୍ୟାସ ଦର ୬୧୯ ଟଙ୍କା ରହିଛି। ଏହାବାଦ ଦିଲ୍ଲୀରେ ୧୪.୨ କେଜି ସିଲିଣ୍ଡର ପିଛା ଦର ୫୯୩ ଟଙ୍କା ଥିବା ବେଳେ କଲିକତାରେ ଏହା ୬୧୬ ଟଙ୍କା, ମୁମ୍ବାଇରେ ୫୯୦.୫୦ ଟଙ୍କା ଏବଂ ଚେନ୍ନାଇରେ ୬୦୬.୫୦ ଟଙ୍କା ଛୁଇଁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଉଚ୍ଚ ଟିକସ ଯୋଗୁ ତେଲ ଦର ବୃଦ୍ଧି ହେଉଥିବା ତୈଳ ବିପଣନ କମ୍ପାନୀ ଗୁଡିକ ମତ ଦେଇଛନ୍ତି। ଚଳିତ ମାସ ଜୁନ ୭ ରୁ ଆଜି ପର୍ଯ୍ୟନ୍ତ (ସୋମବାର) ଦେଶର ତେଲ ଦର ଲଗାତର ବଢ଼ିଚାଲିଛି। ତେଲ ଦର ବୃଦ୍ଧିକୁ ବିରୋଧ କରି ସୋମବାର ଜାତୀୟ କଂଗ୍ରେସ ପକ୍ଷରୁ ପଲ୍ଲୀରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ ସହ ସରକାରଙ୍କ ଲୋକମାରଣ ନୀତିକୁ ନିନ୍ଦା କରାଯିବା ସହ ରାଜ୍ୟପାଳମାନଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପିସିସି ପକ୍ଷରୁ ଦିଆଯାଇଥିଲା। ଆସନ୍ତା ବଜେଟ ଅଧିବେଶନରେ କଂଗ୍ରେସର ସମସ୍ତ ବିଧାୟକ ଓ ଏମ୍‌ପିମାନେ ସାଇକେଲରେ ଆସିବାକୁ ପାର୍ଟି ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆହ୍ୱାନ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠସାହାଯ୍ୟରୁ ଅସମ୍ଭବ କାମକୁ ସମ୍ଭବ କରାଇବାରେ ସାହାଯ୍ୟ କରିବେ। ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ପାଇ ଦୁଃଖକୁ ଲାଘବ କରିବେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ସତ୍‌ସଙ୍ଗ, ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ବୃଷ**

ବୁଧ ଅର୍ଥପ୍ରାପ୍ତିରେ ବିଳମ୍ବ ସୃଷ୍ଟି କରିବା ସହ ବନ୍ଧୁଙ୍କ ସହ କଳହର କାରଣ ହୋଇପାରନ୍ତି। ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। କ୍ରମଶଃ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁଁ ମନରେ ସରସତା ରହିବ ନାହିଁ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବାର ସୂଚନା ମିଳେ।

**ମିଥୁନ**

ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବହୁତ ବିଳମ୍ବରେ ସଫଳତା ପାଇବେ। ପିଲାମାନଙ୍କ ସମସ୍ୟାକୁ କେନ୍ଦ୍ରକରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆକସ୍ମିକ ଭାବରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କୌଣସି ସାଧାରଣ ଘଟଣାକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ।

**କର୍କଟ**

ପାପଗ୍ରହ ମଧ୍ୟ ଚନ୍ଦ୍ରଙ୍କ ଯୋଗୁ ସାମୟିକ ଅଣ୍ଡାଜନିତ ପୀଡା କର୍ମକ୍ଷେତ୍ରକୁ ନିରୁତ୍ସାହିତ କରିପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିବା ସମ୍ଭାବନା ରହିଛି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ।

**ସିଂହ**

ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ନିଜର ବିଚକ୍ଷଣତା ପ୍ରଭାବରେ ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**

ବହୁପୂର୍ବରୁ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ପରିବହନ ତଥା ଆଇନ ଅଦାଲତରୁ ସୁଫଳ ପାଇବେ। ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା**

ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମ ଗୁଡିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା**

ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ବନ୍ଧୁଗହଣରେ ଅପ୍ରିୟସତ୍ୟ କଥା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କ ମନମୁଖି ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିପାରେ। ବ୍ୟବସାୟିକ ସ୍ଥିତି ମନଲାଖି ନ ହୋଇପାରେ।

**ଧନୁ**

ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ।

**ମକର**

ସମସ୍ୟା ମଧ୍ୟରେ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ, କିନ୍ତୁ କାମ ଅଟକିବ ନାହିଁ। ପରିବାର ଭିତରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟି କରିପାରେ। ବନ୍ଧୁସମ୍ପର୍କ, ଆନୁଷ୍ଠାନିକ କାମ ଓ ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ।

**କୁମ୍ଭ**

ସରକାରୀ କାମରେ ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିର ବ୍ୟବସାୟ, ବାଣିଜ୍ୟ ପ୍ରତିବନ୍ଧକ ମୁକ୍ତ ରହିବ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଯାହା କି ଉଦ୍‌ବେଗର କାରଣ ହୋଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ**

ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। ଅଯଥା ଗୁଡାଏ ମନଗଢା ବିଷୟବସ୍ତୁକୁ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଦଶମୀ ମଙ୍ଗଳବାର,ଆଡ଼ପମଣ୍ଡପେ ଶ୍ରୀଜୀଉଙ୍କ ଶେଷ ସନ୍ଧ୍ୟାଦର୍ଶନ, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ତିରୋଧାନ ଦିବସ, ଜୁନ୍ ୩୦ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା,ମକର ରାଶିର ଘାତବାର,ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୧୪ମି. ଗତେ ଘ.୦୭.୫୩ମି.ମଧ୍ୟେ, ଘ.୦୯.୩୮ମି. ଗତେ ଘ.୧୨.୧୭ମି. ମଧ୍ୟେ, ଘ.୦୩.୪୮ମି. ଗତେ ଘ.୦୪.୪୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୬ମି. ଗତେ ଘ.୦୭.୦୯ମି. ମଧ୍ୟେ, ରାତ୍ରି ଘ.୧୨.୧୨ମି. ଗତେ ଘ.୨.୨୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୨.୫୫ମି. ଗତେ ଘ.୩.୪୭ମି. ମଧ୍ୟେ, ଘ.୪.୪୦ମି. ଗତେ ଘ.୭/୩୩ମି. ମଧ୍ୟେ, ରାତ୍ରି ଘ.୮.୩୬ମି. ଗତେ ଘ.୧୦.୦୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ. ୩.୮ମି. ଗତେ ଘ.୪.୪୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Gita College ପାଖରେ 200ft. roadକୁ ଲାଗି 60 x 40= 2400, 2ଟା ଘରବାରି plot ବିକ୍ରିହେବ। Contact- 9778928492. D-68352

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 6371569855. D-69111

**ଭୁବନେଶ୍ୱର ପିତାପଲ୍ଲୀ ଛକ NH sideରେ boundary wall, 30ft. ରାସ୍ତା ସହିତ plot ମିଳୁଛି ଏବଂ ଜଟଣୀଗେଟ୍‌ରୁ 500, ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। 6370292040.** D-69127

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633.** D-69126

ଫୁଲନଖରା ଛକ ନିକଟରେ **boundary** ହୋଇଥିବା **developed gharabari plot** କିଣନ୍ତୁ। **9937166932.** D-69317

**Bhubaneswar-Khordha NH side**ରେ **boundary wall road** ସହିତ **plot** ମିଳୁଅଛି। **6372852525.** D-69124

**GENERAL**

**SALE**

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517




Monalisa massage club : All types body massage with hiprofile smart lady rooms service available 9708545108. D-17618

Ayurvedic full body massage Ladies and Gents. Contact- 9861064981. D-69516

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294




Vastu ଅନୁସାରେ house designing construction layout A-Z solution କରିବାକୁ ଚାହୁଁଛନ୍ତି କି? Akankshya Vastu. 7978736177. D-68248

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Jharsuguda I, Bhabani Shankar Mahanta, S/o. Mohan Charan Mahanta, at present R/o. Sarbahal, Ps/ Dist. Jharsuguda declared that my wife's correct name is Sanjubala Mohanta, correct DOB is 27.06.1975. But in my Army Service record and PPO my wife's name has been mentioned as Sanjubala Mahanta and DOB is 27.05.1975. That both the names are relates to one and same person. D-37397

**4th MarriageAnniversary**



**Srikant & Moti**
Gondia, Sandapasipatana, Dhenkanal
May Shree Jagannath Mahaprabhu shower his blessings upon both of you.
**:Complements From:**
Family, Friends & Relative.
D-66866

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ସଂକ୍ଷେପରେ

### ୩ରେ କୃଷକ ମାରଣ ନୀତି ବିରୋଧରେ ଆନ୍ଦୋଳନ

ସମ୍ବଲପୁର, ୨୯।୬ (ବ୍ୟୁରୋ)- କୃଷକ ମାରଣନୀତି ବିରୋଧରେ ଜୁଲାଇ ୩ ତାରିଖରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆହ୍ୱାନରେ ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନ ହେବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ । ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ଅଫିସରେ ଆୟୋଜିତ ବୈଠକରେ ଏହା ସ୍ଥିର ହୋଇଛି। ହିନ୍ଦ୍ ମଜଦୁର ସଭା ରାଜ୍ୟ ଉପସାଧାରଣ ସମ୍ପାଦକ ଗୋକୁଳ ମେହେରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସିଟୁ ନେତା ଗଦାଧର କୁଅଁର, ମହେଶ୍ୱର ଷଣ୍ଢ, ଆଇଏନଟିୟୁସି ନେତ୍ରୀ ବବିତା ବଡପଣ୍ଡା, ଏଆଇଟିୟୁସିର ଏନ. ଗୋପାଳ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ପ୍ରଣୟ ନାୟକ, ପଶ୍ଚିମ ଓଡିଶା ଶ୍ରମିକ ମହାସଂଘର ଲଳିତ ପଟ୍ଟନାୟକ, ଭି. ରାମାରାଓ ଆଲୋଚନାରେ ଭାଗ ନେଇଥିଲେ।

### ଟ୍ରକ୍ ଚାଳକଙ୍କୁ ମାଡ଼ ମାରି ୨ ଯୁବକ ଗିରଫ



ନୂଆପଡା ଅଫିସ/କୋମନା,୨୯।୬- ନୂଆପଡ଼ା ଜିଲା କୋମନା ଥାନା ପୋଲିସ ଜଣେ ଟ୍ରକ୍ ଚାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଏମାନେ ହେଲେ ମଧ୍ୟପ୍ରଦେଶର ସନ୍ତୋଷ ସିଂ (୨୬) ଏବଂ ମହାବଳି ସିଂ(୨୨)। ପୋଲିସ କହିଛି ଯେ, ବିଶାଖାପାଟଣାରୁ ରାୟପୁର ଅଭିମୁଖେ ଯାଉଥିବା ଉକ୍ତ ଟ୍ରକ୍‌କୁ ଏମାନେ ଲିଫ୍ଟ ମାଗି ରାୟପୁର ଯିବାକୁ ଉଠିଥିଲେ। ହେଲେ କୌଣସି କାରଣକୁ ନେଇ ଡ୍ରାଇଭରଙ୍କ ସହ ଏମାନଙ୍କର ଯୁକ୍ତିତର୍କ ହୋଇଥିଲା । କୋମନା ବିଜା ଖମନ ନିକଟରେ ଟ୍ରକ୍ ଚାଳକଙ୍କୁ ଏମାନେ ମାଡ଼ ମାରି ଗାଡିରୁ ଓହ୍ଲାଇ ଯାଇଥିଲେ। ଏ ନେଇ ଗାଡି ଚାଳକ ଓ ହେଲପର କେମନା ଥାନାରେ ଆସି ଅଭିଯୋଗ କରିଥିଲେ। ଚାଳକ ଓ ହେଲପରଙ୍କୁ ପୋଲିସ ଡାକ୍ତରଖାନାରେ ଭର୍ତ୍ତି କରି ଅଭିଯୁକ୍ତଙ୍କୁ ପିଛା କରି ଧରିଥିଲା।

# ସିଏସ୍‌ଓ, ଜିଲାପାଳ ଅଫିସ ଘେରିଲେ ଚାଷୀ

**ବରଗଡ଼ ଅଫିସ୍,୨୯।୬**



ସିଏସଓ ଅଫିସରେ ଧାନ ଗଦାକରି ଚାଷୀଙ୍କ ଧାରଣା ।

- ଆନ୍ଦୋଳନ ପରେ ଚେଇଁଲା ପ୍ରଶାସନ
- ଚାଷୀଙ୍କ ଟୋକନ ଜେନେରେଟ୍ ହେଲା
- ଆଜି ଉଠିବ ମଣ୍ଡିରେ ପଡ଼ିଥିବା ଧାନ

ରବିଋତୁ ସରି ଖରିଫ ଚାଷ ଆରମ୍ଭ ହୋଇ ଗଲାଣି। ହେଲେ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲା ଚାଷୀଙ୍କ ସମସ୍ତ ଧାନକୁ କିଣାଯାଇ ପାରିନାହିଁ। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବନ୍ଦ କରି ଦିଆଯିବା ସହିତ ଚାଷୀଙ୍କ ଟୋକନକୁ ମଧ୍ୟ ଗାଏବ କରି ଦିଆଯାଇଛି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ, ସାହ୍ଲେପାଲି, ପ୍ରଧାନପାଲି ଅଞ୍ଚଳର ଚାଷୀମାନେ ଟ୍ରାକ୍ଟର ଯୋଗେ ଶତାଧିକ ପ୍ୟାକେଟ୍ ଧାନ ଧରି ବରଗଡ଼ ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀ (ସିଏସଓ)ଙ୍କ ଅଫିସକୁ ଆସିଥିଲେ ଏବଂ ସେଠାରେ ଗଦା କରି ପ୍ରତିବାଦ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରୁ ଚାଷୀମାନେ ଏଭଳି ଅଭିନବ ପ୍ରତିବାଦକୁ ଓହ୍ଲାଇ ଥିବାବେଳେ ଅପରାହ୍ନ ୪ଟାରେ ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରା ଆନ୍ଦୋଳନସ୍ଥଳକୁ ପହଞ୍ଚିଥିଲେ। ଉପରୋକ୍ତ ଗ୍ରାମ ଗୁଡ଼ିକର ୨୧୦ଜଣ ଚାଷୀଙ୍କ ଟୋକନ ପୁଣି ଜେନେରେଟ୍ ହୋଇ ସାରିଛି ଏବଂ ମଙ୍ଗଳବାର ଧାନ ଉଠାଯିବ ବୋଲି ଭେସ୍ରା ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଧାନ ଉଠିଲେ ଯାଇ ସେମାନେ ଧାରଣାରୁ ଉଠିବେ ବୋଲି ଚାଷୀମାନେ ଜିଦ୍‌ରେ ଅଟଳ ରହିବା ପରେ ରେଶମ ମଣ୍ଡିରେ ପଡ଼ିଥିବା ଧାନକୁ ଉଠାଯାଇଥିଲା। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

ସୂଚନା ଅନୁଯାୟୀ, ଗତ ମେ ୮ତାରିଖରୁ ଜିଲାରେ ରବିଋତୁ ଧାନ କିଣାବିକା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର କୃଷି ଶ୍ରମିକ ଅଭାବ, ଅବ୍ୟବସ୍ଥା, ମଣ୍ଡିକୁ ମିଲର୍ସ ନ ଆସିବା ଆଦି କାରଣ ଯୋଗୁ ଆରମ୍ଭରୁ ଧାନ ସଂଗ୍ରହ ପ୍ରକ୍ରିୟା ଶିଥିଳ ହୋଇ ପଡ଼ିଥିଲା। ସେହିପରି କାଳବୈଶାଖୀ ସହିତ ମୌସୁମୀର ଆଗମନ ଯୋଗୁ ଧାନ ସଂଗ୍ରହ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପଟେ ଚାଷୀଙ୍କ ସବୁ ଧାନ ବିକ୍ରି ହୋଇ ନ ଥିବାବେଳେ ମଣ୍ଡିରେ ଧାନ ସଂଗ୍ରହକୁ ବନ୍ଦ କରି ଦିଆଯାଇଥିଲା। ଏପରିକି ମଣ୍ଡିରେ ପଡ଼ିଥିବା ଧାନକୁ ମଧ୍ୟ ଉଠାଯାଇ ନ ଥିଲା। ଏ ନେଇ ଉପରୋକ୍ତ ଗ୍ରାମର ଚାଷୀମାନେ ଗତ କିଛିଦିନ ତଳେ ଜିଲାପାଳଙ୍କ ଅଫିସରେ ଧାରଣା ଦେଇଥିଲେ। ସେତେବେଳେ ଗତ ୨୮ତାରିଖ ସୁଦ୍ଧା ଧାନ ଉଠାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ପ୍ରତିଶ୍ରୁତି ପାଣିର ଗାର ପାଲଟିଥିଲା। ଏହାପରେ ଚାଷୀମାନେ ସୋମବାର ସିଏସ୍‌ଓ ଏବଂ ଜିଲାପାଳଙ୍କ ଅଫିସକୁ ଆସି ପ୍ରତିବାଦ କରିଥିଲେ। ଚାଷୀନେତା ନରେନ୍ଦ୍ର ଭୋଇ, ରମେଶ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆନ୍ଦୋଳନସ୍ଥଳରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ।

## ସ୍ୱାବ୍ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ବରଗଡ଼ ଅଫିସ୍,୨୯।୬**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୧୬ତାରିଖରେ ଏହି ଗ୍ରାମରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଠାରେ ସଂକ୍ରମିତଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ୪୧ରେ ପହଞ୍ଚିଛି। ବରଗଡ଼ ସହରର ଅନତିଦୂରରେ କଟାପାଲି ଗ୍ରାମ ରହିଛି। ଉକ୍ତ ଗ୍ରାମକୁ ଗତ ୧୬ତାରିଖରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲେ ସୁଦ୍ଧା ବିଭିନ୍ନ ସମୟରେ କିଛି ଲୋକ ସେହି ଗ୍ରାମରୁ ବରଗଡ଼ ସହରକୁ ଚାଲି ଆସୁଥିବା ଚର୍ଚ୍ଚା ଚାଲିଛି । ଏହି ଦୃଷ୍ଟିରୁ ବରଗଡ଼ ସହରର ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଯେଉଁମାନେ ଶରୀରରେ କରୋନା ସମ୍ପର୍କୀତ ଲକ୍ଷଣ ରହିଥିବା ଅନୁଭବ କରିବେ, ସେମାନେ ସେଠାରେ ନିଜର ସ୍ୱାବ୍ ନମୁନା ପରୀକ୍ଷା କରିପାରିବେ। ମଙ୍ଗଳବାରଠାରୁ ତିନିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍ୱାବ୍ ନମୁନା ସଂଗ୍ରହ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି ।

## ଶ୍ରମିକଙ୍କ ଜୀବିକା ସୁନିଶ୍ଚିତ ଲାଗି ଦାବିପତ୍ର ପ୍ରଦାନ

**ସଇଁତଳା,୨୯।୬ (ଡ଼ି.ଏନ.ଏ)**



ବିଡିଓ ଦେବାଶିଷ ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଲକଡ଼ାଉନ ସମୟରେ ରାଜ୍ୟ ବାହାରେ ରହୁଥିବା ଅଧିକାଂଶ ପ୍ରବାସୀ ଶ୍ରମିକ ବର୍ତ୍ତମାନ ନିଜ ଗ୍ରାମକୁ ଫେରିଆସିଛନ୍ତି। ସେମାନଙ୍କ ଜୀବିକାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏମ୍‌ଜିଏନଆରଇଜିଏସ୍‌ରେ ହେଉଥିବା କାର୍ଯ୍ୟକୁ ଶହେରୁ ୨ଶହ ଦିନ ବୃଦ୍ଧି କରିବା, ମଜୁରି ୨୦୭ ଟଙ୍କାରୁ ୨୯୮ଟଙ୍କା ବୃଦ୍ଧି କରିବା ଦାବିରେ ସୋମବାର ସଇଁତଳା ଲୋକ ଉନ୍ନତି ସଙ୍ଗଠନର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଲାଙ୍ଗୀର ଜିଲା ସଇଁତଳା ବିଡ଼ିଓ ଦେବାଶିଷ ସାମଲଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟସ୍ତରୀୟ ଲୋକ ସଙ୍ଗଠନ, ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚର ଆହ୍ୱାନ କ୍ରମେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଗ୍ରାମ ପଞ୍ଚାୟତ, ଗ୍ରାମସଭା ଓ ପଲ୍ଲୀସଭାରେ ଅନୁମୋଦିତ ପ୍ରକଳ୍ପ ସବୁକୁ ପ୍ରାଧାନ୍ୟ ଦିଆଯାଇ କାର୍ଯ୍ୟର ସୁବିଧା କରିବା, ଏମ୍‌ଜିଏନଆରଇଜିଏସ୍‌ରେ ବ୍ୟବହୃତ କୋଡ଼ି, କୋଦାଳ ଆଦି ନିମନ୍ତେ ସହାୟତା ରାଶି ପ୍ରଦାନ କରିବାପାଇଁପ୍ରତିନିଧି ଦଳଦାବିଜଣାଇଛନ୍ତି।ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନର ବ୍ଲକ ସଂଯୋଜିକା ଗୀତାଞ୍ଜଳି କୁମ୍ଭାର, ବଂଶୀଧର ସୁନାନୀ, ଭଜମନ କୁମ୍ଭାର, ସାନ୍ତରା ଭୋଇ, ବାସନ୍ତୀ ପୋଡ଼, ଲଳିତା ନାଗ, ସୁମିତ୍ରା ସାହୁ, ଛାୟା କୁମ୍ଭାର, ସରୋଜିନୀ ଖମାରୀ, ମାନସୀ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ୟାମ ମେଟାଲିକ୍ସରେ ଓଭର ଲୋଡିଂ ବନ୍ଦ, ଭଡା ବୃଦ୍ଧି ଦାବି

**ସମ୍ବଲପୁର, ୨୯।୬ (ବ୍ୟୁରୋ)**

ସମ୍ବଲପୁର ରେଙ୍ଗାଲି ସ୍ଥିତ ଶ୍ୟାମ୍ ମେଟାଲିକ୍ସରେ ଟ୍ରକରେ ଓଭର ଲୋଡିଂ ବନ୍ଦ ସହ ଡିଜେଲ ଦର ବୃଦ୍ଧି ଅନୁସାରେ ଟ୍ରକ୍ ଭଡା ବୃଦ୍ଧି କରିବା ପାଇଁ ମାଲିକ ସଂଘ ଦାବି କରିଛି। ଏହି କ୍ରମରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁସାରେ, ରେଙ୍ଗାଲି ଟ୍ରକ୍ ମାଲିକ ସଂଘ ପକ୍ଷରୁ ଜୁନ ୨୨ ତାରିଖରେ କମ୍ପାନୀ ନିକଟରେ ଦର ବୃଦ୍ଧି କରିବା ସହ ଓଭର ଲୋଡିଂ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା । ଏ ନେଇ ସେମାନେ ଜିଲା ପ୍ରଶାସନକୁ ମଧ୍ୟ ଅବଗତ କରିଥିଲେ । ଆପୋଷ ବୁଝାମଣା କରି ଏହାର ସମାଧାନ କରାଯିବ ବୋଲି ସଂଘକୁ ସେ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଓ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ବର୍ତ୍ତମାନ ସମୟରେ ଡିଜେଲ ଦର ଯେଭଳି ଭାବେ ବୃଦ୍ଧି ପାଇଛି ଭଡା ବୃଦ୍ଧି ନ ହେଲେ ଗାଡିର ମରାମତି ଖର୍ଚ୍ଚ, ବ୍ୟାଙ୍କ ଋଣ ପରିଶୋଧ କରିବା କଷ୍ଟକର ହେଉଛି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ରୁଦ୍ରପ୍ରତାପ ମେହେର, ପ୍ରତିମା ମେହେର, ପ୍ରଶାନ୍ତ ଦାଶ, ଦେବବ୍ରତ ମିଶ୍ର, ଜଗନ୍ନାଥ ତାଣ୍ଡେକର, ଜ୍ୟୋତିର୍ମୟ ସାହୁ ପ୍ରମୁଖ ଦାବି କରିଛନ୍ତି ।

## ତାଲିକାରେ ନାଁ ଅଛି, ମିଳୁନି ପ୍ରଧାନମନ୍ତ୍ରୀ ଆବାସ

**ଅମରପାଲି, ୨୯।୬ (ଡି.ଏନ.ଏ.)**



ନିଜ ଭଙ୍ଗା ଘର ସାମନାରେ ସମାରୁ ।

ସରକାର ବାସହୀନ ଓ ଗରିବଙ୍କ ପାଇଁ ଘର ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଓ ମୋ କୁଡିଆ ଭଳି ଯୋଜନା କରିଛନ୍ତି । ମାତ୍ର ଅନେକ ସ୍ଥାନରେ ଯୋଗ୍ୟ ହିତାଧିକାରୀମାନେ ଏଥିରୁ ବାଦ୍ ପଡୁଥିବା ଦେଖିବାକୁ ମିଳୁଛି। ଘର ପାଇବା ପାଇଁ ପଞ୍ଚାୟତ ପକ୍ଷରୁ ଦିଆଯାଇଥିବା ତାଲିକାରେ ନାମ ଥିଲେ ମଧ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ କୁହିଦାଦର ଗ୍ରାମର ସମାରୁ ମାହାର ନାମକ ଜଣେ ହିତାଧିକାରୀ ଆବାସ ନ ପାଇ ଏବେ ହଇରାଣ ହେଉଛନ୍ତି ।

ସୂଚନା ଅନୁସାରେ, ସମାରୁ ଗରିବ ଶ୍ରେଣୀର ଏବଂ ୭ଜଣଙ୍କୁ ନେଇ ତାଙ୍କ ପରିବାର। ଘର କହିଲେ ମାଟି ଓ ନଡା ଘର ଖଣ୍ଡେ। ଗୋଟିଏ କୋଠରୀରେ ସମସ୍ତେ ରହୁଛନ୍ତି। ଆବାସ ଯୋଜନାରେ ସାମିଲ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ତାଙ୍କୁ ଘର ମିଳିପାରୁ ନାହିଁ। ସମାରୁଙ୍କ ଘର ବହଳପଦର ପଞ୍ଚାୟତର କୁହିଦାଦର ଗ୍ରାମରେ ହୋଇଥିବା ବେଳେ ତାଙ୍କ ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ରରେ ଦୁର୍ଜନଟେଲା ପଞ୍ଚାୟତ ବୋଲି ଉଲ୍ଲେଖ ରହିଛି । ସମାରୁ ଘର ଖଣ୍ଡିକ ପାଇଁ ଉଭୟ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳୁଛି। ଏପରିକି ତାଙ୍କ ନାମ ବହଳପଦର ପଞ୍ଚାୟତ ତାଲିକାରେ ନାମ ରହିଛି । ମାତ୍ର ତାଙ୍କୁ ଘର ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ବହଳପଦର ନିର୍ବାହୀ ଅଧିକାରୀ ଅକ୍ଷୟ ଭୋଇଙ୍କୁ ପଚାରିବାରୁ ତାଙ୍କ ନାମ ତାଲିକାରେ ଅଛି। ଖୁବ୍‌ଶୀଘ୍ର ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ଦାବି ହେଉଛି।

## ଜୁଲାଇ ୨ ଧର୍ମଘଟରେ ସାମିଲ ନ ହେବାକୁ କହିଲେ ଏମ୍‌ସିଏଲ୍ ଅଧ୍ୟକ୍ଷ

**ସମ୍ବଲପୁର, ୨୯।୬ (ବ୍ୟୁରୋ)**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ବିଭିନ୍ନ ଦାବିରେ ଜୁଲାଇ ୨ରୁ ତିନିଦିନିଆ ଧର୍ମଘଟ କରିବାକୁ ଆହ୍ୱାନ ଦେଇଛି । ଏହି ଧର୍ମଘଟରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ)ର କର୍ମଚାରୀ ଓ ଶ୍ରମିକ ସଙ୍ଗଠନ ସାମିଲ ନ ହେବାକୁ ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ନିବେଦନ କରିଛନ୍ତି। ସେ ଏକ ପ୍ରେସ ବିବୃତିରେ କହିଛନ୍ତି, ଶ୍ରମିକ ସଙ୍ଗଠନ ଓ କର୍ମଚାରୀମାନେ କମ୍ପାନୀକୁ ସହଯୋଗ କଲେ ରାଷ୍ଟ୍ରର ହିତ ହେବ। ଏମସିଏଲକୁ ଆବଣ୍ଟିତ ହୋଇଥିବା କୌଣସି କୋଇଲା ବ୍ଲକ ନିଲାମ ହୋଇନାହିଁ। ସମ୍ପ୍ରତି କମ୍ପାନୀରେ ୪୮ଟି କୋଇଲା ବ୍ଲକ ଅଛି। ଯାହାକି ୨୯ ହଜାର ୧ଶହ ମେଟ୍ରିକ ଟନ୍ କୋଇଲା ଉତ୍ପାଦନ କରିପାରିବ। ଆଗକୁ ୧ଶହ ବର୍ଷ ପର୍ଯ୍ୟନ୍ତ ଥର୍ମାଲ କୋଇଲା ଆବଶ୍ୟକତା ମଧ୍ୟ ପୂରଣ କରିପାରିବ। ୨୦୨୩-୨୪ ମସିହା ପର୍ଯ୍ୟନ୍ତ ୨୬୩ ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ହେବ। ସେହିପରି ଚଳିତ ଆର୍ଥିକ ବର୍ଷରେ ୧୭୩ ମିଲିୟନ ଟନ୍ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରହିଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଉତ୍ପାଦନ ସମସ୍ୟା ହେଲେ ତାହା କମ୍ପାନୀର ହିତ ହେବ ନାହିଁ । ଏହାକୁ ଦୃଷ୍ଟିରେ ରଖି କର୍ମଚାରୀ ଓ ଶ୍ରମିକ ସଙ୍ଗଠନ ଏମ୍‌ସିଏଲକୁ ସହଯୋଗ କରିବା ଜରୁରୀ ବୋଲି ଶୁକ୍ଳା କହିଛନ୍ତି।

## ଅଙ୍ଗନୱାଡ଼ି, ଆଶାକର୍ମୀଙ୍କ ସମେତ ୧୦ଜଣଙ୍କୁ କରୋନା

**ବରଗଡ଼ ଅଫିସ୍,୨୯।୬**

ବରଗଡ଼ ଜିଲାରେ କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ବଢ଼ି ଚାଲିଛି । ଜିଲାର ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ପୁଣି ୧୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୩ ଅଙ୍ଗନୱାଡ଼ି କର୍ମୀ ଏବଂ ଜଣେ ଆଶାକର୍ମୀ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ବରଗଡ଼ର କୋଭିଡ୍ ହସ୍‌ପିଟାଲ, କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। କଟାପାଲିରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୪୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସୂଚନା ଦିଆଯାଇଛି। ସେହିପରି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୫୦ଜଣ ଆରୋଗ୍ୟ ଲାଭ କରିଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୪୬ଜଣ ଆକ୍ଟିଭ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ପଞ୍ଚାୟତ ୭୨ ଘଣ୍ଟା ଶଟ୍ ଡାଉନ୍

**ବରଗଡ଼ ଅଫିସ୍,୨୯।୬**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ କରୋନା ସଂକ୍ରମଣ ଚିନ୍ତା ବଢ଼ାଇ ଦେଇଛି। ଏହି ଗ୍ରାମରେ କେବଳ ୪୧ଜଣ ସଂକ୍ରମିତ ଚିହ୍ନଟ ହୋଇସାରି ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ସଂକ୍ରମଣ ପଡ଼ୋଶୀ ଗ୍ରାମକୁ ବ୍ୟାପିବା ଆଶଙ୍କା ଥିବାରୁ ସ୍ଥାନୀୟ ସରପଞ୍ଚମାନେ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଆଗୁଆ ପଦକ୍ଷେପ ସ୍ୱରୂପ ନିଜ ପଞ୍ଚାୟତ ଗୁଡ଼ିକୁ ସୋମବାର ମଧ୍ୟାହ୍ନ ୧୨ଟାରୁ ୭୨ଘଣ୍ଟା ପାଇଁ ଶଟ୍ ଡାଉନ୍ ଘୋଷଣା କରିଛନ୍ତି। ଏହି କ୍ରମରେ କଟାପାଲିର ପଡ଼ୋଶୀ ୩ଟି ପଞ୍ଚାୟତ ବରଗାଁ, ବରଡ଼ୋଲ ଏବଂ ଭଟଲି ବ୍ଲକ ଅନ୍ତର୍ଗତ କମଗାଁକୁ ଶଟ୍ ଡାଉନ୍ କରାଯାଇଛି । ଏହି ଶଟ୍ ଡାଉନ୍ କଟକଣା ଆସନ୍ତା ଜୁଲାଇ ୨ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ବରଗାଁ ସରପଞ୍ଚ ରଞ୍ଜିତା ଖମାରୀ, କମଗାଁ ସରପଞ୍ଚ ହୃଦାନନ୍ଦ ଖମାରୀ ଏବଂ ବରଡ଼ୋଲ ସରପଞ୍ଚ ଶରଦ କୁମାର ଅଦାବର ସ୍ୱତନ୍ତ୍ର ବିଜ୍ଞପ୍ତିରେ ଘୋଷଣା କରିଛନ୍ତି ।

**LEPRA SOCIETY**
**QUOTATION CALL NOTICE**
Sealed quotations are invited from interested parties for Tile fixing Work (Total 1800 Sq.ft.), Aluminium Sliding Window work (192 Sq.ft.), Ceiling Work (1800 Sq.ft.) & Iron Grill (480 Kg.) at the Roof of MNC-LEPRA Society Building. Interested parties may visit Hospital Campus regarding work details between 11 A.M. to 5 P.M. on any working day. Submit of quotations on or before 05.07.2020 to "Finance & Administration Dept., Mahanadi Netra Chikitsalaya, Lepra Society, Pandapalli, Birmahrajpur, Odisha, PIN - 767018, Tel.: 9437165654.

**ତହସିଲ କାର୍ଯ୍ୟାଳୟ, ସୋହେଲା, ଜି.- ବରଗଡ଼**
ବିଜ୍ଞାପନ ସଂଖ୍ୟା: ୯୭୬ ତା୨୬।୦୬।୨୦୨୦
**(ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର)**
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସୋହେଲା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡ଼ିକ OMMC Rules - 2016 ମୁତାବକ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules - 2016ରେ ପ୍ରଦତ୍ତ (Form-M) ରେ ୩(ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ୍ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର, ସୋହେଲାଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/Regd. Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା୨୨।୦୭।୨୦୨୦ରିଖ ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ। ତା୨୩।୦୭।୨୦୨୦ରିଖ ଦିବା ୧୨.୦୦ଘ. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ। ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। ଯେଉଁ ଉତ୍ସଗୁଡ଼ିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବା କିମ୍ବା ଲିଜ୍ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ନିମନ୍ତେ ଯଥାକ୍ରମେ ତା୩୦।୦୭।୨୦୨୦ରିଖ ଓ ତା୧୦।୦୮।୨୦୨୦ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୦୩.୩୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡ଼ିକୁ ତନଖି କରାଯିବ। ଏହାର ସବିଶେଷ ବିବରଣୀ ଜିଲ୍ଲା Website (www.bargarh.nic.in)ରେ ଉପଲବ୍ଧ। ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡ଼ିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟ ଦିବସରେ ମଧ ଦେଖିପାରିବେ।
ସ୍ୱା./- ତହସିଲଦାର, ସୋହେଲା

Government of Odisha
**OFFICE OF SPECIAL RELIEF COMMISSIONER**
No. 3713/R&DM(DM) Date: 25.06.2020
RDM-RLF-ESTT-0020-2020
**QUOTATION**
No. F-15: Quotation is hereby invited from the Registered Firms/outsourcing agencies for deployment of manpower in State Emergency Operation Centre as Communication Support Staff in the Special Relief Establishment, Revenue & DM Department Odisha for a period of one year i.e. from 01.08.2020 to 31.07.2021.
The intending firms/outsourcing agencies may submit quotation along with other supporting documents to the office of the Special Relief Commissioner, Rajiv Bhawan, Bhubaneswar latest by date 10.07.2020 (5.00 P.M.) through Registered Post/ Speed Post.
The prescribed quotation is available in the website **www.odisha.gov.in** (link: **http://odisha.gov.in/tender & http://srcodisha.nic.in (http://srcodisha.nic.in/tender.php).**
The authority reserves every right to reject all or any of the tender without assigning/any reason thereof.
**Joint Secretary to Government**
**OIPR-24003/11/0001/2021**

**OFFICE OF THE DIRECTOR**
**ACHARYA HARIHAR POST GRADUATE INSTITUTE OF CANCER, CUTTACK**
Tender Notice No. 2824 Dated: 26.06.2020
S-35/15-20
No. E-86: Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack-753007 for supply of various items on rate contract basis for the period of one year. The bid document and all details can only be downloaded from the website of AHPGIC, **www.ahrcc.in** on payment of Rs.2000.00 (Non-refundable) in shape of DD in favour of ACHARYA HARIHAR REGIONAL CANCER CENTRE, CUTTACK.
The tender schedule dates are as mentioned below:

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by Speed Post/ Registered Post) | 29.07.2020 at 4.00 P.M. |
| 2 | Date and time of pre-bid meeting | 08.07.2020 at 3.00 P.M. |
| 3 | Date & time of opening of commercial bid (in presence of bidders/their authorized agents) | 30.07.2020 at 3.00 P.M. |
| 4 | Date of opening of price bid | To be informed to qualified bidders |
| 5 | Method of submission of tender | By Speed Post/Regd. Post |

The authority reserves the right to accept/reject any/all bids without assigning any reasons thereof.
N.B.: In case any modifications/corrections are made to the original tender document after the pre-bid meeting, it will be update in the website of AHPGIC only and no Corrigendum in this regard shall be published in newspapers.
**Sd./- Director**
**OIPR-10052/11/0005/2021**

**QUOTATIONS FOR AUCTION** are invited for Water Soaked Stock (Pre-from Bottle, Finished Bottle, Bottle Cap, level etc.) in "as it is wehre it is" basis lying at M/s. Laxmi Beverages, At- Gramadiha, Pitapalli, Khordha - 752054. Contact Person Mr. Tushar Kanta Pattanaik, Mobile No. - 7978403343. The water affected stock can be inspected between 11 A.M. to 6 P.M. upto 08.07.2020. The quotation should reach latest by 12.07.2020 in a sealed envelope written as "Quotation for Water affected stock" to above by Speed Post.

**INTEGRATED TRIBAL DEVELOPMENT AGENCY, NABARANGPUR**
No. 2891/2020 Date: 29.06.2020
**QUOTATION CALL NOTICE No. 01/2020-21**
Sealed quotations in plain paper are invited from the authorized dealers/manufacturers/reputed suppliers/specific manufacturer for the supply of "2 Nos. of Combine Harvester machines" as per the specification given on website. The details of the Quotation Call Notice are available in the district website **http://nabarangpur.nic.in** from **04.00 P.M. of 29.06.2020 to 08.07.2020 upto 11.00 A.M**. The bids shall be received in Regd. Post/Speed Post only on or before 08.07.2020 upto 11.00 A.M. and will be opened on **08.07.2020 at 01.00 P.M.** in this office in presence of the bidders or their authorized agents.
**Sd./- P.A., ITDA, Nabarangpur**

**ତହସିଲଦାର ଗଁଦିଆଙ୍କ କାର୍ଯ୍ୟାଳୟ**
ସଂଖ୍ୟା: ୨୦୮୧ ତାରିଖ: ୨୯।୦୬।୨୦୨୦
**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**
No. F-16: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଗଁଦିଆ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ (from the year 2020-21 to 2024-25) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ଗଁଦିଆଙ୍କ ଦ୍ୱାରା ତା୨୨।୦୭।୨୦୨୦, ୨୯।୦୭।୨୦୨୦ ଓ ତା୦୬।୦୮।୨୦୨୦ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ। ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in**ରେ ଉପଲବ୍ଧ ହେବ।
ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।
ଲିଜ୍ ଗ୍ରହଣ କରିବାପାଇଁ ଦରଖାସ୍ତଗୁଡ଼ିକରେ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା୨୧।୦୭।୨୦୨୦, ୨୮।୦୭।୨୦୨୦ ଓ ତା୦୫।୦୮।୨୦୨୦ ତାରିଖ, ଅପରାହ୍ନ ୫ଟା ସୁଦ୍ଧା ଗ୍ରହଣ କରାଯିବ। ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ।
ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।
ସ୍ୱା./- ତହସିଲଦାର, ଗଁଦିଆ
**OIPR-24084/11/0001/2021**

ଧରିତ୍ରୀ
DHARITRI
ମଙ୍ଗଳବାର, ୩୦ ଜୁନ୍ ୨୦୨୦

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! -ଶ୍ରୀଅରବିନ୍ଦ



# ବିରୋଧୀ ବଧ

ବିରୋଧୀ ଦଳର ଧର୍ମ ହେଲା ସରକାରଙ୍କ ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣିବା। ପ୍ରତ୍ୟେକ କଥାରେ ବିରୋଧୀ ବିରୋଧ କରିବା ଦରକାର। ଗଣତାନ୍ତ୍ରିକ ସରକାରର କର୍ତ୍ତବ୍ୟ ହେଉଛି ସେହି ବିରୋଧକୁ ସାମ୍ନା କରିବା ଓ ନିଜ ଦୋଷ ତ୍ରୁଟିକୁ ସୁଧାରିବା। ଏଥିସହିତ ନିର୍ଭୁଲ କାର୍ଯ୍ୟାବଳୀ ସୃଷ୍ଟି କରି ବିରୋଧୀ ଆଣିଥିବା ଦୋଷାରୋପକୁ ସଫାଇ ଜନସାଧାରଣଙ୍କ ଆଗରେ ତାହାକୁ ଉପସ୍ଥାପନ କରିବା। ଦେଖାଯାଉଛି ସରକାରୀ ଦଳ ଅନେକ ସମୟରେ ନିଜ ଛିଦ୍ରରେ ଅଟକି ରହି ଭୁଲକୁ ଠିକ୍ ପ୍ରମାଣିତ କରୁଛି, ଯାହା ଜଟିଳ ପରିସ୍ଥିତି ଉପୁଯାଉଛି। ଶାସକମାନେ ନିଜ ଦୋଷତ୍ରୁଟି ଲୁଚାଇବାକୁ ଯାଇ ପ୍ରସଙ୍ଗ ଭିନ୍ନ କରିଦେଉଛନ୍ତି। ଏମିତି ଦେଖିଲେ ଅନେକ ଲୋକଙ୍କ ସ୍ମରଣଶକ୍ତି କ୍ଷୀଣ ଥିବାରୁ ପୁରୁଣା ଘଟଣାକୁ ତତ୍କ୍ଷଣାତ୍ ପାସୋରି ଦେଇଥାଆନ୍ତି।

ଭାରତର ସାମ୍ପ୍ରତିକ ପରିସ୍ଥିତିରେ ଦେଖିଲେ ଲଦାଖର ଗଲୱାନ ଉପତ୍ୟକାରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ୨୦ ଭାରତୀୟ ଯବାନଙ୍କୁ ମାରିଦେବା ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଦୁଇ ଦିନର ନୀରବତା ପରେ ଅସ୍ୱାଭାବିକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଜଣାଇଥିଲେ ଯେ, ଚାଇନା ପଟୁ କେହି ଭାରତକୁ ପ୍ରବେଶ କରି ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି କଥା ବିରୋଧୀଙ୍କୁ ସମାଲୋଚନା କରିବା ଲାଗି ସବୁ ଖୋରାକ ଯୋଗାଇଥିଲା। ସେମାନେ ଅଭିଯୋଗ କରିଥିଲେ, ଯଦି ଚାଇନା ପଟୁ କେହି ଭାରତ ମଧ୍ୟକୁ ପ୍ରବେଶ କରି ନ ଥିଲେ ତାହା ହେଲେ ୨୦ ଭାରତୀୟ ଯବାନ କାହିଁକି ଶହୀଦ ହେଲେ। ବିରୋଧୀଙ୍କ ଅକାଟ୍ୟ ଯୁକ୍ତି ଯୋଗୁ ଶାସକ ଦଳ ଅଡୁଆରେ ପଡ଼ିଥିଲା। କୌଣସି ପ୍ରକାରେ ପ୍ରସଙ୍ଗ ଭିନ୍ନ କରିବାକୁ ଯାଇ ଭାଜପା ପକ୍ଷରୁ ଅଭିଯୋଗ କରାଗଲା ଯେ, ମନମୋହନ ସିଂଙ୍କ ୟୁପିଏ ସରକାର ଅମଳରେ ରାଜୀବ ଗାନ୍ଧୀ ଫାଉଣ୍ଡେଶନକୁ ଚାଇନା ପାଣ୍ଠି ଯୋଗାଇଥିଲା। ଏହାର ଜବାବ ଦେବାକୁ ଯାଇ କଂଗ୍ରେସର ଜଣେ ନେତା କହିଛନ୍ତି ଯେ, ଚାଇନା ତରଫରୁ ପିଏମ୍-କେୟାର୍ସ ପାଣ୍ଠିକୁ ବିପୁଳ ଅର୍ଥ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତରେ କରୋନା ଭୂତାଣୁ ସଂକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମାର୍ଚ୍ଚ ୨୮ରେ ପିଏମ୍-କେୟାର୍ସ ଫଣ୍ଡ ଗଠନ କରିଥିଲେ। କରୋନା ଏବଂ ଭବିଷ୍ୟତରେ ଅନୁରୂପ ମହାମାରୀ ଭଳି ସ୍ଥିତିର ମୁକାବିଲା ଓ ସହାୟତା ସକାଶେ ଏହି ପାଣ୍ଠି ସୃଷ୍ଟି କରାଗଲା ବୋଲି କୁହାଗଲା। ସେଥିରେ ମୂଳରୁ ବ୍ୟବସ୍ଥା ରଖାଗଲା ଯେ ତାହାର କୌଣସି ଯାଞ୍ଚ କରାଯିବ ନାହିଁ ଏବଂ ଉକ୍ତ ପାଣ୍ଠି ସୂଚନା ଅଧିକାର (ଆର୍‌ଟିଆଇ) ଅଧୀନ ହେବ ନାହିଁ। ଅର୍ଥାତ୍ ତାହା ସମ୍ପୂର୍ଣ୍ଣ ଭାବେ ଏକ ଗୋପନୀୟ ପାଣ୍ଠି ହୋଇ ରହିଗଲା। ମନେରଖିବାକୁ ହେବ ଯେ ଭାରତରେ ପୂର୍ବରୁ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡ ନାମରେ ଥିବା ବ୍ୟବସ୍ଥାକୁ ଖୋଦ୍ ମୋଦି ଭାଙ୍ଗିଦେଲେ। ମୋଦି ସରକାର ୨୦୧୪ରେ କ୍ଷମତାକୁ ଆସିବା ପରେ ସର୍ବଦା ସ୍ୱଚ୍ଛତା କଥା କହିଆସୁଛନ୍ତି। କିନ୍ତୁ ତାଙ୍କର ପ୍ରତ୍ୟେକ ପଦକ୍ଷେପକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ସବୁକ୍ଷେତ୍ରରେ ସ୍ୱଚ୍ଛତାମାରଣ ନୀତି ଅବଲମ୍ବନ କରୁଛି। ଏପରିକି ଆର୍‌ଟିଆଇ ଆଇନକୁ ପାଣିଚିଆ କରିବା ପାଇଁ ମୋଦି ସରକାରଙ୍କ ତରଫରୁ ବାରମ୍ବାର ଉଦ୍ୟମ କରାଯାଇ ଆସିଛି।

ବିବାଦୀୟ ଚାଇନା କମ୍ପାନୀ ହ୍ୱାଉଇରୁ ପ୍ରଧାନମନ୍ତ୍ରୀ ୭ କୋଟି ଟଙ୍କା ଗ୍ରହଣ କରିଥିବାର ଅଭିଯୋଗ ହେଉଛି। ଏହି କମ୍ପାନୀ ବିବାଦୀୟ ହେବା ପଛରେ ଲମ୍ବା ଇତିହାସ ରହିଛି। ଚାଇନା ସରକାର ଦ୍ୱାରା ପ୍ରୋତ୍ସାହିତ ଏହି କମ୍ପାନୀ ଏବେ ପୃଥିବୀବ୍ୟାପୀ ୫ଜି ପ୍ରଯୁକ୍ତିବିଦ୍ୟାର

## ତଥାଗତ ସତପଥୀ

ଜ୍ଞାନକୌଶଳକୁ ବିକ୍ରି କରିବାକୁ ଚାହୁଁଛି। ମୋବାଇଲ୍ ଫୋନ୍‌ର ଅଗ୍ରଗତିରେ ୫ଜିର ଗୁରୁତ୍ୱ ବୃଦ୍ଧି ପାଉଛି। ତେବେ ଏହି କମ୍ପାନୀ ଚାଇନା ପାଇଁ ଗୁଇନ୍ଦା କାର୍ଯ୍ୟ କରୁଛି ବୋଲି ଦାବିକରି ଆମେରିକା ହ୍ୱାଉଇର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ କରାଇଦେଇଛି। ଆମେରିକାର ଏହି ପଦକ୍ଷେପ ପରେ ହ୍ୱାଉଇର ଉଚ୍ଚପଦସ୍ଥ କର୍ମଚାରୀଙ୍କୁ କାନାଡ଼ାରେ ଗିରଫ କରାଯାଇ ଜାମିନ ଦିଆଯାଇ ନ ଥିଲା। ଏହିଭଳି ଗୁଇନ୍ଦା କାର୍ଯ୍ୟ କରୁଥିବା କମ୍ପାନୀ ଆମ ଦେଶର ଟେଲିକମ୍ କ୍ଷେତ୍ରରେ ପ୍ରବେଶ କରିବାକୁ ଅତ୍ୟଧିକ ଆଗ୍ରହୀ ବୋଲି ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ ବିପୁଳ ଅର୍ଥ ଦେଇଛି ବୋଲି ଅଭିଯୋଗ ହୋଇଛି। ଅବଶ୍ୟ ଏହାର ସତ୍ୟାସତ୍ୟ ଏହି ସରକାର ସମୟରେ ବାହାରିବା କଷ୍ଟକର। ୨ଜି କିମ୍ବା କୋଇଲା ଖଣି ସମ୍ପର୍କରେ ଅନେକ ଅଭିଯୋଗ ପୂର୍ବରୁ ହୋଇଥିଲା। କଚେରିରେ ମାମଲା ମଧ୍ୟ ଦାଏର ହୋଇଥିଲା। ଶେଷରେ ଅତି ପାରଙ୍ଗମ ସିବିଆଇ ଦ୍ୱାରା ଅଭିଯୋଗପତ୍ର (ଚାର୍ଜଶିଟ୍) ଦାଖଲ କରାଯାଇ ନ ଥିବାରୁ ଆଜି ଦେଶବାସୀ ସେହି ବିରାଟକାୟ ଦୁର୍ନୀତିକୁ ଭୁଲିଗଲେଣି। ତାହା କେବଳ ଭାଜପାର ନିର୍ବାଚନୀ ପ୍ରଚାର ଥିଲା ବୋଲି ବୁଝାପଡୁଛି। ଅନୁରୂପ ଭାବେ ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡ ସମ୍ପର୍କରେ ଶୁଣାଯାଉଥିବା ପ୍ରତ୍ୟେକ ଅଭିଯୋଗ ଯଦି ସତ୍ୟ ହୋଇଥାଏ, ତା'ହେଲେ ତାହାର ମଧ୍ୟ କୌଣସି ପ୍ରମାଣ ମିଳିବା କେବେ ହେଲେ ସମ୍ଭବପର ହେବ ନାହିଁ। ଅର୍ଥାତ୍ ଦୁର୍ନୀତି ପରେ ଦୁର୍ନୀତି ଲାଗିରହିଛି, ଦେଶବାସୀ ସବୁ ବୋଝ ସହି କ୍ଷଣିକ ପାଇଁ ବିଚଳିତ ହୋଇ ରାଜନୈତିକ ନିଷ୍ପତ୍ତି ନେଇଯାଉଛନ୍ତି। ଯେତେବେଳେ ଏବେକାର ଚାଇନା ଆକ୍ରମଣ ସମ୍ପର୍କରେ ଆଲୋଚନା ଆରମ୍ଭ ହେଉଛି ସେତେବେଳେ 'ଆକ୍ସାଇ ଚୀନ୍' କିମ୍ବା ଜବାହରଲାଲ୍ ନେହେରୁଙ୍କ ପ୍ରସଙ୍ଗ ଉଠାଯାଉଛି। ଏଭଳି କରାଯିବା ଫଳରେ ମନେହେଉଛି ଯେପରି ଦେଶର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ରାଜନୈତିକ ଫାଇଦା ଉଠାଇବା ଆଜିର ସରକାର ପାଇଁ ଅଧିକ ଗୁରୁତ୍ୱ ଧାରଣ କରୁଛି।

ଏଭଳି ପରିସ୍ଥିତିକୁ ଦେଖିଲେ ସ୍ପଷ୍ଟ ବୁଝାପଡ଼େ ଯେ ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ସୃଷ୍ଟି କରିବାକୁ ହେଲେ ଜନସାଧାରଣଙ୍କୁ ନିଜଆଡୁ ବିରୋଧୀଙ୍କୁ ଶକ୍ତିଶାଳୀ କରିବାକୁ ପଡ଼ିବ। ଭାରତୀୟଙ୍କ ପାଇଁ ଏହା ଅତ୍ୟନ୍ତ କଷ୍ଟକର। ଦୀର୍ଘକାଳ ଧରି ରାଜରାଜୁଡ଼ାଙ୍କ ଶାସନ କାଳରେ ସାମନ୍ତବାଦୀ ଚିନ୍ତାଧାରାରେ ଆମର ଡିଏନ୍ଏ ଗଢ଼ିଉଠିଛି। ଅତ୍ୟାଚାରୀ ରାଜାଙ୍କ ବିଲୋପ ପରେ ଅମାନୁଷିକ ବିଦେଶୀ ଶାସକ ଦୀର୍ଘକାଳ ଧରି ଶାସନ କରିବା ଫଳରେ ଭାରତୀୟଙ୍କ ମାନସିକତାରେ ବିରୋଧ ମନୋଭାବ ପ୍ରତି ସହାନୁଭୂତି ରହେନାହିଁ। ଭିନ୍ନ ମତକୁ ପସନ୍ଦ ବା ସ୍ୱୀକାର କରିବା ଆମ ରକ୍ତରେ ନ ଥିବାରୁ ଆଜି ଆମେ ଗରିବ ଓ ଅସହାୟ ପ୍ରଜା ଭାବେ ନିଜକୁ ଦେଖୁଛୁ।

## ୨୫ ବର୍ଷ ତଳର ଧରିତ୍ରୀ

ୠ ଜୁନ୍ ୧୯୯୫

- ଶ୍ରୀଲଙ୍କାର ଉତ୍ତରାଞ୍ଚଳର ସରକାରୀ ସେନା ଓ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଘଟିବା ଫଳରେ ୧୭୭ ଜଣ ନିହତ।
- ଜାପାନକୁ ଆମେରିକୀୟ କାର୍ କେଯାଗାଣ ନେଇ ଆମେରିକାର ବାଣିଜ୍ୟ ପ୍ରତିନିଧି ମିକି କ୍ୟାଣ୍ଟର ଏବଂ ଜାପାନ ବାଣିଜ୍ୟ ମନ୍ତ୍ରୀ ରୁଟାରୋ ହାସିମୋତେଙ୍କ ନେତୃତ୍ୱରେ ଏକ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | D | | 6 | | | | | | | 5 | |
| | 8 | | 2 | | | | | | A | C | | 7 | | |
| | | 6 | C | 7 | E | | | | | B | 3 | | | |
| | | D | | | | | | 7 | | 8 | | | 0 | C |
| | | 7 | | 8 | | | | | 4 | | D | | E | |
| | 7 | | 5 | | | | | | | | 4 | 3 | | |
| 4 | B | | | E | | | 5 | 9 | 2 | | | C | 1 | |
| C | | | | 6 | | | | | | 7 | | | | |
| 9 | | 3 | | 2 | | | 1 | | 0 | | C | A | | B |
| A | 1 | 5 | | | | C | | 4 | | | | | 9 | E |
| 0 | D | B | | | | | | C | | A | | | | |
| 8 | | | B | 1 | | 0 | | | | | | | | 5 |
| | 3 | | A | C | | | | | | 0 | 9 | | 8 | D |
| | | | | | | 3 | | | | | | | 4 | 9 |
| | A | | | | 7 | | | D | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 8 | E | 5 | D | 0 | 6 | 7 | A | 1 | C | 2 | 4 | 9 |
| 0 | 6 | C | 9 | 4 | 2 | A | 1 | 5 | E | 3 | D | B | 7 | 8 |
| E | D | 2 | 6 | 7 | B | 3 | 4 | C | 8 | 9 | 5 | A | 1 | 0 |
| 7 | 5 | 9 | A | 1 | C | D | 2 | 8 | 0 | 4 | B | 6 | E | 3 |
| 1 | 4 | A | 8 | 0 | 3 | 9 | E | B | 7 | 6 | 2 | C | D | 5 |
| 4 | C | 0 | 7 | 2 | E | 8 | D | A | 9 | 5 | 1 | 3 | B | 6 |
| 5 | A | 3 | 1 | B | 8 | 2 | C | 6 | 4 | 7 | 0 | D | 9 | E |
| D | 9 | 6 | 0 | A | 5 | 1 | B | 4 | 3 | C | E | 8 | 2 | 7 |
| B | 7 | E | 4 | D | 9 | 5 | 3 | 0 | 6 | 2 | 8 | 1 | C | A |
| 8 | 2 | 1 | C | 3 | 6 | E | 7 | 9 | D | B | A | 5 | 0 | 4 |
| 2 | 3 | 4 | 5 | 9 | 1 | 7 | A | E | C | D | 6 | 0 | 8 | B |
| C | 1 | 7 | D | 6 | 0 | 4 | 5 | 3 | B | 8 | 9 | E | A | 2 |
| 6 | E | D | 2 | 8 | A | B | 9 | 1 | 5 | 0 | 4 | 7 | 3 | C |
| A | 0 | B | 3 | C | 4 | 6 | 8 | D | 2 | E | 7 | 9 | 5 | 1 |
| 9 | 8 | 5 | B | E | 7 | C | 0 | 2 | 1 | A | 3 | 4 | 6 | D |

ଗତକାଲିର ଉତ୍ତର

# ବିଦ୍ୟାଳୟ ପାଠ୍ୟକ୍ରମରେ ହାପିନେସ୍ କ୍ଲାସ୍



ଡ. ପବିତ୍ର ସୁବୁଦ୍ଧି

ପ୍ରଖ୍ୟାତ ଲେଖକ ଡାଭିଡ ସ୍ବାର୍ଜ୍ ଥରେ ତାଙ୍କର ଛଅ ବର୍ଷର ପୁଅକୁ ପଚାରିଲେ- ତୁମେ ବଡ଼ ହେଲେ କ'ଣ କରିବ? ପୁଅ କାଳବିଳମ୍ବ ନ କରି ଉତ୍ତର ଦେଲା- ପ୍ରଫେସର ହେବି। ଡାଭିଡ୍ ପୁଣି ପଚାରିଲେ- ତୁମେ କେଉଁ ବିଷୟରେ ପ୍ରଫେସର ହେବ? ପୁଅ ତତ୍କାଳ ଉତ୍ତର ଦେଲା- 'ପ୍ରଫେସର ଅଫ୍ ହାପିନେସ୍।' କିଛି କ୍ଷଣ ପାଇଁ ସ୍ତବ୍ଧ ହୋଇଗଲେ ଡାଭିଡ୍ ଏବଂ ପରେ ଚିନ୍ତାକଲେ ବହିଟିଏ ଲେଖିବେ ଏବଂ ଲେଖିଲେ- 'The Magic of Thinking Big.' ବହିଟିକୁ ସେ ତାଙ୍କର ସେହି ପୁଅ ନାମରେ ହିଁ ଉତ୍ସର୍ଗ କଲେ।

ଡାଭିଡ୍‌ଙ୍କ ପୁଅ ଦେଇଥିବା ଉତ୍ତରର ବହୁବର୍ଷ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଦିଲ୍ଲୀର ପ୍ରାୟ ସମସ୍ତ ସରକାରୀ ବିଦ୍ୟାଳୟରେ (୧ମରୁ ଅଷ୍ଟମ) 'ହ୍ୟାପିନେସ୍ ପାଠ୍ୟକ୍ରମ' ଅନ୍ତର୍ଭୁକ୍ତ କରାଇ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଏହି ପାଠ୍ୟକ୍ରମରେ ଯୋଗ, ପ୍ରାଣାୟାମ, ନୀତିଶିକ୍ଷା, ସଂସ୍କୃତି ଓ ପରମ୍ପରା ସଂପର୍କରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯାଇଛି। କହିବା ବାହୁଲ୍ୟ, ନିକଟ ଅତୀତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ବେଳେ ତାଙ୍କ ପତ୍ନୀ ମାଡାମ୍ ମେଲାନିଆ ଟ୍ରମ୍ପ ଏହି ସରକାରୀ ବିଦ୍ୟାଳୟ ପରିଦର୍ଶନ କରି 'ହାପିନେସ୍ ପାଠ୍ୟକ୍ରମ'ର ଭୂୟସୀ ପ୍ରଶଂସା କରିଛନ୍ତି। ତାଙ୍କ ମତରେ ଏହି ପାଠ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ମୂଲ୍ୟବୋଧ ସୃଷ୍ଟି କରିପାରିବ। ନୀତିଶିକ୍ଷା ଦ୍ୱାରା ପିଲାମାନେ ଶୃଙ୍ଖଳା ଓ ଶିଷ୍ଟାଚାର ଶିଖିପାରିବେ। ଧ୍ୟାନଯୋଗ ଓ ପ୍ରାଣାୟାମ ଦ୍ୱାରା ପିଲାମାନେ ସମସ୍ତ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ। ନିଜେ ନୀରୋଗ ରହିବା ସହିତ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବେ। ବିଡ଼ମ୍ବନା ଏହା ଯେ, ଯେତେବେଳେ ଦିଲ୍ଲୀର ଏହି ସରକାରୀ ବିଦ୍ୟାଳୟଗୁଡ଼ିକ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାକୁ ଯାଉଛି, ଠିକ୍ ସେତିକିବେଳେ ଓଡ଼ିଶାରେ ପ୍ରାୟ ୧୪ ହଜାରରୁ ଊର୍ଦ୍ଧ୍ୱ ସରକାରୀ ସ୍କୁଲରେ ଛାତ୍ରୀଛାତ୍ର ଅଭାବରୁ ତାଲା ପଡ଼ିବାକୁ ଯାଉଛି।

ଏ ପରିପ୍ରେକ୍ଷୀରେ ସୁପ୍ରାଚୀନ ଗ୍ରୀକ୍ କିମ୍ବଦନ୍ତୀର ଅଭିଶପ୍ତ ସିସିଫାସ୍ ପ୍ରସଙ୍ଗଟି ସ୍ମରଣକୁ ଆସେ। ସିସିଫାସ୍‌କୁ ଦିଆଯାଇଥିଲା ଏକ ଅଭାବନୀୟ ଦଣ୍ଡ। ଖୁବ୍ ଓଜନିଆ ଏକ ଶିଳାଖଣ୍ଡକୁ ଠେଲି ଠେଲି ଉପରକୁ ନେଇ ପର୍ବତ ଶୀର୍ଷରେ ସେ ତାକୁ ସ୍ଥାପନ କରିବ। କିନ୍ତୁ ହାୟ! ବିଚରା ସିସିଫାସ୍ କଠୋର ପରିଶ୍ରମ ଯୋଗେ ଯେତେଥର ସେ ଶିଳାଖଣ୍ଡକୁ ନେଇ ପର୍ବତ ଶୀର୍ଷରେ ପହଞ୍ଚାଏ, ସେତେଥର ତାହା ଗଡ଼ି ଗଡ଼ି ଚାଲିଆସେ ପର୍ବତର ପାଦଦେଶକୁ। ସିସିଫାସ୍‌ର ଶ୍ରମ ଏଯାବତ୍ ଅବ୍ୟାହତ ରହିଛି।

ପାଠକେ! ଉପରୋକ୍ତ ଉପାଖ୍ୟାନଟି ଏଠି ମନେପଡ଼ିବାର କାରଣ ହେଉଛି, ଆଜି ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷାର ଉନ୍ନତି ପାଇଁ ମାଳ ମାଳ ଅଭିଯାନ, କୋଟି କୋଟି ଟଙ୍କାର ବ୍ୟୟବରାଦ, କମିଶନ ପରେ କମିଶନ, ସମ୍ମିଳନୀ, ବିତର୍କ, ଗ୍ରନ୍ଥ ଓ ସନ୍ଦର୍ଭର ଅଭାବ ନାହିଁ। ତଥାପି ଆମ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି କାହିଁ? କେବଳ ଯାହା ବାଲିଗରଡ଼ା ସାଉଁଟିବାକୁ ଯାଇ ଆମେ ଢେର୍ ମଣିମୁକ୍ତା ହରେଇଲେଣି। ଏବେ ସ୍କୁଲରେ ଆଉ ଦଣ୍ଡ ବ୍ୟବସ୍ଥା ନାହିଁ। ପ୍ରଥମରୁ ଅଷ୍ଟମ ଯାଏ (ଏ ବର୍ଷ ନବମ ଯାଏ) ପରୀକ୍ଷାର ବାଡ଼ ନାହିଁ। ଆଉ ସବୁ ଅଛି। ପକ୍କା ଘର, ପାଇଖାନା, ପାଚେରି, କୂଅ, ନଳକୂପ, କଳ ପାଣି, ନଳ ପାଣି, ଡିସ୍‌ଟେମ୍ପର୍‌ମରା ମୁଲାୟମ୍ କାନ୍ଥ, କାନ୍ଥରେ ସୁନ୍ଦର ଅକ୍ଷରରେ ପ୍ରବଚନ, ମଧ୍ୟାହ୍ନ ଭୋଜନ, ପାଚିଲା କଦଳୀ, ଅଣ୍ଡା, ଆଇରନ୍ ବଟିକା, ମାଗଣା ବହି, ଜୋତା, ଡ୍ରେସ୍, ଟାଇ, ସାଇକେଲ, ଷ୍ଟାଇପେଣ୍ଡ ଇତ୍ୟାଦି ସବୁ ଅଛି। ଏ ସବୁ ସତ୍ତ୍ୱେ ପିଲାଏ ସ୍କୁଲ୍ ଆସନ୍ତି ନାହିଁ। ଖତ, ସାର ଓ ପାଣି ଦେଇ ଗଛ ବଢ଼ଉଥିବା ମାଳୀ ଏବେ ଜଗୁଆଳି। ଶ୍ରେଣୀରେ ଓ ସ୍କୁଲରେ ଛାତ୍ରାଭାବ ହେତୁ ସରକାର ଏହିସବୁ ସରକାରୀ ସ୍କୁଲ୍‌କୁ ଚଳିତ ଶିକ୍ଷାବର୍ଷଠାରୁ ବନ୍ଦ କରିବାର ନିଷ୍ପତ୍ତି ନେଇଛନ୍ତି। କରୋନା ଯୋଗୁ ବନ୍ଦ କାର୍ଯ୍ୟ ଅଟକିଛି। ତେବେ ସରକାର ଓ ଶିକ୍ଷାଯନ୍ତ୍ରୀମାନେ କେବେ ତର୍ଜମା କରିଛନ୍ତି କି କ'ଣ ପାଇଁ ସବୁ ସୁବିଧା ସତ୍ତ୍ୱେ ପିଲାଏ ସରକାରୀ ସ୍କୁଲକୁ ଆସୁନାହାନ୍ତି?

୧୯୬୬ ମସିହାରେ କୋଠାରୀ କମିଶନ ଦେଇଥିବା ରିପୋର୍ଟରେ ଗୋଟିଏ ଧାଡ଼ି ଏଠି ମନେପଡୁଛି। ସେ କହିଥିଲେ- ''The future of India is now being shaped in her classrooms.'' ବିଡ଼ମ୍ବନା ଏହା ଯେ, ଏବେ ଆମ ସରକାରୀ ସ୍କୁଲରେ ସବୁ ଶ୍ରେଣୀଗୃହ ଏବେ ମଧ୍ୟାହ୍ନଭୋଜନର ରୋଷଘର ପାଲଟିଛି। ପିଲାଏ ସବୁ ପାଆନ୍ତି, କିନ୍ତୁ ପାଠ ପାଆନ୍ତିନି। ଜନଗଣନା, ବିପିଏଲ୍ ସର୍ଭେ, ଭୋଟର ତାଲିକା ସଂଶୋଧନ, ସ୍କୁଲ ଗୃହ ନିର୍ମାଣ, ମଧ୍ୟାହ୍ନଭୋଜନ ଆଦି କାମରେ ଶିକ୍ଷକମାନେ ବ୍ୟସ୍ତ।

ଯେଉଁ ସମୟରେ କୋମଳମତି ଶିଶୁଟିଏ ପ୍ରଥମ କରି ସ୍କୁଲ୍‌ରେ ପାଦ ଥାପେ, ସେତେବେଳେ ସେ ଦୁଇଟି ଜିନିଷ ସାଥିରେ ଧରି ଆସିଥାଏ। ଗୋଟିଏ ହେଲା ମସ୍ତିଷ୍କ ଓ ଅନ୍ୟଟି ହେଲା ହୃଦୟ। ଆମ ବିଦ୍ୟାଳୟରେ ଯେତେ ପାଠ୍ୟକ୍ରମ ଅଛି, ସେ ସବୁ ହୁଏତ ଶିଶୁର ମସ୍ତିଷ୍କକୁ ତୀକ୍ଷ୍ଣ କରୁଥାଇପାରେ, ମାତ୍ର ହୃଦୟକୁ ଆଦୌ ସ୍ପର୍ଶ କରିପାରୁ ନାହିଁ। ଏକ ଅନ୍ତଃସାରଶୂନ୍ୟ ଶିକ୍ଷା ବ୍ୟବସ୍ଥା ଓ ବିପର୍ଯ୍ୟସ୍ତ ଶ୍ରେଣୀଗୃହକୁ ନେଇ ଆମେ ଉନ୍ନତ ହେବାର ସ୍ୱପ୍ନ ଦେଖୁଛୁ। ମୁଠାଏ ଭାତ, ଟୋପାଏ ଡାଲି ପାଣି ଦେଇ ଆମେ ସଚେତନ ଓ ସ୍ୱଚ୍ଛଳବର୍ଗର ଅଭିଭାବକମାନଙ୍କୁ ସରକାରୀ ବିଦ୍ୟାଳୟକୁ ଆକର୍ଷଣ କରିବା ଅସମ୍ଭବ। ଯେଉଁମାନଙ୍କର କିଛି ବିକଳ୍ପ ନାହିଁ ସେମାନେ ବାଧହୋଇ ନିଜ ପିଲାଙ୍କୁ ସରକାରୀ ସ୍କୁଲରେ ଭର୍ତ୍ତି କରୁଛନ୍ତି, ଯେଉଁଠି ନାହିଁ ପିଲାଙ୍କୁ ଆକର୍ଷିତ କଲାଭଳି ପାଠ୍ୟକ୍ରମ ଓ ପରିବେଶ, ପର୍ଯ୍ୟାପ୍ତ ଭିତ୍ତିଭୂମି, ଉତ୍ସର୍ଗୀକୃତ ଶିକ୍ଷକଙ୍କର ଦିଗ୍‌ଦର୍ଶନ, ଭଲ ମଣିଷ ଗଢ଼ିବାର ନିଷ୍ଠା ଓ ସଂକଳ୍ପ, ପିଲାଙ୍କୁ ଆପଣେଇ ନେବାର ଉତ୍ସାହ ଓ ଆବେଗ, ଶିଶୁ ମନଲାଖି ଶିକ୍ଷାଦାନ କରିବାର ଆଗ୍ରହ ଓ ଉଦ୍ଦୀପନା। ଯଦି ସରକାରୀ ସ୍କୁଲଗୁଡ଼ିକରେ ଏଭଳି ସ୍ଥିତି ଜାରି ରହେ, ତେବେ କେବଳ ୧୪,୦୦୦ ସ୍କୁଲ ନୁହେଁ, ଆଗାମୀ ଦିନରେ ସମସ୍ତ ସରକାରୀ ସ୍କୁଲ ବନ୍ଦ ହେବାର ସମ୍ଭାବନାକୁ ଏଡ଼େଇ ଦିଆଯାଇ ନ ପାରେ।

ପାଠକେ! କିଏ ଜଣେ କହିଥିଲେ- ''ଚାଷ ହୁଡ଼ିଲେ ବରଷେ, ପାଠ ହୁଡ଼ିଲେ ପୁରୁଷେ।'' ନିଅଁ ମଜଭୁତ ନ ହେଲେ ଯେମିତି ଘର ମଜଭୁତ ହୁଏ ନାହିଁ, ସେମିତି ସ୍କୁଲ ଶିକ୍ଷା ଦୋରସ୍ତ ନ ହେଲେ, ଆମ ଶିକ୍ଷା ବ୍ୟବସ୍ଥା ଦୃଢ଼ ହୋଇପାରିବ ନାହିଁ। ପ୍ରାଥମିକ ଶିକ୍ଷା ହେଉଛି ଜାତୀୟ ଜୀବନର ଏକ ପ୍ରଧାନ ଅଙ୍ଗ। ଶ୍ରେଣୀଗୃହ ହେଉଛି ମଣିଷ ନିର୍ମାଣର ମହାନ୍ ତୀର୍ଥ। ଏହିଠାରେ ହିଁ ଦେଶ ଓ ଜାତିର ଭବିଷ୍ୟତ ରୂପରେଖ ନିର୍ଦ୍ଧାରିତ ହୋଇଥାଏ। ଏଣୁ ଆମ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ ହେଲେ ପ୍ରଥମେ ଆମ ଶ୍ରେଣୀଗୃହକୁ ସଜାଡ଼ିବାକୁ ହେବ। ଶିଶୁ ମନସ୍ତତ୍ତ୍ୱକୁ ବୁଝିବାକୁ ହେବ। କାରଣ ଶିଶୁର ବାଲ୍ୟାବସ୍ଥା ହେଉଛି ତା'ର ବ୍ୟକ୍ତିତ୍ୱ ବିକାଶର ଅମୃତଲଗ୍ନ। ଶିଶୁକୁ ସର୍ବଦା ସୁଖୀ ଓ ଖୁସି କରାଇବା ଆମର ସାମାଜିକ ଦାୟିତ୍ୱ। ଏଥିପାଇଁ ଆମ ପାଠ୍ୟକ୍ରମରେ ପରିବର୍ତ୍ତନ ଲୋଡ଼ା। କାରଣ ଶିଶୁଟିଏର ପରିପୂର୍ଣ୍ଣ ବିକାଶ ପାଇଁ ସୁଶିକ୍ଷା ଜରୁରୀ। ମାତ୍ର ଏ ସୁଶିକ୍ଷା ଦେବ କିଏ? ଏହା ହେଉଛି ଏ ସମୟର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ବିଦ୍ୟାଳୟ ବନ୍ଦ କରିବା ଏ ସମସ୍ୟାର ସମାଧାନ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥାର ପୁନର୍ବିନ୍ୟାସ କରିବା ହେଉଛି ବର୍ତ୍ତମାନର ଆହ୍ୱାନ।

ଏ କଥା ନିଶ୍ଚିତ ଯେ, ଶିଶୁ ହୃଦୟର ବିକାଶ ପାଇଁ ଆମ ପାଠ୍ୟକ୍ରମରେ ବିଶେଷ କିଛି ବ୍ୟବସ୍ଥା ନାହିଁ। ଏ କ୍ଷେତ୍ରରେ ଯଦି ଆମ ପାଠ୍ୟକ୍ରମରେ ଦିଲ୍ଲୀର ସରକାରୀ ସ୍କୁଲ୍ ଭଳି ସାହିତ୍ୟ, ସଂସ୍କୃତି, କଳା, ସଂଗୀତ, କବିତା, ଯୋଗ, ପ୍ରାଣାୟାମ, ବ୍ୟାୟାମ ଓ ସର୍ବୋପରି ନୈତିକ ଶିକ୍ଷା ଆଦି ସାମିଲ କରାଯାଆନ୍ତା, ତେବେ ବିଦ୍ୟାର୍ଥୀମାନେ ଆକର୍ଷିତ ହୁଅନ୍ତେ। ବିଷ୍ଣୁଶର୍ମା ରାଜପୁତ୍ରମାନଙ୍କୁ ପଞ୍ଚତନ୍ତ୍ର ନାମରେ ବିଦିତ ଅମର କାହାଣୀମାଳା ଶୁଣାଇ କିପରି ଶିକ୍ଷିତ କରାଇପାରିଥିଲେ ସେ ପ୍ରସଙ୍ଗ ସମସ୍ତଙ୍କୁ ଜଣା। ଏଭଳି ଶିକ୍ଷା ପ୍ରଦାନ ପାଇଁ ଆମ ଶିକ୍ଷକମାନଙ୍କୁ ଗତାନୁଗତିକ ପାଠ୍ୟପୁସ୍ତକ ଉପରେ ନିର୍ଭର କଲେ ଚଳିବ ନାହିଁ। ଦୃଷ୍ଟାନ୍ତ ଓ କାହାଣୀ ମାଧ୍ୟମରେ ଏ ଶାଶ୍ୱତ ଶିକ୍ଷା ଦିଆଯାଇପାରେ। ସରକାର ଏ ବାବଦରେ ଚିନ୍ତା କରିବାର ବେଳ ଆସିଛି। ଆମ ଶିକ୍ଷା ବ୍ୟବସ୍ଥାରେ ଯଦି କେବେ ବି ଏ କାୟାକଳ୍ପ ସମ୍ଭବ ହୁଏ, ତେବେ ଅଭିଶପ୍ତ ସିସିଫାସ୍‌ର ଶ୍ରମ ସାର୍ଥକ ହେବ। ଏଥିରେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କର ମଙ୍ଗଳ ନିହିତ।

ନୀଳମାଧବ କଲେଜ, କଣ୍ଟିଲୋ, ନୟାଗଡ଼,
ମୋ: ୯୪୩୭୫୧୭୯୭୮

# ଧନୁରାଶିକୁ ବୃହସ୍ପତି ଚଳନ



ଦୋଳଗୋବିନ୍ଦ ପଣ୍ଡା

ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁସାରେ ଦେବଗୁରୁ ବୃହସ୍ପତି ତା୩୦।୦୬।୨୦୨୦-ମଙ୍ଗଳବାର ପ୍ରାତଃ ଘ୦୫।୨୧ରେ ବକ୍ରଗତିରେ ମକରରାଶିରୁ ଉତ୍ତରାଷାଢ଼ା ନକ୍ଷତ୍ର ଧନୁରାଶିକୁ ଚଳିବେ। ବୃହସ୍ପତି ଗୋଟିଏ ରାଶିରେ ହାରାହାରି ୧୩ ମାସ ଅବସ୍ଥାନ କରିଥାନ୍ତି। ସ୍ୱାଭାବିକ, ବକ୍ର ଓ ଅତିଚାର ଆଦି ଗତି ଦୃଷ୍ଟିରୁ ଏଥିରେ କିଛିଟା ତାରତମ୍ୟ ଦେଖାଦେଇପାରେ। ଏହାପରେ ପୁଣି ସେ ୨୦୨୦ ନଭେମ୍ବର ୨୦ ତାରିଖ ଦିବା ଘ୦୧।୨୨ରେ ଧନୁରାଶି ତ୍ୟାଗ କରି ମକରରାଶିକୁ ଚଳିବେ। ସେଠାରେ ସେ ୨୦୨୧ ଏପ୍ରିଲ ୫ ତାରିଖ ରାତ୍ରି ୧୨।୨୪ ପର୍ଯ୍ୟନ୍ତ ରହି କୁମ୍ଭରାଶିକୁ ଚଳିବେ। ବୃହସ୍ପତି ଏହା ପୂର୍ବରୁ ତା୦୫।୧୧।୨୦୧୯ରୁ ୨୯।୦୩।୨୦୨୦ ପର୍ଯ୍ୟନ୍ତ ଧନୁରାଶିରେ ଥିଲେ। ଏହି ରାଶିରେ ଥିବାବେଳେ ସେ ଯେଉଁ ରାଶିକୁ ଯାହା ଫଳ ଦେଇଥିଲେ ବର୍ତ୍ତମାନ ଯେ ଧନୁରାଶିରେ ରହି ସେଇଆ ଫଳ ଦେବେ ତାହା ନୁହେଁ। କାରଣ ବ୍ୟକ୍ତିଗତ ଦଶାଫଳ ଓ ଅନ୍ୟ ଗ୍ରହର ବେଧ ମଧ୍ୟ ଉକ୍ତ ଫଳକୁ ପ୍ରଭାବିତ କରିପାରେ।

ଗୋଚରଫଳ ବିଚାରରେ ବ୍ୟକ୍ତିଗତ ଅଷ୍ଟକବର୍ଗ, ଦଶାଫଳ ଏବଂ ଗ୍ରହବେଧ ବିଚାର କରିବା ଆବଶ୍ୟକ। ତା'ଛଡ଼ା ଜନ୍ମରାଶି ସହ ଜନ୍ମଲଗ୍ନରୁ ମଧ୍ୟ ବିଚାର କରାଯାଇଥାଏ। ମନେକର ଜଣକର ଧନୁରାଶି ଓ ମୀନଲଗ୍ନ। ବର୍ତ୍ତମାନ ବୃହସ୍ପତି ଧନୁକୁ ଚଳିଲା ପରେ ଏ ପ୍ରକାର ବୃହସ୍ପତିଙ୍କୁ କୁହାଯିବ ଧନୁରାଶିବାଲାଙ୍କର ଜନ୍ମବୃହସ୍ପତି। ଶାସ୍ତ୍ରରେ ଅଛି- 'ଜନ୍ମରାଶୌ ସୁରାଚାର୍ଯ୍ୟେ ରାମୋ ରାଜା ବନଂ ଗତଃ'- ଅର୍ଥାତ୍ ଜନ୍ମରାଶିରେ ବୃହସ୍ପତି ଥିବାବେଳେ ରାଜା ରାମଙ୍କୁ ରାଜ୍ୟ ହରାଇ ବନବାସ ଦୁଃଖ ଭୋଗ କରିବାକୁ ପଡ଼ିଥିଲା। ତେଣୁ ଜନ୍ମବୃହସ୍ପତି ଅର୍ଥ, ସମ୍ପଦ, ରାଜ୍ୟ, ପଦପଦବୀ ନାଶ କରିଥାନ୍ତି। କିନ୍ତୁ ଉପରୋକ୍ତ ବ୍ୟକ୍ତିଙ୍କର ତାହା ହେବ ନାହିଁ। କାରଣ ବୃହସ୍ପତି ତାଙ୍କର ଜନ୍ମଲଗ୍ନ ମୀନରୁ ଦଶମ ଭାବରେ ଅବସ୍ଥାନ କରୁଛନ୍ତି ଏବଂ ତାଙ୍କର ଶୁଭଦୃଷ୍ଟି ଦ୍ୱିତୀୟ (ଧନ ଭାବ), ଚତୁର୍ଥ (ସୁଖ, ଜମିବାଡ଼ି, ଗାଡ଼ି) ଓ ଷଷ୍ଠ (ଚାକିରି, ରୋଗ, ଶତ୍ରୁ, ଋଣ) ଭାବକୁ ରହିଥିବାରୁ ସେହିସବୁ ଭାବର ଶୁଭଫଳ ମିଳିବ। ତାଙ୍କର ଚାକିରି ଓ କର୍ମ କ୍ଷେତ୍ରରେ ଉନ୍ନତି ହେବ। ରୋଗ, ଋଣ ଓ ଶତ୍ରୁ ନାଶ ହେବ। ଧନ, ସୁଖ, ଗାଡ଼ି, ଜମି ଇତ୍ୟାଦି ଲାଭ ହେବ। ଗୃହନିର୍ମାଣାଦି ବଡ଼କାର୍ଯ୍ୟ ପାଇଁ ଋଣସୂତ୍ରରେ ଅର୍ଥଲାଭର ମଧ୍ୟ ସମ୍ଭାବନା ଅଛି। ଜନ୍ମରାଶିଠାରୁ ଜନ୍ମଲଗ୍ନ ଅଧିକ ବଳବାନ ହୋଇଥିଲେ ଏହି ଫଳ ମିଳିବା ନିଶ୍ଚିତ। ବିଶିଷ୍ଟ ଜ୍ୟୋତିର୍ବିଦ୍ କୃଷ୍ଣମୂର୍ତ୍ତି ତ କେବଳ ଲଗ୍ନରୁ ହିଁ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି।

ତା'ଛଡ଼ା ଜ୍ୟୋତିଷଶାସ୍ତ୍ରରେ ଆଉ ଏକ ପାଠ ଅଛି ଯାହାର ନାମ ଅଷ୍ଟକବର୍ଗ ବିଚାର। ଲଗ୍ନ ଓ ଗ୍ରହଗୁଡ଼ିକର ପାରସ୍ପରିକ ସ୍ଥିତିକୁ ନେଇ ତାହା ବିଚାର କରାଯାଇଥାଏ। ବ୍ୟକ୍ତିଗତ ଜାତକରେ ବୃହସ୍ପତିଙ୍କ ଅଷ୍ଟକବର୍ଗରେ ଯଦି ସେ ଧନୁରାଶିରେ ଚାରୋଟିରୁ ଅଧିକ ଅର୍ଥାତ୍ ପାଞ୍ଚୋଟି, ଛଅଟି ବା ସାତୋଟି ଶୁଭବିନ୍ଦୁ ପାଇଥାନ୍ତି ତେବେ ଜନ୍ମବୃହସ୍ପତି ହେଲେ ବି ସେ ଶୁଭଫଳ ଦେବେ। ପୁଣି ଶୁଭସ୍ଥାନସ୍ଥ ଗ୍ରହ ବି ଶୁଭଫଳ ଦେଇପାରନ୍ତି ନାହିଁ ଯଦି ସେ ନୀଚସ୍ଥ, ଅସ୍ତଂଗତ ବା ଅନ୍ୟ ପ୍ରକାରେ ଦୁର୍ବଳ ହୋଇଥାନ୍ତି କିମ୍ବା ତାଙ୍କର ବେଧସ୍ଥାନରେ ଅନ୍ୟ ଗ୍ରହ ଅବସ୍ଥାନ କରିଥାନ୍ତି।

ଶାସ୍ତ୍ରରେ ଅଛି- ''ଜୀବେ ଦ୍ୱିତୀୟେ ଧନଧାନ୍ୟଭୋଗୀ, ସୁତାର୍ଥଲାଭୋ ନବପଞ୍ଚକେଷୁ। ଯାମିତ୍ରସଂସ୍ଥେ ବିପୁଳା ଚ ଲକ୍ଷ୍ମୀର୍ଶୈକାଦଶେ ସର୍ବଫଳଂ ଦଦାତି।।'' ଅର୍ଥାତ୍ ବୃହସ୍ପତି ଜନ୍ମରାଶିରୁ ଦ୍ୱିତୀୟରେ ଥିଲେ ଧନଧାନ୍ୟଭୋଗୀ କରାନ୍ତି, ନବମ ବା ପଞ୍ଚମରେ ଥିଲେ ସୁତ ଓ ଅର୍ଥଲାଭ କରାନ୍ତି, ସପ୍ତମରେ ଥିଲେ ବିପୁଳ ଲକ୍ଷ୍ମୀର ଅଧିକାରୀ କରାନ୍ତି ଏବଂ ଏକାଦଶରେ ଥିଲେ ଉପରୋକ୍ତ ସବୁ ସୁଫଳ ଜାତକ ପାଇଥାଏ। ଅର୍ଥାତ୍ ବୃହସ୍ପତି ମେଷ, ମିଥୁନ, ସିଂହ, ବିଛା ଓ କୁମ୍ଭ ରାଶିର ଗୋଚରରେ ଶୁଭଫଳ ପ୍ରଦାନ କରିବେ। ଏତଦ୍‌ଭିନ୍ନ ରାଶିମାନଙ୍କର ଅଶୁଭଫଳ ପ୍ରଦାନ କରିବେ। ଶାସ୍ତ୍ରରେ ଅଶୁଭସ୍ଥାନସ୍ଥ ବୃହସ୍ପତିଙ୍କ ଫଳ ବିଷୟରେ ଲେଖାଅଛି- ''ଜନ୍ମରାଶୌ ସୁରାଚାର୍ଯ୍ୟେ ରାମୋ ରାଜା ବନଂ ଗତଃ, ତୃତୀୟେ ଚ ବଳିର୍ବଦ୍ଧୋ ଚତୁର୍ଥେ ବିଂଶଲୋଚନଃ। ଦ୍ୱାଦଶେ ସଗରୋ ରାଜା ଦଶମେ ମଧୁକୈଟଭୌ, ଅଷ୍ଟମେ କୁରୁରାଜା ଚ ଷଷ୍ଠେ କର୍ଣ୍ଣୋ ନିପାତିତଃ।।'' ମୋଟ ଉପରେ ବୃହସ୍ପତି ଜନ୍ମରାଶିରେ ରହିଲେ ଭୟ, ଦ୍ୱିତୀୟରେ ରହିଲେ ଧନଧାନ୍ୟ ଲାଭ, ତୃତୀୟରେ ଶରୀରପୀଡା, ଚତୁର୍ଥରେ ଧନହାନି, ଅପ୍ରିୟତା, ପଞ୍ଚମରେ ସନ୍ତାନସୁଖ ଓ ଧନସମ୍ପଦ ଲାଭ, ଷଷ୍ଠରେ ରୋଗ ଓ ଶତ୍ରୁବୃଦ୍ଧି, ସପ୍ତମରେ ଲକ୍ଷ୍ମୀପ୍ରାପ୍ତି, ସମ୍ମାନଲାଭ, ଅଷ୍ଟମରେ ସ୍ୱାସ୍ଥ୍ୟ ଓ ସମ୍ପଦ ନାଶ, ନବମରେ ଧନଲାଭ, ଦଶମରେ ପ୍ରଣୟଭଙ୍ଗ, ପ୍ରୀତିନାଶ, ଏକାଦଶରେ ଧନ ଓ ସମ୍ମାନ ପ୍ରାପ୍ତି ଏବଂ ଦ୍ୱାଦଶରେ ବ୍ୟୟ ବୃଦ୍ଧି ଓ ଶରୀର କ୍ଳେଶ ପରି ଫଳ ପ୍ରଦାନ କରିଥାନ୍ତି।

ଗ୍ରହ କେଉଁ ରାଶିର କେଉଁ ନକ୍ଷତ୍ରକୁ ଚଳୁଛନ୍ତି ଏବଂ କର୍ତ୍ତାଙ୍କ ଜନ୍ମନକ୍ଷତ୍ର କ'ଣ ତାହା ଉପରେ ମଧ୍ୟ ସେ ଶୁଭ କି ଅଶୁଭ ଫଳ ଦେବେ ତାହା ନିର୍ଭର କରେ। ଏହା ଜାଣିବା ପାଇଁ ଏକ ସୂତ୍ର ଅଛି। ଗ୍ରହର ଚଳନ ନକ୍ଷତ୍ର ସଂଖ୍ୟା (ବର୍ତ୍ତମାନ ବୃହସ୍ପତିଙ୍କ ଚଳନ ନକ୍ଷତ୍ର ସଂଖ୍ୟା ୨୧), କର୍ତ୍ତାଙ୍କ ଜନ୍ମନକ୍ଷତ୍ର ସଂଖ୍ୟା ଓ ଜନ୍ମରାଶି ସଂଖ୍ୟାକୁ ମିଶାଇ ମିଶାଣଫଳକୁ ୮ ଦ୍ୱାରା ଭାଗ କରନ୍ତୁ। ଭାଗଶେଷ ୧ ରହିଲେ ପ୍ରୀତିଲାଭ, ୨ ରହିଲେ ତୀର୍ଥଦର୍ଶନ, ୩ ରହିଲେ ଲକ୍ଷ୍ମୀପ୍ରାପ୍ତି, ୪ ରହିଲେ ଦ୍ରବ୍ୟହାନି, ୫ ରହିଲେ ଦୁଃଖଲାଭ, ୬ ରହିଲେ ଭୂମି ଓ ଅର୍ଥଲାଭ, ୭ ରହିଲେ କଳହ ଓ ସମ୍ମାନହାନି ଏବଂ ଶୂନ ରହିଲେ ଶସ୍ତ୍ରାଘାତ।

ଗ୍ରହ ଚଳନ ସମୟରେ ଚନ୍ଦ୍ର କେଉଁ ରାଶିରେ ଅଛି ତାହା ମଧ୍ୟ ବିଚାର୍ଯ୍ୟ। ଯଦି ବୃହସ୍ପତି ଚଳନ ସମୟରେ କର୍ତ୍ତାଙ୍କ ଜନ୍ମରାଶିକୁ ଚନ୍ଦ୍ର ଶୁଭ ଥିବେ ତେବେ ବୃହସ୍ପତି ଶୁଭ ହୋଇଥିଲେ ପୂର୍ଣ୍ଣ ଶୁଭ ଏବଂ ଅଶୁଭ ହୋଇଥିଲେ ଅଧା ଅଶୁଭ ଫଳ ଦେବେ। ଚନ୍ଦ୍ର ଅଶୁଭ ହୋଇଥିଲେ ଶୁଭ ବୃହସ୍ପତି ଅଧା ଶୁଭ ଏବଂ ଅଶୁଭ ବୃହସ୍ପତି ପୂର୍ଣ୍ଣ ଅଶୁଭ ଫଳ ଦେବେ। ଉପରେ ବୃହସ୍ପତିଙ୍କ ଧନୁକୁ ଚଳନ ସମୟ ଯାହା ଲେଖା ଅଛି ସେହି ସମୟରେ ଚନ୍ଦ୍ର ତୁଳାରାଶିରେ ଥିବେ। ସୁତରାଂ ମେଷ, ମିଥୁନ, ସିଂହ, କୁମ୍ଭ ରାଶିର ଗୋଚରରେ ଶୁଭ ଏବଂ ଚନ୍ଦ୍ର ଶୁଭ ହେତୁ ଅତିଶୁଭ ଫଳ ପ୍ରଦାନ କରିବେ। ବିଛା ରାଶିର ଗୋଚରରେ ଶୁଭ ଓ ଚନ୍ଦ୍ର ଅଶୁଭ ହେତୁ ମଧ୍ୟମ ଶୁଭଫଳ ପ୍ରଦାନ କରିବେ। ବୃଷ, କନ୍ୟା, ତୁଳା, ଧନୁ ଓ ମକର ରାଶିର ଗୋଚରରେ ଅଶୁଭ ମାତ୍ର ଚନ୍ଦ୍ର ଶୁଭ ହେତୁ ସମଫଳ ପ୍ରଦାନ କରିବେ। କର୍କଟ ଓ ମୀନ ରାଶିର ଗୋଚରରେ ଅଶୁଭ ଏବଂ ଚନ୍ଦ୍ର ଅଶୁଭ କାରଣରୁ ଅତି ଅଶୁଭଫଳ ପ୍ରଦାନ କରିବେ।

୨, ୫, ୭, ୯, ୧୧ ବୃହସ୍ପତିଙ୍କର ଶୁଭସ୍ଥାନ ହୋଇଥିବା ବେଳେ ତାଙ୍କର ବେଧସ୍ଥାନଗୁଡ଼ିକ ହେଉଛି ଯଥାକ୍ରମେ ୧୨, ୪, ୩, ୧୦, ୮। ଏଠାରେ ବିଛାରାଶିକୁ ୨ୟ ବୃହସ୍ପତି କିନ୍ତୁ ୧୨ଶ ବେଧସ୍ଥାନରେ ଚନ୍ଦ୍ର ଏବଂ ମେଷରାଶିକୁ ୯ମ ବୃହସ୍ପତି କିନ୍ତୁ ୧୦ ବେଧସ୍ଥାନରେ ଶନି ଥିବାରୁ ୨ୟ ଓ ୯ମ ପରି ଶୁଭସ୍ଥାନସ୍ଥ ବୃହସ୍ପତି ମଧ୍ୟ ଶୁଭଫଳ ଦେଇପାରିବେ ନାହିଁ।

ଅଶୁଭ ବୃହସ୍ପତିଙ୍କ ପ୍ରତିକାର ପାଇଁ ଗୁଡ, ହଳଦୀଖଣ୍ଡ, ହଳଦିଆ ଧାନ, ହଳଦିଆ ବସ୍ତ୍ର, ପଦ୍ମରାଗ ମଣି, ଲୁଣ ଆଦି ଗ୍ରହବିପ୍ରଙ୍କୁ ଦକ୍ଷିଣା ସହ ଦାନ କରାଯାଏ। ଏତଦ୍‌ବ୍ୟତୀତ ବ୍ରହ୍ମଯଷ୍ଟି ମୂଳକୁ ବ୍ରାହ୍ମଣଙ୍କ ଦ୍ୱାରା ନିଜ ନାମ, ଗୋତ୍ରରେ ଅଭିମନ୍ତ୍ରିତ କରାଇ ୧୦୮ ଆହୁତି ପ୍ରଦାନପୂର୍ବକ ହୋମ କରାଇ ସ୍ତ୍ରୀଲୋକମାନେ ବାମ ଏବଂ ପୁରୁଷଲୋକମାନେ ଦକ୍ଷିଣବାହୁରେ ଧାରଣ କଲେ ଅଶୁଭଫଳ ହ୍ରାସ ପାଇଥାଏ। ଜପ ମନ୍ତ୍ର: 'ଓଁ ବୃଂ ବୃହସ୍ପତୟେ ନମଃ।'

ଶେଷରେ ଏତିକି କହିବା କଥା ଯେ, ମଣିଷ ତା'ର କର୍ମ ଅନୁସାରେ ଫଳ ପାଇଥାଏ। ଗ୍ରହମାନେ କେବଳ ଅନୁପ୍ରେରିତ କରନ୍ତି। ଯେଉଁମାନେ ସତ୍‌ନିଷ୍ଠ, ଆଦର୍ଶନିଷ୍ଠ, ଗୁରୁନିଷ୍ଠ ସେମାନେ ଖରାପ ଅନୁପ୍ରେରଣାର ବଶୀଭୂତ ହୁଅନ୍ତି ନାହିଁ। ସେମାନେ ପରିବେଶରୁ ଖରାପ କିଛି ଗ୍ରହଣ କରନ୍ତି ନାହିଁ। ତେଣୁ ସେମାନେ ଗ୍ରହଦୋଷ (ଗ୍ରହଣ କରିବାର ଦୋଷ)ରେ ପୀଡ଼ିତ ହୁଅନ୍ତି ନାହିଁ। ଆଦର୍ଶନିଷ୍ଠ ହୁଅନ୍ତୁ, ସତ୍‌କର୍ମ କରନ୍ତୁ, ସବୁ ପ୍ରକାର ଖରାପଠାରୁ ଦୂରରେ ରହନ୍ତୁ, ଗ୍ରହଦୋଷର କୁପ୍ରଭାବ ଦ୍ୱାରା କ୍ଷତିଗ୍ରସ୍ତ ହେବେ ନାହିଁ।

ଶ୍ରୀରାମନଗର, ଭୁବନେଶ୍ୱର, ମୋ-୭୦୦୮୯୬୦୫୦୨,
ଇମେଲ୍: dolagovinda@gmail.com

## ଏଇ ଭାରତରେ

ପରିବେଶ ଓ ପରିସ୍ଥିତି ବହୁ ସମୟରେ ସେବା ଲାଗି ବାଟ କଢ଼ାଇ ନିଏ, ଯାହା ଘଟିଛି କେରଳର ଜୋଲି ଜନଶନ୍‌ଙ୍କ କ୍ଷେତ୍ରରେ। ସେ ଖବରକାଗଜ ବିକି ନିଜସ୍ୱ ସଂସ୍ଥା ଲାଗି ପାଣ୍ଠି ଯୋଗାଡ଼ କରିବା ସହ ୨୦୦୦ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ଏଥିରେ ମାନସିକ ଅନଗ୍ରସର ପିଲାମାନେ ବି ରହିଛନ୍ତି। ଦିବ୍ୟାଙ୍ଗ ପିଲାମାନଙ୍କୁ ବିଭିନ୍ନ କୌଶଳ ବିକାଶ ପ୍ରୋଗ୍ରାମ୍ ମାଧ୍ୟମରେ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରାଉଛନ୍ତି ଜୋଲି। ହେଲ୍‌ପିଂ ହ୍ୟାଣ୍ଡସ୍ ଅର୍ଗାନାଇଜେଶନ ଦ୍ୱାରା ସେ ଏହି ସେବା ଜାରି ରଖିଛନ୍ତି। ଏହି ସଂସ୍ଥା ସହ କେରଳର ବିଭିନ୍ନ କଲେଜର ପ୍ରାୟ ୧୨,୦୦୦ ଛାତ୍ର ସ୍ୱେଚ୍ଛାସେବୀ ଭାବେ ସାମିଲ ହୋଇ ସେବାକାର୍ଯ୍ୟ ପରିଚାଳନା କରୁଛନ୍ତି। ସ୍ୱେଚ୍ଛାସେବୀମାନେ ପୁରୁଣା ଖବରକାଗଜ ବିକ୍ରି କରି ପାଣ୍ଠି ଯୋଗାଡ଼ କରିବାରେ ଜୋଲିଙ୍କୁ ସହଯୋଗ କରିବା ସହ ସେମାନଙ୍କ ମଧ୍ୟରୁ ଅନେକେ ପ୍ରଶିକ୍ଷଣ ବି ଦେଉଛନ୍ତି। ଜୋଲିଙ୍କୁ ବର୍ତ୍ତମାନ ବୟସ ୩୬। ଥିରୁଭାନନ୍ତପୁରମ୍ ଜିଲା ଭଳିଥୁରା ଗାଁରେ ତାଙ୍କର ଜନ୍ମ। ୧୦ମ ପାସ କରିବା ପରେ କଲେଜରେ ପଢ଼ିବା ସମୟରେ ସେ ଗରିବ ପିଲାମାନଙ୍କୁ ମାଗଣାରେ ପଢ଼ାଉଥିଲେ। ସପ୍ତାହାନ୍ତରେ ଭେଟିଥୁରାର ସନ୍ଥୱାଲା ଜରା ନିବାସକୁ ଯାଇ ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଥିଲେ। ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସେ ଆଇସିଆଇସିଆଇ ବ୍ୟାଙ୍କରେ ଚାକିରି କରିଥିଲେ, କିନ୍ତୁ ତାହାକୁ ଛାଡି ଘରେ ଦିବ୍ୟାଙ୍ଗ ପିଲାଙ୍କ ଯତ୍ନ ନେଉଥିଲେ। ପରେ ୨୦୧୨ରେ ହେଲ୍‌ପିଂ ହ୍ୟାଣ୍ଡସ୍ ଅର୍ଗାନାଇଜେଶନ ପ୍ରତିଷ୍ଠା କରି ଦିବ୍ୟାଙ୍ଗ ପିଲାମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି। ସଂସ୍ଥା ପକ୍ଷରୁ ପିଲାମାନଙ୍କ ପାଇଁ ବିହେଭିୟରାଲ ଥେରାପି, ହର୍ଟିକଲଚର ଥେରାପିର ବ୍ୟବସ୍ଥା କରାଯାଇଛି। ୧୫ରୁ ଅଧିକ ବୟସର ପିଲାଙ୍କ ପାଇଁ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ଚିରନ୍ତନୀ

ଏ ଦେହ ମୋର
ନିଭିଲା ଏଥି
ଜଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ!
(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ଯୋଦ୍ଧା

ମହାଶୟ,

ମୋ ଗାଁରେ ମୋତେ କରୋନା ଯୋଦ୍ଧା ସମ୍ମାନ ମିଳିଛି। ଏକଥାଟିକୁ ମୁଁ ମୋ ପ୍ରିୟଜନଙ୍କ ସମେତ ସମାଲୋଚକଙ୍କୁ ଜଣାଇବା ପାଇଁ ଗୋଟିଏ ଫଟୋ ସହିତ ଦୁଇ ଧାଡି ଲେଖା ସାମାଜିକ ଗଣମାଧ୍ୟମରେ ବି ଥୋଇଦେଲେ କିଛି ଲାଇକ କମେଣ୍ଟ ପାଇ ଆତ୍ମସନ୍ତୋଷ ଲାଭ କରୁଛି। ତେବେ କରୋନା ଲଢେଇ ମୁଁ କେମିତି କରୁଛି, କିପରି ମୋର ଉତ୍ତରଦାୟିତ୍ୱ ନିର୍ବାହ କରୁଛି ତାହାର ଭିତିରି କଥା ହୁଏତ କାହାକୁ ଜାଣିବାର ଅବକାଶ ନାହିଁ। କରୋନା ମହାମାରୀର ଲମ୍ବା ଲଢେଇରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଖବରଦାତା, ସରପଞ୍ଚ, ସ୍ୱେଚ୍ଛାସେବୀ ଅବା ସାଧାରଣ ସଫେଇ କର୍ମଚାରୀ ସମସ୍ତେ ଯେ ନିଜ ନିଜ କ୍ଷେତ୍ରରେ ଯୋଦ୍ଧା ଏହା ନିଃସନ୍ଦେହ। ତେବେ ତଥାକଥିତ କରୋନା ଯୋଦ୍ଧା ସରପଞ୍ଚଙ୍କ କାର୍ଯ୍ୟକଳାପ କାହାରିକୁ ଅଛପା ନାହିଁ। ସରକାର କରୋନା ମହାମାରୀ ପାଇଁ ସରପଞ୍ଚଙ୍କୁ ଜିଲାପାଳଙ୍କ ଭଳି କ୍ଷମତା ଦେଇଛନ୍ତି। ପଞ୍ଚାୟତକୁ ପ୍ରଚୁର ଟଙ୍କା ଯାଇଛି। କେଉଁଠି ସଂଗରୋଧ କେନ୍ଦ୍ର ନିର୍ମାଣ ନେଇ ଅନିୟମିତତା ହୋଇଛି ତ କେଉଁଠି ଏହି ଯୋଦ୍ଧାମାନଙ୍କ ନିଷ୍ଠାପରତା ବି ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏପରି କି କରୋନା ଲଢେଇର ପ୍ରକାରାନ୍ତେ ପ୍ରକୃତ ଯୋଦ୍ଧା ବୋଲାଉଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସେବା ପ୍ରତି ନିଷ୍ଠାପରତାର ପରିଚୟ ଦେଉଛନ୍ତି। ପରିବାର ଲାଗି ସମୟ ଦେବା ତ ଦୂରର କଥା ପରିବାର ସହିତ ମିଶିପାରୁନାହାନ୍ତି। କିନ୍ତୁ କରୋନା ଆଳରେ ସାଧାରଣ ରୋଗୀଙ୍କ ଚିକିତ୍ସାକୁ ଅଣଦେଖା କରିବା ଠିକ୍ ନୁହେଁ।

ରାଜେଶ ଜେନା, ଅଲାଣ୍ଡୋ, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଘରେ ମିଳିବ

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟ ସରକାର ଆଉଟ ଷ୍ଟିଲ(ଓଏସ୍) ମଦ ଏବଂ ଦେଶୀ ମଦ ଘରେ ଯୋଗାଇବାକୁ ଅନୁମତି ଦେଇଛନ୍ତି। ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଘରେ ଯୋଗାଇଦିଆଯିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ କୋଭିଡ ଗାଇଡଲାଇନ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଲକ୍‌ଡାଉନ ନିୟମ ପାଳନ କରି ହୋମ ଡେଲିଭରି କରିବାକୁ କୁହାଯାଇଛି। ପ୍ରତ୍ୟେକ ବୋତଲ କିମ୍ବା ପାଉଚ ପାଇଁ ୧୦ ଟଙ୍କା କିମ୍ବା ୫୦ ଟଙ୍କାରୁ ଅଧିକ ହେବ ନାହିଁ ବୋଲି ଅବକାରୀ ବିଭାଗ ପକ୍ଷରୁ ସୋମବାର ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି।

## ସଂକ୍ଷେପରେ

### ଆଠଗଡ଼ ଏସ୍‌ଡିପିଓ, ୫ କର୍ମଚାରୀଙ୍କୁ କରୋନା

ବଡମ୍ବା(ଡି.ଏନ୍.ଏ.): ଆଠଗଡ ଏସ୍‌ଡିପିଓ, ତାଙ୍କ ଗାଡ଼ି ଚାଳକଙ୍କ ସମେତ ବଡମ୍ବା ଥାନାର ୪ ଜଣ ପୋଲିସ ଅଧିକାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ସିଡିଏରେ ରହୁଥିବା ବଡମ୍ବା ଥାନା ଅଧିକାରୀଙ୍କ ସ୍ତ୍ରୀ ମଧ କରୋନା ପଜିଟିଭ ଜଣାପଡ଼ିଥିବା ନେଇ ସୋମବାର କଟକ ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ ସୂଚନା ଦେଇଛନ୍ତି। ଏନେଇ ବଡ଼ମ୍ବା ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏହାପୂର୍ବରୁ ବଡ଼ମ୍ବା ଥାନା ଆଇଆଇସି ଓ ଏକ ଜାତୀୟକରଣ ବ୍ୟାଙ୍କର ଜଣେ ଆକାଉଣ୍ଟାଣ୍ଟ କରୋନାରେ ଆକ୍ରାନ୍ତ ହୋଇଥିଲେ। ରବିବାର ସେମାନଙ୍କ ବ୍ୟତୀତ ସଙ୍ଗରୋଧ କେନ୍ଦ୍ରରେ ଥିବା ୪ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ବଡ଼ମ୍ବା ପଞ୍ଚାୟତ ସଂଲଗ୍ନ ଅଞ୍ଚଳକୁ ୭୨ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ଏଥିସହ ଆଠଗଡ ଏସ୍‌ଡିପିଓଙ୍କ ସମେତ ୫୦ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା।

### ହୀରାକୁଦ ଡ୍ୟାମ୍: ୧୨ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର,୨୯।୬ (ବ୍ୟୁରୋ): ସମ୍ବଲପୁର ହୀରାକୁଦ ଡ୍ୟାମର ୩ଟି ଗେଟ ସୋମବାର ସକାଳେ ବନ୍ଦ କରାଯାଇଛି। ଏବେ ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ବାମପାର୍ଶ୍ୱରେ ୮ ଓ ଡାହାଣ ପାର୍ଶ୍ୱରେ ୪ ଏହିପରି ୧୨ଟି ସ୍ଲୁଇସ ଗେଟ



ଖୋଲାଯାଇଛି। ଜଳସ୍ତର ୬୦୭.୧୭ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଡ୍ୟାମକୁ ୫୩ ହଜାର ୮୮୭ କ୍ୟୁସେକ ଜଳ ପ୍ରବେଶ କରଥିବା ବେଳେ ୧ ଲକ୍ଷ ୯୩ ହଜାର ୩୮୦କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ମିଳିଥିବା ରିପୋର୍ଟ ଅନୁସାରେ ବେଲଗାଁରେ ୧୧ ହଜାର ୨୦୦, ପଥର୍ଲାରେ ୨୦ ହଜାର ୮୨୯, ଖଇରମାଲରେ ୩ ଲକ୍ଷ ୧୦ହଜାର, ବରମୁଲାରେ ୨ ଲକ୍ଷ ୫୩ ହଜାର ୬୨୫, ମୁଣ୍ଡୁଳିରେ ୩ ଲକ୍ଷ ୧୮ହଜାର ୦୩୨ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ବଳାତ୍କାର ପରେ ହତ୍ୟା

**ପାନବରଜ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା**

ବାଲିଆପାଳ, ୨୯।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଚଉମୁଖ ଗ୍ରାମର ଏକ ପାନବରଜ ନିକଟ ମାଟି ତଳୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ସନ୍ଦେହରେ ଅଟକ ରଖିଥିବା ଯୁବକଙ୍କୁ ପଚରାଉଚୁରା କରିବା ପରେ ସେ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ରବିବାର ରାତିସାରା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ହୋଇ ନ ପାରି ପଡିରହିବା ପରେ ସୋମବାର ସକାଳେ ବାଲେଶ୍ୱର ପଠାଯାଇଛି। ବାଲେଶ୍ୱରରେ ସନ୍ଧ୍ୟା ପର୍ଯ୍ୟନ୍ତ ବ୍ୟବଚ୍ଛେଦ ହୋଇପାରି ନ ଥିବା ମୃତା ମହିଳାଙ୍କ ଦେଢଶୁର ପରମାନନ୍ଦ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସଡକ ଦୁର୍ଘଟଣାରେ ଗୁରୁତର ହୋଇଥିବା ମହିଳାଙ୍କ ସ୍ୱାମୀ ଏବେ କୋମାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘରେ ୩ ବର୍ଷର ପୁଅ ମା'ଙ୍କୁ ନ ପାଇ କାନ୍ଦୁଛି।

ମୃତ ସୋନାଲିଙ୍କ ସ୍ୱାମୀ ଜନ୍ମେଜୟ ୧୦ଦିନ ପୂର୍ବରୁ ଟ୍ରାକ୍ଟର ନେଇ ତାଙ୍କ ଶ୍ୱଶୁର ଘର ନଳବାହାରରେ ରହି ହଳ କରିବା ପାଇଁ ଯାଇଥିଲେ। ଘରେ ସ୍ତ୍ରୀ ସୋନାଲି, ୩ ବର୍ଷର ପୁଅ ଓ ବିଧବା ବୁଢ଼ୀମା' ଥିଲେ। ସବୁଦିନପରି ସୋନାଲି ରବିବାର ଘର ପାଖ ପାନବରଜକୁ ପାଣିଦେବାକୁ ଯାଇଥିଲେ। ମାତ୍ର ଆସିବାରେ ବିଳମ୍ବ ହେବାରୁ ଶାଶୁ ଶାନ୍ତିଲତା ପାନବରଜ ପାଖକୁ ଯାଇଥିଲେ। ସେଠାରେ ପାନବରଜ ବାଡ ଭଙ୍ଗା ହେବା ସହିତ ପାନଗଛ ଓପାଡି ତାଡି ଦିଆଯାଇଥିବା ଓ ଗୋଟିଏ ସ୍ଥାନରେ ମାଟି ଖୋଳା ହୋଇଥିବା ଶାନ୍ତିଲତା ଦେଖିଥିଲେ।

**ସ୍ୱୀକାର କଲେ ଗିରଫ ଅଭିଯୁକ୍ତ**

ତାଙ୍କ ମନରେ ସନ୍ଦେହ ହେବାରୁ ସେ ପଡ଼ୋଶୀଙ୍କୁ ଡାକିଥିଲେ। ପଡୋଶୀମାନେ ଆସି ପାନବରଜ ପାଖରେ ମାଟି ତଳେ କିଛି ପୋତାଯାଇଥିବା ଦେଖିଥିଲେ। ମାଟି ଆଡେଇବା ପରେ ପ୍ରଥମେ ତାଙ୍କ ଗୋଡ଼ ଦେଖାଯାଇଥିଲା। ବଞ୍ଚିଥିବ ଭାବି ଲୋକେ ସୋନାଲିଙ୍କୁ ବାହାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବଳାତ୍କାର ପରେ ହତ୍ୟା ସନ୍ଦେହ କରି ଗ୍ରାମବାସୀ ବାଲିଆପାଳ ଥାନାକୁ ଖବର ଦେଇଥିଲେ। ବାଲିଆପାଳ ଆଇଆଇସି ବିମଳ କୁମାର ନାୟକ, ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି, ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସନ୍ଦେହରେ ମହେଶ୍ୱର ବେହେରା (୩୩)ଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ବଳାତ୍କାର କରିବା ପରେ କାଳେ ବାହାରେ ପ୍ରକାଶ କରିଦେବ ସେହି ଭୟରେ ତାଙ୍କୁ ମାରି ବାଲିରେ ପୋତି ଦେଇଥିଲେ ବୋଲି ପୋଲିସ ଆଗରେ କହିଛନ୍ତି। ସୋମବାର ସାଇଣ୍ଟିଫିକ ଟିମ୍ ସହ ପୋଲିସ ମହେଶ୍ୱରଙ୍କୁ ନେଇ ସୋମବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ସୋନାଲିଙ୍କ ଦେଢଶୁର ପରମାନନ୍ଦଙ୍କ ଏତଲା ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା (ନଂ.୧୩୪/୨୦) ରୁଜୁ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ନାୟକ ସୂଚନା ଦେଇଛନ୍ତି।

# ମା', ଝିଅ ନିଖୋଜ

ସମ୍ବଲପୁର, ୨୯।୬ (ବ୍ୟୁରୋ)



ଝିଅ ସାଲଭି ସହ ପୂଜା ଅଗ୍ରୱାଲ।

- ଦ୍ୱିତୀୟ ମହାନଦୀ ବ୍ରିଜ୍‌ରୁ ମିଳିଲା ସ୍କୁଟି, ଚପଲ
- ସ୍କୁଟିରୁ ମିଳିଲା ମୋବାଇଲ
- ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମାର ପୂଜା ଅଗ୍ରୱାଲ(୩୨) ଓ ତାଙ୍କ ଦୁଇବର୍ଷର ଝିଅ ସାଲ୍‌ଭି ସୋମବାର କୁଆଡେ ନିଖୋଜ ହୋଇଯାଇଛନ୍ତି। ସମ୍ପର୍କୀୟଙ୍କ ଘରକୁ ଯାଉଛି କହି ଝିଅକୁ ଏକ ସ୍କୁଟିରେ ନେଇ ମଧ୍ୟାହ୍ନ ୧୨ଟାରେ ଘରୁ ବାହାରିଥିଲେ ପୂଜା। ଅପରାହ୍ନ ୨ଟା ଯାଏ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ ରିସିଭ ନ କରିବାରୁ ପରିବାର ଲୋକେ ଧମା ଥାନା ପୋଲିସକୁ ଖବର ଦେଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ଧମା ଥାନା ପୋଲିସ ସମ୍ବଲପୁର ଟାଉନ ଥାନା ପୋଲିସକୁ ଏ ନେଇ ଖବର ଦେଇଥିଲା। ସନ୍ଧ୍ୟାରେ ମହାନଦୀ ଦ୍ୱିତୀୟ ବ୍ରିଜ୍ ଉପରୁ ପୋଲିସ ଏକ ସ୍କୁଟି ଓ ହଳେ ଚପଲ ଥିବା ଦେଖିବାକୁ ପାଇ ପୂଜାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ପରିବାର ଲୋକେ ପହଞ୍ଚି ସ୍କୁଟି ଓ ଚପଲ ପୂଜାଙ୍କର ବୋଲି ଚିହ୍ନଟ କରିଥିଲେ। ଗାଡି ଡିକିରୁ ପୂଜାଙ୍କ ମୋବାଇଲ ଫୋନ ମିଳିଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସନ୍ଧ୍ୟା ହୋଇ ଯାଇଥିବାରୁ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇ ନ ଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ସେ ଝିଅ ସହ ନଦୀକୁ ଡେଇଁ ଆତ୍ମହତ୍ୟା କରି ଥାଇ ପାରନ୍ତି ବୋଲି ପୋଲିସ ଓ ପରିବାର ଲୋକେ ସନ୍ଦେହ କରୁଛନ୍ତି। ତେବେ ମା, ଝିଅଙ୍କ ନିଖୋଜର ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଥିବା ସମ୍ବଲପୁର ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା କହିଛନ୍ତି। ଘଟଣାସ୍ଥଳକୁ ଆସିଥିବା ପୂଜାଙ୍କର ଜଣେ ସମ୍ପର୍କୀୟ ଏ ନେଇ ଅଧିକ କିଛି କହି ପାରି ନ ଥିଲେ। ସୂଚନାଯୋଗ୍ୟ ଯେ, ପୂଜା କଳାହାଣ୍ଡି ଜିଲା କେସିଙ୍ଗାରେ ୪ବର୍ଷ ତଳେ ବିବାହ କରିଥିଲେ। ପ୍ରାୟ ଏକ ସପ୍ତାହ ତଳେ ସେ ବାପଘରକୁ ଝିଅ ସହ ଆସି ଧମାରେ ଥିଲେ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାରେ କଂଗ୍ରେସ



କଂଗ୍ରେସ ପକ୍ଷରୁ ଭୁବନେଶ୍ୱର କେନ୍ଦ୍ରୀୟ ଗୋଇନ୍ଦା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ତୈଳ ଦର ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏହାକୁ ନେଇ ରାସ୍ତାକୁ ଓହ୍ଲାଇଛି କଂଗ୍ରେସ। କିଛିଦିନ ହେଲା ଲଗାତର ପେଟ୍ରୋଲ ଓ ଡିଜେଲ ଦାମ ବଢ଼ି ବର୍ତ୍ତମାନ ୮୧ ଓ ୮୦ ଟଙ୍କାରେ ପହଞ୍ଚିଲାଣି। ଫଳରେ ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଲେଣି ବୋଲି କଂଗ୍ରେସ ଅଭିଯୋଗ କରିଛି। ନିଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ନେତୃବୃନ୍ଦ ମଧ ପ୍ରତିବାଦ କରିଛନ୍ତି। ସୋମବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୦ରୁ ୧୨ଟା ପର୍ଯ୍ୟନ୍ତ ଏକ ନୀରବ ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମ କେନ୍ଦ୍ରୀୟ ଗୋଇନ୍ଦା କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ଜିଲା ମୁଖ୍ୟାଳୟ ସମ୍ମୁଖରେ ମଧ ଦଳୀୟ କାର୍ଯ୍ୟକର୍ତ୍ତାମାନେ ପ୍ରତିବାଦ କରିଛନ୍ତି। ଆସନ୍ତା ୪ ତାରିଖ ମଧରେ ସବୁ ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା କରାଯିବ ବୋଲି ଜଣାପଡିଛି।

ଏହି ଅବସରରେ ନିରଞ୍ଜନ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

କହିଛନ୍ତି, କେନ୍ଦ୍ର ସରକାର ତୈଳ ଦର, ଏକ୍ସାଇଜ୍ ଡ୍ୟୁଟି କମାଇବାରେ କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖଦାୟକ। ୨୦୧୧ ଉପା-୨ ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୭ ଡଲାର ଥିଲାବେଳେ ପେଟ୍ରୋଲ ଲିଟର ପିଛା ଦର ୭୮ ଟଙ୍କା ଓ ଡିଜେଲ ୭୩ ଟଙ୍କା ଥିଲା। କିନ୍ତୁ ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୪୨ ଡଲାର ଥିଲାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଭାଟ୍ ଏବଂ ଏକ୍ସାଇଜ୍ ଡ୍ୟୁଟି ଅହେତୁକ ବୃଦ୍ଧି କରିବା ଯୋଗୁ ପେଟ୍ରୋଲ ଲିଟର ପିଛା ୮୧ ଓ ଡିଜେଲ ଲିଟର ପିଛା ୮୦ ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ଦେଶ କରୋନା ମହାମାରୀରେ ଗତି କରୁଥିଲା ବେଳେ ତୈଳ ଦର ବୃଦ୍ଧି ଜନସାଧାରଣଙ୍କ ଉପରେ ଚଡ଼କ ପକାଇଛି। ଏହି ଅବସରରେ ପିସିସି ସଭାପତି ରାସ୍ତାକୁ ଯାଇ ଯାତାୟତ କରୁଥିବା ଅଟୋଚାଳକ, ବାଇକ୍ ଚାଳକ, ଗୃହିଣୀ ଓ କର୍ମଜୀବୀ ମହିଳାମାନଙ୍କୁ ତେଲ ଦର ବୃଦ୍ଧି ସମ୍ପର୍କରେ ସେମାନଙ୍କର ମତାମତ ଲୋଡ଼ିଛନ୍ତି। ଉତ୍ତରରେ ସମସ୍ତେ ତେଲ ଦର ବୃଦ୍ଧି ବିରୋଧରେ ମତ ଦେଇ ଏଥିପାଇଁ ସମସ୍ତେ ହନ୍ତସନ୍ତ ହେଉଛନ୍ତି ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରି ତୁରନ୍ତ ବିହୀତ ପଦକ୍ଷେପ ନେବା ପାଇଁ ଅନୁରୋଧ କରି ଏକ ସ୍ମାରକପତ୍ର ଏଡିଏମ୍‌ଙ୍କ ଜରିଆରେ ପ୍ରଦାନ କରାଯାଇଛି।

# ୬ଜଣଙ୍କ ବିରୋଧରେ ରିପୋର୍ଟ ପଠାଇବ ଶୃଙ୍ଖଳା କମିଟି

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ରାଜ୍ୟ ଯୁବ କଂଗ୍ରେସ ନୂତନ ସଭାପତି ଭାବେ ସ୍ମିତିରଞ୍ଜନ ଲେଙ୍କା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଦାୟିତ୍ୱ ପାଇ ନିଜ କର୍ମୀଙ୍କ ସହ କିଛିଦିନ ତଳେ ସ୍ମିତିରଞ୍ଜନ କଂଗ୍ରେସ ଭବନକୁ ଆସିବା

**କଂଗ୍ରେସ ଭବନ ଗଣ୍ଡଗୋଳ ଘଟଣା**

ସମୟରେ ହଠାତ୍ ଦଳର କିଛି ଯୁବ ଗୋଷ୍ଠୀଙ୍କ ସହ ମତଭେଦ ଦେଖିବାକୁ ମିଳିଥିଲା। ଯୁବ ସଭାପତି ପଦବୀକୁ ନେଇ ଅସନ୍ତୁଷ୍ଟ ଥିବା କେତେଜଣ ଯୁବ ନେତା ନିଜ କର୍ମୀଙ୍କ ସହ କଂଗ୍ରେସ ଭବନରେ ପ୍ରବଳ ପାଟିତୁଣ୍ଡ କରିବା ସହ ସ୍ମିତିରଞ୍ଜନଙ୍କୁ ଅଫିସ୍ ଭିତରକୁ ପୂରାଇ ଦେଇ ନ ଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ଘଟଣାର ତଦନ୍ତ ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏକ କମିଟି ଗଠନ କରିଥିଲେ। ରଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଏହି କମିଟରେ ଆଉ ୩ଜଣ ସଦସ୍ୟ ଥିଲେ। ଏହି କମିଟି ପକ୍ଷରୁ ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ୬ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)କୁ ସୁପାରିଶ କରାଯିବ ବୋଲି କଂଗ୍ରେସ ଶୃଙ୍ଖଳା କମିଟି ଅଧକ୍ଷ ରଞ୍ଜିବୀ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରଥଯାତ୍ରା ଦିନ କଂଗ୍ରେସ ଭବନରେ ଏହି ଘଟଣା ଘଟିଥିଲା।

# ଛତ୍ରପୁର ଏନ୍‌ଏସି ୬ ଦିନ ଶଟ୍‌ଡାଉନ୍

ଛତ୍ରପୁର,୨୯।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନ୍‌ଏସିରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏପରିକି ପଜିଟିଭ୍ ଚିହ୍ନଟ ହେଉଥିବା ରୋଗୀଙ୍କ ସଂସ୍ପର୍ଶରେ ଆସି ସ୍ଥାନୀୟ ଲୋକ ମଧ ସଂକ୍ରମିତ ହେଉଥିବା ଦେଖାଯାଉଛି। ଏ ନେଇ ପ୍ରଶାସନର ଚିନ୍ତା ବଢିଥିବା ବେଳେ ଜନସାଧାରଣ ମଧ ଭୟଭୀତ ହୋଇ ପଡିଛନ୍ତି। ସଂକ୍ରମଣ ରୋକିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାରଠାରୁ ୫ ତାରିଖ ପର୍ଯ୍ୟନ୍ତ ୬ ଦିନ ପାଇଁ ଏନ୍‌ଏସିରେ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଶର୍ଟଡାଉନ୍‌ରେ କେବଳ ଔଷଧ ଦୋକାନକୁ ଛାଡ଼ି ଆଉସବୁ ବନ୍ଦ ରହିବ। ସମସ୍ତେ ଘରେ ରହିବେ, ବାହାରକୁ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନ୍‌ଏସି ପକ୍ଷରୁ ସୋମବାର ଡାକବାଜି ଯନ୍ତ୍ର ଦ୍ୱାରା ଏ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି। ଏହା ଶୁଣିବା ପରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରରେ ପ୍ରବଳ ଭିଡ ହେବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଶନିବାର ଓ ରବିବାର ଶଟ୍‌ଡାଉନ୍ ପରେ ସୋମବାର ଅତ୍ୟାବଶକ ସାମଗ୍ରୀ ଦୋକାନ ଖୋଲିଥିଲା। ପୁଣି ୬ ଦିନ ଶଟ୍‌ଡାଉନ୍ ଘୋଷଣା ଯୋଗୁ ଲୋକଙ୍କ ସୁବିଧା ପାଇଁ ସୋମବାର ମଧ୍ୟାହ୍ନ ୧୨ଟା ପରିବର୍ତ୍ତେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦୋକାନ ଖୋଲିଥିଲା।

**ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ**

ନୋଟିସ୍ ସଂଖ୍ୟା: ୨୮୮୬ ତା: ୨୫।୦୬।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପାଳିକାର ହଳଦିଆ କଟା ବନ୍ଧ, ଗୌରିସାଗର ବନ୍ଧ, ମଦନ ମୋହନ ବନ୍ଧ, ଧୋବା ସାହି ବନ୍ଧ, ନଡ଼ିଆ ବଗିଚା, ଫଳନ୍‌ବଗିଚା, (ନର୍ସରୀ), ହାଟ ଗାଡ଼ିଆ, ଛୋଟ କେନାଲ (ଫଳବଗିଚା) ଆସନ୍ତା ତା୦୬।୦୭।୨୦୨୦ରିଖ ଦିନ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ। ଏଣୁ ତା ୨୯।୦୬।୨୦୨୦ରିଖ ଦିନ ଠାରୁ ତା୦୪।୦୭।୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ମଧରେ ପୌରପାଳିକା କାର୍ଯ୍ୟାଳୟରୁ ଟ.୫୦୦ଙ୍କା ଦାଖଲ କରି ଫର୍ମ କିଣି ଟେଣ୍ଡର ପକାଇ ପାରିବେ। ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ଅନୁଗୋଳ

# ଲକ୍ଷେ ୩୦ହଜାର ହେକ୍ଟର ଜମିରେ ଚାରାରୋପଣ ଲକ୍ଷ୍ୟ

ଭୁବନେଶ୍ୱର,୨୯।୬(ବ୍ୟୁରୋ): ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ ସବୁଜ ଘନତା ବଢାଇବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଉଛି। ଲୋକସେବା ଭବନରେ ସୋମବାର ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ତ୍ରିପାଠୀ ବୃକ୍ଷରୋପଣ ମାଧ୍ୟମରେ ଅଧିକ ନିଯୁକ୍ତି ସୃଷ୍ଟି ଏବଂ ରୋପିତ ଚାରାର ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କାର୍ଯ୍ୟ ସମ୍ବନ୍ଧିତ ଆର୍ଥିକ ଓ ପ୍ରଶାସନିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପିତ କରିଛନ୍ତି। ଚଳିତ ବର୍ଷ ୧,୩୦,୨୬୪ ହେକ୍ଟର ଜମିରେ ଚାରାରୋପଣ କରାଯିବାକୁ ସ୍ଥିର ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜଙ୍ଗଲ ଓ ପରିବେଶ ବିଭାଗ ମାଧ୍ୟମରେ ୫୨୨୨ ନର୍ସରୀ ମାଧ୍ୟମରେ ୧୩.୧୧କୋଟି ବିଭିନ୍ନ କିସମର ଚାରା ପ୍ରସ୍ତୁତ କରାଯାଇଛି। ବୃକ୍ଷ ରୋପଣ ପାଇଁ ୨୬୬୦ ସ୍ଥାନରେ ୧.୩୦ଲକ୍ଷ ହେକ୍ଟର ଜମି ଚିହ୍ନଟ କରାଯାଇଛି। ଏହିସବୁ ସ୍ଥାନରେ ଭୌଗୋଳିକ ସ୍ଥିତିର ସୂଚନା ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମର ପରିଚାଳନା ଓ ତଦାରଖ କରିବାକୁ ସ୍ଥିର ହୋଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ଜିଲା ନିଜର ସବୁଜୀକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଷମଙ୍କ ସୁବିଧା ନେଉଛନ୍ତି ସକ୍ଷମ

ନୟାଗଡ଼ ଅଫିସ,୨୯।୬

- ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ଭିନ୍ନକ୍ଷମ
- ୫ ହଜାର ନେଇ ଦଲାଲ ଦେଉଛନ୍ତି ପ୍ରମାଣପତ୍ର
- ଅଭିଯୋଗ ପରେ ଥାନାରେ ରୁଜୁ ହେଲା ମାମଲା

ନୟାଗଡ଼ ଜିଲାରେ ଭିନ୍ନକ୍ଷମଙ୍କ ସୁବିଧା ହାତଉଛନ୍ତି ସକ୍ଷମ। କେତେଜଣ ବିଭିନ୍ନ ଚାକିରିରେ ନିଯୁକ୍ତି ପାଇଥିବାବେଳେ ଆଉ କେତେଜଣ ଭତ୍ତା ପରି ସୁବିଧା ନେଉଛନ୍ତି। ତଦନ୍ତ ହେଉ ନ ଥିବାରୁ ଭିନ୍ନକ୍ଷମ ଦୁର୍ଦ୍ଦିନରେ ଦିନ କାଟିବାକୁ ବାଧ ହେଉଛନ୍ତି। ଭିନ୍ନକ୍ଷମଟିଏ ପ୍ରମାଣପତ୍ର ପାଇଁ ବାରମ୍ବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୌଡି ନିରାଶ ହେଉଥିବାବେଳେ ଦଲାଲଙ୍କ ଯୋଗୁ ସକ୍ଷମମାନେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ଅୟସ ଜୀବନଯାପନ କରୁଛନ୍ତି। ଦିବ୍ୟାଙ୍ଗ ୟୁନିୟନର ସଦସ୍ୟ ଏହାର ପ୍ରମାଣ ଦେବା ପରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଇଟାମାଟି ଥାନାରେ ଅଭିଯୋଗ ହୋଇଛି। ଦଲାଲମାନେ ୫ ହଜାର ଟଙ୍କା ନେଇ ଭିନ୍ନକ୍ଷମ ପ୍ରମାଣପତ୍ର ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି।

ଦିବ୍ୟାଙ୍ଗ ୟୁନିୟନର ସଦସ୍ୟମାନେ ସୋମବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ନିଜର ସମସ୍ୟା ଅବଗତ କରାଇଛନ୍ତି। ଭିନ୍ନକ୍ଷମ ବାପିନା ନାୟକଙ୍କ ସୂଚନା ଅନୁସାରେ ଜଣେ ଦଲାଲ ୫ ହଜାର ଟଙ୍କା ଦେଲେ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇଦେବେ ବୋଲି କହିଥିଲେ। ପରେ ଉକ୍ତ ଫୋନ ରେକର୍ଡିଂ ଓ ଫୋନ ନଂ.କୁ ସଂଘ ପକ୍ଷରୁ ଜିଲା ପ୍ରଶାସନକୁ ଦିଆଯାଇଛି। ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କୌଶଲ୍ୟା ପ୍ରଧାନ କୁହନ୍ତି, ଜିଲାରେ ଭିନ୍ନକ୍ଷମଙ୍କ ନାଁରେ କିଛି ସକ୍ଷମ ବ୍ୟକ୍ତି ପ୍ରମାଣପତ୍ର ହାତେଇ ନେଇଛନ୍ତି। ଏପରି କି ନୟାଗଡ ନବୋଦୟ ବିଦ୍ୟାଳୟରେ ଚାକିରି ମଧ କରିଛନ୍ତି। ସକ୍ଷମ ଲୋକ ଆମ ସୁବିଧା ନେଉଥିବାରୁ ଆମେ ଅଭିଶପ୍ତ ଜୀବନଯାପନ କରୁଛୁ। ଗଣେଶ ଖୁଣ୍ଟିଆ କୁହନ୍ତି, ଜିଲାରେ ଦଲାଲମାନେ ନକଲି ପ୍ରମାଣପତ୍ର ଦେଇ ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ସାହୁ କୁହନ୍ତି, ୫ ହଜାର ଲାଞ୍ଚ ନେଇ ପ୍ରମାଣପତ୍ର ଦେବା ସମ୍ପର୍କରେ ପ୍ରମାଣ ପାଇବା ପରେ ଇଟାମାଟି ଥାନାରେ ଆମ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଅଭିଯୋଗ କରାଯାଇଛି। ପୋଲିସ ଏହାର ତଦନ୍ତ କରୁଛି। ଇଟାମାଟି ଥାନା ଆଇଆଇସି ଶରତ ପାତ୍ର କୁହନ୍ତି, ଅଭିଯୋଗ ପରେ ୮୪/୨୦ରେ ମାମଲା ରୁଜୁ କରାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଭିନ୍ନକ୍ଷମମାନେ।

**GOVERNMENT OF ODISHA** No. b-05:-
**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, JHARSUGUDA**
Mail ID: eenhjsg@gmail.com, Ph. No. 0664-5271179
e-Procurement

**BID IDENTIFICATION No. - EENH/JSG/01/2020-21**

1. The **Executive Engineer, NH Division, Jharsuguda** on behalf of Governor of Odisha invites **Percentage Rate** bids in single cover system in **ONLINE MODE** for execution of **Road (RCC Drain)** work as detailed in the DTCN from the eligible class of contractors.
2. No of **works = 01 (One) Road (RCC Drain) work**
3. Tender Cost: **Rs.6,000.00**
4. Class of contractor: **"C" Class & "B" Class**.
5. Date & Time of available in website & receipt of Bids from **16.00 hours of 13.07.2020** to **17.00 hours of 28.07.2020**.
6. Bid opening Date: **31.07.2020 at 11.00 hours**.
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any corrigendum / Addendum will be displayed in the website **www.tendersodisha.gov.in**.

Sd./- Executive Engineer, NH Division, Jharsuguda
OIPR-34020/11/0001/2021

**OFFICE OF THE CDM & PHO-cum-DMD, DEOGARH**
**DISTRICT PROGRAMME MANAGEMENT UNIT (DPMU)**
**(Department of Health & Family Welfare, Govt. of Odisha)**

Letter No. 2183/DPMUDGH Date: 29.06.2020

**CORRIGENDUM**

**No. E-88:-** The Tender Call Notice for procurement of equipments for Geriatric Ward under Zilla Swasthya Samiti, Deogarh O/o CDM & PHO, Deogarh has been floated in the website on 11.06.2020 vide Bid Reference No. - CDM&PHO, Deogarh (1984/11.6.2020) & Notice No. 1981, Dt. 11.6.2020, the following changes has been made for submission of tender papers.

1. *In tender documents, Annexure-III, Equipements list, the item No. 10- Examination table, 11- Wheel chair, 12- Partition Screens 3 fold, 13- Traction, 14- Traction 3 fold bed, 15- Patient monitor 5 parameter and 18- Weighing machine may be **ignored** from the list.*
2. *In tender documents in item list, the **Make (brand name)** may be **ignored** for all items. In tender documents, the technical specification of the item No. 4, 14(a), 14(b), 14(c) & 16 may be ignored. The new technical specification of the above items are mentioned in the district website i.e. **www.deogarh.nic.in**.*
3. *The last date of submission of the tender has extended **upto 10.07.2020** & the date of opening of the bid is **on 13.07.2020 at 10.30 A.M.***

All other terms and conditions of the Tender Call Notice remain unaltered.

Sd./- CDM & PHO-cum-DMD, Deogarh
OIPR-10113/11/0004/2021

**ଶାଖାଗୁଡ଼ିକର ସମ୍ମିଶ୍ରଣ**

ପ୍ରିୟ ଗ୍ରାହକବୃନ୍ଦ,
ପରିଚାଳନା ମଣ୍ଡଳୀ ଦ୍ୱାରା ନିମ୍ନଲିଖିତ ଶାଖାଗୁଡ଼ିକୁ ଭୁବନେଶ୍ୱର ଶାଖା ସହିତ ସମ୍ମିଶ୍ରଣ କରିବା ଲାଗି ନିଷ୍ପତ୍ତି ନିଆଯାଇଛି ଯାହା ତା୩୦।୦୯।୨୦୨୦ରିଖଠାରୁ ଲାଗୁ ହେବ।

| ଶାଖାର ନାମ | ଠିକଣା |
|---|---|
| କଟକ | ପ୍ଲଟ- ୧୦୯୫, ମହାନଦୀ ବିହାର, ଜଷ୍ଟିସ ସ୍କୋୟାର ପାଖ, ନୟାବଜାର ପୋ., କଟକ - ୭୫୩ ୦୦୪ |
| ପୁରୀ | ରେଡ କ୍ରସ ରୋଡ଼, (ହସ୍ପିଟାଲ ସମ୍ମୁଖ), ପୋ.- ଷ୍ଟେସନ ରୋଡ଼, ପୁରୀ - ୭୫୨ ୦୦୨ |

ଫଳାନୁଯାୟୀ, ଉପରୋକ୍ତ ଶାଖାଗୁଡ଼ିକର କାର୍ଯ୍ୟଧାରା ନିମ୍ନଲିଖିତ ଠିକଣାରେ ଚାଲିବ।

| ଶାଖାର ନାମ | ଠିକଣା |
|---|---|
| ଭୁବନେଶ୍ୱର | ଭେରିଟାସ୍ ଫାଇନାନ୍ସ ପ୍ରାଇଭେଟ ଲିମିଟେଡ୍, ପ୍ଲଟ ନଂ.- ୨୭୦ ଏବଂ ୨୭୮, ସୁଷମା କମ୍ପ୍ଲେକ୍ସ, ରସୁଲଗଡ଼, ଭୁବନେଶ୍ୱର - ୭୫୧ ୦୧୦ |

ସହାୟତା ପାଇଁ, ଗ୍ରାହକମାନଙ୍କୁ ସମ୍ମିଶ୍ରିତ ଶାଖା ପାଇଁ ନୂଆ ଠିକଣାରେ ଯୋଗାଯୋଗ କରିବା ଲାଗି ଅନୁରୋଧ କରାଯାଉଛି। ଗ୍ରାହକମାନଙ୍କଠାରୁ ସହଯୋଗ ଆଶା କରୁଛୁ।

ପରିଚାଳନା ମଣ୍ଡଳୀ ପାଇଁ ଓ ତରଫରୁ
ଭେରିଟାସ୍ ଫାଇନାନ୍ସ ପ୍ରା. ଲିଃ
ସ୍ଥାନ: ଚେନ୍ନାଇ ଡି. ଅରୁଲମେନି
ତାରିଖ: ୨୯।୦୬।୨୦୨୦ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**ODISHA PUBLIC SERVICE COMMISSION**
**CUTTACK**

**NOTICE**

No. 3230 / P.S.C., Dt. 29.06.20
1E-06-19/20 (DR-III)

**No. D-26:-** It is for information of all concerned that the Commission have decided to conduct the written examination for recruitment to the post of **Assistant Fisheries Officer, Group-B** under Fisheries & ARD Department pursuant to Advt. No. 05 of 2019-20 **on 16.08.2020 (Sunday)** as per the programme mentioned below. The detailed programme of the written examination showing venue will be notified later in due course. The date of the written examination is tentatively fixed on 16.08.2020 or likely to be changed considering the then instructions & guidelines issued by the Government for maintaining safety during conduct of examination in view of the Covid-19 epidemic. The candidates are advised to visit the website of OPSC regularly for the knowledge of conduct of the written examination.

**PROGRAMME OF WRITTEN EXAMINATION**

| Date | Session | Paper | Time |
|---|---|---|---|
| 16.08.2020 (Sunday) | 1st Session | Paper-I | 10.00 A.M. to 12.30 P.M. (10.00 A.M. to 1.20 P.M. for PWD candidates) |
| | 2nd Session | Paper-II | 2.00 P.M. to 4.30 P.M. (2.00 P.M. to 5.20 P.M. for PWD candidates) |

Sd./- Additional Secretary
OIPR-12002/11/0012/2021

## ସଂକ୍ଷେପରେ

### ଶିଶୁ ମୃତ୍ୟୁ ଘଟଣା: ଏନ୍ଏଚ୍ଆର୍‌ସିଙ୍କ ଉଦ୍‌ବେଗ
### ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦିଅ

**ଭୁବନେଶ୍ୱର,୨୯।୬ (ବ୍ୟୁରୋ):** ପୋଲିଓ ବୁନ୍ଦା ଖାଇ ଶିଶୁମୃତ୍ୟୁ ଘଟଣାରେ କ୍ଷତିପୂରଣ ଦେବା ପାଇଁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ଯେଉଁ ନିର୍ଦ୍ଦେଶ ଦେଇଥିଲେ, ତାହାକୁ ପାଳନ କରିନାହାନ୍ତି ରାଜ୍ୟ ସରକାର। ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି କମିଶନ। ଉଲ୍ଲେଖଯୋଗ୍ୟ, ୨୦୧୪ ଜୁଲାଇରେ ନୟାଗଡ଼ ଜିଲା ରଣପୁର ବ୍ଲକ ବଳଭଦ୍ରପୁର ପଞ୍ଚାୟତର ୧୨ ଜଣ ଶିଶୁଙ୍କୁ ଡିପିଟି ହେପାଟାଇଟିସ୍-ବି ଓ ପୋଲିଓ ବୁନ୍ଦା ଦିଆଯାଇଥିଲା। ଏଥିରେ ଜଣେ ଶିଶୁର ମୃତ୍ୟୁ ହେବା ସହ ଅନ୍ୟ ୧୧ ଜଣ ଗୁରୁତର ହୋଇଥିଲେ। ଏହି ଘଟଣାରେ ସୂଚନା ଅଧିକାର କର୍ମୀ ଜୟନ୍ତ ଦାଶ ଫାଇଲ୍ କରିଥିବା ପିଟିସନ୍‌ର ଶୁଣାଣି କରି ୨୦୧୯ରେ ଏନ୍ଏଚ୍ଆର୍‌ସି ମୃତ ଶିଶୁଙ୍କ ପରିବାରକୁ ୪ ଲକ୍ଷ ଓ ଆହତଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟ ସରକାର କ୍ଷତିପୂରଣ ଦେଇ ନ ଥିଲେ କି ଏନ୍ଏଚ୍ଆରସିଙ୍କୁ ମଧ୍ୟ ରିପୋର୍ଟ କରି ନ ଥିଲେ। ଏନେଇ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦୁଇ ଦିନ ତଳେ ଏହି ମାମଲାର ପୁନର୍ବାର ଶୁଣାଣି କରି ୬ ସପ୍ତାହ ମଧ୍ୟରେ ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ଏହାର ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ।

### ୮ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଅମିନ

**ଅସ୍ତରଙ୍ଗ,୨୯।୬(ଡି.ଏନ୍.ଏ):** ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସୋମବାର ଜଣେ ଅମିନଙ୍କୁ ପୁରୀ ଭିଜିଲାନ୍ସ ଟିମ୍ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ ଅସ୍ତରଙ୍ଗ ଆର୍‌ଆଇ ଅଫିସ୍‌ରେ କାର୍ଯ୍ୟ କରୁଥିବା ଅମିନ ପ୍ରଫୁଲ୍ଲ ବେହେରା। ଏ ନେଇ ଭିଜିଲାନ୍ସ ଟିମ୍ ନଂ. ୧୬/୨୦ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଅସ୍ତରଙ୍ଗର ସର୍ବେଶ୍ୱର ଓଝା ନାମକ ବୃଦ୍ଧଙ୍କ ବାତ୍ୟାରେ ଘର ଭାଙ୍ଗିଯାଇଥିବାରୁ ସରକାରୀ ସହାୟତା ପାଇଁ ଆର୍‌ଆଇ ଅଫିସ୍‌କୁ ଯାଇଥିଲେ। ଏହି ରିପୋର୍ଟ ଦାଖଲ କରିବା ପାଇଁ ଅମିନ ପ୍ରଫୁଲ୍ଲ ବୃଦ୍ଧଙ୍କଠାରୁ ୧୨ ହଜାର ଟଙ୍କା ଦାବି କରିଥିଲେ। ବାରମ୍ବାର ଦୌଡ଼ି ବୃଦ୍ଧ ଜଣକ ନିରାଶ ହେବା ପରେ ୪ ହଜାର ଟଙ୍କା ଦେଇଥିଲେ। କିନ୍ତୁ ସମ୍ପୃକ୍ତ ଅମିନ ଏତିକିରେ ରାଜି ନ ହୋଇ ଆହୁରି ୮ ହଜାର ଟଙ୍କା ଦାବି କରିଥିଲେ। ଶେଷରେ ବୃଦ୍ଧ ନିରାଶ ହୋଇ ପୁରୀ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ଡିଏସ୍‌ପି ହରିନାରାୟଣ ପତି ଏକ ଟିମ ଗଠନ କରି ବୃଦ୍ଧଙ୍କ ସହ କଥାବାର୍ତ୍ତା କରି ଜାଲ ବିଛାଇଥିଲେ। ପୂର୍ବ ପ୍ରସ୍ତୁତ ଅନୁଯାୟୀ ସୋମବାର ଅପରାହ୍ନରେ ବୃଦ୍ଧଙ୍କଠାରୁ ଆର୍‌ଆଇ ଅଫିସ୍‌ରେ ଅମିନ ପ୍ରଫୁଲ୍ଲ ୮ ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରି ପୁରୀ ନେଇଛନ୍ତି।

# ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ପଦୋନ୍ନତି ପରେ ବଦଳି

**କଟକ ଅଫିସ,୨୯।୬**

- ୧୮ ଜଣଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କ୍‌କୁ ପଦୋନ୍ନତି
- ୮ ଡେପୁଟି କମାଣ୍ଡାଣ୍ଟଙ୍କ ବଦଳି ନିର୍ଦ୍ଦେଶ

ରାଜ୍ୟ ଗୃହ ବିଭାଗ ପକ୍ଷରୁ ୧୮ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କ୍‌କୁ ପଦୋନ୍ନତି ଦିଆଯିବା ସହ ବଦଳି କରାଯାଇଛି। ପଦୋନ୍ନତି ପରେ ରାଜ୍ୟ ପୋଲିସ ମୁଖ୍ୟାଳୟ ବଦଳି ତାଲିକା ଜାରି କରିଛି। ଏଥିରେ ୧୫ଜଣ ନୂତନ କାର୍ଯ୍ୟସ୍ଥଳରେ ଡେପୁଟି କମାଣ୍ଡାଣ୍ଟ ଭାବେ ଯୋଗଦେବେ।

ସେମାନଙ୍କ ମଧ୍ୟରୁ ଗୋପବନ୍ଧୁ ତ୍ରିପାଠୀଙ୍କୁ ଛତ୍ରପୁର ଓଏସ୍ଏପି ଅଷ୍ଟମ ବାଟାଲିୟନ୍‌ରୁ ବୌଦ୍ଧ ପଞ୍ଚମ ଆଇଆର୍ ବାଟାଲିୟନ୍‌କୁ ବଦଳି କରାଯାଇଛି। ସେହିଭଳି ବିଭୂତି ଭୂଷଣ ମହାରଣାଙ୍କୁ କଟକ ଏସ୍‌ପି ମୁଖ୍ୟାଳୟରୁ କୋରାପୁଟ ଚତୁର୍ଥ ଏସ୍ଏସ୍ ବାଟାଲିୟନ, ପ୍ରଶାନ୍ତ ଜେନାଙ୍କୁ ଭୁବନେଶ୍ୱର ଏସ୍ଓଜିରୁ କୋରାପୁଟ ପ୍ରଥମ ଆଇଆର୍ ବାଟାଲିୟନ, ବିଧୁଭୂଷଣ ଉଦ୍‌ଗାତାଙ୍କୁ ଭୁବନେଶ୍ୱର ଏସ୍ଓଜିରୁ ରାୟଗଡ଼ା ଦ୍ୱିତୀୟ ଆଇଆର୍ ବାଟାଲିୟନ, ପଓଲ ଦୟାଲ୍ ବା'ଙ୍କୁ ପାରଳାଖେମୁଣ୍ଡି ତୃତୀୟ ଏସ୍ଏସ୍ ବାଟାଲିୟନରୁ ଭୁବନେଶ୍ୱର ଏସ୍ଓଜି, ନୀଳାମ୍ବର ରୟଙ୍କୁ ଭଞ୍ଜନଗର ଅଷ୍ଟମ ଆଇଆର୍ ବାଟାଲିୟନ୍‌ରୁ ଦେଓଗଡ଼ ଚତୁର୍ଥ ଆଇଆର୍ ବାଟାଲିୟନ, ସରୋଜ ଜେନାଙ୍କୁ ଭୁବନେଶ୍ୱର ଏସ୍ଓଜିରୁ ମାଲକାନଗିରି ଚତୁର୍ଥ ଏସଏସ୍ ବାଟାଲିୟନ ବଦଳି କରାଯାଇଛି। ସେହିପରି କନ୍ଦେଶ୍ୱର କହଁରଙ୍କୁ କୋରାପୁଟ ସପ୍ତମ ଏସ୍ଆଇଆର୍ ବାଟାଲିୟନ୍‌ରୁ କୋରାପୁଟ ଏଇଟି, ପତର ସୋରେଙ୍ଗଙ୍କୁ କେନ୍ଦୁଝର ଦ୍ୱିତୀୟ ଏସ୍ଏସ୍ ବାଟାଲିୟନରୁ ସମ୍ବଲପୁର ପ୍ରଥମ ଏସ୍ଏସ୍ ବାଟାଲିୟନ, ପ୍ରମୋଦ ସାହାଣୀଙ୍କୁ ବାଲେଶ୍ୱର ହୋମ୍‌ଗାର୍ଡ଼ରୁ କଳିଙ୍ଗନଗର ତୃତୀୟ ଆଇଆର୍ ବାଟାଲିୟନ, ମକରଧ୍ୱଜ ନାୟକଙ୍କୁ ବୌଦ୍ଧ ପଞ୍ଚମ ଆଇଆର୍ ବାଟାଲିୟନରୁ କେନ୍ଦୁଝର ଦ୍ୱିତୀୟ ଏସଏସ୍ ବାଟାଲିୟନ, ସୁଶାନ୍ତ ଦାସଙ୍କୁ କୋରାପୁଟ ପ୍ରଥମ ଆଇଆର୍ ବାଟାଲିୟନରୁ ଭୁବନେଶ୍ୱର ଓଆଇଏସ୍ଏଫ୍, ଅଶୋକ ସାହୁଙ୍କୁ ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁରୁ ଭୁବନେଶ୍ୱର ଏସ୍ଓଜି, ଦୀପକ ଦେହୁରୀଙ୍କୁ ରାଉରକେଲା ଚତୁର୍ଥ ଓଏସ୍ଏପି ବାଟାଲିୟନରୁ ରାୟଗଡ଼ା ଦ୍ୱିତୀୟ ଆଇଆର୍ ବାଟାଲିୟନ, ଅନିଲ ପ୍ରଧାନଙ୍କୁ କମିଶନରେଟ୍ ପୋଲିସର ଏସ୍ଏସ୍ ବାଟାଲିୟନରୁ ବୌଦ୍ଧ ପଞ୍ଚମ ଆଇଆର୍ ବାଟାଲିୟନକୁ ବଦଳି ହୋଇଛି। ସେହିଭଳି ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି ପାଇବା ପରେ ଅଶୋକ ପାଣିଗ୍ରାହୀଙ୍କୁ ହୋମ୍‌ଗାର୍ଡ଼ ଭୁବନେଶ୍ୱରରୁ କମିଶନରେଟ୍ ପୋଲିସରେ ଅତିରିକ୍ତ ଡିସିପି (ସିକ୍ୟୁରିଟି), ମନୋଜ ଦାସଙ୍କୁ କଳିଙ୍ଗନଗର ତୃତୀୟ ଆଇଆର୍ ବାଟାଲିୟନରେ ଡେପୁଟି କମାଣ୍ଡାଣ୍ଟ ଓ ଭବେଶ ନାୟକଙ୍କୁ ନୟାଗଡ଼ ପିଟିଏସ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି।

ସେହିଭଳି ୮ଜଣ ଡେପୁଟି କମାଣ୍ଡାଣ୍ଟଙ୍କ ମଧ୍ୟ ବଦଳି ହୋଇଛି। ବୁଦ୍ଧ ତମାଙ୍ଗଙ୍କୁ ସମ୍ବଲପୁର ପ୍ରଥମ ଏସ୍ଏସ୍ ବାଟାଲିୟନରୁ ଭୁବନେଶ୍ୱର ଏସ୍ଓଜି, ତାପସ ରଞ୍ଜନ ଦାସଙ୍କୁ ଭୁବନେଶ୍ୱର ଏସ୍ଓଜିରୁ କୋରାପୁଟ ଏସ୍ଓଜି, ହୃଷିକେଶ ରଥଙ୍କୁ କଟକ ଓଆଇଏସ୍ଏଫ୍‌ରୁ ରାୟଗଡ଼ା ତୃତୀୟ ଏସ୍ଏସ୍ ବାଟାଲିୟନ, ସରୋଜ ମହାପାତ୍ରଙ୍କୁ ଏସ୍ଓଜି ଭୁବନେଶ୍ୱରରୁ ରାୟଗଡ଼ା ଦ୍ୱିତୀୟ ଆଇଆର୍ ବାଟାଲିୟନ, ପ୍ରଫୁଲ୍ଲ ସିଂଙ୍କୁ ଭୁବନେଶ୍ୱର ଓଏପିଏସ୍‌ରୁ କୋରାପୁଟ ପ୍ରଥମ ଆଇଆର୍ ବାଟାଲିୟନ, ସାରଦା ପ୍ରସାଦ ଦାସଙ୍କୁ ମାଲକାନଗିରି ଚତୁର୍ଥ ବାଟାଲିୟନରୁ କଟକ ଓଏସ୍ଏପି ଷଷ୍ଠ ବାଟାଲିୟନ, ବ୍ରଜମୋହନ ନାୟକଙ୍କୁ କୋରାପୁଟ ପ୍ରଥମ ଆଇଆର୍ ବାଟାଲିୟନରୁ କମିଶନରେଟ୍ ଅତିରିକ୍ତ ଡିସିପି (ସିକ୍ୟୁରିଟି) ଏବଂ ଲକ୍ଷ୍ମଣ ସିଂଙ୍କୁ ଦେବଗଡ଼ ଚତୁର୍ଥ ଆଇଆର୍ ବାଟାଲିୟନରୁ ଝାରସୁଗୁଡ଼ା ଦ୍ୱିତୀୟ ଓଏସ୍ଏପି ବାଟାଲିୟନକୁ ବଦଳି କରାଯାଇଛି।



# ପୁରୀ ବେଳାଭୂମିରେ ମୃତ ଫିନ୍‌ଲେସ୍ ପର୍ପଏଜ୍

**ପୁରୀ ଅଫିସ,୨୯।୬**

ପୁରୀ ବେଳାଭୂମିରେ ସୋମବାର ସକାଳେ ଫିନ୍‌ଲେସ୍ ପର୍ପଏଜ (ଶାର୍କ ଓ ଡଲ୍‌ଫିନ ସମଜାତୀୟ)ର କ୍ଷତବିକ୍ଷତ ମୃତଦେହ ଦେଖିବାକୁ ମିଳିଥିଲା। ବ୍ଲୁ ଫ୍ଲାଗ୍ ବେଳାଭୂମି ନିକଟରେ ଏହା ଲାଗିଥିବାବେଳେ ବନ ବିଭାଗ କର୍ମଚାରୀମାନେ ଖବର ପାଇ ପହଞ୍ଚିଥିଲେ। ପରେ ଏହାର ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଞ୍ଜନ ରଥ କହିଛନ୍ତି, ଫିନ୍‌ଲେସ୍ ପର୍ପଏଜ ଓଡ଼ିଶା ସମୁଦ୍ର ଉପକୂଳରେ ଅଧିକ ମାତ୍ରାରେ ଦେଖାଯାନ୍ତି। ଏମାନଙ୍କର ସର୍ବାଧିକ ଲମ୍ବ ୨ ମିଟର ହୋଇଥାଏ। ଏହା ସାଧାରଣତଃ ଯୋଡ଼ି କିମ୍ବା ଛୋଟ ଗୋଷ୍ଠୀରେ ଚଳପ୍ରଚଳ କରିଥାନ୍ତି। ବିଶେଷକରି ସମୁଦ୍ର ଓ ମୁହାଣ ମୁହଁରେ ଏମାନେ ଦେଖାଯାନ୍ତି। ବିରଳ ପ୍ରଜାତିର ଏହି ଫିନ୍‌ଲେସ୍ ପର୍ପଏଜ ଥରକେ ୨ରୁ ୩ଟି ଛୁଆ ଜନ୍ମ କରନ୍ତି। ତେବେ ସୋମବାର ସକାଳେ ବେଳାଭୂମିରେ ଲାଗିଥିବା ମୃତ ଫିନ୍‌ଲେସ୍ ପର୍ପଏଜକୁ ବୁଲ୍ ଶାର୍କ ଆକ୍ରମଣ କରି ପେଟ ପାଖରୁ ଅଧା ଖାଇଦେଇଥିବା ଅନୁମାନ କରାଯାଉଛି। କାରଣ ବୁଲ୍ ଶାର୍କର ବର୍ତ୍ତମାନ ପ୍ରଜନନ ସମୟ। ଏମାନେ ଏବେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଚଳପ୍ରଚଳ କରୁଛନ୍ତି। ତେଣୁ ଫିନ୍‌ଲେସ୍ ପର୍ପଏଜ ବୁଲ୍ ଶାର୍କର ଶିକାର ହୋଇଥିବା ରଥ କହିଛନ୍ତି।



**ସାମାଜିକ ଦୂରତ୍ୱ ନାହିଁ:** ଆଡ଼ପ ଅବଢ଼ା ନେବା ପାଇଁ ଗୁଣ୍ଡିଚା ମନ୍ଦିର ନିକଟରେ ଲୋକଙ୍କ ଭିଡ଼।

# ଆଡ଼ପ ଅବଢ଼ା ପାଇଁ ଅସମ୍ଭାଳ ଭିଡ଼

**ପୁରୀ ଅଫିସ,୨୯।୬**

**ପ୍ରଶାସନିକ ବ୍ୟବସ୍ଥା ଫୁଙ୍ଗୁଳା**

- ଲକ୍ଷାଧିକ ଟଙ୍କାରେ ନିର୍ମିତ ଶେଡ୍ ଫାଙ୍କା
- ଟ୍ରାଫିକ ଜାମ୍‌ରେ ଫସିଲା ଆମ୍ବୁଲାନ୍ସ

କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ଭାବେ ପାଳନ କରାଯିବ। ସାମାଜିକ ଦୂରତ୍ୱ ଯେପରି ରହିବ ସେଥିପ୍ରତି ସମସ୍ତେ ସଚେତନ ହେବେ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଘୋଷଯାତ୍ରାର ସମସ୍ତ ପ୍ରକ୍ରିୟା ସମ୍ପନ୍ନ ହେବ। ଶେଷ ମୁହୂର୍ତ୍ତରେ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ମିଳିବା ନେଇ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ପରେ ଅଧିକାରୀମାନେ ଏମିତି କହିଥିଲେ। ହେଲେ ସୋମବାର ଆଡ଼ପ ଅବଢ଼ା ନେବା ପାଇଁ ଭକ୍ତଙ୍କ ଗହଳି ପ୍ରଶାସନିକ ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇ ଦେଇଛି। ବର୍ଷକୁ ଥରେ ମିଳୁଥିବା ଆଡ଼ପ ଅବଢ଼ା ଭକ୍ତମାନେ କିପରି ସହଜରେ ପାଇବେ ସେଥିଲାଗି ବସ୍‌ଷ୍ଟାଣ୍ଡରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଶେଡ୍ ପ୍ରସ୍ତୁତ କରାଯାଇଛି। ମାତ୍ର ସୋମବାର ଏହି ଶେଡ୍ ଫୁଙ୍ଗୁଳା ପଡ଼ିଥିବାବେଳେ ଗୁଣ୍ଡିଚା ମନ୍ଦିର ନିକଟ ବିଶେଷକରି ନୃସିଂହ ମନ୍ଦିର ସମ୍ମୁଖରେ ହୋଇଥିଲା ଅସମ୍ଭାଳ ଭିଡ଼। ରାସ୍ତାରେ ଗାଡ଼ିମୋଟର ରଖି ଠିଆ ହୋଇଥିବାରୁ ମାଟିଆପଡ଼ା ଛକରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍ ହୋଇଥିଲା। ଦ୍ୱିପ୍ରହରରେ ଏକପ୍ରକାର ଅଣାୟତ୍ତ ପରିସ୍ଥିତି ଉପୁଜିଥିଲା। ଏହାକୁ ବ୍ୟବସ୍ଥିତ କରିବା ଲାଗି ନା ଥିଲେ ପୋଲିସ ନା ପ୍ରଶାସନିକ ଅଧିକାରୀ। ଫଳରେ ଜାମ୍‌ରେ ଫସିଥିଲା ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନକାରୀ ଗାଡ଼ି।

ନବଦିନାତ୍ମକ ଯାତ୍ରାରେ ଆସି ମହାପ୍ରଭୁ ଏବେ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ଗୁଣ୍ଡିଚା ମନ୍ଦିରରେ ପ୍ରସ୍ତୁତ ହେଉଛି ଆଡ଼ପ ଅବଢ଼ା। ବର୍ଷକୁ ଥରେ ଆଡ଼ପ ଅବଢ଼ା ମିଳୁଥିବାରୁ ଏହାକୁ ପାଇବା ଲାଗି ଶ୍ରଦ୍ଧାଳୁଙ୍କ ବିଶେଷ ଆଗ୍ରହ ରହିଥାଏ। ମଙ୍ଗଳବାର ନବମୀ ସନ୍ଧ୍ୟା ଦର୍ଶନ ଦିନ ହିଁ ଶେଷ ଆଡ଼ପ ଅବଢ଼ା ବାହାରିବ। ତେଣୁ ସୋମବାର ମହାପ୍ରସାଦ ନେବା ଲାଗି ଗୁଣ୍ଡିଚା ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ମାତ୍ର କିପରି ଶୃଙ୍ଖଳିତ ଭାବେ ମହାପ୍ରସାଦ ମିଳିପାରିବ ତାହାକୁ ବ୍ୟବସ୍ଥିତ କରିବାକୁ କେହି ନ ଥିଲେ। ସାମାଜିକ ଦୂରତ୍ୱ ନିୟମକୁ କେହି ମାନି ନ ଥିଲେ। ଶହ ଶହ ସଂଖ୍ୟାରେ ଲୋକେ ନୃସିଂହ ମଣ୍ଡପ ସମ୍ମୁଖ ସ୍ଥାନରେ ରୁଣ୍ଡ ହୋଇଥିବାବେଳେ ରାସ୍ତା ଉପରେ ବାଇକ୍ ପାର୍କିଂ କରିଥିଲେ। ଫଳରେ ମାଟିଆପଡ଼ା ଛକରେ ଟ୍ରାଫିକ ଜାମ୍ ହୋଇଥିଲା। ଅପରାହ୍ନ ପ୍ରାୟ ୩ଟା ପାଖାପାଖି ଏକ ଆମ୍ବୁଲାନ୍ସ ଏହି ଜାମ୍‌ରେ ଫସିଯାଇଥିଲା। ବେଶ୍ କିଛି ସମୟ ପରେ ଆମ୍ବୁଲାନ୍ସଟି ଏଥିରୁ ମୁକ୍ତି ପାଇଥିଲା। ରଥଯାତ୍ରା ଦିନ ଯଦି କୌଣସି ଭକ୍ତ ଗଳିରେ ଥାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲା ତାହାଲେ ପୋଲିସ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କହି ଲୋକଙ୍କୁ ଗୋଡ଼ାଇ ପିଟିଥିଲା। ଏମିତି କି ହସ୍ପିଟାଲ ପରିସରରେ ପଶି ଗୋଡ଼ାଇ ପିଟିଥିବାର ଭିଡିଓ ଭାଇରାଲ ହୋଇଥିଲା। ମାତ୍ର ସୋମବାର ଏହି ଚିତ୍ର ପୁରା ଓଲଟା ଦେଖିବାକୁ ମିଳିଥିଲା।

# ଓଡ଼ିଶାର ପଦକ୍ଷେପ ଉପରେ କେନ୍ଦ୍ରର ନଜର

**ହସ୍ପିଟାଲିଟି, ଟ୍ରାଭେଲ ଶିଳ୍ପକୁ ସହାୟତା ପ୍ରସଙ୍ଗ**

- ଏଟିଆର୍ ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ଚିଠି
- ବିଭିନ୍ନ ଦେୟରେ କୋହଳ, ଟିକସ ଅଧା ପାଇଁ ପରାମର୍ଶ

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

**'କଟକଣା ସହ ପର୍ଯ୍ୟଟନ ସ୍ଥଳ ଖୋଲୁ'**

ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଓ ପର୍ଯ୍ୟଟନ କେନ୍ଦ୍ରକୁ ଖୋଲିବା ପାଇଁ ଦାବିହୋଇ ଆସୁଛି। ରାଜ୍ୟକୁ ବିମାନ ଚଳାଚଳ ଆରମ୍ଭ ହୋଇଥିବାବେଳେ ହୋଟେଲଗୁଡ଼ିକୁ ୩୦ ପ୍ରତିଶତ କର୍ମଚାରୀରେ ଖୋଲିବାରୁ ଆବଶ୍ୟକତା ରହିଛି। ହେଲେ ପର୍ଯ୍ୟଟନସ୍ଥଳୀଗୁଡ଼ିକ ବନ୍ଦ ଥିବାରୁ ରାଜ୍ୟକୁ ପର୍ଯ୍ୟଟକ ଆସୁନାହାନ୍ତି କି ହୋଟେଲରେ ରହୁନାହାନ୍ତି। ତେଣୁ ସମସ୍ତ ପ୍ରକାର ପ୍ରାକ୍ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରି ପର୍ଯ୍ୟଟନସ୍ଥଳୀକୁ ଖୋଲିବାକୁ ସରକାରଙ୍କ ଉପରେ ଚାପପଡୁଥିବା ଜଣାପଡ଼ିଛି। ଏହାଦ୍ୱାରା ହୋଟେଲର ମେଣ୍ଟେନାନ୍ସ, ବିଦ୍ୟୁତ ଦେୟ, ବ୍ୟାଙ୍କ ଋଣ, ଇଏମ୍ଆଇ ଆଦି ସହ କର୍ମଚାରୀଙ୍କ ମାସିକ ବେତନ ଦେବା ହୋଟେଲ ମାଲିକଙ୍କ ପାଇଁ ସମ୍ଭବ ହୋଇପାରିବ ବୋଲି ସଂଘଗୁଡ଼ିକ ପକ୍ଷରୁ କୁହାଯାଇଛି।

କରୋନା ପାଇଁ ଦେଶର ପର୍ଯ୍ୟଟନ ଶିଳ୍ପ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ହୋଟେଲ, ରେଷ୍ଟୁରାଣ୍ଟ ଆଦି ହସ୍ପିଟାଲିଟି ଶିଳ୍ପ ସହ ସମ୍ପୃକ୍ତ ଅନ୍ୟ ସଂସ୍ଥାଗୁଡ଼ିକ ମଧ୍ୟ ଏକପ୍ରକାର ଦେବାଳିଆ ହୋଇଯାଇଛି। ଏହି ସଂସ୍ଥାଗୁଡ଼ିକୁ ଓଡ଼ିଶା ସରକାର କି ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି ସେ ସଂକ୍ରାନ୍ତରେ ଆକ୍ସନ ଟେକେନ ରିପୋର୍ଟ(ଏଟିଆର) ଦେବାକୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲାଦ ସିଂହ ପଟେଲ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ପତ୍ର ଲେଖିଛନ୍ତି। ପର୍ଯ୍ୟଟନ ଶିଳ୍ପକୁ ସହାୟତା ଲାଗି ଏଫ୍ଏଚ୍ଆର୍ଏଆଇ, ଏଚ୍ଆର୍ଏଓ, ଆସୋସିଏଶନ୍ସ ଅଫ୍ ବଜେଟ୍ ହୋଟେଲ୍ସ ଆଣ୍ଡ ଗେଷ୍ଟ ହାଉସେସ୍ ଅଫ୍ ଓଡ଼ିଶା, ଟୁର୍ ଅପରେଟର୍ସ ଆସୋସିଏଶନ, ଫିକି ଓ ସିଆଇଆଇ ଭଳି ବିଭିନ୍ନ ସଙ୍ଗଠନର ଦାବିପରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଏହି ଚିଠି ପଠାଇଛି। ତେବେ ଏ କ୍ଷେତ୍ରରେ ଓଡ଼ିଶା ସରକାର କେଉଁ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ତାହା ଉପରେ କେନ୍ଦ୍ରର ନଜର ରହିଛି। ଏହି ଆଧାରରେ କେନ୍ଦ୍ର ସରକାର ଅନ୍ୟ ରାଜ୍ୟଗୁଡ଼ିକ ସହିତ ଏ ସଂକ୍ରାନ୍ତରେ ଆଲୋଚନା କରିବେ ବୋଲି ପତ୍ରରେ ଉଲ୍ଲେଖ ରହିଛି।

ଏଥିସହ କେନ୍ଦ୍ର ପର୍ଯ୍ୟଟନ ସଚିବ ଯୋଗେନ୍ଦ୍ର ତ୍ରିପାଠୀ ମଧ୍ୟ ହସ୍ପିଟାଲିଟି ଇଣ୍ଡଷ୍ଟ୍ରିକୁ ଦିଆଯାଉଥିବା ସହାୟତା ତାଲିକା ଦେବାପାଇଁ ରାଜ୍ୟ ସରକାରଙ୍କୁ କହିଛନ୍ତି। ହୋଟେଲ ଓ ଟ୍ରାଭେଲ ସଂସ୍ଥାଗୁଡ଼ିକ ରାଜ୍ୟ ସରକାର, ବିଭିନ୍ନ ସରକାରୀ ଉଦ୍ୟୋଗ ଓ ପୌରସଂସ୍ଥାକୁ ବିଳମ୍ବରେ ବିଭିନ୍ନ ଦେୟ ଦେଲେ ମଧ୍ୟ କୌଣସି ଜରିମାନା ନ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ସରକାରଙ୍କ ଦ୍ୱାରା ଲାଗୁ କଟକଣା ହସ୍ପିଟାଲିଟି ଓ ଟ୍ରାଭେଲ ଶିଳ୍ପ ପାଇଁ କୋହଳ କରିବା ସହ ବିଭିନ୍ନ ଲାଇସେନ୍ସ ଅବଧି ବଢାଇବାକୁ କୁହାଯାଇଛି। ସେହିଭଳି ଅବକାରୀ ଟିକସ ରିହାତି, ବିଦ୍ୟୁତ ଦେୟରେ କୋହଳ, ସମ୍ପତ୍ତି ଟିକସ ପରିମାଣ ଅଧା କରିବାକୁ ରାଜ୍ୟକୁ ଅନୁରୋଧ କରାଯାଇଛି।

# ୨ ହଜାର କୋଟି ଟପିଲା 'ମମତା' ଯୋଜନା ସହାୟତା ରାଶି

**ଭୁବନେଶ୍ୱର,୨୯।୬(ବ୍ୟୁରୋ):** ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ମମତା' ଯୋଜନା ଏକ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ପ୍ରାୟ ୪୩ ଲକ୍ଷ ଗର୍ଭବତୀ ଏବଂ ପ୍ରସୂତିଙ୍କୁ ୨୦୦୬ କୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ୨୦୧୬ ସୁଦ୍ଧା ୨୫ ଲକ୍ଷ ହିତାଧିକାରୀ ଉପକୃତ ହୋଇଥିବାବେଳେ ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇଛି। ୨୦୧୯ରୁ 'ମୋ ସରକାର' କାର୍ଯ୍ୟକ୍ରମରେ ଏହା ସାମିଲ ହେବା ପରେ ଯୋଜନାର ସଫଳ ଅଧିକ ମିଳିଛି। ଏହି ଯୋଜନାରେ ଦୁଇଟି କିସ୍ତିରେ ୫ ହଜାର ଟଙ୍କାର ଅର୍ଥରାଶି ଦୁଇଟି ସନ୍ତାନଙ୍କ ଜନ୍ମ ପର୍ଯ୍ୟନ୍ତ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନୂତନ ନିୟମ ପ୍ରଣୟନପୂର୍ବକ ଆଦିମ ଜନଜାତି ବର୍ଗ (ପିଭିଟିଜି) ମହିଳାଙ୍କ କ୍ଷେତ୍ରରେ ୨ରୁ ଅଧିକ ସନ୍ତାନ ଜନ୍ମ କ୍ଷେତ୍ରରେ ମଧ୍ୟ ସହାୟତା ରାଶି ପ୍ରଦାନ କରାଯାଉଛି। ଡାକ୍ତରଖାନାରେ ସନ୍ତାନ ପ୍ରସବ ପାଇଁ ପ୍ରୋତ୍ସାହିତ କରିବା ସହ ସୁଷମ ଓ ପୌଷ୍ଟିକ ଆହାର ମାଧ୍ୟମରେ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ରକ୍ଷା ଏବଂ କାର୍ଯ୍ୟରତ ମହିଳାଙ୍କ ସାମୟିକ ମଜୁରି ଭରଣା ତଥା ପ୍ରସୂତିକାଳୀନ ବିଶ୍ରାମ ଦେବାରେ 'ମମତା' ଯୋଜନା ଉପଯୋଗୀ ସାବ୍ୟସ୍ତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ତେଲ ଦର ବୃଦ୍ଧି ପ୍ରତ୍ୟାହାର ଦାବି

**ପୁରୀ ଅଫିସ,୨୯।୬**

କିଛିଦିନ ହେବ ପେଟ୍ରୋଲ ଓ ଡିଜେଲ ଦର ବଢିବାରେ ଲାଗିଛି। ଏହି ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବିରେ ସୋମବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଲକ୍‌ଡାଉନ ପୂର୍ବରୁ ଡିଜେଲ ଦର ୬୨ଟଙ୍କା ୩୦ ପଇସା ଥିବାବେଳେ ବର୍ତ୍ତମାନ ଏହା ୮୦ ଟଙ୍କା ୪୦ ପଇସା ଛୁଇଁଲାଣି। ସେହିପରି ପେଟ୍ରୋଲ ୬୯ଟଙ୍କା ୪୦ ପଇସା ଥିବାବେଳେ ବର୍ତ୍ତମାନ ୮୦ ଟଙ୍କା ୩୮ ପଇସାରେ ପହଞ୍ଚିଲାଣି। ଯାହାକି ମହାମାରୀ କରୋନା ସମୟରେ ଖାଉଟିଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ। ଗତ ୨୧ ଦିନରେ ଡିଜେଲ ଦର ୧୦ଟଙ୍କା ୮୫ ପଇସା ବଢିଥିବା ବେଳେ ପେଟ୍ରୋଲ ୯ଟଙ୍କା ୨୫ ପଇସା ବୃଦ୍ଧି ପାଇଛି। ଏହାଦ୍ୱାରା ଅନ୍ୟ ସାମଗ୍ରୀର ଦାମ୍ ମଧ୍ୟ ବଢିବ। ତେଣୁ ତୁରନ୍ତ ତେଲ ଦର ପ୍ରତ୍ୟାହାର ପାଇଁ କଂଗ୍ରେସ ଦାବି କରିଛି। ଜିଲା କଂଗ୍ରେସ କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ, ପିସିସି ସମ୍ପାଦକ ବିଶ୍ୱଭୂଷଣ ଦାସ, ଜିଲା ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଦିଲୀପ କୁମାର ନାୟକ, ଅଜିତ କୁମାର ମଙ୍ଗରାଜ, ଜୟନାରାୟଣ ପଟ୍ଟନାୟକ, ଲଲାଟେନ୍ଦୁ ଦାସ, ନିରୁପମା ପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ଦିଆଯାଇଛି।




ଜିଲାପାଳଙ୍କୁ ସ୍ମାରକପତ୍ର ଦେବା ପାଇଁ ଆସିଥିବା କଂଗ୍ରେସର କର୍ମକର୍ତ୍ତା।

# ଦିବ୍ୟ କୃପା ଲାଭରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ

**ପୁରୀ ଅଫିସ,୨୯।୬**

ଆଷାଢ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହୋଇଥିବା ଶୀଗୁଣ୍ଡିଚା ଯାତ୍ରାର ଅଷ୍ଟମ ଦିବସ ତଥା ନବମୀ ତିଥିରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ। ଯିବା ଦିନ ଓ ଆସିବା ଦିନକୁ ଛାଡ଼ି ଏକ ସପ୍ତାହ ପର୍ଯ୍ୟନ୍ତ ଠାକୁରମାନେ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥାନ୍ତି। ମହାପ୍ରଭୁ ଆଡ଼ପ ମଣ୍ଡପରେ ଅବସ୍ଥାନ କରୁଥିବା ସମୟରେ ଯେଉଁ ଭକ୍ତ ତାଙ୍କୁ ଗୋଟିଏ ଦିନ ଦର୍ଶନ କରନ୍ତି ସେମାନେ ନୀଳାଦ୍ରିରେ ୧୦ ବର୍ଷ ଦର୍ଶନ କରିବାର ପୁଣ୍ୟଫଳ ଲାଭ କରନ୍ତି ଓ ଦିନରେ ଦର୍ଶନ କରିବା ଅପେକ୍ଷା ରାତିରେ ଦର୍ଶନ କଲେ ଦଶଗୁଣ ଫଳପ୍ରାପ୍ତି ହୁଅନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ତେଣୁ ଆଡ଼ପ ମଣ୍ଡପରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରତୀକ୍ଷା ରହିଥାଏ। ମଙ୍ଗଳବାର ହେଉଛି ନବମୀ ସନ୍ଧ୍ୟା ଦର୍ଶନ। ହେଲେ ଏଥର ଭକ୍ତଙ୍କୁ ଏହି ଦିବ୍ୟ ଦର୍ଶନର ସୁଯୋଗ ମିଳିବ ନାହିଁ। ଭକ୍ତ-ଭଗବାନଙ୍କ ମଧ୍ୟରେ ଲକ୍ଷ୍ମଣରେଖା ଟାଣିଛି କରୋନା। ତେଣୁ ଦିବ୍ୟ କୃପା ଲାଭର ମହାର୍ଘ ଅବସରରୁ ଶ୍ରଦ୍ଧାଳୁ ବଞ୍ଚିତ ହେବେ।



ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ତିନି ରଥ।

**ଆଜି ନବମୀ ସନ୍ଧ୍ୟା ଦର୍ଶନ**

ସନ୍ଧ୍ୟା ଦର୍ଶନର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ସନ୍ଧ୍ୟା କାଳ ହେଉଛି ଭଗବାନଙ୍କୁ ଉପାସନା କରିବାର ପ୍ରକୃଷ୍ଟ ସମୟ। ବୈଦିକ ପରମ୍ପରା ଅନୁଯାୟୀ, ଆର୍ଯ୍ୟ ଋଷିଗଣ ପ୍ରତ୍ୟହ ତ୍ରିକାଳ ସନ୍ଧ୍ୟାରେ ଈଶ୍ୱରଙ୍କୁ ଆରାଧନା କରିଥାନ୍ତି। ଆଡ଼ପ ମଣ୍ଡପରେ ଏକ ସପ୍ତାହ ଧରି ଠାକୁରମାନେ ଅବସ୍ଥାନ କରୁଥିବା ବେଳେ ନବମୀ ସନ୍ଧ୍ୟାର ବିଶେଷ ଗୁରୁତ୍ୱ ରହିଛି। ଏହି ସନ୍ଧ୍ୟା ହେଉଛି ଦାରୁବିଗ୍ରହମାନଙ୍କର ଆଡ଼ପ ମଣ୍ଡପ ଅବସ୍ଥାନର ଅନ୍ତିମ ସନ୍ଧ୍ୟା। ଏହି ସନ୍ଧ୍ୟାର ପୁଣ୍ୟ ଅବସରରେ ଜନ୍ମମାଟିରେ ସମାଗତ ପ୍ରିୟ ଭକ୍ତଗଣଙ୍କୁ ଶେଷ ଦର୍ଶନ ଦେଇ ସେମାନଙ୍କୁ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି ମହାପ୍ରଭୁ। ସ୍କନ୍ଦ ପୁରାଣରେ କୁହାଯାଇଛି- ଶ୍ରୀଜଗନ୍ନାଥ ମହାପ୍ରଭୁ ଆଡ଼ପମଣ୍ଡପରେ ଯେଉଁ ସାତଦିନ ଅବସ୍ଥାନ କରନ୍ତି ସେହି ସମୟରେ ପୂର୍ବ ଦିବସର କାର୍ଯ୍ୟଠାରୁ ପର ଦିବସର କାର୍ଯ୍ୟ ଉତ୍ତରୋତ୍ତର ଶ୍ରେୟସ୍କର। ତଦନୁଯାୟୀ, ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଅବସ୍ଥାନର ପ୍ରଥମ ଦିବସଠାରୁ କ୍ରମରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଉପାସନା ଉତ୍ତରୋତ୍ତର ଶ୍ରେୟସ୍କର। ଏଣୁ ଅନ୍ତିମ ଦିବସରେ ଅନୁଷ୍ଠିତ ନବମୀ ସନ୍ଧ୍ୟା ଦର୍ଶନ ବାସ୍ତବିକ ବିଶେଷ ମହତ୍ତ୍ୱ ବହନ କରିଥାଏ। ଏହିଦିନ ବହୁସଂଖ୍ୟକ ଭକ୍ତ ସନ୍ଧ୍ୟା କାଳରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଭକ୍ତିର ସହିତ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସାରି ବ୍ରାହ୍ମଣମାନଙ୍କୁ ଶ୍ରୀମହାପ୍ରସାଦରେ ଆପ୍ୟାୟିତ କରିଥାନ୍ତି। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଜନ୍ମଭୂମିରେ ପ୍ରିୟ ଭକ୍ତଗଣଙ୍କୁ ଶେଷ ସନ୍ଧ୍ୟାରେ ଦର୍ଶନ ଦେଇ ସମସ୍ତ ମନୋବାଞ୍ଛିତ ଫଳ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଷାଢ ଶୁକ୍ଳ ନବମୀ ସନ୍ଧ୍ୟା ଦର୍ଶନ ହେଉଛି ପରମ କୃପାମୟ ଭକ୍ତବତ୍ସଳ ଶ୍ରୀଜଗନ୍ନାଥଙ୍କଠାରୁ ଦିବ୍ୟ କୃପା ଲାଭ କରିବାର ଏକ ମହାର୍ଘ ଅବସର। କିନ୍ତୁ ମହାମାରୀ କରୋନା ପାଇଁ ଶ୍ରଦ୍ଧାଳୁ ଏ ବର୍ଷ ସନ୍ଧ୍ୟା ଦର୍ଶନରୁ ବଞ୍ଚିତ ହେବେ।

**ସନ୍ଧ୍ୟା ଦର୍ଶନ ନୀତି ନିର୍ଘଣ୍ଟ**

ଦ୍ୱାର ଫିଟା ସୋମବାର ରାତି ୨ଟା, ମଙ୍ଗଳ ଆଳତି ୨ଟା ୩୦, ମଇଲମ-ତଡ଼ପଲାଗି ୩ଟା, ଅବକାଶ ୪ଟା, ରୋଷହୋମ ୪ଟା ୧୫, ସୂର୍ଯ୍ୟପୂଜା ୪ଟା ୩୦, ଦ୍ୱାରପାଳ ପୂଜା ୪ଟା ୪୫, ବେଶ ଶେଷ ୫ଟା, ଗୋପାଳ ବଲ୍ଲଭ ୫ଟା ୩୦, ସକାଳ ଧୂପ ୬ଟାରୁ ୭ଟା, ଭୋଗ ମଣ୍ଡପ ୬ଟା ୩୦ରୁ ୮ଟା, ମଇଲମ ୮ଟା ୧୫, ଯାତ୍ରାଙ୍ଗୀ ମହାସ୍ନାନ ୯ଟା, ସର୍ବାଙ୍ଗ ୯ଟା ୩୦, ନୂଆଲାଗି ବେଶ ୧୦ଟା ୧୫, ମଧ୍ୟାହ୍ନ ଧୂପ ୧୧ଟାରୁ ମଧ୍ୟାହ୍ନ ୧୨ଟା, ଦ୍ୱିତୀୟ ଭୋଗ ମଣ୍ଡପ ୧୧ଟା ୧୫ରୁ ସାଢେ ୧ଟା, ବେଶ ୧ଟା ୧୫ରୁ ୨ଟା, ସନ୍ଧ୍ୟା ଆଳତି ୨ଟା ୧୦, ସନ୍ଧ୍ୟା ଧୂପ ୨ଟା ୪୦ରୁ ୪ଟା, ତୃତୀୟ ଭୋଗମଣ୍ଡପ ୨ଟା ୫୦ରୁ ୪ଟା ୫୦, ରାହାସକୁ ଦିଅଁ ବିଜେ ସାଢେ ୪ଟା, ମଇଲମ ୫ଟା, ଚନ୍ଦନ ଲାଗି ୫ଟା ୨୦, ବଡ଼ସିଂହାର ବେଶ ସନ୍ଧ୍ୟା ୬ଟା, ବଡ଼ସିଂହାର ଭୋଗ ୬ଟା ୩୦, ପହୁଡ଼ ଆଳତି ୭ଟା, ଶ୍ରୀମୁଖ ଖଣ୍ଡୁଆ ୭ଟା ୧୫, ବାହୁଟ କଣ୍ଟ ୭ଟା ୩୦, ଚାରବନ୍ଧା ୭ଟା ୪୦ରୁ ରାତି ୧୧ଟା, କୁସୁମିଲାଗି ରାତି ୧୧ଟାରୁ ଭୋର ୪ଟା।

## ସଂକ୍ଷେପରେ

### ୨୩୦ ସ୍ପେଶାଲ ଟ୍ରେନ୍ ପାଇଁ ତତ୍କାଳ ବୁକିଂ ଆରମ୍ଭ

ନୂଆଦିଲ୍ଲୀ,୨୯।୬: କରୋନା ସଂକ୍ରମଣ ଜନିତ ସମସ୍ୟା କାରଣରୁ ଭାରତୀୟ ରେଲୱେ ତା'ର ସମସ୍ତ ଯାତ୍ରୀବାହୀ ଟ୍ରେନ ସେବା ମାର୍ଚ୍ଚ ୨୫ରୁ ବନ୍ଦ ରଖିଛି। ଏହି ସମୟ ମଧ୍ୟରେ ବିଭିନ୍ନ ସ୍ଥାନରେ ଫସି ରହିଥିବା ଯାତ୍ରୀଙ୍କ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ରେଲୱେ ପକ୍ଷରୁ ୨୩୦ଟି (୧୧୫ ଯୋଡା) ସ୍ପେଶାଲ ଟ୍ରେନ ଚଳାଚଳ କରୁଛି। କେତେକ ସମସ୍ୟା କାରଣରୁ ଏହି ସ୍ପୋସାଲ ଟ୍ରେନ ମଧ୍ୟ ଚଳାଚଳ ବନ୍ଦ ରହିଥିଲା। ପୁଣିଥରେ ଏହି ଟ୍ରେନ ଚଳାଚଳ କରିବ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଟ୍ରେନଗୁଡିକ ପାଇଁ ତତ୍କାଳ ବୁକିଂର ଆରମ୍ଭ କରାଯାଇଛି। ମଙ୍ଗଳବାରଠାରୁ ଏହି ଟ୍ରେନ ଗୁଡିକ ଚଳାଚଳ କରିବ। ତତ୍କାଳ ଟିକେଟ କରିଥିବା ଲୋକମାନେ ହିଁ ଏହି ସେବା ପାଇପାରିବେ। ଯାତ୍ରୀମାନେ ଆଇଆରସିଟିସି ୱେବସାଇଟରୁ ଟିକେଟ ବୁକିଂ କରିପାରିବେ।

### ନିର୍ଦ୍ଦିଷ୍ଟ କ୍ଷେତ୍ର ପାଇଁ ଆସିପାରେ ଋଣ ପୁନର୍ଗଠନ ସୁବିଧା

ନୂଆଦିଲ୍ଲୀ,୨୯।୬ : ବର୍ତ୍ତମାନ କୋଭିଡ୍ ଯୋଗୁ ପ୍ରଭାବିତ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡିକ ଲାଗି ରିଜର୍ଭ ବ୍ୟାଙ୍କ ଋଣ ପୁନର୍ଗଠନ ସୁବିଧା ଆଣିପାରେ। ଏଥିଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏକାଥରକେ ଋଣ ପୁନର୍ଗଠନ ସୁବିଧା ଆଣିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ଗ୍ରହଣ କରିବା ଲାଗି ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ ସମେତ ଅନେକ ଅଂଶୀଦାର କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ଅଂଶୀଦାରଙ୍କଠାରୁ ପରାମର୍ଶ ଗ୍ରହଣ କରିବା ପରେ ଏହାର ବିଭିନ୍ନ ଦିଗ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ବର୍ତ୍ତମାନ ବିଚାର କରୁଛି।

# ଲକ୍‌ଡାଉନ ଯୋଗୁ ୫ ରାଜ୍ୟକୁ ଅଧିକ କ୍ଷତି

ନୂଆଦିଲ୍ଲୀ,୨୯।୬




**ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ରିପୋର୍ଟ**

- ବେଶି ପ୍ରଭାବିତ ରାଜ୍ୟ ମଧ୍ୟରେ ଓଡ଼ିଶା
- ରାଜ୍ୟଗୁଡ଼ିକର ଜିଡିପି ୧୪.୩% ପର୍ଯ୍ୟନ୍ତ ଖସିପାରେ

କୋଭିଡ୍-୧୯କୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ସାରା ଦେଶରେ ଲକ୍‌ଡାଉନ ଘୋଷଣା କରିଥିଲେ। ଏଥିଯୋଗୁ ଘରୋଇ ବଜାରର ଆର୍ଥିକ କାର୍ଯ୍ୟକଳାପ ବର୍ତ୍ତମାନ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଲକ୍‌ଡାଉନ ପାଇଁ ଓଡ଼ିଶା ସମେତ କର୍ନାଟକ, ଝାଡ଼ଖଣ୍ଡ, ତାମିଲନାଡୁ ଏବଂ କେରଳ ଭଳି ରାଜ୍ୟ ବେଶି କ୍ଷତି ସହିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ସୋମବାର ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, କରୋନା ପ୍ରଭାବ ଯୋଗୁ ଦେଶର ବିଭିନ୍ନ ରାଜ୍ୟର ଜିଡିପି(ଏସ୍‌ଜିଡିପି) ୧୪.୩% ପର୍ଯ୍ୟନ୍ତ ଖସିବା ଆକଳନ କରାଯାଇଛି। ଏହି ସମୟରେ ଆସାମ, ଗୋଆ,ଗୁଜରାଟ ଏବଂ ସିକିମ ଭଳି ରାଜ୍ୟର ଜିଡିପି ହ୍ରାସ ୨ ଅଙ୍କ ବିଶିଷ୍ଟ ହେବ। ଆର୍ଥିକ ବର୍ଷ ୨୦୨୦-୨୧ରେ ପ୍ରାୟ ସବୁ ରାଜ୍ୟଗୁଡିକର ଜିଡିପି ଖସିବ ବୋଲି ଏଥିରେ କୁହାଯାଇଛି। ରାଜ୍ୟଗୁଡିକ ୧.୪ରୁ ୧୪.୪% ଜିଡିପି ହ୍ରାସ ସାମ୍ନା କରିବେ।

ସେହିଭଳି ମଧ୍ୟପ୍ରଦେଶ, ପଞ୍ଜାବ, ବିହାର, ଆନ୍ଧ୍ର ପ୍ରଦେଶ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଲକ୍‌ଡାଉନର ପ୍ରଭାବ କମ୍ ରହିଛି। ମାର୍ଚ୍ଚ ୨୫ରେ ଘୋଷଣା ହୋଇଥିବା ଲକ୍‌ଡାଉନରେ କେବଳ ଜରୁରୀ ସେବାକୁ ବାଦ୍ ଦେଇ ସବୁ କିଛି ବନ୍ଦ ରହିଥିଲା। ଲକ୍‌ଡାଉନ ଯୋଗୁ ଶିଳ୍ପ ଏବଂ ସେବା କ୍ଷେତ୍ର କାର୍ଯ୍ୟକଳାପ ବର୍ତ୍ତମାନ ସୁଦ୍ଧା ଟ୍ରାକ୍‌କୁ ଫେରିପାରିନାହିଁ। କୃଷି ଉପରେ ଅପେକ୍ଷାକୃତ ପ୍ରଭାବ କମ୍ ରହିଛି। ଯେଉଁ ରାଜ୍ୟଗୁଡିକର ମୋଟ ଜିଡିପିକୁ କୃଷିର ଯୋଗଦାନ ଅଧିକ ରହିଛି ଉକ୍ତ କ୍ଷେତ୍ରରେ ସେମାନେ କମ୍ କ୍ଷତି ସହିଛନ୍ତି।

ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବା, ଆଇଟି ଏବଂ ଆଇଟି ଭିତ୍ତିକ ସେବାରେ ପ୍ରଭାବ ମଧ୍ୟ କମ୍ ରହିଛି। ଯେଉଁ ରାଜ୍ୟଗୁଡିକ ଶିଳ୍ପ ଏବଂ ସେବା କ୍ଷେତ୍ର ଉପରେ ନିର୍ଭରଶୀଳ ସେମାନଙ୍କର କ୍ଷତି ପରିମାଣ ଅଧିକ। ଲକ୍‌ଡାଉନ ରାଜ୍ୟଗୁଡିକର ରାଜସ୍ୱ ସଂଗ୍ରହକୁ ମଧ୍ୟ ପ୍ରଭାବିତ କରିଛି। ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ, କେରଳ, ତେଲଙ୍ଗାନା ଏବଂ ହରିୟାଣା ଭଳି ରାଜ୍ୟ ନିଜସ୍ୱ ଟିକସ ସଂଗ୍ରହ କ୍ଷେତ୍ରରେ ଅଧିକ ପ୍ରଭାବିତ ହେବେ ବୋଲି ରିପୋର୍ଟରେ କୁହାଯାଇଛି।

# ୩୪.୬ ଲକ୍ଷ ଗ୍ରାହକ ହରାଇଲେ ଭୋଡାଫୋନ-ଆଇଡିଆ

ନୂଆଦିଲ୍ଲୀ,୨୯।୬

ଚଳିତ ବର୍ଷ ଫେବୃୟାରୀରେ ଭୋଡାଫୋନ ଆଇଡିଆ ୩୪.୬୭ ଲକ୍ଷ ଗ୍ରାହକ ହରାଇଛନ୍ତି। ଏହି ସମୟରେ ରିଲାଏନ୍ସ ଜିଓ ୬୨.୫୭ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଥିବା ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ରିପୋର୍ଟରୁ ଜଣାପଡିଛି। ୱେରଲେସ୍ ସବ୍‌ସ୍କ୍ରାଇବର ଯୋଡିବାରେ ଏହି କମ୍ପାନୀ ଆଗୁଆ ରହିଛି। ବର୍ତ୍ତମାନ ୩୮.୨୮ କୋଟି ଗ୍ରାହକ ଏହା ସହ ଯୋଡି ହୋଇଛନ୍ତି। ସେହିଭଳି ଭାରତୀ ଏୟାରଟେଲ ଫେବୃୟାରୀରେ ୯.୨ ଲକ୍ଷ ଗ୍ରାହକ ଯୋଡିଛି। ଏହି କମ୍ପାନୀର ଗ୍ରାହକଙ୍କ ସଂଖ୍ୟା ୩୨.୯୦ କୋଟି ରହିଛି। ଏହି ସମୟରେ ମଧ୍ୟରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ ୪.୩୨ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଥିବା ଜଣାପଡିଛି।

# ପୁଣି ସହରକୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ



ନୂଆଦିଲ୍ଲୀ,୨୯।୬

ଲକ୍‌ଡାଉନରେ ବିଭିନ୍ନ ସମସ୍ୟା ସାମ୍ନା କରିବା ଯୋଗୁ ପ୍ରବାସୀ ଶ୍ରମିକମାନେ ନିଜ ଗାଁକୁ ଚାଲି ଚାଲି ଫେରିଥିବା ଦେଖାଯାଇଥିଲା। ସହରକୁ କାମଧନ୍ଦା ଆଶାରେ ଆସି ଲକ୍‌ଡାଉନରେ ବିଭିନ୍ନ ଦୀର୍ଘଦିନ ଧରି ବିନା କାମ ବସିବା ଏବଂ ହଇରାଣ ହରକତ ହେବା ଯୋଗୁ ଗାଁମୁହାଁ ହୋଇଥିଲେ। ମାତ୍ର ଗାଁରେ ମଧ୍ୟ ଠିକ୍ ଭାବେ କାମ ମିଳୁ ନ ଥିବା ଯୋଗୁ ପ୍ରବାସୀ ଶ୍ରମିକମାନେ ଗୁଜରାଟ, ମହାରାଷ୍ଟ୍ର, କର୍ନାଟକ ଏବଂ ତେଲଙ୍ଗାନା ସମେତ ପଞ୍ଜାବ ଭଳି ରାଜ୍ୟକୁ ଫେରୁଥିବା ଦେଖାଯାଉଛି। ଏହି ସମୟରେ କରୋନା ଭାଇରସ୍‌କୁ ବେଖାତିର କରି ସେମାନେ କାମଧନ୍ଦା ଆଶାରେ ପୁଣି ଥରେ ନିଜ ଗାଁ ଛାଡି ସହର ମୁହାଁ ହେଉଛନ୍ତି। ଶ୍ରମିକଙ୍କୁ ପୁଣି ଥରେ ଶିଳ୍ପ ୟୁନିଟ୍‌କୁ ଫେରାଇ ଆଣିବା ଲାଗି ଟ୍ରେନ, ଫ୍ଲାଇଟ ଟିକେଟ ବ୍ୟବସ୍ଥା କରାଯାଉଛି। ଲକ୍‌ଡାଉନ କଟକଣା ଉଠିବା ଯୋଗୁ ବର୍ତ୍ତମାନ ଧୀରେ ଧୀରେ କଳକାରଖାନା, ନିର୍ମାଣ କାର୍ଯ୍ୟ, ମାନୁଫାକଚରିଂ ଟ୍ରାକ୍‌କୁ ଫେରୁଛି। କେତେକ ସ୍ଥାନରେ ବସ୍ ଯୋଗୁ ଶ୍ରମିକଙ୍କୁ କଳକାରଖାନାକୁ ଫେରାଉ ଅଣାଯାଉଛି। କୁଶଳୀ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ଚାର୍ଟାର୍ଡ ଫ୍ଲାଇଟ ବ୍ୟବସ୍ଥା କରାଯାଉଥିବା ଦେଖାଯାଉଛି। ସେହିଭଳି ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ଲୋଭନୀୟ ଅଫର ମଧ୍ୟ କେତେକ ସ୍ଥଳେ ଦିଆଯାଉଥିବା ଜଣାପଡିଛି।

# ହୁଡ୍‌କୋ ପକ୍ଷରୁ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୨୯।୬

ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ହୁଡ୍‌କୋ ପକ୍ଷରୁ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟ ଅବଧିରେ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ହୁଡ୍‌କୋ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଏହାର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଏମ୍.ନାଗରାଜ କହିଛନ୍ତି। ଏହା ନିଟ୍ ଲାଭରେ ୪୫% ଅଭିବୃଦ୍ଧି ହାସଲ କରିଛି। ଯାହା ଅଦ୍ୟାବଧିର ସର୍ବୋଚ୍ଚ ରେକର୍ଡ। ହୁଡ୍‌କୋର ୨୦୧୮-୧୯ରେ ନିଟ୍‌ଲାଭ ୧୧୮୦.୧୫ କୋଟି ଟଙ୍କା ରହିଥିଲା। ଯାହା ୨୦୧୯-୨୦ରେ ୧୭୦୮.୪୨ କୋଟି ଟଙ୍କା ଛୁଇଁଛି। ନେଟ୍‌ୱର୍ଥରେ ୧୩% ଅଭିବୃଦ୍ଧି ହୋଇଥିବା ବେଳେ ମୋଟ ଆୟରେ ୩୫% ବୃଦ୍ଧି ଘଟି ୭୫୭୧.୬୪ କୋଟି ଟଙ୍କା ରହିଛି। ଅଂଶୀଦାରମାନଙ୍କୁ ସର୍ବୋଚ୍ଚ ଲାଭାଂଶ ଭାବେ ଶେୟାର ପିଛା ୩.୧୦ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶକ ମଣ୍ଡଳୀ ମଞ୍ଜୁରୀ ପ୍ରଦାନ କରିଛି। ୨୦୧୯-୨୦ରେ ହୁଡ୍‌କୋ ୬୨୦.୫୯ କୋଟି ଟଙ୍କାର ଲାଭାଂଶ ପ୍ରଦାନ ଲାଗି ସୁପାରିଶ କରିଛି। ଏହି ସମୟରେ ଏହାର ଏନ୍‌ପିଏ ୦.୧୯% ରହିଛି। ହାଉସିଂ ପିଏମ୍‌ଏ(ୟୁ) ଭଳି ଅନ୍ୟ କେତେକ ପ୍ରକଳ୍ପଗୁଡିକର ଅନୁମୋଦନ ଉପରେ ଏହା ପ୍ରାଥମିକତା ଦେଇଥିଲା।

# ଶିକ୍ଷା ଭିତ୍ତିଭୂମି ବିକାଶରେ ରାଉଣ୍ଡଟେବୁଲ

ଭୁବନେଶ୍ୱର,୨୯।୬

ସମାଜର ଦୁର୍ବଳ ବର୍ଗଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଭୁବନେଶ୍ୱର ରାଉଣ୍ଡଟେବୁଲ କାର୍ଯ୍ୟକ୍ରମ ଜାରି ରଖିଛି। ଶିକ୍ଷା ଭିତ୍ତିଭୂମି ବିକାଶ ଲାଗି ରାଉଣ୍ଡଟେବୁଲର ଭୁବେନଶ୍ୱର ଚାପ୍ଟର ପକ୍ଷରୁ ନିକଟରେ ଜଗତ୍‌ସିଂହପୁରଠାରେ ଏକ ବିଦ୍ୟାଳୟ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ରାଉଣ୍ଡ ଟେବୁଲ ଇଣ୍ଡିଆର ଶିକ୍ଷା ଦ୍ୱାରା ସ୍ୱାଧୀନତା (ଏଫ୍‌ଟିଇ) କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷାକୁ ବଞ୍ଚିତ ପିଲାମାନଙ୍କୁ ସୁବିଧା ଯୋଗାଣ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ୫୦୦ କ୍ଲାସ୍‌ରୁମ ଯୋଡାଯାଇଛି। ୨୦୩୦ ସୁଦ୍ଧା ୧୧ ହଜାରରୁ ଅଧିକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଶେଷ କରିବାକୁ ଏହା ଯୋଜନା ରଖିଛି। ଭୁବନେଶ୍ୱର ରାଉଣ୍ଡଟେବୁଲ ୫୩ରେ ଆଶ୍ରା ସ୍ପେଶିଆଲ ସ୍କୁଲ ଜଗତ୍‌ସିଂହପରରେ ୬ଟି କୋଠରୀ ଏବଂ ୨ଟି ଶୌଚାଳୟ ବ୍ଲକ ଭିତ୍ତିଭୂମି କାର୍ଯ୍ୟକ୍ରମ ଗ୍ରହଣ କରିଛି। ଏଥିପାଇଁ ଏରିଆ ୧୬ର ଚେୟାରମ୍ୟାନ ସୁରେଶ ସୁଲଶ୍ୟାନ, ଏରିଆ ୧୬ ସଚିବ ପଙ୍କଜ ମୋଟୱାନୀଙ୍କ ନିକଟରେ ଭୁବନେଶ୍ୱର ରାଉଣ୍ଡ ଟେବୁଲର ଚେୟାରମ୍ୟାନ ଆୟୁଶ ସାହୁ ଏବଂ ସେକ୍ରେଟାରି ମାଣିକ ହଂସ କୃତଜ୍ଞତା ପ୍ରକାଶ କରିଛନ୍ତି।

## ରାଜ୍ୟ ଖବର

# ୧୧କେଭି ବିଦ୍ୟୁତ୍ ତାରରେ ଲାଗି ଭାଲୁ ମୃତ

ନାକଟିଦେଉଳ,୨୯।୬(ଡ଼ି.ଏନ.ଏ.)



**ପଣସ ଖାଇବା କାଳ ହେଲା**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅଧୀନ ବାଟଗାଁ ଫରେଷ୍ଟ ସେକ୍ସନର ବିନ୍ଦପୁର ଗ୍ରାମର ଢିପ ସାହିରୁ ସୋମବାର ସକାଳୁ ବନ ବିଭାଗ ଏକ ଅଣ୍ଡିରା ଭାଲୁର ମୃତଦେହ ଉଦ୍ଧାର କରିଛି। ୧୧କେଭି ବିଦ୍ୟୁତ୍ ତାରରେ ଲାଗି ଭାଲୁର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିନ୍ଦପୁର ଗ୍ରାମରେ ଅନେକଗୁଡ଼ିଏ ପଣସ ଗଛ ଅଛି। ଚଳିତବର୍ଷ ଅଧିକ ପଣସ ମଧ୍ୟ ଫଳିଛି। ଏଣୁ ପାଚିଲା ପଣସ ଖାଇବାକୁ ବିଭିନ୍ନ ସମୟରେ ଗାଁକୁ ସ୍ଥାନୀୟ ଜଙ୍ଗଲରୁ ଭାଲୁ ଆସିଥାନ୍ତି। ପାଚିଲା ପଣସ ବାସ୍ନାରେ ଏହି ଭାଲୁଟି ରବିବାର ରାତିରେ ବିନ୍ଦପୁର ଢିପସାହିକୁ ଚାଲି ଆସିଥିଲା। ରାତିରେ ଏହି ଅଞ୍ଚଳରେ ଝଡ଼ବର୍ଷା ଯୋଗୁ ୧୧କେଭି ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡ଼ିଥିଲା। ପଣସ ଗଛ ପାଖକୁ ଆସିଥିବା ବେଳେ ଛିଣ୍ଡି ପଡ଼ିଥିବା ତାର ସଂସ୍ପର୍ଶରେ ଆସି ଯିବାରେ ଭାଲୁର ମୃତ୍ୟୁ ଘଟିଛି। ସୋମବାର ସକାଳୁ ଗ୍ରାମବାସୀଙ୍କଠାରୁ ଖବର ପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଦ୍ୟୁତ୍ ତାରକୁ କାମୁଡି ଥିବା ଅବସ୍ଥାରେ ଭାଲୁଟି ମରି ପଡିଥିବା ସେମାନେ ଦେଖିବାକୁ ପାଇଥିଲେ।

# ପ୍ରତିନିଧି ପଦରୁ ଝିଅ ନାଁ କାଟିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚିଠି

ଝାରସୁଗୁଡା ଅଫିସ,୨୯।୬

ଝାରସୁଗୁଡା ବିଧାୟକ ତଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ଓ ତାଙ୍କ ଝିଅ ଦୀପାଳି ଦାସ କିଛି ଦିନ ହେବ ରାଜ୍ୟ ରାଜନୀତିରେ ଚର୍ଚ୍ଚାରେ ରହି ଆସିଛନ୍ତି। ଗତ ୨୨ ତାରିଖ ଡିଆରଡିଏ ସଭାଗୃହରେ କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ କରି ଦୀପାଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିପାଇଁ ତାଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ଏଣୁ ନିଜ ଝିଅ ଦୀପାଳିଙ୍କୁ ଝାରସୁଗୁଡାରେ ନିଜ ପ୍ରତିନିଧି ଭାବେ ନିଯୁକ୍ତ କରିଥିବାରୁ ମନ୍ତ୍ରୀ ଦାସଙ୍କୁ ମଧ୍ୟ ବିଭିନ୍ନ ସ୍ତରରେ ସମାଲୋଚିତ ହେବାକୁ ପଡୁଛି। ଏବେ ପ୍ରତିନିଧି ପଦରୁ ଝିଅର ନାଁ ପ୍ରତ୍ୟାହାର କରିବାକୁ ନବ ଜିଲାପାଳଙ୍କୁ ଚିଠି କରିଛନ୍ତି।

ମନ୍ତ୍ରୀ ଦାସଙ୍କ ଦପ୍ତରରୁ ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲଙ୍କୁ କରାଯାଇଥିବା ଏହି ଚିଠି ଧରତ୍ରୀର ହସ୍ତଗତ ହୋଇଛି। ମେ ୩୦ରେ ଏହି ଚିଠି (ନଂ.୧୩/ଏମଏଚ୍ଏଫଡବ୍ଲ୍ୟୁ(ଜେଅ।ର)ହୋଇଛି। ସେ ପୂର୍ବରୁ କରିଥିବା ୨ଟି ଚିଠି (୯୨୩/ଏମ୍ଏଚ୍ଏଫ୍‌ଡବ୍ଲ୍ୟୁ, ୨୫/୧୧/୨୦୧୯) ଓ (ଏନଡି/୧୧୨/୨୦୧୯/-୨।୧୨।୨୦୧୯)କୁ ପ୍ରତ୍ୟାହାର ତଥା ରଦ୍ଦ କରିବାକୁ ଜଣାଇଛନ୍ତି। ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସେ ତାଙ୍କ ପ୍ରତିନିଧିଙ୍କ ନାମ ସମ୍ପର୍କରେ ଅବଗତ କରାଇବେ ବୋଲି କହିଛନ୍ତି। ହେଲେ ଚିଠି ନଂ ଏନଡି/୧୧୨/୨୦୧୯/-୨।୧୨।୨୦୧୯ରେ ମନ୍ତ୍ରୀ ଦାସ ତାଙ୍କ ଝିଅ ଦୀପାଳି ଦାସଙ୍କୁ ଝାରସୁଗୁଡା ବିଧାନସଭା ମଣ୍ଡଳୀରେ ତାଙ୍କର ଅନୁପସ୍ଥିତିରେ ସମସ୍ତ କାର୍ଯ୍ୟ କରିବେ ବୋଲି ଜିଲାପାଳ, ପିଡି ଡିଆରଡିଏ, ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଓ ସମସ୍ତ ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦର୍ଶାଇଥିଲେ।

ତେବେ ଏବେର ଚିଠି ମୁତାବକ ବର୍ତ୍ତମାନ ଦୀପାଳି ଆଉ ମନ୍ତ୍ରୀଙ୍କ ପ୍ରତିନିଧି ନାହାନ୍ତି। ହେଲେ ତାଙ୍କ ସମସ୍ତ ସୋସିଆଲ ମିଡିଆ ଆକାଉଣ୍ଟରେ ସୋମବାର ସନ୍ଧ୍ୟା ସୁଦ୍ଧା ସେ ମନ୍ତ୍ରୀଙ୍କ ପ୍ରତିନିଧି ଥିବା ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ଝିଅଙ୍କୁ ନେଇ ବିବାଦ ଉଠିବାରୁ ପୁରୁଣା ତାରିଖରେ ମନ୍ତ୍ରୀ ଦାସ ଏହି ଚିଠି କରିଛନ୍ତି। ଜିଲା ପ୍ରଶାସନ ଗତ ଶନିବାର ଏହି ଚିଠି ପାଇଛି। ଡାକ ବିଭାଗର କାର୍ଯ୍ୟ ଲକ୍ ଡାଉନରେ ସ୍ୱାଭାବିକ ଥିବା ବେଳେ ମଧ୍ୟ ଏହି ଚିଠି ବିଳମ୍ବରେ ଜିଲା ପ୍ରଶାସନ ନିକଟକୁ ପହଞ୍ଚିବା ଏହା ପ୍ରମାଣିତ କରୁଛି। ଅନ୍ୟପକ୍ଷରେ ଏହାକୁ ସମ୍ବେଦନଶୀଳ ପ୍ରସଙ୍ଗ ଦର୍ଶାଇ ଜିଲା ପ୍ରଶାସନର କୌଣସି ଅଧିକାରୀ ମତ ଦେବାକୁ ମନା କରୁଛନ୍ତି। ନବ କିମ୍ବା ତାଙ୍କ ଝିଅ ମଧ୍ୟ ଗଣମାଧ୍ୟମକୁ ଧରାଛୁଆଁ ଦେଉନାହାନ୍ତି।

# କଳାଧାନକୁ କରୋନା କାଳ

(ବିପିନ ବିହାରୀ ସେଠୀ)
ଭୁବନ, ୨୯।୬



- ଚାହିଦା ଅଛି, ବଜାର ସୁବିଧା ନାହିଁ
- ବିକ୍ରି କରି ନ ପାରି ଅକଳରେ ଚାଷୀ
- କୃଷି ବିଭାଗ ଗୁରୁତ୍ୱ ଦେବାକୁ ନିବେଦନ

ରୋଗୀଙ୍କ ପାଇଁ ମହୌଷଧୀ କଳାଧାନରୁ ପ୍ରସ୍ତୁତ ଚାଉଳ। ଚାହିଦା ବି କିଛି କମ୍ ନୁହେଁ। ତେଣୁ କିଛିବର୍ଷ ହେଲା ପ୍ରୟୋଗାତ୍ମକ ଭାବେ ରାଜ୍ୟର ଚାଷୀମାନେ ଏହି କିସମର ଧାନ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ସ୍ୱତନ୍ତ୍ର ବଜାର ସୁବିଧା ନ ଥିବାରୁ ଉତ୍ପାଦନ ପରେ ବିକ୍ରିବଟା ଲାଗି ସମସ୍ୟା ହେଉଛି। ଚଳିତ ବର୍ଷ ଲକ୍‌ଡାଉନ୍ ଯୋଗୁ ଉତ୍ପାଦିତ ଫସଲ ଘରେ ପଡ଼ି ରହିଥିବାବେଳେ ଖରିଫ୍ ଋତୁରେ ପୁଣିଥରେ କଳାଧାନ ଚାଷ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ କେନ୍ଦୁଗୁଡ଼ା ଗ୍ରାମର ଚାଷୀ।

କଳାଧାନ (ଦେବାହ୍ନ) ଚାଷ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଛି କେନ୍ଦୁଗୁଡ଼ା। ଉତ୍ତରପୂର୍ବ ଭାରତର ଆସାମ, ହିମାଚଳ ପ୍ରଦେଶରେ ବହୁଳ ଭାବେ କଳାଧାନ ଚାଷ ହୋଇଥାଏ। ଉକ୍ତ ଅଞ୍ଚଳରେ ଏହି ଧାନର ଉତ୍କୃଷ୍ଟ ବିହନ ମିଳେ। ବାହାର ରାଜ୍ୟର ଚାଷୀଙ୍କଠାରୁ ପ୍ରେରଣା ଏବଂ କୃଷି ବିଭାଗର ସହଯୋଗରେ କେନ୍ଦୁଗୁଡ଼ାରୁ ଜିଲାରେ କଳାଧାନ ଚାଷର ଶୁଭାରମ୍ଭ ହୋଇଥିଲା। ୩ବର୍ଷ ହେଲା ଅଞ୍ଚଳର ଚାଷୀମାନେ ଦେବାହ୍ନ ଚାଷ କରି ଆସୁଛନ୍ତି। ୧୦ ଏକର ଜମିରୁ ଆରମ୍ଭ ହୋଇଥିବା ଏହି ଧାନଚାଷ ଏବେ ୪୦ ଏକରରେ ପହଞ୍ଚିଲାଣି। ଚାଷୀଙ୍କ କହିବା କଥା, କଳାଧାନ ଅମଳ ହେବାକୁ ୧୨୫ରୁ ୧୩୦ଦିନ ଲାଗିଥାଏ। ରାସାୟନିକ ସାର ବଦଳରେ ଏଥିରେ ଜୈବିକ ଖତସାର ଯଥା ଗୋବର, ଗୋମୂତ୍ର ପ୍ରୟୋଗ କରାଯାଏ। ଗୁଡ଼, କରଞ୍ଜ ପତ୍ର, ବେଗୁନିଆ ପତ୍ର, ଅରଖ ପତ୍ର, ନିମପାତ୍ର ମିଶ୍ରିତ ସ୍ୱତନ୍ତ୍ର ସାରକୁ ଜମିରେ ପକାଯାଇଥାଏ, ଯାହା ଧାନରେ ପୌଷ୍ଟିକ ତତ୍ତ୍ୱ ସହ ଅମଳ ବଢ଼ାଏ। ଏହି ଚାଉଳରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ତେଣୁ ମଧୁମେହ, ରକ୍ତଚାପ, କ୍ୟାନସର ରୋଗୀଙ୍କୁ ଏହି ଧାନର ଚାଉଳ ଖାଇବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି। ରୋଗୀମାନେ ଉପକୃତ ମଧ୍ୟ ହେଉଛନ୍ତି।

କଳାଧାନ ଚାଷରେ ଏକର ପିଛା ୮ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୬ଗୁଣ ଅର୍ଥାତ୍ ୫୦ ହଜାର ଟଙ୍କା ଯାଏ ଲାଭ ମିଳୁଥିଲା। ପ୍ରଥମ ଦୁଇବର୍ଷ ଧାନର ପ୍ରବଳ ଚାହିଦା ଥିଲା। ଲୋକମାନେ କିଣିବାକୁ ଧାଡ଼ି ଲଗାଉଥିଲେ। ଏହାକୁ ଦେଖି ଚଳିତ ବର୍ଷ ଅଞ୍ଚଳର ୪୦ ଏକର ଜମିରେ ୨୦୦ କୁଇଣ୍ଟାଲ ଫସଲ ଉତ୍ପାଦିତ ହୋଇଛି। ହେଲେ ଏହାକୁ ବିକ୍ରି କରିବା ମୁସ୍କିଲ ହୋଇପଡ଼ିଛି। ବ୍ୟବସାୟୀମାନେ ପ୍ରତିଶ୍ରୁତି ଦେଉଥିଲେ ହେଁ ଧାନ କିଣିବାକୁ ଆସୁନାହାନ୍ତି। କରୋନା କଟକଣା ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଚାଷୀମାନେ କହିଛନ୍ତି। କଳାଧାନର ବିକ୍ରିବଟା ପାଇଁ ବଜାର ସୃଷ୍ଟି କରିବା ଲାଗି ଚାଷୀମାନେ ଜିଲା ପ୍ରଶାସନ, କୃଷି ବିଭାଗ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ସାଧାରଣ ମେଶିନରେ ଏହି ଧାନ ପେଷିବା କାଠିକର ପାଠ। ଏଥିଲାଗି ସ୍ୱତନ୍ତ୍ର ମେଶିନ ଲୋଡ଼ା। ବ୍ଲକରେ କାହାରି ପାଖରେ ଏ ଧରଣର ମେଶିନ ନାହିଁ। କଙ୍କଡ଼ାହାଡ଼ ବ୍ଲକରେ ଜଣେ ମିଲରଙ୍କ ପାଖରେ ଏହି ମେଶିନ ରହିଛି। ତେଣୁ ଲୋକମାନେ ଧାନ କିଣି ନେଲେ ମଧ୍ୟ ଚାଉଳ କରିବାରେ ସମସ୍ୟାରେ ପଡୁଛନ୍ତି। ତେଣୁ ଅଞ୍ଚଳରେ ଏଭଳି ସ୍ୱତନ୍ତ୍ର ଧାନପେସା ମେଶିନ ବ୍ୟବସ୍ଥା କରାଗଲେ ଖୁଚୁରା ଚାଉଳ ବିକ୍ରି କରିବାରେ ସୁଫଳ ମିଳନ୍ତା ବୋଲି ଚାଷୀମାନେ କହିଛନ୍ତି।

ଏ ନେଇ ବ୍ଲକ କୃଷିଅଧିକାରୀ ଦିଲୀପ କୁମାର ମିଶ୍ର କୁହନ୍ତି, ଲକ୍‌ଡାଉନ୍ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଚାଷୀଙ୍କ ଉତ୍ପାଦିକ କଳାଧାନ ବିକ୍ରି କରିବାକୁ ବିଭିନ୍ନ କମ୍ପାନୀ ସହିତ ଯୋଗାଯୋଗ କରାଯାଇଛି। ଖୁବ୍‌ଶୀଘ୍ର ଧାନ ବିକ୍ରି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ସୁବିଧାରେ ବିକ୍ରି ହୋଇପାରୁନି



"କଳା ଧାନ ଚାଷ ଆମ ଅଞ୍ଚଳର ପରିଚୟ। ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ମଧ୍ୟ ମିଳୁଛି। ଏପରି ଧାନ ଚାଷ କରିଥିବାରୁ ମାନସମ୍ମାନ ମିଳୁଛି। ହେଲେ ଏହି ଧାନ ବିକ୍ରି କରିବାକୁ ସ୍ୱତନ୍ତ୍ର ବଜାର ସୁବିଧା ନାହିଁ। ଧାନ ବିକ୍ରି ହୋଇପାରିଲେ ଅଧିକ ପରିମାଣରେ ଚାଷ କରିବାକୁ ଆଗ୍ରହ ସୃଷ୍ଟି ହୁଅନ୍ତା।

-କରୁଣାକର ପରିଡ଼ା, ଚାଷୀ

### ମନୋବଳ ଭାଙ୍ଗିଯାଉଛି



"କଳାଧାନ ଚାଷ କରିବା ଲାଗି କୃଷି ବିଭାଗର ପ୍ରେରଣାକୁ ଭୁଲିହେବନାହିଁ। ଏହି ଧାନ ଚାଷରେ କମ୍ ଖର୍ଚ୍ଚ ବେଶି ଲାଭ। ବିଶେଷ କରି ମଧୁମେହ, ରକ୍ତଚାପ ରୋଗୀଙ୍କ ଲାଗି ଏହା ମହୌଷଧୀ ବୋଲି ବିଚାର କରାଯାଉଛି। ହେଲେ କରୋନା ପାଇଁ ଧାନ ବିକ୍ରି ହୋଇପାରୁ ନ ଥିବାରୁ ମନୋବଳ ଭାଙ୍ଗିଯାଉଛି।

-ଚକ୍ରଧର ପରିଡ଼ା, ଚାଷୀ

### ସରକାର ଗୁରୁତ୍ୱ ଦିଅନ୍ତୁ



"କଳାଧାନରୁପ୍ରସ୍ତୁତଚାଉଳରଭଲଚାହିଦା ରହିଛି। କେଜିଏ ଚାଉଳ ୨୩୦ ଟଙ୍କାରେ ବିକ୍ରି ହେଉଛି। ହେଲେ ଯେତେ ପରିମାଣରେ ଚାଷ ହେଉଛି ସେତିକି ବିକ୍ରି କରିବା ସମ୍ଭବପର ହେଉନାହିଁ। କଳାଧାନର ଅଭାବୀ ବିକ୍ରି ଯୋଗୁ ଚାଷ ବନ୍ଦ କରିଦେବାକୁ ନିଷ୍ପତ୍ତି ନେଇଛି। ସରକାର ଗୁରୁତ୍ୱ ଦେଲେ ଚାଷୀ ଉପକୃତ ହୋଇପାରନ୍ତେ।

-ଜନଧର ପରିଡ଼ା, ଚାଷୀ


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BALAJI FINANCE LIMITED**
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7751971708

**ଋଣ ଋଣ ଋଣ**
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ପର୍ସନାଲ, ଏଗ୍ରିକଲ୍ଚର, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ସବୁ ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
77519-71907
73765-91521
H.No. 12, Sohana Distt. Mohali

**BUSINESS**
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

**ଖର୍ଚ୍ଚ ଋଣରୁ କଟିବ**
HDB FINANCE
ନ୍ୟାଶନାଲ ଅୱାର୍ଡ ଭାରତର ନଂ.1 କମ୍ପାନୀ
ବ୍ୟବସାୟ ଋଣ
ପ୍ରପର୍ଟି ଋଣ
ମାର୍କଶିଟ୍ ଋଣ
ଆଧାରକାର୍ଡ ଋଣ
ପର୍ସନାଲ ଋଣ
ବିପିଏଲ୍ ଋଣ
ଆଦି ସବୁ ଋଣ
2% ସୁଧ
40% ଛାଡ଼
ଋଣ ଧମାକା
ମହିଳା, ସରକାରୀ କର୍ମଚାରୀଙ୍କୁ ବିଶେଷ ରିହାତି
94572-93387
94572-94728
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**INDIA NETWORK**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

**BIJAY FINANCE**
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦେଶବ୍ୟାପୀ ଜାରି ହୋଇଥିବା ଲକ୍‌ଡାଉନ ସମୟରେ ଫିଲ୍ମ ଷ୍ଟାର୍‌ମାନଙ୍କ ଥ୍ରୋ-ବ୍ୟାକ୍ ଫଟୋ ଫ୍ୟାନ୍‌ମାନଙ୍କ ମନୋରଞ୍ଜନ କରୁଛି। ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ନିଜ ଭଉଣୀଙ୍କ ସହ ନିଜ ଛୋଟ ବେଳର କିଛି ଫଟୋ ଶେୟାର କରିଛନ୍ତି। ଭଉଣୀ ଖୁସି ସହିତ ଥିବା କିଛି ଛୋଟ ବେଳର ଫଟୋ ସୋସିଆଲ ମିଡିଆରେ ସେୟାର କରି ପୁରୁଣା ଦିନର ସ୍ମୃତି ସାଉଁଟିଛନ୍ତି ଜାହ୍ନବୀ। ଛୋଟ ଭଉଣୀର ଗାଲରେ କିସ କରୁଥିବା ନଜର ଆସିଛନ୍ତି କୁନି ଜାହ୍ନବୀ।

# ଚାଇନା ସାମଗ୍ରୀକୁ ରବୀନାଙ୍କ ନା


ରବୀନା ଟଣ୍ଡନ

**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଆତ୍ମନିର୍ଭରଶୀଳ ଭାରତ' ଅଭିଯାନକୁ ଆଜିକାଲି ସାଧାରଣ ଲୋକଙ୍କ ବ୍ୟତୀତ ସେଲିବ୍ରିଟିମାନେ ମଧ୍ୟ ପସନ୍ଦ କରିଛନ୍ତି। ବଲିଉଡ୍‌ରେ ଅନେକ ସେଲିବ୍ରିଟି ଏବେ ଚାଇନାକୁ ବୟକଟ୍ କରିଥିବା କହିଛନ୍ତି। କରୋନା ପରେ ଲାଇନ୍ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଉପରେ ଭାରତ ଏବଂ ଚାଇନା ମଧ୍ୟରେ ଚାଲିଥିବା ବିବାଦ ଯୋଗୁ ଅନେକ ସେଲିବ୍ରିଟି ଚାଇନାର ସାମଗ୍ରୀକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବଲିଉଡ୍ ଅଭିନେତ୍ରୀ ରବୀନା ଟଣ୍ଡନ ଏନେଇ ଟୁଇଟ କରି କହିଛନ୍ତି ଯେ, ବର୍ତ୍ତମାନ ବ୍ୟବହାର କରୁଥିବା ଅଧିକାଂଶ ଜିନିଷ 'ମେଡ୍ ଇନ୍ ଇଣ୍ଡିଆ'। ଖୁବ୍‌ଶୀଘ୍ର ସେ ଚାଇନାର ସମସ୍ତ ସାମଗ୍ରୀ ଏବଂ ମୋବାଇଲ୍ ଆପ୍‌କୁ ମଧ୍ୟ ବର୍ଜନ କରିବେ। ତେବେ ଚାଇନା ଜିନିଷ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଆମ ଦେଶରେ ଭଲ ଜିନିଷ ତିଆରି କରିବାକୁ ହେବ ବୋଲି ରବୀନା କହିଛନ୍ତି। ସେହିପରି ଅଭିନେତା ଅର୍ଶଦ ୱାରସି ମଧ୍ୟ ଜନସାଧାରଣଙ୍କୁ ଚାଇନା ସାମଗ୍ରୀ ବ୍ୟବହାର ନ କରିବାକୁ କହିଛନ୍ତି। ନିଜେ ମଧ୍ୟ ସବୁ ସାମଗ୍ରୀକୁ ବର୍ଜନ କରିବାକୁ ଚେଷ୍ଟା କରୁଛନ୍ତି। ଆମକୁ 'ଚାଇନିଜ୍ ମୁକ୍ତ' ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, 'ଆତ୍ମନିର୍ଭରଶୀଳ ଭାରତ' ଅଭିଯାନକୁ ନେଇ ବଲିଉଡ୍‌ରେ ଅତି ଶୀଘ୍ର ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ଯାହାର ନାମ ହେଉଛି 'ୱାହ ଜିନ୍ଦେଗୀ'।

# ଅସ୍ତ୍ର ବିନା ଯୁଦ୍ଧ 'ମାର୍ଶଲ ଆର୍ଟ'

**ଲଦାଖର ଗଲୱାନ ଘାଟିରେ ହୋଇଥିବା ହିଂସାତ୍ମକ ସଂଘର୍ଷ ପଛରେ ଚାଇନାର ପ୍ରଶିକ୍ଷିତ 'ମାର୍ଶଲ ଆର୍ଟ ଫାଇଟର' ରହିଥିବା ଦାବି କରାଯାଉଛି। ଏହି ଯୁଦ୍ଧ କୌଶଳ ଦୀର୍ଘବର୍ଷ ଧରି ଡ୍ରାଗନ୍ ସେନାର ପ୍ରମୁଖ ଶକ୍ତି ପାଲଟିଛି। କେବଳ ଚାଇନା ନୁହେଁ, ପୃଥିବୀର ପ୍ରାୟ ଅଧିକାଂଶ ଦେଶରେ 'ମାର୍ଶଲ ଆର୍ଟ' ପ୍ରଚଳିତ। ବିନା କୌଣସି ଅସ୍ତ୍ରରେ ଶିକ୍ଷା ଦିଆଯାଉଥିବା ଏହି ସାମରିକ କଳା ଶତ୍ରୁଙ୍କୁ ଅକଳରେ ପକାଇବାକୁ ସାମର୍ଥ୍ୟ ରଖେ।**



**ନୂଆଦିଲ୍ଲୀ:** ଭାରତ ଏବଂ ଚାଇନା ମଧ୍ୟରେ ଜୁନ୍ ୧୫ରେ ହୋଇଥିବା ରକ୍ତାକ୍ତ ସଂଘର୍ଷ ପରେ ଏଲ୍ଏସିରେ ଯୁଦ୍ଧର କଳାବାଦଲ ଘୋଟି ଆସିଛି। ଏସିଆର ଦୁଇ ମହାଶକ୍ତି ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ସାରା ବିଶ୍ୱର ନଜର ରହିଛି ସୀମାନ୍ତରେ। ତେବେ ସଂଘଟିତ ସଂଘର୍ଷ ପଛରେ ଚାଇନାର 'ମାର୍ଶଲ ଆର୍ଟ ଫାଇଟର' ରହିଥିବା ଚର୍ଚ୍ଚା ଜୋର୍ ଧରିଛି। ଏହି ଯୋଦ୍ଧାମାନେ ବିନା ଅସ୍ତ୍ରରେ ଶତ୍ରୁପକ୍ଷକୁ ନାକେଦମ କରିବାରେ ବେଶ୍ ପାରଙ୍ଗମ। ଦୁଇଦେଶର ଯୁଦ୍ଧନୀତି ଏଲ୍ଏସିରେ ଗୁଳିଗୋଳା ଚଳାଇବାକୁ ଅନୁମତି ଦେଉ ନ ଥିବାବେଳେ ଆକ୍ରମଣ ସମୟରେ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା, ମୁଥ ମରାମରି ଭଳି ସଂଘର୍ଷ ଦେଖିବାକୁ ମିଳିଥାଏ। ଏଥିଲାଗି ପାହାଡ଼ି ଯୁଦ୍ଧରେ ଦକ୍ଷ ଭାରତୀୟ ସୈନ୍ୟଙ୍କ ମୁକାବିଲା କରିବା ଲାଗି ଚାଇନା 'ମାର୍ଶଲ ଆର୍ଟ ଫାଇଟର'ଙ୍କୁ ଆଗଧାଡ଼ିରେ ମୁତୟନ କରିଥିବା ଜଣାପଡ଼ିଛି। ଏହି ଯୋଦ୍ଧାମାନେ ଶାରୀରିକ ଯୁଦ୍ଧ କୌଶଳରେ ଏତେ ନିପୁଣ ଯେ, ସେମାନେ ଗୋଡ଼ହାତ ଚାଳନା କରି ଶତ୍ରୁର ସମ୍ବେଦନଶୀଳ ଅଙ୍ଗକୁ କ୍ଷତି ପହଞ୍ଚାଇଥାନ୍ତି। ଚାଇନାରେ ଏହି ମାର୍ଶଲ ଆର୍ଟ ଦୀର୍ଘ ୪୦୦୦ ବର୍ଷ ତଳୁ ଆରମ୍ଭ ହୋଇଥିବା ଜଣାଯାଏ। ଶିୟା ରାଜବଂଶର ଶାସନକାଳରେ ରୟାଲ ଆର୍ମିରେ ଏହି କୌଶଳ ବିଷୟରେ ଶିକ୍ଷା ଦିଆଯାଉଥିଲା। ତେବେ ୟେଲୋ ସମ୍ରାଟଙ୍କ ଶାସନ ସମୟରେ ପାରମ୍ପରିକ ଦେଶୀ ଚିକିତ୍ସା, ମାର୍ଶଲ ଆର୍ଟ, ଜ୍ୟୋତିଷ ଶାସ୍ତ୍ର ଶିକ୍ଷା ନୂଆ ରୂପରେ ଫେରିଲା।

କେବଳ ଚାଇନା ନୁହେଁ, ପୃଥିବୀର ପ୍ରାୟ ପ୍ରତି ଦେଶରେ ବିନା ଅସ୍ତ୍ରରେ ଯୁଦ୍ଧ ଲଢ଼ିବା ଲାଗି ବିଭିନ୍ନ କୌଶଳ ପ୍ରଚଳିତ। ତନ୍ମଧ୍ୟରେ କେରଳର କଲରିପାୟାଟ୍ଟୁ ଅନ୍ୟତମ। ଏହାକୁ ପୃଥିବୀର ଶ୍ରେଷ୍ଠ ୧୦ ମାର୍ଶଲ ଆର୍ଟରେ ସ୍ଥାନିତ କରାଯାଇଛି। ଭାରତର ବୌଦ୍ଧଭିକ୍ଷୁ ତଥା କଲାରି ମାଷ୍ଟର ବୋଧିଧର୍ମନ ଚାଇନା ଯାଇ ସେଠାରେ କୁଙ୍ଗ୍-ଫୁ ପ୍ରଚଳନ କରିଥିଲେ। କଲାରିର ଅର୍ଥ 'ଯୁଦ୍ଧ ମଇଦାନ'। ଯେ କୌଣସି ପରିସ୍ଥିତିରେ ଶତ୍ରୁକୁ ମାତ୍ ଦେଇ ବିଜୟୀ ହେବା ଏହାର ମୂଳଲକ୍ଷ୍ୟ। ସେହିପରି ଓଡ଼ିଶାର 'ପାଇକ ଆଖଡ଼ା' ମଧ୍ୟ ପାରମ୍ପରିକ ମାର୍ଶଲ ଆର୍ଟ ଭିତରୁ ଗୋଟିଏ।

**ସୁଆଇ ଜିଆଓ:** ଚାଇନାର ସର୍ବପ୍ରାଚୀନ ମାର୍ଶଲ ଆର୍ଟ 'ସୁଆଇ ଜିଆଓ'। ଏହା ଉପରେ ଗବେଷଣା କରୁଥିବା ଐତିହାସିକଙ୍କ କହିବା କଥା ଏହି ଯୁଦ୍ଧକଳା ହାରାହାରି ୬୦୦୦ ବର୍ଷ ପୁରୁଣା। ଏହା ହେଉଛି ଏକ ପ୍ରକାର କୁସ୍ତି, ଯେଉଁଥିରେ ଶତ୍ରୁକୁ ମରିବାଯାଏ ଭୂମିରେ ପକାଇ ଅମାନୁଷିକ ଭାବେ ପିଟାଯାଇଥାଏ। ଏହା ପ୍ରଥମେ 'ଜିଆଓ' ନାମରେ ପରିଚିତ ଥିଲା। ଏଥିରେ ଜଣେ ଯୋଦ୍ଧା ପ୍ରତିପକ୍ଷଙ୍କ ଶରୀରର ଖଞ୍ଜାକୁ କୌଶଳକ୍ରମେ ଭାଙ୍ଗି ଦେଇଥାଏ। ଏହାର ଅଲଗା ଅଲଗା ଶୈଳୀ ରହିଛି। ଶତ୍ରୁର ଗତିବିଧି ଅନୁଯାୟୀ ଯୋଦ୍ଧା ଏହାର ଉପଯୋଗ କରିଥାଏ।

**କୁଙ୍ଗ୍-ଫୁ:** ପୃଥିବୀର ପୁରାତନ ସାମରିକ କଳା ମଧ୍ୟରେ ସବୁଠାରୁ ଚର୍ଚ୍ଚିତ ହେଉଛି କୁଙ୍ଗ୍-ଫୁ। ଏହି ଚାଇନିଜ୍ ମାର୍ଶଲ ଆର୍ଟର ଅର୍ଥ 'ନିଜଠାରୁ ବଡ଼ ଏବଂ ଶକ୍ତିଶାଳୀଙ୍କ ଉପରେ ବିଜୟ ହାସଲ'। ଏହି ଯୁଦ୍ଧକଳାକୁ ଭାରତୀୟ ବୌଦ୍ଧଭିକ୍ଷୁ ବୋଧିଧର୍ମନ ଚାଇନାରେ ପ୍ରଚଳନ କରିଥିଲେ। ଶତାଧିକ ବର୍ଷ ଧରି ବୌଦ୍ଧ ମଠଗୁଡ଼ିକରେ କୁଙ୍ଗ୍-ଫୁ ଶିକ୍ଷା ଦିଆଯାଉଥିଲା। ଏହି ମାର୍ଶଲ ଆର୍ଟର କେନ୍ଦ୍ରସ୍ଥଳ ଥିଲା 'ସାଓଲିନ୍ ଟେମ୍ପଲ'। ଉତ୍ତର ଏବଂ ଦକ୍ଷିଣ ଚାଇନାରେ ଭିନ୍ନ ଭିନ୍ନ ଶୈଳୀ ଏବଂ ନାମରେ ଏହା ଲୋକାଦୃତ।

**ବିଙ୍ଗ୍-ଚୁନ୍:** ଚାଇନାର ଅନ୍ୟତମ ପୁରାତନ ସାମରିକ କଳା ହେଉଛି 'ବିଙ୍ଗ୍-ଚୁନ୍'। ଏହାର ପ୍ରବର୍ତ୍ତକ ହେଉଛନ୍ତି ମହିଳା ବୌଦ୍ଧଭିକ୍ଷୁ 'ନଗ୍ ମୁଇ'। ଏହି ମାର୍ଶଲ ଆର୍ଟରେ ଉଭୟ ରକ୍ଷଣାତ୍ମକ ଏବଂ ଆକ୍ରମଣାତ୍ମକ କୌଶଳ ରହିଛି। କୀଟପତଙ୍ଗ, ପଶୁପକ୍ଷୀଙ୍କଠାରୁ ପ୍ରେରିତ ହୋଇ ଏହାର ପରିକଳ୍ପନା କରାଯାଇଥିଲା। ଏହାର ବିଶେଷତ୍ୱ ହେଉଛି ଏହି ଯୁଦ୍ଧକଳାରେ ନିପୁଣ ଜଣେ ଫାଇଟର ଏକା ସମୟରେ ନିଜକୁ ରକ୍ଷା କରିବା ସହ ପ୍ରତିପକ୍ଷକୁ ଆକ୍ରମଣ କରିଥାଏ। ସେଥିଲାଗି ଆଜି ବି 'ବିଙ୍ଗ-ଚୁନ୍' ଫାଇଟର୍ସଙ୍କୁ ପୃଥିବୀର ସର୍ବଶ୍ରେଷ୍ଠ ସାମରିକ ଯୋଦ୍ଧା ଭାବେ ବିବେଚନା କରାଯାଏ।

**ପିନୟିନ୍:** ଚାଇନାରେ ପ୍ରଚଳିତ ଅନ୍ୟ ଏକ ସାମରିକ କୌଶଳ ହେଉଛି 'ପିନୟିନ୍'। ଏହାର ଆଉ ଗୋଟିଏ ନାଁ ହେଲା 'ବାଗୁଆଝାଙ୍ଗ୍'। ଏହି ଯୁଦ୍ଧ ହାତରେ ଲଢ଼ାଯାଇଥାଏ। ତେବେ ଜଣେ ଯୋଦ୍ଧା ଏଥିରେ ପେନ୍, ପେନ୍‌ସିଲଠାରୁ ଆରମ୍ଭ କରି ବଡ଼ ତଲୱାର ଭଳି ଅସ୍ତ୍ର ଚଳାଇବାରେ ଧୁରୀଣ। ଉନବିଂଶ ଶତାବ୍ଦୀରେ ଚାଇନାର ପାହାଡ଼ିଆ ଇଲାକାରେ ରହୁଥିବା ବୌଦ୍ଧଭିକ୍ଷୁମାନେ ଶରୀର ଏବଂ ମନକୁ ଶକ୍ତିଶାଳୀ କରିବାକୁ ଏହାର ପ୍ରାକ୍ଟିସ୍ କରୁଥିଲେ। ଏଥିରେ ଶରୀରର ନମନୀୟତାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

**ତାଇ-ଚି:** ଚାଇନାର ସର୍ବାଧିକ ପ୍ରଚଳିତ ମାର୍ଶଲ ଆର୍ଟ ମଧ୍ୟରୁ ଗୋଟିଏ 'ତାଇ-ଚି'। ଏଥିରେ ଶତ୍ରୁକୁ ମାରିବା, ନିଜକୁ ରକ୍ଷା କରିବା ସହ ମେଡିଟେଶନ ଶିକ୍ଷା ମଧ୍ୟ ଦିଆଯାଇଥାଏ। ଏହାଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ମଜଭୁତ୍ ହୋଇଥାଏ। ଚାଇନାର ପ୍ରତି ମାର୍ଶଲ ଆର୍ଟ ଲାଗି ସ୍ୱତନ୍ତ୍ର ପୋଷାକ ଥିବାବେଳେ ଏହାପାଇଁ ଡ୍ରେସ୍‌କୋଡ୍ ନାହିଁ। ଏହାକୁ ପ୍ରଶିକ୍ଷଣ ନେଉଥିବା ଫାଇଟରଙ୍କୁ ଢିଲା ପୋଷାକ ପିନ୍ଧିବାକୁ କୁହାଯାଏ। ମୋଟାମୋଟି ଏହି ମାର୍ଶଲ ଆର୍ଟରେ ଫାଇଟିଂ ହେଉଛି ଏକ ଛୋଟିଆ ଅଂଶ। କସରତ ଏବଂ ମେଡିଟେଶନକୁ ଏଥିରେ ବେଶି ଗୁରୁତ୍ୱ ଦିଆଯାଉଛି।

# ୪୪ ବର୍ଷ ପରେ ଫେରିଲେ ପାହାଡ଼ି ବାୟା



**ଡେରାଡୁନ୍:** କରୋନା ପାଇଁ ଲକ୍‌ଡାଉନ୍ ଶଟ୍‌ଡାଉନ୍ ଫର୍ମୁଲା ପରିବେଶ ପାଇଁ ଅତ୍ୟନ୍ତ ଶୁଭଙ୍କର। ଲକ୍‌ଡାଉନ୍ ଫଳରେ ଏକ ସମୟରେ ଜଳଭାଗ ଓ ବାୟୁମଣ୍ଡଳ ଅନେକାଂଶରେ ପ୍ରଦୂଷଣମୁକ୍ତ ହୋଇପାରିଛି। ଗଙ୍ଗାନଦୀର ଜଳ ସ୍ୱଚ୍ଛ ହେବା ଏହାର ସବୁଠୁ ବଡ଼ ପ୍ରମାଣ ହୋଇଥିବା ବେଳେ ଏହାର ଆଉ ଏକ ପ୍ରମାଣ ଏବେ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡରେ। ପ୍ରାୟ ୪୪ ବର୍ଷ ପରେ ଏଠାକୁ ଏବେ ବହୁ ସଂଖ୍ୟାରେ ଦୁର୍ଲଭ ପ୍ରଜାତିର ପାହାଡ଼ି ବାୟା ଚଢେଇ ଫେରିଛନ୍ତି।

ଉତ୍ତରାଖଣ୍ଡର ତରାଇ କେନ୍ଦ୍ରୀୟ ବନପ୍ରଭାଗର ରୁଦ୍ରପୁର ନିକଟରେ ଥିବା ଜଙ୍ଗଲରେ ଏବର୍ଷ ବହୁସଂଖ୍ୟାରେ ପାହାଡ଼ି ବାୟା ଚଢ଼େଇ ଆସିଛନ୍ତି। ସାରା ବିଶ୍ୱରେ ଏହି ପ୍ରଜାତିର ବାୟା ଚଢ଼େଇଙ୍କ ସଂଖ୍ୟା ପ୍ରାୟ ୧ହଜାର ହେବ। ଭାରତରେ ୪ ପ୍ରକାରର ବାୟା ଚଢ଼େଇ ଦେଖିବାକୁ ମିଳନ୍ତି। ଏମାନଙ୍କ ମଧ୍ୟରୁ ପାହାଡ଼ି ବାୟାଙ୍କ ବାସସ୍ଥାନଭାବେ ତରାଇ ଜଙ୍ଗଲ ସହିତ ଆସାମର କାଜିରଙ୍ଗା ନ୍ୟାଶନାଲ୍ ପାର୍କ ବେଶ୍ ପରିଚିତ। ତେବେ ୧୯୭୬ ମସିହା ପରେ ଏହି ସ୍ଥାନରେ ବାୟା ଚଢେଇଙ୍କୁ ଦେଖିବାକୁ ମିଳି ନ ଥିଲା। କିନ୍ତୁ ଏହି ମାସରେ ପୁଣି ଥରେ ବାୟା ଚଢ଼େଇଙ୍କର ଆଗମନ ଫଳରେ ପରିବେଶପ୍ରେମୀଙ୍କ ମନରେ ଢେର୍ ଉତ୍ସାହ ବୃଦ୍ଧି ପାଇଛି। ଏଥିପାଇଁ ତରାଇ କେନ୍ଦ୍ରୀୟ ଡିଭିଜନ ପକ୍ଷରୁ ସାବଧାନତା ଅବଲମ୍ବନ କରାଯାଉଛି। ବାୟା ଚଢେଇଙ୍କ ସୁରକ୍ଷା ଏବଂ ସେମାନଙ୍କ ବସା ଯେପରି ନଷ୍ଟ ନ ହୁଏ ସେଥିପ୍ରତି କଡ଼ା ନଜର ରଖାଯାଇଛି।

ପାହାଡ଼ି ବାୟା ଚଢେଇଙ୍କ ସୁରକ୍ଷା ପାଇଁ ପୂର୍ବରୁ ଉତ୍ତରପ୍ରଦେଶର ମେରଠାରେ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟରେ କାମ କରାଯାଉଛି। ଏହାକୁ ବିଶ୍ୱର ପ୍ରଥମ ବାୟା ଚଢେଇ ପ୍ରଜନନ କେନ୍ଦ୍ରଭାବେ ତିଆରି କରାଯାଉଛି। ଏଠାରେ ବାୟା ଚଢେଇଙ୍କୁ ନେଇ ରିସର୍ଚ୍ଚ କରାଯାଉଛି। ତେବେ ଉତ୍ତରାଖଣ୍ଡରେ ମଧ୍ୟ ବାୟା ଚଢେଇଙ୍କ ସୁରକ୍ଷା ନେଇ ସ୍ୱତନ୍ତ୍ର ପ୍ରୋଜେକ୍ଟ କରିବା ଉପରେ ଜୋର ଦିଆଯାଉଛି।

# ସବୁଠାରୁ ଲମ୍ବା ବିଜୁଳି



ଚମକିଲା ୧୬ ସେକେଣ୍ଡ

**ବ୍ରାସିଲିଆ:** ଆକାଶରେ ବିଜୁଳି ଚମକିଥାଏ। ତେବେ ଏହା କିଛି ସମୟ ମଧ୍ୟରେ ବନ୍ଦ ହୋଇଯାଇଥାଏ। ସେହିପରି ଏହାର ଲମ୍ବ ମଧ୍ୟ କିଛି କିମି ମଧ୍ୟରେ ରହିଥାଏ। ତେବେ ବ୍ରାଜିଲ୍‌ରେ ୭୦୯ କିମି ଲମ୍ବର ବିଜୁଳି ରେକର୍ଡ କରାଯାଇଛି। ସେହିପରି ଆର୍ଜେଣ୍ଟିନାରେ ସର୍ବାଧିକ ଅଧିକ ସମୟ ୧୬.୭୩ ସେକେଣ୍ଡ ପର୍ଯ୍ୟନ୍ତ ଚମକିଥିବା ବିଜୁଳି ରେକର୍ଡ ହୋଇଛି।

ଏନେଇ ୱାର୍ଲ୍ଡ ମେଟ୍ରୋଲୋଜିକାଲ ଅର୍ଗାନାଇଜେଶନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ପୂର୍ବରୁ ଆମେରିକା ଏବଂ ଫ୍ରାନ୍ସରେ ରେକର୍ଡ ହୋଇଥିବା ବିଜୁଳିର ଲମ୍ବ ଏବଂ ଚମକିବା ସମୟଠାରୁ ଏହା ଅଧିକ ବୋଲି କୁହାଯାଉଛି। ସମଗ୍ର ଆକାଶ ଏହି ବିଜୁଳି ଯୋଗୁ କିଛି ସମୟ ପାଇଁ ଉଜ୍ଜଳ ଆଲୋକରେ ଆଲୋକିତ ହୋଇଉଠିଥିଲା। ପ୍ରକୃତିର ଏଭଳି ବିରଳ ଦୃଶ୍ୟର ଭିଡ଼ିଓ ଶୁଟିଂ କରାଯାଇଥିବା ଡବ୍ଲ୍ୟୁଏମ୍‌ଓ କହିଛି। ୨୦୧୮ ଅକ୍ଟୋବର ୩୧ରେ ଦକ୍ଷିଣ ବ୍ରାଜିଲ୍‌ରେ ଏହି ବିଜୁଳ ଦେଖାଯାଇଥିଲା। ସେହିପରି ୨୦୧୯ ମାର୍ଚ୍ଚ ୪ରେ ଉତ୍ତର ଆର୍ଜେଣ୍ଟିନାରେ ସର୍ବାଧିକ ସମୟ ପାଇଁ ଚମକିଥିବା ବିଜୁଳିକୁ ରେକର୍ଡ କରାଯାଇଥିଲା ବୋଲି ଡବ୍ଲ୍ୟୁଏମ୍‌ଓ ଏକ୍ସପର୍ଟ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ୨୦୦୭ରେ ୩୨୧ କିମି ଲମ୍ବ ବିଜୁଳି ଆମେରିକାର ଓକ୍ଲାହୋମ୍‌ରେ ରେକର୍ଡ କରାଯାଇଥିଲା। ସେହିପରି ୨୦୧୨ରେ ଫ୍ରାନ୍ସରେ ୭.୭୪ ସେକେଣ୍ଡ ପାଇଁ ଚମକିଥିବା ବିଜୁଳି ରେକର୍ଡ ହୋଇଥିଲା। ୧୯୭୫ରେ ଜିମ୍ବାୱେରେ ବିଜୁଳି ଯୋଗୁ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ଗୋଟିଏ କୁଡ଼ିଆରେ ରହିଥିଲେ। ୧୯୯୪ରେ ବିଜୁଳି ଯୋଗୁ ମିଶରରେ ୪୬୯ ଲୋକଙ୍କ ମୃତ୍ୟୁ ହୋଇଥିବା ଡବ୍ଲ୍ୟୁଏମ୍‌ଓ ରିପୋର୍ଟ ଉଲ୍ଲେଖ କରାଯାଇଛି।


# ଜଳ ସଂରକ୍ଷଣ ମଡେଲ

**ନୂଆଦିଲ୍ଲୀ:** କରୋନା ସଂକ୍ରମଣ ନ ହେବା ପାଇଁ ଏବେ ସମସ୍ତେ ହାତ ଧୋଇବା ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବିଶ୍ୱରେ ପାଣି ସମସ୍ୟା ବି ଉତ୍କଟ ରୂପ ନେଲାଣି। ଅଧିକାଂଶ ଦେଶରେ ଏବେ ଜଳ ସଙ୍କଟ ଚିନ୍ତାଜନକ ସ୍ଥିତିରେ ରହିଛି। ତେଣୁ ଜଳାଭାବକୁ ରୋକିବା ପାଇଁ ଏବେ ଏକ ସମାଧାନ ବାହାର କରିଛନ୍ତି ଭାରତୀୟ ଛାତ୍ର।

ଗୁରୁଗ୍ରାମ ଶିବ୍ ନାଦାର ସ୍କୁଲର ୫ଜଣ ଛାତ୍ର ଜଳ ସୁରକ୍ଷା ନେଇ ଏକ ସମାଧାନ ବାହାର କରିଛନ୍ତି। ଏମାନେ ଫିଲ୍‌ଟରର ଆର୍‌ଓ ୱାଟର ପ୍ରକ୍ରିୟାରେ ନଷ୍ଟ ହେଉଥିବା ପାଣିକୁ ପୁଣିଥରେ ବ୍ୟବହାର କରିବା ନେଇ ସ୍ୱତନ୍ତ୍ର ଫର୍ମୁଲା ବାହାର କରିଛନ୍ତି। ଆର୍‌ଓ ଫର୍ମୁଲାରେ ଏକ ଲିଟର ପାଣି ଫିଲ୍‌ଟର ନିମନ୍ତେ ୩ ଲିଟର ପାଣି ନଷ୍ଟ ହୋଇଥାଏ। କିନ୍ତୁ ଏହି ପାଣିକୁ ନଷ୍ଟ ନ କରି ଏହାକୁ ସଂରକ୍ଷଣ କରି ରୋଷେଇ ଘର ସଫା କିମ୍ବା ଗାଡ଼ି ସଫା ଆଦି କରିହେବ। ତେଣୁ ଶିବ୍ ନାଦାର ସ୍କୁଲର ଛାତ୍ରମାନେ ନଷ୍ଟ ହେଉଥିବା ପାଣିକୁ ପୁଣି ଥରେ ସଂରକ୍ଷଣ କରିବା ପାଇଁ ନୂଆ ପ୍ରଣାଳୀ ବାହାର କରିଛନ୍ତି। ଏହି ପାଣି ଅନ୍ୟ ଏକ ସ୍ଥାନରେ ଜମା ହୋଇ ରହିବା ପରେ ଏହାକୁ ବିଭିନ୍ନ ପ୍ରକାର ସଫା କାମରେ ବ୍ୟବହାର କରାଯାଇପାରିବ। ଏହି ପ୍ରକ୍ରିୟାକୁ ଏବେ ସେମାନେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଲୋକଙ୍କ ଘରେ ଲଗାଇବାରେ ସଫଳ ହୋଇଛନ୍ତି। ଏବେ ସେମାନେ ଏହି ପ୍ରକ୍ରିୟାକୁ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରି ଲୋକଙ୍କର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଏହି ୫ଜଣ ହେଉଛନ୍ତି ପିୟା ଶର୍ମା, ଆଦିତ୍ୟ ତନୱାର, ମହମ୍ମଦ ଉମର, ଜିୟା ଖୁରାନା ଏବଂ ଅର୍ଜୁନ ସିଂହ ବେଦି।



# ବାଦଲରେ ଚିତ୍ର




**ନୂଆଦିଲ୍ଲୀ:** ପ୍ରକୃତି ହେଉଛି ସୌନ୍ଦର୍ଯ୍ୟର ଗନ୍ତାଘର। ବର୍ଷା, ଖରା, ଶୀତ, ପାଣି, ପବନ ସବୁଥିରେ ଭରି ରହିଛି ଅନୁପମ ସୌନ୍ଦର୍ଯ୍ୟ। ପ୍ରକୃତିର ଅପୂର୍ବ ଶୋଭାରାଜିକୁ ନିଜ କଳାତ୍ମକ ସ୍ପର୍ଶ ଦେଇଛନ୍ତି ପ୍ରସିଦ୍ଧ ଚିତ୍ରକର କ୍ରୀଶ୍ ଜଜ୍। ଆକାଶରେ ଭସାବାଦଲକୁ ସେ ବିଭିନ୍ନ ରୂପ ଦେଇ ଏବେ ଟୁଇଟରରେ ସୁନ୍ଦର ଚିତ୍ରସବୁ ଶେୟାର କରିଛନ୍ତି।

ବାଦଲ କେଉଁଠି ଠେକୁଆ ଭଳି ତ କେଉଁଠି ଭାଲୁ ଭଳି। ଆଉ କେଉଁଠି ମାଙ୍କଡ଼ ରୂପରେ ଧରିଛି ସିଗାରେଟ୍। ଆକାଶରେ ବାଦଲକୁ ଏମିତି ଅନେକ ସୁନ୍ଦର ରୂପ ଦେଇଛନ୍ତି କ୍ରୀଶ୍। ବାଦଲର ବିଭିନ୍ନ ରୂପକୁ ଦେଖି ତାଙ୍କର ଏଭଳି ଏକ କଳ୍ପନା ସୃଷ୍ଟି ହୋଇଥିଲା, ଆଉ କଳନାକୁ ରୂପ ଦେବାକୁ ବେଶି ସମୟ ଲାଗି ନ ଥିଲା। ବାଦଲକୁ ସେ ନିଜ ଇଚ୍ଛାରେ ରୂପ ଦେଇ ଟୁଇଟରରେ ଶେୟାର କରିଥିଲେ। କେବେ ସନ୍ଧ୍ୟା ସମୟର ଦୃଶ୍ୟ ତ କେବେ ସକାଳ ଆକାଶରେ ବାଦଲର ଦୃଶ୍ୟକୁ ସେ ବିଭିନ୍ନ ମଜାଦାର ରୂପ ଦେଇଥିଲେ। କ୍ରୀଶ୍‌ଙ୍କର ଏହିସବୁ କଳ୍ପନାତ୍ମକ ଚିତ୍ର ଲୋକଙ୍କୁ ବେଶ୍ ପସନ୍ଦ ଆସିଛି। ସେଥିପାଇଁ କ୍ରୀଶ୍ ଏହି ଚିତ୍ରକୁ ଶେୟାର କରିବା ମାତ୍ରେ ହଜାର ହଜାର ଲୋକ ଏହାକୁ ଲାଇକ୍ କରିବା ସହ କମେଣ୍ଟ ବି କରିଛନ୍ତି।

# ଜହ୍ନରେ ଜାଗା କିଣିଥିଲେ ସୁଶାନ୍ତ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ନେଇ କେବଳ ଯେ ବଲିଉଡ୍ ତାହା ନୁହେଁ, ପୂରା ଦେଶ ଚକିତ ହୋଇଯାଇଛି। ଘଟଣାକୁ ଅନେକ ଦିନ ବିତିଯାଇଥିଲେ ହେଁ ପ୍ରଶଂସକମାନେ ଏହାକୁ ଗ୍ରହଣ କରିବାକୁ ନାରାଜ। ଏସବୁ ମଧ୍ୟରେ ପ୍ରଶଂସକମାନେ ସୁଶାନ୍ତଙ୍କ ସହ ଜଡ଼ିତ ବିଭିନ୍ନ କଥାକୁ ଲୋକଲୋଚନକୁ ଆଣୁଛନ୍ତି। ଏଇ ଯେପରି ଚାନ୍ଦରେ ଜାଗା କିଣିବା ଘଟଣା। ପ୍ରାରମ୍ଭିକ ଜୀବନ ଆରମ୍ଭ କରିବା ସମୟରେ ସୁଶାନ୍ତଙ୍କ ପ୍ରଥମ ଦରମା ଥିଲା ୨୫୦ ଟଙ୍କା। ହେଲେ ନିଜର ପରିଶ୍ରମ ବଳରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସ୍ୱପ୍ନକୁ ପୂରଣ କରିବାକୁ ଚେଷ୍ଟା କରିଥିଲେ। ସେଥିରୁ ଗୋଟିଏ ହେଉଛି ଜହ୍ନରେ ଜାଗା କିଣିବା। ସୁଶାନ୍ତ ପ୍ରଥମ ଅଭିନେତା ଥିଲେ ଯିଏ ଜହ୍ନରେ ଏକ ଜାଗା କିଣିଥିଲେ। ଏପରିକି, ନିଜ ଜାଗାକୁ ଦେଖିବା ପାଇଁ ଏକ ବାଇନୋକୁଲାର୍ କିଣି ଆଣିଥିଲେ। ସୁଶାନ୍ତ ଏହି ଜମିକୁ ଇଣ୍ଟରନ୍ୟାଶନାଲ ଲୁନାର ଲ୍ୟାଣ୍ଡ ରେଜିଷ୍ଟ୍ରୀଠାରୁ କିଣିଥିଲେ। ୨୦୧୮ ଜୁନ ୨୫ ତାରିଖରେ ଏହି ପ୍ଲଟକୁ ସେ ନିଜ ନାମରେ କରିଥିଲେ। ତେବେ ଏହି ଜମିରେ କିଛି ଭିନ୍ନ ସନ୍ଧି ରହିଛି। ତଦନୁଯାୟୀ ପୃଥିବୀ ବାହାରେ ଥିବା ସମ୍ପତ୍ତି ସମଗ୍ର ମାନବ ଜାତିର। ଏହା ଉପରେ ସମସ୍ତଙ୍କର ଅଧିକାର ରହିଛି। ଏଣୁ ଆଇନ ଅନୁଯାୟୀ ତାହା ସୁଶାନ୍ତଙ୍କୁ ମାଲିକାନା ଦେଉନାହିଁ।




ମନେ ପଡ଼ନ୍ତି

ଶ୍ରାଦ୍ଧ ଉପଲକ୍ଷେ



ସ୍ୱର୍ଗତା ହେମଲତା ରଥ
ବୀରରାମଚନ୍ଦ୍ରପୁର, ପୁରୀ

ଚାହୁଁ ଚାହୁଁ ଚାରିବର୍ଷ ହୋଇଗଲା, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ। ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ।

ଶୋକସନ୍ତପ୍ତ ପରିବାରବର୍ଗ।

ଧ-୧୭୫୬୯



# ତ୍ୱଚା ଲାଗିବ ଅଧିକ ଆକର୍ଷଣୀୟ

ସୁନ୍ଦର ଦେଖାଯିବା ଲାଗି ଯେ, କେବଳ ବ୍ୟୁଟି ପାର୍ଲର ଯିବା କିମ୍ବା ଦାମୀ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର କରିବା ଆବଶ୍ୟକ ତା' ନୁହେଁ ବରଂ ଆପଣ ଚାହିଁଲେ ମନ୍ଦାର ଫୁଲକୁ ବ୍ୟବହାର କରି ତ୍ୱଚା ଏବଂ କେଶକୁ ଅଧିକ ଆକର୍ଷଣୀୟ କରିପାରିବେ। ଜାଣି ରଖନ୍ତୁ ସେ ସମ୍ପର୍କରେ...

► ମନ୍ଦାର ଫୁଲରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ, ବିଶେଷ କରି ଏଥିରେ ଥିବା ଆଣ୍ଟି ଏଜିଂ ପ୍ରପର୍ଟି ତ୍ୱଚାରେ ରିଙ୍କଲ୍ ମାର୍କ ବା ଏଜ୍‌ଲାଇନ୍ ଆସିବାକୁ ଦିଏ ନାହିଁ। ଏଥିପାଇଁ ମନ୍ଦାରଫୁଲର ପାଖୁଡାକୁ ପାଣିରେ ଫୁଟାଇ ଦିଅନ୍ତୁ। ଏହାକୁ କାଢି ବାଟି ଦିଅନ୍ତୁ। ଏହି ପେଷ୍ଟରେ ମହୁ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ଧୀରେ ଧୀରେ ମୁହଁରେ ଲଗାଇ ୧୫-୨୦ ମିନିଟ୍ ରଖିବା ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ତ୍ୱଚାର ରଙ୍ଗ ଗୋରା କରିବା ସହ ଏହାକୁ ରିଙ୍କଲ୍ ଫ୍ରି ରଖିଥାଏ।

► ୮-୧୦ଟି ମନ୍ଦାର ଫୁଲ ପାଖୁଡା, ୮-୧୦ଟି ଗୋଲାପ ଫୁଲ ପାଖୁଡା ସହିତ ଏକ ଚାମଚ ମୁଲ୍‌ତାନୀ ମାଟି ଏବଂ ଏକ ଚାମଚ ଦହିକୁ ମିଶାଇ ଭଲ ଭାବେ ପେଷ୍ଟ କରିଦିଅନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ଛାଡିଦିଅନ୍ତୁ। ପ୍ୟାକ୍ ଶୁଖିବା ପରେ ହାତରେ ଅଳ୍ପ ପାଣି ନେଇ ଧୀରେ ଧୀରେ ମୁହଁକୁ ଘଷନ୍ତୁ ଏବଂ ପ୍ୟାକ୍ ଛଡାଇବା ପରେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚାର ଗ୍ଲୋ ବଢିଥାଏ।

► ମନ୍ଦାର ଫୁଲ କେଶ ପାଇଁ କୌଣସି ବରଦାନ ଠୁ କମ୍ ନୁହେଁ। ଏହାକୁ ବ୍ୟବହାର କରିବା ଦ୍ୱାରା କେଶ ଝଡିବା, ଦୁର୍ବଳ ହୋଇ ଛିଣ୍ଡିବା କିମ୍ବା ପାଚିବା ଭଳି ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ଏଥିପାଇଁ ଆପଣ ୭-୮ଟି ମନ୍ଦାର ଫୁଲ ନେଇ ପେଷ୍ଟ କରିଦିଅନ୍ତୁ। ଏକ ପ୍ୟାନ୍‌ରେ ନଡିଆ ତେଲ ନେଇ ଗରମ କରନ୍ତୁ। ସେଥିରେ ଏକ ଚାମଚ ମେଥି, ଏକ ଚାମଚ ଅଁଳା ପାଉଡର, ୮-୧୦ଟି ଭୃସୁଙ୍ଗ ପତ୍ର ପକାନ୍ତୁ ଏବଂ ପୂର୍ବରୁ ପ୍ରସ୍ତୁତ ପେଷ୍ଟକୁ ପକାଇ ଭଲ ଭାବେ ଫୁଟାଇ ଦିଅନ୍ତୁ। ଏହାକୁ ଥଣ୍ଡା କରି ଛାଣି ଏକ ବଟଲରେ ରଖିଦିଅନ୍ତୁ। ଏହି ତେଲକୁ କେଶରେ ଲଗାନ୍ତୁ ଖୁବ୍ କମ୍ ଦିନ ମଧ୍ୟରେ କେଶର ସମସ୍ତ ସମସ୍ୟା ଦୂର ହେବା ସହ ଏହା ଅଧିକ ଘନ, ଲମ୍ବା ଏବଂ ଚିକଣ ହୋଇଯିବ।



# ବର୍ଷା: ପିଲା ରହିବେ ଫିଟ୍

ଆରମ୍ଭ ହୋଇସାରିଛି ବର୍ଷାଦିନ। ଏସମୟରେ ଖରାରୁ ବର୍ଷା ପାଇଁ ହଠାତ୍ ପାଣିପାଗର ପରିବର୍ତ୍ତନ ଅନେକଙ୍କଠାରେ ସାଜିଥାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ। ବିଶେଷକରି ପିଲାଙ୍କ ପାଇଁ ଏହି ସମୟ ହୋଇଥାଏ ଅପେକ୍ଷାକୃତ ଜଟିଳ। ହେଲେ ଏଦିନେ ଅଧିକ ଯତ୍ନଶୀଳ ହୋଇ କେତେକ ଦିଗ ପ୍ରତି ସଜାଗ ଏବଂ ସତର୍କ ରହିବା ଦ୍ୱାରା ପିଲା ବି ରହିପାରିବେ ଫିଟ୍...



ବର୍ଷାଦିନ ଆସିବା ମାତ୍ରେ ପାଣିପାଗରେ ଯେଉଁ ପରିବର୍ତ୍ତନ ଆସେ ତା' ପ୍ରଭାବରେ ପିଲାମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏଥିପାଇଁ ପିଲାଙ୍କର ଠିକ୍ ସମୟରେ ଚିକିତ୍ସା କରିବାକୁ ହୁଏ। ହେଲେ ସବୁଠୁ ବଡ଼ କଥା ହେଉଛି ସଚେତନତା। ତେବେ ଏଦିନେ ପିଲାଙ୍କୁ ସୁସ୍ଥ ରଖିବା ଲାଗି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ଯତ୍ନ ନେବା ମା'ମାନଙ୍କର ଏକ ବଡ଼ ଦାୟିତ୍ୱ।

**ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା ଆବଶ୍ୟକ**

*- ଡା. ସୂର୍ଯ୍ୟକାନ୍ତ ବରାହ, ଶିଶୁ ରୋଗ ବିଶେଷଜ୍ଞ, ଶ୍ରୀ ହସ୍‌ପିଟାଲ୍, ଭୁବନେଶ୍ୱର*

ବର୍ଷାଦିନେ ହ୍ୟୁମିଡିଟି ଅଧିକ ରହିଥାଏ। ଏହା ବ୍ୟତୀତ ଘର ଚାରିପାଖରେ ବିଭିନ୍ନ ସ୍ଥାନରେ ପାଣି ଜମା ହୋଇ ରହିଥାଏ। ସେଥିପାଇଁ ମଶା, ମାଛି ଆଦି ଅଧିକ ସୃଷ୍ଟି ହୁଅନ୍ତି। ତେଣୁ ଏ ସିଜନରେ ପିଲାଙ୍କର ଡେଙ୍ଗୁ, ଚିକୁନଗୁନିଆ ଭଳି ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଏହାଛଡ଼ା ବର୍ଷାଦିନେ ଭାଇରାଲ୍ ଇନ୍‌ଫେକ୍‌ସନ୍ ହେବାର ଆଶଙ୍କା ଯଥେଷ୍ଟ ଅଧିକ। ପିଲାମାନଙ୍କୁ ଏସବୁ ସମସ୍ୟାରୁ ଦୂରେଇ ରଖିବାକୁ ହେଲେ ଘରେ ପ୍ରଥମେ ସଫା କରିଦେବେ। ନଚେତ୍ ସେଥିରୁ ବିଭିନ୍ନ ରୋଗଜୀବାଣୁ ସୃଷ୍ଟି ହେବେ। ଏହା ସହିତ ଘର ଚାରିପାଖକୁ ବି ସଫା ରଖନ୍ତୁ। କୌଣସି ସ୍ଥାନରେ ଯେପରି ପାଣି ଜମା ହୋଇ ନ ରୁହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

**ସନ୍ତୁଳିତ ଖାଦ୍ୟ ଓ ଶୁଦ୍ଧ ପାଣି :** ବର୍ଷାଦିନେ ଖାଦ୍ୟରୁ ହିଁ ବହୁ ପ୍ରକାରର ଇନ୍‌ଫେକସନ୍ ସୃଷ୍ଟି ହୁଏ। ତେଣୁ ଏ ସମୟରେ ପିଲାଙ୍କୁ ବାହାର ଖାଦ୍ୟ ଆଦୌ ଦିଅନ୍ତୁ ନାହିଁ। ଏହା ସହିତ ଘରେ ସବୁବେଳେ ସନ୍ତୁଳିତ ତଥା ଫ୍ରେଶ୍ ଖାଦ୍ୟ ଦିଅନ୍ତୁ। ପିଲାଙ୍କ ଡାଏଟ୍‌ରେ ଅଧିକ ପରିବାପତ୍ର ଓ ସୁପ୍ ସାମିଲ୍ କରନ୍ତୁ। ଏହା ବ୍ୟତୀତ ଏବେ କରୋନା ସଂକ୍ରମଣ ବଢୁଥିବାରୁ ପିଲାଙ୍କ ଇମ୍ୟୁନିଟି ବଢାଉଥିବା ଖାଦ୍ୟ ବେଶି ଦେବାକୁ ଚେଷ୍ଟା କରନ୍ତୁ। ଭିଟାମିନ୍-ସି ପ୍ରଚୁର ଦେଲେ ପିଲାଙ୍କର ଇମ୍ୟୁନିଟି ବଢ଼ିଥାଏ। ତେଣୁ ଲେମ୍ବୁ, ଅଁଳା, ଶାଗ ଆଦି ଖାଦ୍ୟ ସହିତ ସପ୍ଲିମେଣ୍ଟ ବି ଦେଇପାରିବେ। ଏହା ସହ ସବୁ ପ୍ରକାରର ଖାଦ୍ୟକୁ ଘୋଡ଼ାଇ ରଖିବେ। ମୋଟାମୋଟି କହିବାକୁ ଗଲେ ପିଲାଙ୍କୁ ହେଲଦି, ଫ୍ରେଶ ଆଉ ଉଷୁମ ଖାଦ୍ୟ ଦେବା ଉଚିତ।

ବର୍ଷାଦିନେ ପାଣି ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ପାଣିରୁ ହିଁ ବହୁ ପ୍ରକାରର ଇନ୍‌ଫେକସନ୍ ହୋଇଥାଏ। ତେଣୁ ପାଣିକୁ ସବୁବେଳେ ସିଝାଇ ଥଣ୍ଡା କରି ପିଇବାକୁ ଦିଅନ୍ତୁ। ତେବେ ଆରଓ ଫିଲଟର ପାଣି ମଧ୍ୟ ପିଇପାରିବେ।

**ଟିକାକରଣ:** ବର୍ଷାଦିନେ ପିଲାଙ୍କୁ ଫ୍ଲୁ ହେବାର ଆଶଙ୍କା ବେଶି। ତେଣୁ ଏ ସମୟରେ ଟିକା ନେବା ଆବଶ୍ୟକ। ପିଲାଙ୍କର ରୁଟିନ୍ ଭ୍ୟାକ୍ସିନେସନ୍ ସହିତ ଫ୍ଲୁ ପାଇଁ ୮ବର୍ଷ ହେବା ପର୍ଯ୍ୟନ୍ତ ଭ୍ୟାକ୍ସିନେସନ୍ ନେବା ଫଳରେ ପିଲାଙ୍କର ସ୍ୱାସ୍ଥ୍ୟ ଭଲ ରହିଥାଏ। ଏହା ବ୍ୟତୀତ ୬ମାସ ପରେ ପିଲାଙ୍କୁ ବାହାର ଖାଦ୍ୟ ଦେବାବେଳେ ପରିଷ୍କାର ପରିଚ୍ଛନ୍ନତା ନେଇ ସତର୍କ ରହନ୍ତୁ। ସେମାନଙ୍କର ବାସନକୁ ନିୟମିତ ଫୁଟାନ୍ତୁ। ଠିକ୍ ସମୟରେ ଡାଏପର ବଦଳାନ୍ତୁ। ଏସବୁ ଦିଗରେ ସଚେତନ ହେଲେ ପିଲାଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବନି। ଏସବୁ ପରେ ବି ଯଦି ପିଲାଙ୍କର ସ୍ୱାସ୍ଥ୍ୟ ଖରାପ ହୁଏ ତେବେ ଡାକ୍ତରଙ୍କ ପାଖକୁ ନିଅନ୍ତୁ।

୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ନେଇ ମାଆମାନେ ଅଧିକ ଯତ୍ନଶୀଳ ହେବା ଆବଶ୍ୟକ। ମାଆମାନେ ଏମାନଙ୍କୁ ସନ୍ତୁଳିତ ଖାଦ୍ୟ ଖୁଆଇବା ସହିତ ବାହାରକୁ ଯିବା ସମୟରେ ଯେପରି ବର୍ଷାରେ ଓଦା ନ ହୁଅନ୍ତି ସେଥିଲାଗି ଠିକ୍‌ଭାବେ ପ୍ରସ୍ତୁତ କରି ପଠାଇବା ଦରକାର।

ପିଲାଙ୍କୁ ଗାଈ ଘିଅ ଖାଇବାକୁ ଦେଲେ ସେମାନଙ୍କର ଇମ୍ୟୁନିଟି ବଢ଼ିଥାଏ। ଏହା ସହ ଗୁଡ଼, ସୁପ୍ ଆଦି ଖାଦ୍ୟ ଦିଅନ୍ତୁ। ପିଲାମାନଙ୍କୁ ଘରେ ନିୟମିତ ଯୋଗ କରିବାକୁ ଶିକ୍ଷା ଦିଅନ୍ତୁ। କାରଣ ନିୟମିତ ଯୋଗ କରିବା ଫଳରେ ପିଲାଙ୍କର ସ୍ୱାସ୍ଥ୍ୟ ଭଲ ରହିଥାଏ। ଏସବୁ ଦିଗକୁ ଦୃଷ୍ଟି ଦେଇ ଚଳିଲେ ବର୍ଷାଦିନେ ବି ପିଲାଙ୍କର ସ୍ୱାସ୍ଥ୍ୟ ସମସ୍ୟା ରହିବ ନାହିଁ।

ଦିଅନ୍ତୁ। ଏହା ବ୍ୟତୀତ ଜ୍ୱର, ଝାଡ଼ା, ପେଟ କାମୁଡ଼ିବା ଭଳି ସମସ୍ୟା ଦେଖାଗଲେ ଡାକ୍ତରଙ୍କ ପରାମର୍ଶ କରି ଶୀଘ୍ର ଔଷଧ ଦିଅନ୍ତୁ। ପିଲାଙ୍କୁ ଝାଡ଼ା ହେବା ମାତ୍ରେ ଡିହାଇଡ୍ରେଶନ୍ ନ ହେବା ଲାଗି ତୁରନ୍ତ ଓଆରଏସ୍ କିମ୍ବା ପଇଡ଼ ପାଣି, ଲେମ୍ବୁ ପାଣି ଆଦି ଦିଅନ୍ତୁ। ଏହା ସହିତ ଜରୁରିକାଳୀନ ପରିସ୍ଥିତି ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ ବିଭିନ୍ନ ଔଷଧ ରଖି ଥାଆନ୍ତୁ। ପିଲାଙ୍କୁ ସାଙ୍ଗେ ସାଙ୍ଗେ ଡାକ୍ତରଙ୍କ ପାଖକୁ ନେଇ ପାରୁ ନ ଥିଲେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଦିଅନ୍ତୁ।

**ଧ୍ୟାନ ଦିଅନ୍ତୁ:** ଏହି ସମୟରେ ଏକ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପ୍ରତି ବେଶି ସଚେତନ ରହିବା ଉଚିତ। ୬ମାସରୁ କମ୍ ବୟସର ପିଲାଙ୍କ ପାଇଁ ମାଆମାନଙ୍କୁ ବେଶି ସଚେତନ ହେବାକୁ ପଡ଼ିବ। ମାଆମାନେ ଥଣ୍ଡାରୁ ଦୂରେଇ ରହିବା ପାଇଁ ଠିକ୍ ସମୟରେ ଖିଆପିଆ କରନ୍ତୁ। ମାଆମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ

## କ'ଣ କୁହନ୍ତି ଏମାନେ...



ରାନୁସ୍ମିତା



ସ୍ମିତା



ଗାୟତ୍ରୀ

**ସତର୍କ ରହିବାକୁ ପଡୁଛି**

ଏଠି ତ ସବୁବେଳେ ପ୍ରାୟ ଥଣ୍ଡା ଥାଏ। ତେଣୁ ବର୍ଷାଦିନ ଆସିଲେ ବେଶି ସତର୍କ ହେବାକୁ ପଡ଼େ। ପୁଅ ସ୍କୁଲରେ ପଢ଼ିଲାଣି। ହେଲେ ଝିଅ ଛୋଟ ଅଛି, ତେଣୁ ତା' ପାଇଁ ବେଶି କାମ କରିବାକୁ ପଡୁଛି। ସବୁଦିନ ଘର ପୋଛା ହେଉଛି। ପିଲାଙ୍କର ଡ୍ରେସ ସଫା କରି ଡେଟଲରେ ଧୋଉଛି। ପାଣି ଫୁଟାଇ ଛୁଆଙ୍କୁ ପିଇବାକୁ ଦେଉଛି। ଏଦିନେ ସାଧାରଣତଃ ପିଲାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଥିବାରୁ ହଠାତ୍ ଆବଶ୍ୟକ ସମୟରେ କାମରେ ଆସିବା ଲାଗି ସବୁ ପ୍ରକାରର ଔଷଧ ବି ଘରେ ରଖିଛି। ତଥାପି ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନେବାକୁ ଭୁଲେନି।

**– ରାନୁସ୍ମିତା ସ୍ୱାଇଁ**
ସାର୍ଜପୁର, ବାଙ୍ଗାଲୋର

**ଏଦିନେ ବିଶେଷ ଯତ୍ନ ଆବଶ୍ୟକ ହୁଏ:** ମୋ ସ୍ୱାମୀ ଜଣେ ଡାକ୍ତର ହୋଇଥିବାରୁ ତାଙ୍କ କହିବା ଅନୁସାରେ ପିଲାର ଠିକ୍‌ଭାବେ ଯତ୍ନ ନିଏ। ବର୍ଷାଦିନେ ଫିଲଟର ପାଣିକୁ ବି ସିଝାଇ ପୁଅକୁ ଦିଏ। ପୁଅ ବର୍ଷା ହେବା ମାତ୍ରେ ବାହାରକୁ ଯାଇ ଓଦା ହେବାକୁ ବହୁତ ଭଲପାଏ। ଏଥିପାଇଁ ତାକୁ ବହୁତ ଜଗିବାକୁ ପଡ଼େ। ତଥାପି ଓଦା ହୋଇଗଲେ ସଙ୍ଗେ ସଙ୍ଗେ ଡ୍ରେସ ବଦଳାଇଥାଏ। ଏ ସମୟରେ ବାହାର ଜଳଖିଆ ଆଦୌ ଦିଏନି। ଘର ତିଆରି ଉଷୁମ ଖାଦ୍ୟ ହିଁ ସବୁବେଳେ ଖାଇବାକୁ ଦିଏ। ଏହା ବ୍ୟତୀତ ଥଣ୍ଡା, ଜ୍ୱର ଓ ଝାଡ଼ା ପାଇଁ ଔଷଧ ଘରେ ଆଣି ରଖିଥାଏ। ପିଲାର ଏସବୁ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ସହ ପରାମର୍ଶ ନେଇ ସଙ୍ଗେ ସଙ୍ଗେ ଔଷଧ ଦିଏ।

**– ଗାୟତ୍ରୀ ନାୟକ**
*( ବିଲିପଡ଼ା, ପିପିଲି, ପୁରୀ)*

**ସବୁବେଳେ ଜଗିବାକୁ ପଡ଼େ:** ମୋ ପିଲାମାନେ ଏବେ ବଡ଼ ହେଲେଣି ସତ ହେଲେ ଏବେ ବି ତାଙ୍କୁ ସବୁଥିରେ ଜଗିବାକୁ ପଡୁଛି। କାରଣ ପାଠପଢ଼ା ପରେ ସେମାନଙ୍କର ସମୟ ନ ଥାଏ। ସେଥିପାଇଁ ମୁଁ ହିଁ ସେମାନଙ୍କ ପାଇଁ ସବୁ କାମ କରିଥାଏ। ବର୍ଷାଦିନେ କେଉଁ ଡ୍ରେସ ପିନ୍ଧି ବାହାରକୁ ଯିବେ, କ'ଣ ଖାଇବେ ବିଶେଷକରି ବାହାର ଖାଦ୍ୟ ଯେପରି ନ ଖାଆନ୍ତି ସେନେଇ ତାଗିଦ କରିବାକୁ ହୁଏ। ଏବେ ଅବଶ୍ୟ କରୋନା ପାଇଁ ସେମାନେ ଟିକେ ସତର୍କ ହୋଇଛନ୍ତି। ତେବେ ସମସ୍ତଙ୍କ ପାଇଁ ସବୁଦିନେ ତୁଳସୀ, ଅଦା, ଗୋଲମରିଚ ଆଦି ମିଶାଇ କାଢା ତିଆରି କରି ଦେଉଛି। ଏହା ବ୍ୟତୀତ ହେଲ୍‌ଦି ଖାଦ୍ୟ ତିଆରି କରି ସେମାନଙ୍କୁ ଖାଇବାକୁ ଦେଉଛି।

**–ସ୍ମିତା ପଟ୍ଟନାୟକ**
*ନୟାପଲ୍ଲୀ, ଭୁବନେଶ୍ୱର*



ମାଆମାନଙ୍କୁ ଅଧିକ ସଚେତନ ହେବା ସହ ପିଲାମାନଙ୍କର ଯତ୍ନ ନେବାକୁ ହେବ। ବିଶେଷକରି ସେମାନଙ୍କ ଖାଦ୍ୟ, ପୋଷାକ ପ୍ରତି ଯତ୍ନବାନ୍ ହେବା ସହ ପରିବେଶକୁ ଦୃଷ୍ଟିରେ ରଖି ଚିକିତ୍ସା କରିବା ନେଇ ଗୃହିଣୀମାନେ ସଚେତନ ହେଲେ ଏସବୁ ସମସ୍ୟା ସହଜରେ ଦୂର ହୋଇପାରିବ।

**ପୋଷାକପତ୍ର ଓ ପରିବେଶ:** ପ୍ରଥମ କଥା ହେଉଛି ଏହି ଋତୁରେ ପିଲାମାନଙ୍କୁ ସବୁବେଳେ ସୁଖିଲା କପଡ଼ା ପିନ୍ଧାଇବେ। ତେଣୁ ଏ ଦୃଷ୍ଟିରୁ ସୂତା କପଡ଼ା ସବୁଠୁ ଭଲ। ଏହା ବ୍ୟତୀତ ସେମି ଉଲେନ୍ କପଡ଼ା ବି ପିଲାଙ୍କୁ ପିନ୍ଧାଇ ପାରିବେ। ବାହାରକୁ ଖେଳିବାକୁ ଯିବାବେଳେ କିମ୍ବା ଅନ୍ୟ କୌଣସି କାମରେ ଯିବାବେଳେ ସେମାନଙ୍କୁ ଜୋତା ନିଶ୍ଚିତ ପିନ୍ଧାନ୍ତୁ। କାରଣ ବର୍ଷାରେ ପିଲାର ଗୋଡ଼ ସୁଖିଲା ରହିବ ଓ କୌଣସି ପ୍ରକାରର ଫଙ୍ଗାଲ୍ ଇନଫେକସନ୍ ହେବନି। ରାତିରେ ଶୋଇବାବେଳେ ମସ୍କ୍ୟୁଟୋ ରେପିଆଣ୍ଟ ବଦଳରେ ମଶାରି ବ୍ୟବହାର କରନ୍ତୁ। ଏହା ସହିତ ସନ୍ଧ୍ୟା ସମୟରେ ପିଲାଙ୍କୁ ଫୁଲ୍ ପ୍ୟାଣ୍ଟ ଓ ଫୁଲ ଶାର୍ଟ ପିନ୍ଧାଇଲେ ମଶା କାମୁଡ଼ାରୁ ଅନେକାଂଶରେ ରକ୍ଷା ପାଇହେବ। ଏହି ସିଜନରେ ସାଧାରଣତଃ ମାଆମାନେ ଭାବିଥାନ୍ତି କି ପିଲାଙ୍କୁ କମ୍ ଗାଧୋଇବା ଭଲ। କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ସବୁଦିନ ପିଲାଙ୍କୁ ଭଲଭାବରେ ଅଳ୍ପ ଉଷୁମ ପାଣିରେ ଗାଧୋଇ ଦେଲେ ଭଲ।

ଘର ପରିବେଶକୁ ବି ପରିଷ୍କାର ରଖିବା ନିହାତି ଆବଶ୍ୟକ। ଯଥାସମ୍ଭବ ଘରକୁ ସୁଖିଲା ରଖିବାକୁ ଚେଷ୍ଟା କରିବେ। ରୋଷେଇ ଘରେ ଥିବା ଡଷ୍ଟବିନ୍‌କୁ ସବୁଦିନ



# ବଢ଼ାନ୍ତୁ ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତି

ସାଧାରଣତଃ ଶିଶୁମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବଡ଼ମାନଙ୍କ ତୁଳନାରେ ଖୁବ୍ କମ୍; ଯେଉଁଥିଲାଗି ସେମାନେ ସହଜରେ ଥଣ୍ଡା, ଜ୍ୱର, କାଶ ଭଳି ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେଲେ ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବ ଜାଣି ରଖନ୍ତୁ ସେ ସମ୍ପର୍କରେ...



➢ ଶିଶୁକୁ ଯଥା ସମ୍ଭବ ବାହାର ଖାଦ୍ୟ ପରିବର୍ତ୍ତେ ମା'ର କ୍ଷୀର ଅଧିକ ଖୁଅନ୍ତୁ। ମା' ନିଜ କ୍ଷୀରର ଗୁଣବତ୍ତା ବୃଦ୍ଧିଲାଗି ଭିଟାମିନ୍ ସି ଏବଂ ଭିଟାମିନ୍ ଇ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। କାରଣ ମା' କ୍ଷୀରରୁ ଶିଶୁକୁ ସମସ୍ତ ମାଇକ୍ରୋନ୍ୟୁଟ୍ରିଏଣ୍ଟ ମିଳିଥାଏ; ଯାହାକି ତା'ର ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଶିଶୁ ସଲିଡ୍ ଖାଦ୍ୟ ଖାଇବା ଆରମ୍ଭ କରିବା ପରେ ସବୁ ପ୍ରକାରର ପରିବା ସିଝା, ଫଳ ଆଦି ଖାଇବାକୁ ଦିଅନ୍ତୁ।

➢ ଶିଶୁକୁ ସମ୍ପୂର୍ଣ୍ଣ ଘର ଭିତରେ ନ ରଖି ପ୍ରତିଦିନ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆଣନ୍ତୁ। ବିଶେଷ କରି ସକାଳ ସୂର୍ଯ୍ୟ କିରଣ ସବୁଠାରୁ ଉପକାରୀ। ଏହାଦ୍ୱାରା ଦ୍ୱାରା ଶିଶୁକୁ ପର୍ଯ୍ୟାପ୍ତ ଭିଟାମିନ୍ ଇ ମିଳିବା ସହ ରୋଗପ୍ରତିରୋଧକ ଶକ୍ତି ବଢିଥାଏ; ଯାହାକି ଥଣ୍ଡା, କାଶ, ଛିଙ୍କ, ଜ୍ୱର ଏବଂ ଅନ୍ୟାନ୍ୟ ଭାଇରାଲ୍ ଡିଜିଜ୍‌ରୁ ରକ୍ଷା କରିଥାଏ।

➢ ଶିଶୁଙ୍କୁ ପ୍ରତିଦିନ ତେଲ ମସାଜ କରିବା ବି ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। କାରଣ ଏହାଦ୍ୱାରା ସେମାନଙ୍କ ହାଡ ସହ ମାଂସପେଶୀକୁ ମଜଭୁତ କରିଥାଏ ଏବଂ ପିଲାଙ୍କୁ ଭଲ ନିଦ ହେବାରେ ସାହାଯ୍ୟ କରିଥାଏ।

➢ ଶିଶୁଙ୍କୁ ପରିଷ୍କାର ପରିଚ୍ଛନ ରଖିବା ଏକ ଭଲ ଅଭ୍ୟାସ। ହେଲେ ଏଥିପାଇଁ ସେମାନଙ୍କୁ ବାହାରେ ଖେଳିବା କିମ୍ବା କୌଣସି ଜିନିଷ ଛୁଇଁବା ଆଦିରୁ ନିବୃତ୍ତ କରିବା ଠିକ୍ ନୁହେଁ। ସେମାନଙ୍କୁ ଏସବୁ କରିବାକୁ ଦିଅନ୍ତୁ ଏବଂ ଖେଳିବା ପରେ ଭଲ ଭାବେ ହାତ, ଗୋଡ ଆଦି ସଫା କରି ଦିଅନ୍ତୁ। ଏପରି କରିବା ଦ୍ୱାରା ପିଲାଙ୍କ ରୋଗପ୍ରତିରୋଧକ ଶକ୍ତି ବଢିବ। ନଚେତ୍ ହଠାତ୍ ପିଲା ବଡ ହେଲେ ଏଭଳି କୌଣସି ଜିନିଷ ସଂସ୍ପର୍ଶରେ ଆଜିଲେ ଆଲର୍ଜି ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ଖାଦ୍ୟ ରୁଚି**

# କୁନ୍ଦୁରୀ ଆଚାର



**ଆବଶ୍ୟକ ସାମଗ୍ରୀ:** କୁନ୍ଦୁରୀ ୨୫୦ ଗ୍ରାମ୍, ଲୁଣ ଏକ ଚାମଚ, ୨ ଚାମଚ ଭିନେଗାର, ସୋରିଷ ତେଲ ୧/୪ କପ୍, ହେଙ୍ଗୁ ଅଳ୍ପ, ଲାଲ ଲଙ୍କା ଗୁଣ୍ଡ ୧ ଛୋଟ ଚାମଚ, ହଳଦୀ ଗୁଣ୍ଡ ୧/୨ ଚାମଚ, ହଳଦିଆ ସୋରିଷ ୨ ଛୋଟ ଚାମଚ, ପାନମହୁରି ୨ ଛୋଟ ଚାମଚ, ମେଥି ୨ ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** କୁନ୍ଦୁରୀ ଗୁଡିକୁ ଲମ୍ବାରେ ୪ ଭାଗ କରି କାଟି ଦିଅନ୍ତୁ। ଏକ କାଚ ଡବାରେ କୁନ୍ଦୁରୀ ରଖି ଲୁଣ ମିଶାଇ ଦିଅନ୍ତୁ। ଡବା ବନ୍ଦ କରି ଖରାରେ ଗୋଟେ ଦିନ ରଖି ଦିଅନ୍ତୁ। ପରେ ଏକ ଛଣା ସାହାଯ୍ୟରେ କୁନ୍ଦୁରୀରୁ ବାହାରିଥିବା ପାଣିକୁ ଅଲଗା କରିଦିଅନ୍ତୁ। ଗ୍ୟାସ୍ ଚୁଲାରେ ଏକ ପ୍ୟାନ୍ ଲଗାଇ ଗରମ କରନ୍ତୁ। ଅଳ୍ପ ଆଞ୍ଚରେ ମେଥି, ପାନମହୁରି ଏବଂ ସୋରିଷକୁ ୧ରୁ ୨ ମିନିଟ ପର୍ଯ୍ୟନ୍ତ ଭାଜି ଦିଅନ୍ତୁ। ଏହାକୁ ଥଣ୍ଡା କରି ଗୁଣ୍ଡ କରି ଦିଅନ୍ତୁ। ବର୍ତ୍ତମାନ ଚୁଲାରେ ପ୍ୟାନ୍ ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ ଚୁଲା ବନ୍ଦ କରି କୁନ୍ଦୁରୀକୁ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ସେଥିରେ ମସଲା ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ହେଙ୍ଗୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଶେଷରେ ଭିନେଗାର ପକାଇ କିଛି ସମୟ ଛାଡି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କୁନ୍ଦୁରୀ ଆଚାର।

## ନନ୍ଦନକାନନରେ ଗୁରାଣ୍ଡି ଜନ୍ମ

ବାରଙ୍ଗ,(ଡି.ଏନ୍.ଏ): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୭ସି ଏନକ୍ଲୋଜରରେ ରହୁଥିବା ଏକ ଗୁରାଣ୍ଡି ସୋମବାର ଏକ ଛୁଆକୁ ଜନ୍ମ ଦେଇଛି। ସକାଳ ସମୟରେ ଏନକ୍ଲୋଜର ନିକଟରେ କର୍ମଚାରୀମାନେ ସଫେଇ କରୁଥିବାବେଳେ ଗୁରାଣ୍ଡି ଏକ ଶାବକ ଜନ୍ମ ଦେଇଥିବା ଦେଖିଥିଲେ। ପରେ ଡାକ୍ତରମାନେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶାବକ ଜନ୍ମ ହେବା ପରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ମାଆ ଓ ଛୁଆ ଉଭୟ ସୁସ୍ଥ ଥିବାର ଜଣାପଡ଼ିଛି।

# ଚାଇନା ଆପ୍ ବ୍ୟାନ୍‌କୁ ସ୍ୱାଗତ

ଭୁବନେଶ୍ୱର,୨୯।୬(ବ୍ୟୁରୋ)– ଭାରତ ସରକାର ସୋମବାର ୫୯ଟି ଚାଇନିଜ୍ ଆପ୍‌କୁ ବ୍ୟାନ୍ କରିଛନ୍ତି। ଦେଶର ସୁରକ୍ଷା ଓ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ସମଗ୍ର ଦେଶବାସୀ ସ୍ୱାଗତ କରିଛନ୍ତି। ତେବେ କେବଳ ବ୍ୟାନ୍ କରିବା ସମାଧାନ ନୁହେଁ, ଏହି ଆପ୍‌ଗୁଡ଼ିକରେ ଥିବା ସମସ୍ତ ଆକାଉଣ୍ଟକୁ ମଧ୍ୟ ଡିଲିଟ୍ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ବିଶେଷକରି ଭାରତୀୟଙ୍କ ଟିକ୍‌ଟକ୍ ଆକାଉଣ୍ଟଗୁଡ଼ିକୁ ସ୍ଥାୟୀଭାବେ ଡିଲିଟ୍ କରିବା ସହ ଏଥର କେନ୍ଦ୍ର ସରକାର ୟୁ–ଟର୍ନ ନ ନେବାକୁ ଆହ୍ୱାନ ଦିଆଯାଇଛି।

### ଡିଜିଟାଲ ଏୟାର ଷ୍ଟ୍ରାଇକ୍



ଏହା ଏକ ଐତିହାସିକ ନିଷ୍ପତ୍ତି। ଦେଶର ସୁରକ୍ଷା ଦୃଷ୍ଟିକୋଣରୁ ଏହି ଆପ୍‌ଗୁଡ଼ିକ ବିପଜ୍ଜନକ ଥିଲା। ଚାଇନା ଉପରେ ଭାରତର ଏହା ଡିଜିଟାଲ ଏୟାର ଷ୍ଟ୍ରାଇକ୍। ଟିକ୍‌ଟକ୍, ହେଲୋ, ବିଗୋ ଲାଇଭ୍ ଭଳି ଆପ୍ ଦ୍ୱାରା ବହୁ ଯୁବପିଢି ବିପଥଗାମୀ ହେଉଥିଲେ। ଟିକ୍‌ଟକ୍ ନିଶାରେ ଅନେକଙ୍କ ଜୀବନ ମଧ୍ୟ ଯାଉଥିଲା। ଦେଶକୁ ବହୁତ ବଡ଼ ରୋଗରୁ ବଞ୍ଚାଇଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ।

**– ଦିଲୀପ କୁମାର ନନ୍ଦ, ସିଭିଲ୍ ଇଞ୍ଜିନିୟର**

### ଅଧିକ ଭାରତୀୟ ଆପ୍ ବିକଶିତ କରାଯାଉ



ଚାଇନା ହାର୍ଡୱେର୍ ସାମଗ୍ରୀକୁ ଏତେଶୀଘ୍ର ବ୍ୟାନ୍ କରିହେବନାହିଁ। ତେଣୁ ସଫ୍ଟୱେର୍‌କୁ ବ୍ୟାନ କରିବାର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଟିକ୍‌ଟକ୍ ସମେତ ସମସ୍ତ ଚାଇନିଜ୍ ଆପ୍‌କୁ ବ୍ୟାନକରି ଆମେ କିଛି ପରିମାଣରେ ଚାଇନା ଅର୍ଥନୀତିକୁ ପ୍ରଭାବିତ କରିପାରିବା। ତେବେ କେନ୍ଦ୍ର ସରକାରଙ୍କ ନିକଟରେ ଗୋଟିଏ ଅନୁରୋଧ ରହିବ କି ବହୁ ଦରକାରୀ ଆପ୍ ବ୍ୟାନ ହୋଇଯାଉଛି। ତେଣୁ ଆବଶ୍ୟକତା ପୂରଣ ପାଇଁ ଯଦି ଅଧିକ ଭାରତୀୟ ଆପ୍ ବିକଶିତ କରିବା ଦିଗରେ ସରକାର ଦୃଷ୍ଟି ଦେବେ ଆମେ ଉପକୃତ ହେବୁ।

**– ଆକାଂକ୍ଷା ନାୟକ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ**

### ଚାଇନା ମୁହଁରେ ଶକ୍ତ ଚାପୁଡ଼ା



ଭାରତରେ ଟିକ୍‌ଟକ୍ ସହ ୫୯ ଚାଇନିଜ୍ ଆପ୍ ବ୍ୟାନ୍ କରିବା ବହୁତ ଭଲକଥା। କିନ୍ତୁ ଏ ନିଷ୍ପତ୍ତି ଚିରସ୍ଥାୟୀ ହେବା ଦରକାର। ଏ ନିଷ୍ପତ୍ତିର ଆଉ ପୁନର୍ବିଚାର ନ ହେଉ। 'ଟିକଟକ' ଲୋକଙ୍କୁ ମନୋରଞ୍ଜନ ଯୋଗାଉଥିଲା ସତ, ଏହାଦ୍ୱାରା କିଛି ଲୋକଙ୍କ ଜୀବନ ବି ଯାଇଛି। ମୋର ଆଶା ସରକାରଙ୍କ ନିଷ୍ପତ୍ତିକୁ ଯୁବପିଢ଼ି ନିଶ୍ଚିତ ଗ୍ରହଣ କରିବେ।

**– ଅନୀଶ ରଥ, ଯୁବ ଇଞ୍ଜିନିୟର**

### ଆପ୍ ଭଳି ଚାଇନା ସାମଗ୍ରୀ ବନ୍ଦ କରାଯାଉ



ଏପରି ପଦକ୍ଷେପ ବହୁ ପୂର୍ବରୁ ନିଆଯିବାର ଥିଲା। ବ୍ୟାନ୍ ସ୍ୱାଗତଯୋଗ୍ୟ। ହେଲେ କେବେଠାରୁ ଏହି ଆପ୍‌ଗୁଡ଼ିକ ଆପ୍ ଷ୍ଟୋର୍‌ରୁ ରିମୁଭ୍ ହେବ ତାହା ନିଶ୍ଚିନ୍ତ କରାଯିବା ଆବଶ୍ୟକ। କାରଣ ଏବେ ବି ଆଇଓଏସ୍ ଓ ଆଣ୍ଡ୍ରଏଡ୍ ଷ୍ଟୋର୍‌ରେ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିହେଉଛି। ଚାଇନିଜ୍ ଆପ୍‌ର ସାମଞ୍ଜସ୍ୟ ଅନେକ ଭାରତୀୟ ଆପ୍ ରହିଛି। 'ଚିଙ୍ଗାରୀ' ବହୁତ ପୂର୍ବରୁ ରହିଥିଲା, ହେଲେ ଲୋକେ ଏ ସମ୍ପର୍କରେ ଜାଣି ନ ଥିଲେ। ଏବେ ସମୟ ଆସିଛି ଚାଇନା ସାମଗ୍ରୀ ଓ ଆପ୍‌କୁ ସ୍ଥାୟୀଭାବେ ବ୍ୟାନ୍ ସହ ବ୍ୟବହାର ବନ୍ଦ କରିବା।

**– ରାକେଶ ସାହୁ, ଇଞ୍ଜିନିୟର**

### ଶହୀଦ ଯବାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି



ଚାଇନିଜ୍ ଆପ୍ ବ୍ୟାନ୍ କରିବା ହେଉଛି ଚାଇନା ସୀମାରେ ସଂଘର୍ଷବେଳେ ଶହୀଦ ହୋଇଥିବା ଆମର ଯବାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ତେବେ ଚାଇନିଜ୍ ଆପ୍ ଟିକ୍‌ଟକ୍ ବହୁ ଯୁବତୀ ଯୁବକଙ୍କୁ ଅଭିନୟ ଦୁନିଆରେ ପ୍ରବେଶ କରିବାର ସୁଯୋଗ ଦେଇଥିଲା। ମାତ୍ର ଏହା ଯେତିକି ସୁଯୋଗ ଆଣିଥିଲା ସେତିକି ବିପଦ ମଧ୍ୟ ନେଇଆସିଥିଲା। ଏହାର ବିକଳ୍ପ ଭାରତ ସରକାର କରନ୍ତୁ।

**– ଶୁଭ୍ରଜିତ ଶ୍ରୀଚନ୍ଦନ, ଛାତ୍ର**

# ମହିଳାଙ୍କୁ ଜେଲ ୱାର୍ଡର ନିଯୁକ୍ତ ଦେବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

■ମାର୍କ କାଟିଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

ଭୁବନେଶ୍ୱର,୨୯।୬(ବ୍ୟୁରୋ)

୨୦୧୨ ମସିହାରେ ବାହାରିଥିବା ଜେଲ ୱାର୍ଡର ପଦବୀ ପାଇଁ ନିଯୁକ୍ତି ପରୀକ୍ଷାରେ ମନଇଚ୍ଛା ମାର୍କ କମାଇ ଜଣେ ମହିଳାଙ୍କୁ ନିରାଶ କରିବା ମାମଲାର ବିଚାର କରି ଲୋକାୟୁକ୍ତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉକ୍ତ ମହିଳାଙ୍କୁ ତୁରନ୍ତ ୱାର୍ଡର ଭାବେ ନିଯୁକ୍ତି ଦେବାକୁ ଲୋକାୟୁକ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମ୍ବଲପୁର ଡିଭିଜନର ଭିଜିଲାନ୍ସ ବିଭାଗର ଏସ୍‌ପିଙ୍କୁ ଏହି ମାମଲାର ତଦନ୍ତ ତ୍ୱରାନ୍ୱିତ କରି ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ମାର୍କ କାଟିଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଲୋକାୟୁକ୍ତ କହିଛନ୍ତି।

ଉକ୍ତ ମହିଳାଙ୍କ ସ୍ୱାମୀ ତ୍ର୍ୟମ୍ବକ ବାରିକଙ୍କ ଅଭିଯୋଗ ଆଧାରରେ କରାଯାଇଥିବା ପ୍ରାଥମିକ ତଦନ୍ତ ରିପୋର୍ଟକୁ ମଧ୍ୟ ଗୃହ ବିଭାଗକୁ ଦେବା ପାଇଁ ଲୋକାୟୁକ୍ତ ଭିଜିଲାନ୍ସ ଏସ୍‌ପିଙ୍କୁ କହିଛନ୍ତି। ୨୦୧୯ ନଭେମ୍ବର ୨୫ରେ ତ୍ର୍ୟମ୍ବକ ଲୋକାୟୁକ୍ତରେ ଏହି ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଲୋକାୟୁକ୍ତ ଏହି ଶୁଣାଣି କରିଛନ୍ତି। ତ୍ର୍ୟମ୍ବକଙ୍କ ସ୍ତ୍ରୀ ଚମ୍ପକଲତା ପ୍ରଧାନ ଦେଇଥିବା ଜେଲ ୱାର୍ଡର ପରୀକ୍ଷାରେ କମ୍ ମାର୍କ ଆସିଥିବା ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ତ୍ର୍ୟମ୍ବକ ଲୋକାୟୁକ୍ତଙ୍କୁ ଜଣାଇଥିଲେ। ଏ ନେଇ ଲୋକାୟୁକ୍ତ ସମ୍ବଲପୁର ଡିଭିଜନର ଭିଜିଲାନ୍ସ ଏସ୍‌ପିଙ୍କଠାରୁ ଏକ ରିପୋର୍ଟ ମାଗିଥିଲେ। ନିର୍ଦ୍ଦେଶ ପରେ ଏସ୍‌ପି ମହିଳାଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ପ୍ରାଥମିକ ରିପୋର୍ଟ ଦାଖଲ କରିଥିଲେ। ଏହି ତଦନ୍ତରେ ଜଣାପଡିଥିଲା, ପୀଡ଼ିତାଙ୍କୁ ପ୍ରକୃତ ମାର୍କ ଅପେକ୍ଷା ପରୀକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ଜାଣିଶୁଣି କମ୍ ମାର୍କ ଦେଇଛନ୍ତି। ମହିଳାଙ୍କୁ କିଛିଦିନ ନିଯୁକ୍ତ ଦେବା ପରେ ତାଙ୍କୁ ଅଯୋଗ୍ୟ କରାଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଭିଜିଲାନ୍ସ (ନଂ.୫୭/୧୯) ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲେ। ବ୍ରହ୍ମପୁର ରେଞ୍ଜର ଜେଲ ଡିଆଇଜି ଗୋପବନ୍ଧୁ ମଲ୍ଲିକ, ଓଡ଼ିଶା ଜେଲ ଟ୍ରେନିଂ ସ୍କୁଲ ଅଧ୍ୟାପକ ବୀରକିଶୋର ଦାଶ, କୋରାପୁଟ ସର୍କଲ ଜେଲର ଜେଲର ଗଗନ ବିହାରୀ ସାହୁଙ୍କ ବିରୋଧରେ ମାମଲା ହୋଇଥିଲା।

## ସଂକ୍ଷେପରେ

### ୮ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୨୯।୬:** ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ୮ଜଣଙ୍କ ରିପୋର୍ଟ ସୋମବାର ପଜିଟିଭ୍ ଆସିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଜିଲାର ୧୧୧ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ଏ ନେଇ ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି, ଜିଲାର ସନ୍ଦିଗ୍ଧ ଅଞ୍ଚଳଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଉଛି। ଆର୍‌ଆର୍‌ଟି ଜରିଆରେ ସ୍ୱାସ୍ଥ୍ୟ ଟିମ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝୁଛନ୍ତି। କରୋନା ସଂକ୍ରାନ୍ତରେ ସଚେତନ କରାଯାଉଛି। ସିଡିଏମଓ ବିଶ୍ୱରଞ୍ଜନ ପତି କହିଛନ୍ତି, ଜିଲା ସ୍ୱାସ୍ଥ୍ୟ ସମନ୍ୱିତ ଯୋଜନା ଜରିଆରେ ସ୍ୱାସ୍ଥ୍ୟ ଟିମ୍ ଗ୍ରାମର ଲୋକଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି।

### ସ୍କୁଲ ବାରଣ୍ଡାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମାହାଙ୍ଗା,୨୯।୬(ସ୍ୱ.ପ୍ର.)-** ମାହାଙ୍ଗା ଥାନା ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଗଙ୍ଗପୁରା ଗ୍ରାମର ସ୍କୁଲ ବାରଣ୍ଡାରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ସ୍ୱର୍ଗତ ରବୀନ୍ଦ୍ର ଜେନାଙ୍କ ପୁତ୍ର ସରୋଜ ଜେନା (୧୮)। ସେ ଦୀର୍ଘ ଦିନ ହେବ ଯାଜପୁର ଜିଲା ରତ୍ନଗିରିସ୍ଥିତ ନିଜ ପିଉସୀଙ୍କ ଘରେ ରହୁଥିଲେ। ରବିବାର ସନ୍ଧ୍ୟାରେ ସେ ଗଙ୍ଗପୁରା ଆସିଥିଲେ। ରାତିରେ ଘରେ ଖାଇପିଇ ସାରି ଶୋଇବାକୁ ଯାଇଥିଲେ। ମାତ୍ର ସୋମବାର ସକାଳୁ ସ୍କୁଲ ବାରଣ୍ଡାରୁ ସରୋଜଙ୍କ ମୃତଦେହ ମିଳିବା ପରେ ମୃତ୍ୟୁକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ମୃତକଙ୍କ ଦାଦା ମାଧବାନନ୍ଦ ଜେନା ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ.୬/୨୦)ରୁଜୁ ହୋଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଏଏସଆଇ ନରେନ୍ଦ୍ର କୁମାର ଖୁଣ୍ଟିଆ କହିଛନ୍ତି।

### ୮ ନାଗ ଛୁଆ ଉଦ୍ଧାର

**ପୁରୁଣା ଭୁବନେଶ୍ୱର,୨୯।୬(ଡି.ଏନ୍.ଏ.):** ପୁନାମା ଗେଟ୍ ନିକଟସ୍ଥ କାଜୁ ଫ୍ୟାକ୍ଟ୍ରି ଲେନରେ ଥିବା ବିନାୟକ ଦାସଙ୍କ ଘର ଶିଡ଼ି ତଳୁ ସୋମବାର ୮ଟି ନାଗ ଛୁଆ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ଘର ଶିଡ଼ି ତଳେ ଦୁଇଟି ନାଗ ଛୁଆ ଖେଳୁଥିବା ଦେଖି ବିନାୟକ ଅପରାହ୍ନ ପ୍ରାୟ ୪ଟାରେ ସ୍ନେକ ହେଲ୍ପ ଲାଇନ ନମ୍ବରକୁ ଫୋନ କରି ଜଣାଇଥିଲେ। ଏହା ପରେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ଅରୁଣ ବରାଳ ପହଞ୍ଚି ଶିଡ଼ି ତଳେ ଥିବା ପଟା ଓ ଜରି ଅଖାକୁ କାଢ଼ିବା ସହ ୮ ନାଗ ଛୁଆକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି।

### ଅଟୋ ଓଲଟି ଜଣେ ମୃତ, ୨ ଆହତ

**ଖୋର୍ଦ୍ଧା ଅଫିସ,୨୯।୬:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକରେ ସୋମବାର ଏକ ଅଟୋ ଓଲଟିପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ମନ୍ଦାରବସ୍ତ କଣ୍ଟାବଣିଆ ଗ୍ରାମର ହରିହର ଜୟସିଂ(୫୯)। ଆହତ ହେଲେ ମୃତକଙ୍କ ଦୁଇ ବୋହୂ ଗାୟତ୍ରୀ (୩୫) ଓ ଅସ୍ୱିନୀ(୩୨)। ଖବରପାଇ ପୋଲିସ ପହଞ୍ଚି ମୃତହେଦ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଅଟୋକୁ ଜବତ କରି ତଦନ୍ତ ଚଳାଇଛି।

### ଭୋଗଡ଼ା ଲୁଟ୍ ଘଟଣା, ୫ ଅଟକ

**ଖୋର୍ଦ୍ଧା ଅଫିସ,୨୯।୬:** ବାଘମାରୀ ଥାନା ଅନ୍ତର୍ଗତ ଭୋଗଡ଼ା ଓ ଦିନିଆରୀ ଲୁଟ ଏବଂ ବୋମାମାଡ ଘଟଣାରେ ସୋମବାର ପୋଲିସ ପୁଣି ୫ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ଘଟଣାରେ ପୋଲିସ ପୂର୍ବରୁ ୫ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଭୋଗଡା ଗ୍ରାମର ପୂର୍ବତନ ସରପଞ୍ଚ ସୁକାନ୍ତ ଜୟସିଂଙ୍କ ଘରେ ଗତ ମେ' ୨୫ତାରିଖ ବିଳମ୍ବିତ ରାତିରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ବୋମାମାଡ଼ କରିବା ସହ ଭୁଜାଲିରେ ଆକ୍ରମଣ କରି ଲକ୍ଷାଧିକ ଯଙ୍କାର ସୁନାଗହଣା ଲୁଟି ନେଇଥିଲେ। ଏହି ଆକ୍ରମଣରେ ସୁକାନ୍ତଙ୍କ ସମେତ ସ୍ତ୍ରୀ ଲାବଣ୍ୟା ଏବଂ ପୁଅ ସୌମ୍ୟରଞ୍ଜନ ଗୁରୁତର ହୋଇଥିଲେ। ସୌମ୍ୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

■ବିଦ୍ୟୁତ୍ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

■ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ଖୋର୍ଦ୍ଧା ଅଫିସ,୨୯।୬

ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ ଏମ୍ପ୍ଲୟିଜ୍ ଫ୍ରାଞ୍ଚାଇଜ ଆସୋସିଏଶନ(ଓପେଫା) ଅଧୀନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ସୋମବାର ସ୍ଥାୟୀ ନିଯୁକ୍ତି ଦାବିରେ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ଆଗରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଖୋର୍ଦ୍ଧା ଟାଉନ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସୂଚନା ଅନୁଯାୟୀ, ଫ୍ରାଞ୍ଚାଇଜ କମ୍ପାନୀ ଅଧୀନରେ କୁଶଳୀ ଓ ଅର୍ଦ୍ଧକୁଶଳୀ ପ୍ରାୟ ଶତାଧିକ କର୍ମଚାରୀ ୧୦ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ମଧ୍ୟରେ ଲାଇନମ୍ୟାନ, ମିଟର ରିଡର ଓ ଅଫିସ କର୍ମଚାରୀ ରହିଛନ୍ତି। କୋଭିଡ୍–୧୯ ସମୟରେ ପ୍ରବାସୀ ଓଡ଼ିଆଙ୍କୁ ଆତ୍ମନିର୍ଭରଶୀଳ ଲାଗି ସରକାର ଗୁରୁତ୍ୱ ଦେଉଥିବା ବେଳେ ବିଦ୍ୟୁତ୍ କର୍ମଚାରୀଙ୍କୁ ଛଟେଇ କେତେ ଦୂର ଯୁକ୍ତିଯୁକ୍ତ ବୋଲି କର୍ମଚାରୀମାନେ କହିଛନ୍ତି। ଛଟେଇ ହେଲେ, ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବରୁ ଏ ନେଇ ଜିଲା ପ୍ରଶାସନଠାରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଏକ ସପ୍ତାହ ମଧ୍ୟରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ, କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଶୀଲାଦିତ୍ୟ ପଟ୍ଟନାୟକ, ଲିଙ୍କନ ସାହୁ, ବିଶ୍ୱଜିତ୍ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।




ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ଆଗରେ ସୋମବାର ଓପେଫା ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ।

# ଡିଜିପିଙ୍କୁ ଭେଟିଲେ ଭାଜପା ପ୍ରତିନିଧି

■ମାଲକାନଗିରି, ବୀରମିତ୍ରପୁର ଘଟଣାରେ ପୀଡ଼ିତାଙ୍କୁ କ୍ଷତିପୂରଣ, ସେମାନଙ୍କ ପରିବାରକୁ ସୁରକ୍ଷା ଦାବି

କଟକ ଅଫିସ,୨୯।୬

ମାଲକାନଗିରିରେ ପୋଲିସ କ୍ୟାମ୍ପିନ ଭିତରେ ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ ଓ ବୀରମିତ୍ରପୁର ଥାନା ଭିତରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛି ଭାଜପା। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ୪ ଦଫା ଦାବି ନେଇ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପୋଲିସ ଡିଜିଙ୍କୁ ଭେଟିଛି। ଉଭୟ ଘଟଣାରେ ପୀଡ଼ିତା ଆଦିବାସୀ ବର୍ଗର ହୋଇଥିବା ଯୋଗୁ ଏସ୍‌ସିଏସ୍‌ଟି ଏଟ୍ରୋସିଟି ଆକ୍ଟ ଅନୁଯାୟୀ ପୀଡ଼ିତାଙ୍କ ପରିବାରକୁ ୮.୨୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦାବି ହୋଇଛି। ପୂର୍ବରୁ ମାଲକାନଗିରି ଘଟଣାରେ ଭାଜପା ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ପରେ ୧୦ ଦିନ ମଧ୍ୟରେ ବ୍ୟବଚ୍ଛେଦ ରିପୋର୍ଟ ସାର୍ବଜନୀନ କରିବା ଓ ପୀଡ଼ିତାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ କମିଶନ ନିର୍ଦ୍ଦେଶ ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ବିଧାୟକ ଶଙ୍କର ଓରାମ, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର, ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ସାମିଲ ଥିଲେ।

# ପାର୍କ ପାଇଁ କଲେଜ ଜମି ନେବାକୁ ମସୁଧା

**ପୁରୀ ଅଫିସ, ୨୯।୬:**

ଏସ୍‌ସିଏସ୍ ସ୍ୱୟଂଶାସିତ କଲେଜ ଜମି ପାର୍କ ନିର୍ମାଣ ପାଇଁ ନେବାକୁ ମସୁଧା ହୋଇଛି। ତେବେ ଶିକ୍ଷା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ପାଇଁ କଲେଜ ଜମିରୁ ଗୋଟିଏ ଇଞ୍ଚ ବି ଦିଆଯିବ ନାହିଁ ବୋଲି ଛାତ୍ର ପରିଷଦ କହିଛି। ସୋମବାର ରାଣୀସତୀ ଭବନରେ ଛାତ୍ର ପରିଷଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ସୁକାନ୍ତ ପ୍ରଧାନ କହିଛନ୍ତି, ଏସ୍‌ସିଏସ୍ କଲେଜ ପରିସର ବୃଦ୍ଧି ପାଇଁ ପ୍ରସ୍ତାବ ଥିବାବେଳେ ୧୧ ଏକର ୩୬ ଡେସିମିଲ ଜମିକୁ ଛଡ଼ାଇ ନେବାକୁ ମସୁଧା କରାଯାଉଛି। ଏଥିରୁ ୯ ଏକର ୫୦ ଡେସିମିଲ ଜମି ଶିକ୍ଷା ବିଭାଗ ମାଲିକାନାରୁ ହଟାଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ହସ୍ତାନ୍ତର ନିମନ୍ତେ ମସୁଧା ହୋଇଛି। ଏହି ଜମିରେ ପାର୍କ ନିର୍ମାଣ ଲାଗି ସରକାର ଅଣ୍ଟା ଭିଡୁଛନ୍ତି। ମାତ୍ର ଏହାକୁ ଛାତ୍ରସମାଜ, ବୁଦ୍ଧିଜୀବୀ, ସହରବାସୀ ନିନ୍ଦା କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତେ ପ୍ରସ୍ତୁତ ଅଛନ୍ତି। ଏଥିରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ସଂଗ୍ରାମ କେଶରୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ମୌସୁମୀ ମୁକାବିଲା ପାଇଁ ପ୍ରସ୍ତୁତ ରୁହ

## ସିଏମ୍‌ସିର କାଉନସିଲ ବୈଠକ

କଟକ ଅଫିସ,୨୯।୬

କଟକ ମହାନଗର ନିଗମ (ସିଏମ୍‌ସି)ର କାଉନସିଲ ବୈଠକ ସୋମବାର ବିଜୁଭବନଠାରେ ଅନୁଷ୍ଠିତ ହୋଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନୀଲ କୁମାର ସାମଲ ଏଥିରେ ଅଧ୍ୟକ୍ଷତା କରିବା ସହ ମୌସୁମୀ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ଜଳବନ୍ଦୀ ସମସ୍ୟା ଭିତରେ ସହରବାସୀ କିପରି ଘାଣ୍ଟି ନ ହେବେ, ସେ ଦିଗରେ ବିଶେଷ ଦୃଷ୍ଟି ଦେବାକୁ ଆୟୁକ୍ତ ସାମଲ କହିଛନ୍ତି। ଷ୍ଟ୍ରିଟଲାଇଟ୍ ଓ ହାଇମାଷ୍ଟ ଲାଇଟ୍ ପାଇଁ ଅନେକ ପ୍ରସ୍ତାବ ଆଗତ କରାଯାଇଥିଲା। ବିଭିନ୍ନ ୱାର୍ଡରୁ ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ଦିଆଯିବା ସହ ଏହାର ତୁରନ୍ତ ସମାଧାନ ପାଇଁ ସିଏମ୍‌ସିର ଅଧିକାରୀ, କର୍ମଚାରୀମାନେ ପ୍ରସ୍ତୁତ ରହିବା, ସାର୍ତ୍ତୋଳସ୍ଥିତ କୁକୁର ବନ୍ଧ୍ୟାକରଣ ସେଣ୍ଟରର କାର୍ଯ୍ୟ ତ୍ୱରାନ୍ୱିତ କରିବା, କୁକୁର ବଂଶ ବୃଦ୍ଧି ଉପରେ ରୋକ ଲଗାଯିବା ପାଇଁ ପଦକ୍ଷେପ ନେବାକୁ ବୈଠକରେ କୁହାଯାଇଥିଲା। ଯନ୍ତ୍ରୀ ବିଭାଗ ପକ୍ଷରୁ ୧୧୦ଟି ନୂତନ ପ୍ରକଳ୍ପକୁ ଆରଡିସି ସାମଲ ବୈଠକରେ ଅନୁମୋଦନ କରିଥିଲେ। ସହରର ବିଶୁଦ୍ଧୀକରଣ ପ୍ରକ୍ରିୟା ଓ କରୋନା ମୁକାବିଲା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ସଞ୍ଜୀବୀତା ରାୟ, ସୁମିତା ସରକାର ଉପସ୍ଥିତ ଥିଲେ।

# ହାଇକୋର୍ଟରେ ପୁଞ୍ଜିଲାଲଙ୍କ ଜାମିନ ଖାରଜ

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

କଟକ ଅଫିସ,୨୯।୬



ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କ ଅନ୍ତରୀଣ ଜାମିନ ଆବେଦନକୁ ସୋମବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଦର୍ଶାଇ ପୁଞ୍ଜିଲାଲ୍ ହାଇକୋର୍ଟରେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଆବେଦନର ଶୁଣାଣି କରି ଜାମିନ ଆବେଦନ ଖାରଜ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପାର୍ସଲ୍ ବୋମା ବିସ୍ଫୋରଣ ଘଟଣାରେ ୨୦୧୮ ଏପ୍ରିଲ ୨୫ରେ ପୁଞ୍ଜିଲାଲଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା। ୨୦୧୯ ମାର୍ଚ୍ଚ ୨୫ରେ ପୁଞ୍ଜିଲାଲଙ୍କ ନିୟମିତ ଜାମିନ ଆବେଦନକୁ ଶେଷ ଥର ପାଇଁ ହାଇକୋର୍ଟ ଖାରଜ କରିଥିଲେ। କିଛି ମାସ ତଳେ ମା'ଙ୍କ ଦେହାନ୍ତ ପରେ ଶେଷକୃତ୍ୟ ପାଇଁ ତାଙ୍କୁ ନିମ୍ନ ଅଦାଲତରୁ ଦିନିକିଆ ଜାମିନ ମିଳିଥିଲା। ଶ୍ରାଦ୍ଧ କାର୍ଯ୍ୟରେ ଯୋଗଦେବା ଲାଗି ହାଇକୋର୍ଟ ତାଙ୍କୁ ଚାରିଦିନିଆ ଅନ୍ତରୀଣ ଜାମିନ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରିୟବ୍ରତ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# କ୍ୟୁ–ନେଟ୍ ଠକେଇ: ୩ ଅଭିଯୁକ୍ତଙ୍କ ଜାମିନ ଖାରଜ

କଟକ ଅଫିସ,୨୯।୬

ଚିଟ୍‌ଫଣ୍ଡ ସଂସ୍ଥା କ୍ୟୁ–ନେଟ୍‌ର ତିନି ଜଣ ପ୍ରମୋଟର୍ ଦେବବ୍ରତ ହରିଚନ୍ଦନ, ଶରତ କୁମାର ପରିଡ଼ା ଏବଂ ଚନ୍ଦନ କୁମାର ମହାଲିକଙ୍କ ଜାମିନ ଆବେଦନକୁ ସୋମବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ଜାମିନ ଆବେଦନାର ଶୁଣାଣି କରି ଖାରଜ କରିଛନ୍ତି। ଜମାକାରୀଙ୍କ ପ୍ରାୟ ୫୦ କୋଟି ଟଙ୍କା ଠକେଇ ଅଭିଯୋଗରେ ଏହି ତିନି ଅଭିଯୁକ୍ତ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗତ ଅକ୍ଟୋବରରେ ଗିରଫ ହୋଇଥିଲେ। ନିମ୍ନକୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ଏମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

# ସ୍ୟାଟ୍‌ଙ୍କ ଆଦେଶ କାର୍ଯ୍ୟକାରୀ ନିର୍ଦ୍ଦେଶ

## ଥଇଥାନ ଯୋଜନା ନିଯୁକ୍ତି ମାମଲା

କଟକ ଅଫିସ,୨୯।୬

ବକେୟା ପ୍ରଦାନ ସମ୍ପର୍କରେ ସ୍ୟାଟ୍ ଦେଇଥିବା ନିର୍ଦ୍ଦେଶକୁ ଏକ ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଅଭିଷିକ୍ତ ସାହୁ କଣିହାଁ ପିଏମ୍ ହାଇସ୍କୁଲରେ ଜୁନିୟର୍ କିରାଣି ଭାବେ ଥଇଥାନ ଯୋଜନାରେ ନିଯୁକ୍ତି ପାଇଥିଲେ। ନନ୍‌ଫର୍ମାଲରେ ନିଯୁକ୍ତି ଦିଆଯାଇଥିବା ଦର୍ଶାଇ ୨୦୦୧ରେ ତାଙ୍କୁ ଛଟେଇ କରିଦିଆଯାଇଥିଲା। ୨୦୦୩ରେ ପୁଣି ଥରେ ଥଇଥାନ ଯୋଜନାରେ ନିଯୁକ୍ତି ମିଳିଥିଲା। ହେଲେ 'ନୋ ୱାର୍କ, ନୋ ପେ' ଭାବେ ଗ୍ରହଣ କରାଯାଇ ଦରମା କଟାଯାଇଥିଲା। ଏହାକୁ ନେଇ ସେ ସ୍ୟାଟ୍‌ରେ ଅଭିଯୋଗ କରିଥିଲେ। ୨୦୧୦ରେ ଏହି ମାମଲାର ଶୁଣାଣି କରି ଅଭିଷିକ୍ତଙ୍କୁ ଛଟେଇ ସମୟର ସମସ୍ତ ସୁବିଧା ଦେବା ପାଇଁ ରାଜ୍ୟ ସରକାରଙ୍କୁ ସ୍ୟାଟ୍ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ ବକେୟା ଦେବା ପାଇଁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ତଥାପି ଅଭିଷିକ୍ତଙ୍କୁ ବକେୟା ମିଳି ନ ଥିଲା। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ମାମଲାର ଶୁଣାଣି କରି ସ୍ୟାଟ୍‌ଙ୍କ ଆଦେଶକୁ ଏକ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରହସ୍ୟରେ ଓଏଫ୍‌ଏସ୍ ଅଧିକାରୀଙ୍କ ଆତ୍ମହତ୍ୟା

■ପୋଲିସ କହୁଛି ପାରିବାରିକ କଳହ

■ବଡ଼ଘରର ଗୁମରକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୯।୬ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଫେଜ୍–୪ସ୍ଥିତ ଶ୍ୱଶୁରଘରେ ରବିବାର ରାତିରେ ଆତ୍ମହତ୍ୟା କରିଥିଲେ ଓଏଫ୍‌ଏସ୍ ଅଧିକାରୀ ଅଭିଲାଷ ସ୍ୱରୂପ ମହାପାତ୍ର। ସୋମବାର ସେ ଭୁବନେଶ୍ୱର ଟ୍ରେଜେରିରେ ନୂଆ ଚାକିରିରେ ଯୋଗଦେଇଥାନ୍ତେ। ହେଲେ ଏହା ପୂର୍ବରୁ ଆତ୍ମହତ୍ୟା କରିବା ପୂରା ଘଟଣାକୁ ରହସ୍ୟମୟ କରିଦେଇଛି। ତେବେ ପାରିବାରିକ କହଳରୁ ଅଭିଲାଷ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଓ ପୋଲିସ କହୁଥିବାବେଳେ ବଡ଼ଘରେ ବଡ଼ ଗୁମର ଲୁଚି ରହିଥିବା ଆଲୋଚନା ଚାଲିଛି। ସେ ପୂର୍ବରୁ ୟୁନିୟନ ବ୍ୟାଙ୍କ୍‌ରେ ଚାକିରି କରିଥିବାବେଳେ ଓଡ଼ିଶା ଫାଇନାନ୍ସ ସର୍ଭିସ୍ ପାଇବା ପରେ ତାହାକୁ ଛାଡ଼ି ଦେଇଥିଲେ। ତେବେ ଏଭଳି ସ୍ତରରେ ଥିବା ବ୍ୟକ୍ତିମାନେ ସାଧାରଣତଃ ମାନସିକ ସ୍ତରରେ ବେଶ୍ ଦୃଢ଼ ରହିଥାନ୍ତି। ଅଭିଲାଷଙ୍କ କ୍ଷେତ୍ରରେ କ'ଣ ଘଟିଲା ଓ କେଉଁ ପରିସ୍ଥିତି ସୃଷ୍ଟି ହେଲା, ଯେଉଁଥି ପାଇଁ ସେ ଆତ୍ମହତ୍ୟା କଲେ ତାହାକୁ ନେଇ ପରିବାର ଲୋକେ ନାନା ଆଶଙ୍କା କରିବା ସହ ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି।

ଅଭିଲାଷଙ୍କ ଘର ବଲାଙ୍ଗୀର ଜିଲାର ଟିଟିଲାଗଡ଼ରେ। ତାଙ୍କ ସ୍ତ୍ରୀ ରାଜ୍ୟ ଉଦ୍ୟାନ ବିଭାଗରେ ଆସିଷ୍ଟାଣ୍ଟ ହର୍ଟିକଲ୍‌ଚର ଅଫିସର ଅଛନ୍ତି। ଉଭୟେ ଓୟୁଏଟିରେ ପଢ଼ିବାବେଳେ ପ୍ରେମ ବିବାହ କରିଥିଲେ। ଅଭିଲାଷ ମଧ୍ୟ ଏଠାରେ ବ୍ୟାଙ୍କ୍‌ରେ ଚାକିରି କରିଥିବାରୁ ଉଭୟ ଶ୍ୱଶୁର ଘର ଡୁମୁଡୁମାରେ ରହୁଥିଲେ। ଗତବର୍ଷ ଜୁନ ୩୦ରେ ଅଭିଲାଷ ଓଡ଼ିଶା ଫାଇନାନ୍ସ ସର୍ଭିସରେ ସଫଳ ହୋଇଥିଲେ। ତେଣୁ ସେ ବ୍ୟାଙ୍କ୍ ଚାକିରି ଛାଡ଼ିଥିଲେ। ତାଙ୍କର ୫ବର୍ଷର ଗୋଟିଏ ଝିଅ ଓ ୨ମାସର ଶିଶୁପୁତ୍ର ଅଛନ୍ତି। ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ କହିବା ଅନୁଯାୟୀ, ଶନିବାର ଶଟ୍‌ଡାଉନ ଥିବାରୁ ସ୍ୱାମୀ ସ୍ତ୍ରୀ ଘରେ ଥିଲେ। ସେମାନଙ୍କ ମଧ୍ୟରେ ମଝିରେ ମଝିରେ ପରିବାରକୁ ନେଇ ଝଗଡ଼ା ହେଉଥିଲା। କିନ୍ତୁ ଶନିବାର ସନ୍ଧ୍ୟାରେ ଛୋଟ ଛୁଆଙ୍କୁ ଖାଇବାକୁ ଦେବାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ମଧ୍ୟ ଝଗଡ଼ା ହୋଇଥିଲା। ଏଥିରେ ଅଭିଲାଷ ଉତ୍ତେଜିତ ହୋଇପଡିବା ସହ ଏକ ରୁମ୍‌କୁ ଯାଇ ଭିତରୁ କବାଟ ବନ୍ଦ କରି ଦେଇଥିଲେ। ଏହି ସମୟରେ ସ୍ତ୍ରୀ ରୋଷେଇ କରିବାକୁ ଚାଲିଯାଇଥିଲେ। ବାପା ଘର ବନ୍ଦ କରିଥିବା ଦେଖି ଛୋଟ ଝିଅଟି କବାଟ ବାଡ଼େଇ ବାପା ବାପା ବୋଲି ଡାକିଥିଲେ। ହେଲେ ବହୁ ସମୟ ଧରି କବାଟ ବାଡ଼େଇବା ଓ ଅଭିଲାଷ କବାଟ ନ ଖୋଲିବାରୁ ସ୍ତ୍ରୀ ସନ୍ଦେହ କରି ପଡୋଶୀଙ୍କୁ ଡାକ ପକାଇଥିଲେ। ପଡୋଶୀମାନେ ପହଞ୍ଚି କବାଟ ତାଡ଼ି ଭିତରକୁ ପଶିବା ପରେ ଅଭିଲାଷ ଓଢ଼ଣୀ ବେକରେ ଫାଶି ଲଗାଇ ଝୁଲିପଡ଼ିଥିବା ଦେଖିଥିଲେ। ଖବରପାଇ ପାଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ଜଗତ୍‌ସିଂହପୁରରୁ ଆଉ ୯ ଆକ୍ରାନ୍ତ

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ଜିଲାରୁ ଆଉ ୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସୋମବାର ସୁଦ୍ଧା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮୧ରେ ପହଞ୍ଚିଛି। ଚିହ୍ନଟ ୯ ସଂକ୍ରମିତଙ୍କ ମଧ୍ୟରୁ କୁଜଙ୍ଗରୁ ୩, ନାଉଗାଁରୁ ୩ ଓ ତିର୍ତ୍ତୋଲ ବ୍ଲକରୁ ୩ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣ ଦିଲ୍ଲୀ, ମହାରାଷ୍ଟ୍ର, ତାମିଲନାଡୁ ଓ ପଶ୍ଚିମବଙ୍ଗରୁ ଫେରିଥିବା ବେଳେ ଜଣେ ସାଉଦି ଆରବରୁ ଫେରିଥିବା ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### କରୋନାରୁ ସୁସ୍ଥ ହେଲେ ୭: ୮ ନୂଆ ଆକ୍ରାନ୍ତ

**କେନ୍ଦ୍ରାପଡ଼ା ଅଫିସ, ୨୯।୬:** କେନ୍ଦ୍ରାପଡ଼ା ଜିଲାର ୮ଜଣ କରୋନା ଆକ୍ରାନ୍ତ ସୋମବାର ଚିହ୍ନଟ ହୋଇଥିବା ବେଳେ ପୂର୍ବ ଆକ୍ରାନ୍ତଙ୍କ ମଧ୍ୟରୁ ୭ ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨୪୩ରେ ପହଞ୍ଚିଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୨୦୯ ଛୁଇଁଛି। ନୂତନ ଆକ୍ରାନ୍ତଙ୍କୁ ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଆକ୍ରାନ୍ତମାନେ ସଙ୍ଗରୋଧ କେନ୍ଦ୍ରରେ ରହିଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲାରେ ଅଦ୍ୟାବଧି ଗୋଷ୍ଠୀ ସଂକ୍ରମଣ ସୂଚନା ନାହିଁ। ୬ ଜଣ ଆଶା, ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀଙ୍କ ବ୍ୟତୀତ ସମସ୍ତେ ପ୍ରବାସୀ।

### ୪ଦିନ ହେଲା ପାନୀୟ ଜଳରୁ ବଞ୍ଚିତ

**ଖଣ୍ଡପଡ଼ା,୨୯।୬(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଗ୍ରାମବାସୀ ୪ଦିନ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅବଗତ ଥିଲେ ମଧ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ। ଗ୍ରାମବାସୀ ବାଧ ହୋଇ ନଳକୂପର ଫ୍ଲୋରାଇଡ୍‌ଯୁକ୍ତ ପାଣି ବ୍ୟବହାର କରୁଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠନାଥ ଗୋଛିଙ୍କୁ ପଚାରିବାରୁ ସେ କହିଥିଲେ, ପମ୍ପ ହାଉସରେ ବସିଥିବା ମୋଟର ପୋଡିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆଉ ୧/୨ ଦିନ ପରେ ସମସ୍ୟା ସମାଧାନ ହୋଇଯିବ।

### ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ



**ନୟାଗଡ଼ ଅଫିସ,୨୯।୬:** ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ପେଟ୍ରୋଲ ପମ୍ପ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ଦଳୀୟ ନେତୃବୃନ୍ଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। କେନ୍ଦ୍ରରେ ଉପା ସରକାର ଥିବାବେଳେ ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ଏବେ ୨୧ଦିନ ଧରି ଲଗାତର ଦର ବଢ଼ି ଚାଲିଥିବାବେଳେ ବିଜେଡିର ନୀରବତାକୁ ନେଇ ନେତାମାନେ ପ୍ରଶ୍ନ କରିଥିଲେ। ଶେଷରେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ବରିଷ୍ଠ ନେତା ମନୋଜ ସାହୁ, ଫକିର ମଲ୍ଲ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### କଂଗ୍ରେସର ବିକ୍ଷୋଭ

**ବିରିଡ଼ି/ବାଲିକୁଦା,୨୯।୬(ଡି.ଏନ୍.ଏ./ସ୍ୱ.ପ୍ର.):** ଦେଶରେ ତୈଳଦର ଦୈନନ୍ଦିନ ବୃଦ୍ଧି ପାଉଛି। ଏହାର ପ୍ରତିବାଦରେ ସୋମବାର ବିରିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡିଓ ହେମନ୍ତ କୁମାର ମହନ୍ତଙ୍କୁ ଦଳୀୟ କର୍ମୀ ପ୍ରଦାନ କରିଛନ୍ତି। ଜଗତ୍‌ସିଂହପୁର ଜିଲା ଉପସଭାପତି ଲିଙ୍ଗରାଜ ମଲ୍ଲ ଏହାର ନେତୃତ୍ୱ ନେଇଥିବା ବେଳେ ଦେବୀପ୍ରସାଦ ମଲିକ, ପ୍ରତିମା ମଲିକ, ଗୋପବନ୍ଧୁ ସ୍ୱାଇଁ ଓ ଶିବପ୍ରସାଦ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି ତୈଳ ଦର ବୃଦ୍ଧି ବିରୋଧ କରି ବାଲିକୁଦା ବ୍ଲକ କଂଗ୍ରେସ ପକ୍ଷରୁ ମଧ ବିକ୍ଷୋଭ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ବିକ୍ରମ ପରିଡାଙ୍କ ସଭାପତିତ୍ୱରେ ବାଲିକୁଦା ଡାକଘର ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଏବିଡିଓ ସଞ୍ଜୟ କୁମାର ଦାସଙ୍କୁ କଂଗ୍ରେସ କର୍ମୀ ପ୍ରଦାନ କରିଥିଲେ। ଏଥିରେ ମହନି ଚରଣ ରାଉତ, ଆର୍ତ୍ତବନ୍ଧୁ ବିଶ୍ୱାଳ, ରାଜକିଶୋର ସାହୁ ଓ ବାବାଜୀ ଜେନା ପ୍ରମୁଖ ଯୋଗଦେଇଥିଲେ।

# ଲୋପପାଉଛି ବାଉଁଶ, ଉଜୁଡୁଛି ଜୀବିକା

**ଯାଜପୁର ଅଫିସ,୨୯।୬**

ଯାଜପୁର ଜିଲାରେ ବାଉଁଶ ଗଛ ଲୋପ ପାଇବାକୁ ବସିଛି। ଫଳରେ ଏହା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବିଭିନ୍ନ ସମ୍ପ୍ରଦାୟର ଲୋକେ ଘୋର ଦୁର୍ଦ୍ଦଶାରେ ରହିଛନ୍ତି। ସେହିପରି ହାତୀମାନଙ୍କୁ ସେମାନଙ୍କ ଅନ୍ୟତମ ପ୍ରିୟଖାଦ୍ୟ ବାଉଁଶ ଗଜା ମିଳୁପାରୁନାହିଁ।

ଓଡ଼ିଶାରେ ସାଧାରଣତଃ ତିନି ପ୍ରକାର ବାଉଁଶ ଗଛ ଦେଖାଯାଇଥାଏ। ଯଥା ସୁନାରି(ଡବା), କଣ୍ଟା ଓ ବେଲାଙ୍ଗି(ସାଲିଆ)ବାଉଁଶ। ଡବା ବାଉଁଶର ଉଚ୍ଚତା କମ୍ ଏବଂ ବୁଦାଳିଆ। ଏହା ନିଦା ବାଉଁଶ ହୋଇଥିବାରୁ ଏଥିରୁ ଭଲ ଉପକରଣ ତିଆରି ହୁଏ। କଣ୍ଟା ବାଉଁଶ ବଡ଼ ଓ ପୋଲା। ଏହାର ଉଚ୍ଚତା ବଡ଼ ଥିବାରୁ ଘର ତଥା ମଣ୍ଡପ ତିଆରି କାମରେ ଦରକାର ପଡିଥାଏ। ଏହି ବାଉଁଶକୁ ନେଇ ଅନେକ ଲୋକ ସେମାନଙ୍କର ତେଲ ଲୁଣର ସଂସାରକୁ ଚଳାଇଥାନ୍ତି। ପ୍ରଶାସନ ପକ୍ଷରୁ ଜିଲାରେ ବିଭିନ୍ନ ପ୍ରକାର ଗଛରୋପଣ କରିବା ପାଇଁ ପ୍ରୟାସ କରାଯାଉଥିବାବେଳେ ବାଉଁଶ ଜଙ୍ଗଲ ସୃଷ୍ଟି ପାଇଁ ଆଦୌ ଧ୍ୟାନ ଦିଆଯାଉ ନାହିଁ। ଫଳରେ

### ହାତୀଙ୍କୁ ମିଳୁନି ଅନ୍ୟତମ ପ୍ରିୟ ଖାଦ୍ୟ

ବାଉଁଶ କ୍ରମଶଃ ଲୋପପାଉଛି ବୋଲି କୁହାଯାଉଛି। ସବୁଜିମାପୂର୍ଣ୍ଣ ଘଞ୍ଚ ଜଙ୍ଗଲକୁ ନଷ୍ଟ କରି ଶିଳ୍ପକାରଖାନା ପ୍ରତିଷ୍ଠା, ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରାଯିବା ଏବଂ ଲଘୁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ପ୍ରଶାସନର କଟକଣା ବାଉଁଶ କାରିଗରମାନଙ୍କ ଜୀବନଯାପନରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଫଳରେ ବାଉଁଶ କାରିଗରଙ୍କ ସଂଖ୍ୟା ମଧ କମିଯାଇଛି। ଯେଉଁ କେତେଜଣ କାରିଗର ଏହି ବୃତ୍ତିକୁ ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ସେମାନଙ୍କ ପରିବାର ଆର୍ଥିକ ଦୁର୍ଦ୍ଦଶାରେ ଘାଣ୍ଟି ହେଉଛନ୍ତି। ପୂର୍ବରୁ ଗାଁ ଗଣ୍ଡାଗୁଡ଼ିକରେ ଅସଂଖ୍ୟ ବାଉଁଶବୁଦା ଦେଖାଯାଉଥିଲା। ଏବେ କାଁ ଭାଁ ଦେଖିବାକୁ ମିଳୁଛି। ପରିବେଶ ପରିବର୍ତ୍ତନ ଯୋଗୁ ଏହି ବାଉଁଶବୁଦାଗୁଡିକ ଲୋପ ପାଇଯାଉଥିବାବେଳେ ଲୋକମାନେ କିମ୍ବା ପ୍ରଶାସନ ପକ୍ଷରୁ ଏହାକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରାଯାଉନାହିଁ।

ଅନ୍ୟପକ୍ଷେ ଜଙ୍ଗଲରେ ବାଉଁଶ ବୁଦା ଲୋପ ପାଉଥିବାରୁ ହାତୀଙ୍କ ଅନ୍ୟତମ



ବାଉଁଶ ବୁଦା।

ପ୍ରିୟଖାଦ୍ୟ ବାଉଁଶ ଗଜା ମିଳି ପାରୁନାହିଁ। ଏହାଦ୍ୱାରା ଖାଦ୍ୟ ଅନ୍ୱେଷଣରେ ବଣୁଆ ହାତୀ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସାଙ୍ଗକୁ ହାତୀ-ମଣିଷ ବିବାଦ ତେଜୁଛି। ହାତୀପଲ କିପରି ଜନବସତି ମଧ୍ୟକୁ ନ ଆସି ଜଙ୍ଗଲ ମଧ୍ୟରେ ସୁରକ୍ଷିତ ଭାବେ ଚଳପ୍ରଚଳ କରିପାରିବେ ସେଥିପାଇଁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ହାତୀ ଚଳାପଥ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଆସୁଛି। ଏହି ଅନୁଦାନରେ ଜଙ୍ଗଲ ମଧ୍ୟରେ ଜଳାଶୟ, ଜଳଉତ୍ସର ପୁନରୁଦ୍ଧାର, ହାତୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଗଛ(ବାଉଁଶ, ବରଗଛ, ପିପଳ ଇତ୍ୟାଦି)ଲଗାଇବା ଆଦି କାର୍ଯ୍ୟ କରିବା ସହ କରିଡରରେ ମାଟି ପକାଯାଇ ବିଭିନ୍ନ ଚାରାଗଛ ଲଗାଇବା ନିୟମ ରହିଛି। ମାତ୍ର ପ୍ରଶାସନିକ ସ୍ତରରେ ଆନ୍ତରିକତା ଅଭାବରୁ କଟକ ଫରେଷ୍ଟ ଡିଭିଜନ(ସମଗ୍ର ଯାଜପୁର ଜିଲା, କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା, ମାର୍ଶାଘାଇ, ଗରଦପୁର ଓ ଡେରାବିଶ ବ୍ଲକ, ଜଗତ୍‌ସିଂପୁର ଜିଲାର ଜଗତ୍‌ସିଂପୁର, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ)ରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ଡିଏଫ୍‌ଓ ସୁଦର୍ଶନ ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବାଉଁଶଗଛ ଲଗାଇବାକୁ ଲୋକଙ୍କ ମଧ୍ୟରେ ସେତେଟା ଆଗ୍ରହ ରହୁନାହିଁ। ପୂର୍ବରୁ ବାଉଁଶ ବୁଦାରେ ମାଟି ପକାଇ ରକ୍ଷଣାବେକ୍ଷଣ ହେଉଥିଲା। ତାହା ମଧ ବନ୍ଦ ହୋଇଯାଇଛି। ରାଜ୍ୟର ବିଭିନ୍ନ ପେପର ମିଲ ସହ ଚୁକ୍ତି କରାଯାଇ ବାଉଁଶ ଗଛର ଚାହିଦାକୁ ବଢ଼ାଗଲେ ଲୋକଙ୍କ ମଧ୍ୟରେ ବାଉଁଶ ଗଛ ଲଗାଇବାର ଆଗ୍ରହ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

# ସବୁ ବ୍ଲକରେ ବଢୁଛି, ପାରାଦୀପରେ ସ୍ଥିର

**ପାରାଦୀପ,୨୯।୬(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ସରକାରୀ ଭାବେ ସ୍ଥିର ରହିଛି। ଜିଲା ପ୍ରଶାସନ ପକ୍ଷରୁ ଘୋଷିତ ତାଲିକାରେ ଅଦ୍ୟାବଧି ଜଣଙ୍କୁ ପଜିଟିଭ୍ ଦର୍ଶାଯାଇଛି। ବାସ୍ତବରେ ୨ଜଣ ପଜିଟିଭ୍ ରହିଛନ୍ତି। ଜୁନ୍ ପ୍ରଥମାର୍ଦ୍ଧରେ ଜିଲା ପ୍ରଶାସନ ପକ୍ଷରୁ ଏଠାରେ ଜଣେ ଆକ୍ରାନ୍ତ ଥିବା ଘୋଷଣା କରାଯାଇଥିଲା। ଏହାପରେ ଗତ ଜୁନ ୧୭ରେ ପାରାଦୀପ ବନ୍ଦରର ଜଣେ ତାମିଲନାଡୁ ନାବିକ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏନେଇ ବନ୍ଦର କର୍ତ୍ତୃପକ୍ଷ ଜୁନ ୧୯ରେ ସୂଚନା ଦେଇଥିଲେ। ମାତ୍ର ଏହିରିପୋର୍ଟକୁ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ତାଲିକାରେ ସାମିଲ କରାଯାଇନାହିଁ।

ମାର୍ଚ୍ଚ ୨୪ରୁ କରୋନା କଟକଣା ଲାଗୁହେଲାଣି। ଏହାସତ୍ତ୍ୱେ ପାରାଦୀପ ବନ୍ଦରରେ ଆମଦାନୀ ରପ୍ତାନି କାମ ପୂର୍ବବତ ଚାଲିଛି। ଏଠାକୁ ଦେଶର ବିଭିନ୍ନ ପ୍ରାନ୍ତରୁ ଏବଂ ବିଦେଶରୁ ଲୋକ ଯାତାୟାତ କରୁଛନ୍ତି। ଅପରପକ୍ଷେ ପାରାଦୀପ ପୌରାଞ୍ଚଳରେ ବହିରାଗତଙ୍କ ଚିହ୍ନଟ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଛି। ପାରାଦୀପକୁ ଆସୁଥିବା ବାହାର ରାଜ୍ୟ ଫେରନ୍ତାଙ୍କୁ ପ୍ରାୟତଃ ହୋମ କାରାଣ୍ଟାଇନ୍‌ରେ ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନେ

### କୋଭିଡ୍-୧୯ ପରିଚାଳନାରେ କୌତୂହଳ

ସ୍ୱୀକୃତି ଦେଇଛନ୍ତି। ମାତ୍ର ସେମାନଙ୍କ କୋଭିଡ୍ ପରୀକ୍ଷା ଠିକ ଭାବେ ହେଉ ନ ଥିବା ଘୋଷିତ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଜିଲାରେ ୨୯ ଜୁନ ସୁଦ୍ଧା ୮୬୩୪ ସାମ୍ପୁଲ ସଂଗ୍ରହ କରାଯାଇଛି। ସେଥିରୁ ନେଗେଟିଭ ସଂଖ୍ୟା ୮୧୬୧ ଥିବା ବେଳେ ପଜିଟିଭ୍ ସଂଖ୍ୟା ୨୮୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ପ୍ରବାସୀ ରହିଛନ୍ତି। ଜଗତସିଂହପୁର ବ୍ଲକରୁ ୧୬, ଏରସମାରୁ ୧୭, କୁଜଙ୍ଗରୁ ୩୬, ତିର୍ତ୍ତୋଲରୁ ୬୭, ନାଉଗାଁରୁ ୭୧, ବିରିଡ଼ିରୁ ୨୬, ବାଲିକୁଦାରୁ ୩୨, ରଘୁନାଥପୁରରୁ ୨୧ ଓ ଜଗତସିଂହପୁର ପୌରାଞ୍ଚଳରୁ ୩ ଜଣ ସଂକ୍ରମିତ ହୋଇଥିବାବେଳେ ପାରାଦୀପ ପୌରାଞ୍ଚଳରୁ ମାତ୍ର ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲାର କୋଭିଡ୍-୧୯ ହସ୍ପିଟାଲ୍ ପାରାଦୀପରେ ରହିଛି। ଏହାସତ୍ତ୍ୱ ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି। ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୋଭିଡ୍ ହସ୍ପିଟାଲ ମୁଖ୍ୟ ଡ଼ାକ୍ତର ବସନ୍ତ ରାଉତ କହିଛନ୍ତି, ସମସ୍ତ କୋଭିଡ ରିପୋର୍ଟ ଜିଲା ପ୍ରଶାସନ ତରଫରୁ ଘୋଷଣା କରାଯାଇଛି। ଏସବୁ ଉପରେ କିଛି ଟିପ୍ପଣୀ ଦେବା ଠିକ୍ ହେବ ନାହିଁ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

**ଡେରାବିଶ, ୨୯।୬(ସ୍ୱ.ପ୍ର.)**

ଡେରାବିଶ ତହସିଲ କାର୍ଯ୍ୟାଳୟ ନିକଟ ସରକାରୀ ଜମିରୁ ସୋମବାର ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ ତହସିଲ କାର୍ଯ୍ୟାଳୟ ନିକଟରେ ଖାତା ନଂ.୬୯୬ ଓ ପ୍ଲଟ ନଂ. ୧୭୬୯ରେ ୧୩ଡେସିମିଲ ସରକାରୀ ଜମି ରହିଛି। ଏହି ଜମି ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ ପାଇଁ ସଂରକ୍ଷିତ ରହିଛି। ଏଥିରୁ ୨ଡେସିମିଲ ଜମିକୁ ଜଣେ ବ୍ୟକ୍ତି ନିଜ ଅକ୍ତିଆରକୁ ନେଇ ଘର କରିବା ସହିତ ଏକ ଦୋକାନ କରି ବ୍ୟବସାୟ କରିଚାଲିଥିଲେ। ଏଠାରୁ ହଟିଯିବା ପାଇଁ ତହସିଲ ପକ୍ଷରୁ ତାଙ୍କୁ ବାରମ୍ବାର ନୋଟିସ ଦିଆଯାଇଥିଲେ ମଧ ସେ ଏହାକୁ ବେଖାତିର କରିଚାଲିଥିଲେ। ଶେଷରେ ସୋମବାର ତହସିଲଦାର ସମ୍ବିତ ଶତପଥୀ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି, ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଆର୍‌ଆଇ ସୟଦ ମହମ୍ମଦ ଅକମାମ ପହଞ୍ଚି ଉକ୍ତ



ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଘର ଓ ଦୋକାନ ଜେସିବି ସାହାଯ୍ୟରେ ଭାଙ୍ଗି ଦେଇଥିଲେ। ତାଙ୍କ ବ୍ୟବସାୟ ସାମଗ୍ରୀ ଓ ଅନ୍ୟ ଆସବାବପତ୍ର ନେବା ପାଇଁ ତାଙ୍କୁ ନୋଟିସ କରାଯିବ। ସରକାରୀ ନିୟମ ଅନୁଯାୟୀ ତହସିଲ ପକ୍ଷରୁ ହୋଇଥିବା ଖର୍ଚ୍ଚ ଭରଣା କରି ସେ ନିଜ ଜିନିଷ ନେଇପାରିବେ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଉକ୍ତ ସରକାରୀ ଜମିର କିଛି ଅଂଶକୁ ଅନ୍ୟ ଜଣେ ବ୍ୟକ୍ତି ଜବରଦଖଲ କରି ବ୍ୟବସାୟ କରୁଥିଲେ ତାଙ୍କୁ ବାଦ୍ ଦିଆଯିବାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ତହସିଲଦାର ଶତପଥୀ କହନ୍ତି, ସରକାରୀ ଜମିକୁ ତୁରନ୍ତ ଖାଲି କରିଦେବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ କରାଯାଇଛି। ଆଗାମୀ ଦିନରେ ଖାଲି ଉକ୍ତ ଜମି ନୁହେଁ ବରଂ ଛତା ଛକରୁ କେନାଲ ବନ୍ଧରେ ଯିଏ ସରକାରୀ ଜମିରେ ଘର ବା ଦୋକାନ କରିଛନ୍ତି ତାହାକୁ ଜବରଦଖଲ ମୁକ୍ତ କରାଯିବ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଯୁବକ ଗିରଫ

**ରସୁଲପୁର, ୨୯।୬ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ କୁଆଖିଆ ଥାନା ପୋଲିସ ପ୍ରଥମାଖଣ୍ଡି ପଞ୍ଚାୟତର ବିଜୟ ଗୁଇଁ(୧୯)ଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସମ୍ପୃକ୍ତା ନାବାଳିକା ଶୌଚ ହେବାକୁ ଯାଇଥିବା ବେଳେ ବିଜୟ ତାଙ୍କୁ ଅପହରଣ କରିନେଇଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବିଜୟଙ୍କ ବନ୍ଧୁଘର ଧର୍ମଶାଳା ବ୍ଲକ ଅଧୀନ ନିହଲପ୍ରସାଦ ଅଞ୍ଚଳରୁ ପୋଲିସ ରବିବାର ରାତିରେ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିସହ ବିଜୟଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ସୋମବାର ଉଭୟଙ୍କ ମେଡିକାଲ ଟେଷ୍ଟ କରାଯିବା ପରେ ନାବାଳିକାଙ୍କୁ ସ୍ୱଳ୍ପ ରହଣୀ କେନ୍ଦ୍ରରେ ଛାଡ଼ି ଦିଆଯାଇଥିବା ସହ ବିଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ୨୦୩/୨୦ନଂ.ରେ ଏକ ମାମଲା ରୁଜୁ ହୋଇଛି।

# ସରକାରୀ ଅନୁଦାନରେ ଚାଲିଛି ବେଆଇନ ନିର୍ମାଣ

**ବରୀ, ୨୯।୬ (ଡି.ଏନ୍.ଏ.)**

ବରୀ ବ୍ଲକରେ ସରକାରୀ ଯୋଜନାରେ ଉନ୍ନୟନ କାର୍ଯ୍ୟ କରାଯାଉ ଥିବା ବେଳେ କେତେକ ସ୍ଥାନରେ ସରକାରୀ ନିୟମକୁ ପାଳନ କରାଯାଉନି। ସରକାରୀ ଅର୍ଥରେ କାର୍ଯ୍ୟ କରାଯାଉଥିବା ବେଳେ କାର୍ଯ୍ୟାରମ୍ଭ ପୂର୍ବରୁ ସେହି ସ୍ଥାନ ନିର୍ମାଣ ଉପଯୋଗୀ କି ନୁହେଁ, ସେ ନେଇ ରାଜସ୍ୱ ବିଭାଗ ଅଧିକାରୀଙ୍କଠାରୁ ପରାମର୍ଶ ନିଆଯିବା କଥା। ମାତ୍ର ଅନେକ ସ୍ଥାନରେ ଏହା କରାଯାଉ ନ ଥିବାରୁ ସରକାରୀ ଅର୍ଥ ବିନିଯୋଗରେ ନିର୍ମାଣ କରାଯାଉଥିବା କେତେକ ପ୍ରକଳ୍ପ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ କଳାଖଣ୍ଡ ଗ୍ରାମରେ ବିଧାୟିକା ପାଣ୍ଠିରୁ ନିର୍ମାଣ ହେଉଥିବା କମ୍ୟୁନିଟି ସେଣ୍ଟର, ଅନ୍ୟାସୀପୁର ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ, ମହାକାଳପଡ଼ା ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଗୃହ ଆଦି ବେଆଇନ ଭାବେ

### ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନି

ନିର୍ମାଣ ହେଉଥିବା ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ମାତ୍ର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନ ଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଜ୍ଞାତରେ ଏହି କାର୍ଯ୍ୟ ହେଉଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ବରୀ ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶାଶ୍ୱତ ଜେନାଙ୍କୁ ପଚାରିବାରେ ବେଆଇନ ଭାବେ ନିର୍ମାଣ ହୋଇଥିବା ସ୍ଥାନଗୁଡିକୁ ଚିହ୍ନଟ କରିବାକୁ ବରୀ ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ବୋଲି କହିଛନ୍ତି। ବରୀ ତହସିଲଦାର ସରୋଜକାନ୍ତ ନାୟକ ଏ ସମ୍ପର୍କରେ କୁହନ୍ତି, ଯେଉଁ ସ୍ଥାନଗୁଡିକୁ ଚିହ୍ନଟ ପାଇଁ ଅଭିଯୋଗ ଆସିଥିଲା, ତାହା କରୋନା ଯୋଗୁ ସମୟ ଅଭାବରୁ ଚିହ୍ନଟ ହୋଇପାରିନାହିଁ।

# ଜିଲା ଅର୍ଥନୀତିକୁ ପ୍ରଭାବିତ କରିଛି କରୋନା

**କେନ୍ଦ୍ରାପଡ଼ା ଅଫିସ, ୨୯।୬:** କେନ୍ଦ୍ରାପଡ଼ା ଜିଲାବାସୀ ଜୀବନ ଓ ଜୀବିକାର ଦୋଛକିରେ ଅଛନ୍ତି। କରୋନା ଜୀବିକା ଛଡାଇ ନେଇଥିବା ବେଳେ କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣ ଜୀବନ ହାନି ନେଇ ଆଶଙ୍କା ସୃଷ୍ଟି କରିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଶ୍ଚିତ କର୍ମନିଯୁକ୍ତି, କ୍ଷୁଦ୍ର, ମଧ୍ୟମ ଓ କୁଟୀରଶିଳ୍ପ ପ୍ରତିଷ୍ଠା, କୃଷି କ୍ଷେତ୍ରରେ ନିୟୋଜନ ଆଦି ଜିଲାରେ ଫେଲ୍ ମାରିଛି। ଫଳରେ କରୋନା ସଂକ୍ରମଣ ଜିଲାର ଅର୍ଥନୀତିକୁ ପ୍ରଭାବିତ କରିଛି ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଜିଲା ପ୍ରଶାସକ ଓ ରାଜନେତା କର୍ମନିଯୁକ୍ତିର ବ୍ୟାପକତା ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସେମାନେ ପ୍ରକାଶ କରିଛନ୍ତି।

ବୁଦ୍ଧିଜୀବୀ ଡା. ପି.ଏନ. ଗୌରାଙ୍ଗ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ୧୫ ଲକ୍ଷ ଲୋକଙ୍କ ମଧ୍ୟରୁ ୭୦ ପ୍ରତିଶତ କୃଷିଜୀବୀ । ତେବେ ଏଠାରେ କ୍ଷେତକୁ ଜଳ ପରିଚାଳନା ଏକ ସମସ୍ୟା ହୋଇଥିବାରୁ ଯୁବ ଶ୍ରମିକ କୃଷିକାମ ଛାଡି କର୍ମନିଯୁକ୍ତି ପାଇଁ ଦେଶ ବିଦେଶକୁ ଯାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଚାଷର କ୍ଷତି କରୁଥିବା ବେଳେ ୫ଟି ବ୍ଲକ ଅଞ୍ଚଳରେ ଅନ୍ୟୁନ ୩୫ ପ୍ରତିଶତ କ୍ଷେତକୁ ଜଳସେଚନ ସୁବିଧା ନାହିଁ। ସେହିପରି ଜଳ ନିଷ୍କାସନ ସମସ୍ୟା ଜିଲାର ସମସ୍ତ ବ୍ଲକରେ ଅଛି। ଅର୍ଥକରୀ ଫସଲ ପାଇଁ ଭିତ୍ତିଭୂମି ସଜଡାଯାଉ ନ ଥିବାରୁ ଚାଷୀ ପାରମ୍ପରିକ ଧାନଚାଷ ଉପରେ ନିର୍ଭର କରୁଛନ୍ତି। ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ କୁହନ୍ତି, କରୋନା ପାଇଁ ଦେଶରେ ତାଲାବନ୍ଦ ଘୋଷଣା ପରେ ପ୍ରବାସୀ କର୍ମନିଯୁକ୍ତିକୁ ନେଇ ଚିନ୍ତାରେ ଅଛନ୍ତି । ସ୍ୱଳ୍ପ ପୁଞ୍ଜିରେ ମସଲା କାରଖାନା, ଗୋଖାଦ୍ୟ ଓ କୁକୁଡା ଖାଦ୍ୟ ଉତ୍ପାଦନ, ସାବୁନ ଓ ପ୍ଲାଷ୍ଟିକ ସରଞ୍ଜାମ ଉତ୍ପାଦନ ପାଇଁ ଜିଲାରେ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡିବ। ଏଥିସହିତ କୁଟୀରଶିଳ୍ପକୁ ପ୍ରୋତ୍ସାହନ ଦିଆଗଲେ ବହୁ ଉତ୍ପାଦ ଜିଲାର ଅର୍ଥନୀତିରେ ପରିବର୍ତ୍ତନ ଆଣିପାରିବ। ଯୁବବର୍ଗଙ୍କ ହାତକୁ କାମ ଦେବା ପାଇଁ ରାଜନେତାମାନେ ଆଗେଇଆସିବା ଆବଶ୍ୟକ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ହିତାଧିକାରୀ ଶ୍ରମିକଙ୍କ ବଦଳରେ ରାଜନେତାଙ୍କ ଟଙ୍କା ରୋଜଗାରର ମାଧ୍ୟମ ବୋଲି ଆଳିର ସାମାଜିକ କର୍ମୀ ଶୁଭାଷିଶ ଷଡ଼ଙ୍ଗୀ କହିଛନ୍ତି। ସେ ଉଦାହରଣ ଦେଇ କହିଥିଲେ ଯେ, ଏହି ବ୍ଲକର ଭୂଇଁପୁର ପଞ୍ଚାୟତରେ ରାଜନେତାଙ୍କ ସମ୍ପର୍କୀୟଙ୍କ ନାମରେ ଜବ୍‌କାର୍ଡ ଅଛି। ଦିନେ ମାଟି କାହୁଅରେ ପଶି ନ ଥିବା ଏହି ବ୍ୟକ୍ତିମାନେ ମଷ୍ଟରରୋଲରେ ଶ୍ରମ କରିଥିବା ଦର୍ଶାଇ ମଜୁରି ଟଙ୍କା ନେଇଛନ୍ତି। ଜିଲାର ସମସ୍ତ ଅଞ୍ଚଳରେ ଏହି ଯୋଜନାର ପ୍ରକଳ୍ପ କାର୍ଯ୍ୟ ମେଶିନରେ ହେଉଥିବାରୁ କର୍ମନିଯୁକ୍ତି ଆଶାୟୀ ଘରେ ରହିଛନ୍ତି । ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ର କହନ୍ତି, ଜିଲାବାସୀଙ୍କୁ କର୍ମନିଯୁକ୍ତି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଗୁରୁତ୍ୱ ଦିଆଯାଇଛି। ଇତିମଧ୍ୟରେ ଜିଲା ଶିଳ୍ପ କେନ୍ଦ୍ର ଓ କୃଷି ବିଭାଗ ଅଧିକାରୀଙ୍କ ସହିତ ପ୍ରଶାସନିକ ଆଲୋଚନା ହୋଇଛି। ବ୍ୟାଙ୍କଗୁଡିକୁ ସହଜରେ ଋଣ ପ୍ରଦାନ ପାଇଁ ତାଗିଦ କରାଯାଇଛି।

## ଦୁର୍ଘଟଣାରେ ଅଟୋ ଚାଳକ ମୃତ, ଦମ୍ପତି ଗୁରୁତର

**ନୟାଗଡ଼ ଅଫିସ/ନୂଆଗାଁ, ୨୯।୬(ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବକଳବନ୍ଧଠାରେ ସୋମବାର ସଡକ ଦୁର୍ଘଟଣା ଘଟି ଜଣେ ଅଟୋ ଚାଳକ ପ୍ରାଣ ହରାଇଛନ୍ତି। ସେ ହେଲେ ସଂଗ୍ରାମ ମହାପାତ୍ର(୨୫), ଘର ନୂଆଗାଁ ଥାନା ମହୀପୁର ଗାଁରେ। ଅଟୋରେ ଥିବା ଥୁଆବାରୀ ଗାଁର ଦମ୍ପତି ଲୋକନାଥ ସାହୁ(୭୦) ଓ ତାଙ୍କ ସ୍ତ୍ରୀ ପ୍ରମିଳା ଗୁରତର ହୋଇଛନ୍ତି। ସେମାନଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର

**ଯାଜପୁର ଟାଉନ, ୨୯।୬ (ଡି.ଏନ୍.ଏ.)**

ତୈଳ ଦର ବୃଦ୍ଧି ପ୍ରତିବାଦରେ ଯାଜପୁର ଜିଲା କଂଗ୍ରେସ ତରଫରୁ ସୋମବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଶୋଧିତ ତୈଳ ଦର କମ୍ ରହିଥିବା ବେଳେ ଗତ ୨୧ ଦିନ ଧରି ଲଗାତର ତୈଳ ଦର ବୃଦ୍ଧି କରାଯାଉଛି। ସରକାର ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ ନ କରି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ ଆଣିଛି କଂଗ୍ରେସ। ସରକାର ଏ ଦିଗରେ ଚିନ୍ତା କରି ତୈଳ ଦର କମାଇବା ଦିଗରେ ପଦକ୍ଷେପ ନେବାକୁ କଂଗ୍ରେସ ଦାବିପତ୍ରରେ ଉଲ୍ଲେଖ କରିଛି। ଦାବିପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତ, ସନ୍ତୋଷ କୁମାର ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ଅଜୟ ସାମଲ, ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, ଆଲୋକ ବେହେରା, ବନ୍ଦିତା ପରିଡ଼ା, ଅବଦୁଲ ସଲିମ ଖାଁ, ସୁଶାନ୍ତ ତ୍ରିପାଠୀ, ବିଷ୍ଣୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯାଜପୁର ନଗର କଂଗ୍ରେସ ପକ୍ଷରୁ ତୈଳ ଦର ବୃଦ୍ଧିକୁ ବିରୋଧ କରାଯାଇ ଜିଲାସ୍ତରୀୟ ପୌରାଞ୍ଚଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କଟକ ଜିଲାରେ ଚାଲୁଛି କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର

- ଯାଜପୁର ରୋଡ୍‌ରେ ୩ ବର୍ଷ ହେଲା ନିର୍ମାଣ ସରିଛି ନୂତନ କୋଠା
- ବାରମ୍ବାର ଅବଗତ ପରେ ସ୍ଥାନାନ୍ତର ହେଲାନି କାର୍ଯ୍ୟାଳୟ

**କଳିଙ୍ଗନଗର, ୨୯।୬ (ଡି.ଏନ୍.ଏ.)**

ଶିଳ୍ପ ସଂସ୍ଥାକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇଦେବା ସକାଶେ ଶିଳ୍ପ କେନ୍ଦ୍ର ସ୍ଥାପନ କରାଯାଇଛି। ଜିଲାସ୍ତରରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀଙ୍କୁ ସମସ୍ତ ସେବା ଏବଂ ସହାୟତା ଯୋଗାଇବା ସହ ଯୋଜନା ସମ୍ପର୍କରେ ଅବଗତ କରାଇବା, ଋଣ ସୁବିଧା ଓ କଞ୍ଚାମାଲ ଯୋଗାଣ ଆଦି ଏହି କେନ୍ଦ୍ରର କାର୍ଯ୍ୟ। ହେଲେ ଯାଜପୁର ଜିଲାର କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର ୮୦ କି.ମି. ଦୂର କଟକ ଜିଲାର ଜଗତପୁରଠାରେ ରହିଥିବାରୁ ଉଦ୍ୟୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

୩ ବର୍ଷ ତଳୁ ଯାଜପୁର ରୋଡ୍‌ଠାରେ ଇଡ୍‌କୋ ପକ୍ଷରୁ ୬୦ଲକ୍ଷ ଟଙ୍କା ବ୍ୟୟରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପାଇଁ ୨ ତାଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି। କିନ୍ତୁ ଅଦ୍ୟାବଧି କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇନାହିଁ। ୮୦ କି.ମି ଦୂରରେ ଶିଳ୍ପ କେନ୍ଦ୍ର ରହିଥିବାରୁ କଳିଙ୍ଗନଗର ଅଞ୍ଚଳର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗୀମାନେ ଅନେକ ସରକାରୀ ସୁବିଧା ପାଇପାରୁନାହାନ୍ତି। ଅନ୍ୟପଟେ ୩ ବର୍ଷ ଗୃହ ନିର୍ମାଣ ହୋଇରହିଥିବାରୁ ଏହା ଭୂତକୋଠି ପାଲଟିଲାଣି। ତେବେ କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଇଡ୍‌କୋ ପକ୍ଷରୁ ୨୧।୩।୨୦୧୭ରେ ଚିଠି ନମ୍ବର-୨୮୪୨, ୧୪।୧୧।୨୦୧୮ରେ ଚିଠି ନଂ.-୧୧୦୪୭, ୭।୩।୧୯ ଚିଠି ନଂ.-୨୪୬ ଓ ୧୬।୫।୨୦୧୯ରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଅଧିକାରୀଙ୍କୁ ଚିଠି କରାଯାଇଥିଲା। ବାରମ୍ବାର




ଜଗତ୍‌ପୁରଠାରେ ଥିବା କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର।



ଯାଜପୁରରୋଡଠାରେ ନିର୍ମିତ ଶିଳ୍ପକେନ୍ଦ୍ର କୋଠା।

ଅବଗତ କରାଯିବା ପରେ ବି କାର୍ଯ୍ୟାଳୟ ସ୍ଥାନାନ୍ତର କରା ନ ଯିବାରୁ ଶିଳ୍ପ ନିର୍ଦ୍ଦେଶକ ଗତ ଏପ୍ରିଲରୁ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର କର୍ମଚାରୀମାନଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଯାଜପୁର ରୋଡ୍‌ଠାରେ ନିର୍ମିତ ନୂତନ କେନ୍ଦ୍ରକୁ କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଉଦ୍ୟୋଗୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ନେଇ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଜି.ଏମ୍. ପି. ପ୍ରଭାକର ରାଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ବି ସେ ରିସିଭ୍ ନ କରିବାକୁ ତାଙ୍କ ପ୍ରତିକ୍ରିୟା ନିଆଯାଇ ପାରିନାହିଁ।

## ସୋରଡ଼ା ସହର ସିଲ୍

ସୋରଡା,(ଡି.ଏନ.ଏ.)– ସୋରଡ଼ା ଏନ୍‌ଏସିରେ କରୋନା ପଜିଟିଭ ଚିହ୍ନଟ ହେବା ପରେ କଟକଣା ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ସୋରଡ଼ା ସହରକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ସିଲ କରାଯାଇଛି। ବ୍ୟାଙ୍କ ବଜାରଠାରୁ ରଘୁନାଥ ମନ୍ଦିର ଯାଏ କଣ୍ଟେନମେଣ୍ଟ ଜୋନ ଘୋଷିତ ହୋଇଥିବା ବେଳେ ସାରୁଆ ସାହି, କେଉଟ ସାହି, ଖଡାଳ ସାହି, ଆଡ଼ପ ମଣ୍ଡପ ଓ ବଡ଼ଦାଣ୍ଡ ଅଞ୍ଚଳ ବଫର ଜୋନ ଘୋଷଣା ହୋଇଛି। ଆଡ଼ପ ମଣ୍ଡପ ଓ ବଡ଼ଦାଣ୍ଡ ଅଞ୍ଚଳ ମଧ୍ୟ ବଫର ଜୋନ ଘୋଷିତ ହୋଇଥିବା ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କ ବିବାହ ରୋକିଲା ପ୍ରଶାସନ

ବାସୁଦେବପୁର, ୨୯।୬(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସୋମବାର ଜଣେ ନାବାଳିକାଙ୍କ ବିବାହକୁ ରୋକାଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିବାହ ହେଉଥିବା ଜାଣି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ବାସୁଦେବପୁର ପୋଲିସ ପ୍ରଶାସନ ସମ୍ପୃକ୍ତ ନାବାଳିକାଙ୍କ ଘରେ ପହଞ୍ଚି ବିବାହ କାର୍ଯ୍ୟକୁ ବନ୍ଦ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସଂଯୋଜିକା ସରସ୍ୱତୀ ମହାରଣା, ସିଡିପିଓ ଜାନକୀ ଦାସଙ୍କ ସମେତ ବାସୁଦେବପୁର ପୋଲିସ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ପ୍ରଶାସନର ଉପସ୍ଥିତିରେ ବିବାହ ହେବାକୁ ଥିବା ନାବାଳିକା, ତାଙ୍କ ପିତା ଓ ପରିବାର ଅନ୍ୟ କେତେକ ସଦସ୍ୟଙ୍କୁ ଜିଲା ଶିଶୁ ସୁରକ୍ଷା କମିଟି ପଚରାଉଚରା ପାଇଁ ଅଟକ ରଖିଥିବା ସୂଚନା ମିଳିଛି।

### କଣ୍ଟେନମେଣ୍ଟ ଜୋନ୍ ହେଲା ଗୁଣ୍ଡୁପଡ଼ା

ଆସିକା,୨୯।୬(ଡି.ଏନ୍.ଏ.)- ଆସିକା ବ୍ଲକ ଗୁଣ୍ଡପଡା ପଞ୍ଚାୟତର ଗୁଣ୍ଡୁପଡା ଗ୍ରାମକୁ ଜିଲା ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଓ ରାଇପଲ୍ଲୀ, ଖଣ୍ଡବନ୍ଧ ଏବଂ ସୁମନ୍ତପଲ୍ଲୀକୁ ବଫର ଜୋନ ଭାବେ ଘୋଷଣା କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ରାତିରେ ଏହି ଘୋଷଣା କରିବା ସହ ବିଭିନ୍ନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆସିକାର ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକରଙ୍କୁ କଣ୍ଟେନମେଣ୍ଟ ଓ ବଫର ଜୋନ ଦାୟିତ୍ୱରେ ସହ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ରହିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ଅନ୍ୟପକ୍ଷରେ ସୋମବାର ଆସିକା ତହସିଲଦାର ସଦାନନ୍ଦ ସେଠୀ ଓ ଅତିରିକ୍ତ ବିଡିଓ ପ୍ରଦୀପ କୁମାର ପଣ୍ଡା ଉକ୍ତ ପଞ୍ଚାୟତ ଗସ୍ତ କରି ଜନସାଧାରଣଙ୍କୁ ସଚେତନ କରିଛନ୍ତି। ସଂପୃକ୍ତ ଅଞ୍ଚଳରେ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଜନସାଧାରଣଙ୍କ ବାହାରକୁ ନଯିବା ଲାଗି କଡା କଟକଣା ଜାରି କରାଯାଇଛି।

### ଅପହୃତ ନାବାଳିକା ଉଦ୍ଧାର

ସଜନାଗଡ଼, ୨୯।୬(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସୋର ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ରବିବାର ଅଭିଯୋଗ ହୋଇଥିଲା। ନୀଳଗିରି ପୋଲିସ ଏନେଇ ପୋକ୍ସୋ ଆକ୍ଟରେ ମାମଲା (ନଂ. ୨୧୮/୨୦) ରୁଜୁ କରି ନାବାଳିକାଙ୍କୁ ଯୁବକଙ୍କ ଘରୁ ଉଦ୍ଧାର କରିଛି। ପୋଲିସ ସୋମବାର ଭୋର୍ ସମୟରେ ଚଢାଉ କରି ଯୁବକଙ୍କୁ କାବୁ କରି ଥାନାକୁ ଆଣିଛି। ତାଙ୍କୁ ପଚରାଉଚୁରା କରାଯିବା ପରେ ଡାକ୍ତରୀମାଇନା କରାଯାଇଛି।

### ଆଗରପଡାରେ ହାତୀ ଉପଦ୍ରବ

ବନ୍ତ, ୨୯।୬(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଅଞ୍ଚଳରେ ୩ ମାସରୁ ଉର୍ଦ୍ଧ୍ୱ ହେବ ୨ଟି ହାତୀ ଆତଙ୍କ ଖେଳାଇ ଚାଲିଛନ୍ତି। ସେମାନଙ୍କ ମଧ୍ୟରେ ଗୋଟିଏ ଦନ୍ତା ଅଛି। ହାତୀଦୁଇଟି ପାଟକନା, ରାଉତରାପୁର ଓ ମହାନ୍ତିପଡା ଅଞ୍ଚଳରେ ରହି ବ୍ୟାପକ କ୍ଷତି ଘଟାଉଥିଲେ। ଏପରିକି ଗତ ମାସ ୩୦ତାରିଖରେ ଜଣେ ବୃଦ୍ଧଙ୍କୁ ମାରି ଦେଇଥିଲେ। ଏବେ ଦନ୍ତା ବଜାରମୁହାଁ ହୋଇଛି। ରବିବାର ରାତିରେ ହାତୀ ଆଗରପଡା ବଜାର କାଣ୍ଡବା ତାରିଣୀ ଛକଠାରେ ଥିବା ଭାଗବତ ପାଲଙ୍କର ଧାନକ୍ରୟ କେନ୍ଦ୍ର ଓ କୁଆଁଶମଡିଆ ଗ୍ରାମର ସୀତାକାନ୍ତ ଦାସଙ୍କ ଘର ଭାଙ୍ଗି ଦେଇଛି। କ୍ଷତିଗ୍ରସ୍ତମାନେ ଏ ନେଇ ଡିଏଫ୍‌ଓଙ୍କଠାରେ ଅଭିଯୋଗ କରିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭୋରରେ ହାତୀ ଫେରିବା ବେଳେ ପାଟକନାଠାରେ ବନବିଭାଗ ଗାଡିର କାଚ ଭାଙ୍ଗି ଦେଇଛନ୍ତି। ଏନେଇ ଭଦ୍ରକ ରେଞ୍ଜର ରଞ୍ଜିତ ମହାନ୍ତିଙ୍କୁ ଯୋଗାଯୋଗ କରାଯିବାରୁ ହାତୀର ଗତିବିଧି ଉପରେ ନଜର ରଖିବା ସହିତ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବନବିଭାଗ କର୍ମଚାରୀ ଓ ପୋଲିସ ଫୋର୍ସ ମୁତୟନ କରାଯାଇଥିବା କହିଛନ୍ତି।

### ପୋଖରୀରେ ଭାସୁଛି ମୃତଦେହ

ସଜନାଗଡ଼, ୨୯।୬(ଡି.ଏନ.ଏ.)- ବାଲେଶ୍ୱର ଜିଲା ଔପଦା ବ୍ଲକ ନୀଳଗିରି ଥାନା ଅଧୀନ ବାଉଁଶବଣିଆ ଅଞ୍ଚଳର ସୁଦର୍ଶନ ବେହେରା ଓ କ୍ଷେତ୍ରମଣି ବେହେରାଙ୍କ ପୋଖରୀରେ ସୋମବାର ପୂର୍ବାହ୍ନରେ ଏକ ଅଚିହ୍ନା ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ପରିବାରବର୍ଗ ନୀଳଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ମୃତଦେହ ଚିହ୍ନଟ କରିଥିଲା। ସେ ହେଲେ ଜୁଣିଆ ଗ୍ରାମର ନିନିବାବୁ ପ୍ରଧାନ (୫୨)। ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୦) ରୁଜୁ କରି ନୀଳଗିରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ପୋଲିସ ତଦନ୍ତ ଜାରି ରଖିଛି। ସେ ରାତିରେ ମାଛ ଧରିବାକୁ ଆସି ବୁଡ଼ି ଯାଇଥିବା ପୋଲିସ ସନ୍ଦେହ କରୁଛି।


# ବ୍ରହ୍ମପୁରର ୬ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ସ୍ୱାସ୍ଥ୍ୟ ଯାଞ୍ଚ

- ପ୍ରତି ଜୋନ୍‌ରେ ୫ ଜଣିଆ ସ୍ୱାସ୍ଥ୍ୟ ଟିମ୍
- ଲାଗିଲା ବିଏମ୍‌ସିର ହେଲ୍ପ ଲାଇନ୍ ସେବା ପୋଷ୍ଟର

ବ୍ରହ୍ମପୁର ଅଫିସ,୨୯।୬

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରବିବାର ଘୋଷିତ ହୋଇଥିବା ସହରର ୬ କଣ୍ଟେନ୍‌ମେଣ୍ଟ ଜୋନ ଅଞ୍ଚଳରେ ସୋମବାର ସ୍ୱାସ୍ଥ୍ୟ ଯାଞ୍ଚ ଆରମ୍ଭ ହୋଇଛି। ୪ନଂ. ୱାର୍ଡର ସାହୁ କଲୋନୀ, ଭାବାନଗର ୪ର୍ଥ ଲାଇନ୍, ତୁଳସୀନଗର ୬ଷ୍ଠ ଲାଇନ୍, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ସମ୍ମୁଖସ୍ଥ ବ୍ୟାଙ୍କ କଲୋନୀ ପ୍ରଥମ ଲାଇନ, ଗାନ୍ଧୀନଗର ୪ର୍ଥ ଲାଇନ, ବର୍ମାକଲୋନୀ ଅଞ୍ଚଳର ସମସ୍ତ ଲୋକଙ୍କର ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ଏଥିପାଇଁ ପ୍ରତିଜୋନରେ ୫ ଜଣିଆ ସ୍ୱାସ୍ଥ୍ୟ ଟିମ୍‌କୁ ନିୟୋଜିତ କରାଯାଇଛି। ଉକ୍ତ ଟିମ୍‌ରେ ଜଣେ ଆୟୁଷ ଡାକ୍ତର, ଜଣେ ପବ୍ଲିକ ହେଲଥ ମ୍ୟାନେଜରଙ୍କ ସମେତ ଆଶା, ଏଏନ୍‌ଏମ ଓ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଏଥିସହ ପ୍ରତ୍ୟେକ କଣ୍ଟେନମେଣ୍ଟ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ଅତ୍ୟାବଶ୍ୟକ ସେବା ପ୍ରଦାନ ନିମିତ୍ତ ସ୍ୱତନ୍ତ୍ର ହେଲପ୍ ଲାଇନ ନମ୍ବର ପୋଷ୍ଟର ଲଗାଯାଇଛି। ତେବେ କଣ୍ଟେନମେଣ୍ଟ ଜୋନ୍‌ରେ ନିୟମିତ ଭାବେ ପ୍ରତ୍ୟେକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବ୍ରହ୍ମପୁରରେ ଚାଲିଥିବା ମିଶନ କୋଭିଡ୍–୧୯ ଦ୍ୱାରା ବର୍ତ୍ତମାନ ସୁଦ୍ଧା ୨୦ କରୋନା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଥିବା ବିଏମସି ପକ୍ଷରୁ ସୂଚାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁର ସହରର ୪ନମ୍ବର ୱାର୍ଡ ସାହୁ କଲୋନୀ, ଗାନ୍ଧୀନଗର ୪ର୍ଥ ଲାଇନ୍, ତୁଳସୀନଗର ୬ଷ୍ଠ ଲାଇନ୍, ବର୍ମାକଲୋନୀ, ବ୍ୟାଙ୍କ କଲୋନୀ ପ୍ରଥମ ଲାଇନ, ଭବାନଗର ୪ର୍ଥ ଲାଇନ ଅଞ୍ଚଳର କିଛି ବ୍ୟକ୍ତିଙ୍କଠାରେ କରୋନା ସମ୍ବନ୍ଧିତ ଲକ୍ଷଣ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ରବିବାର ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିଲା। ଉକ୍ତ ଅଞ୍ଚଳକୁ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ କରାଯିବା, କଣ୍ଟେନମେଣ୍ଟ ଜୋନ ଅଞ୍ଚଳର ସମସ୍ତ ପରିବାରକୁ ପୁନଃ ନିର୍ଦ୍ଦେଶ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।


GANDHI NAGAR 4TH LN, WARD NO -23
Grocery, Milk& Other Essentials -7077024267
BeMC Land Line for Other Queries -0680-2250290
Medical Emergency -9439998623
Active Surveillance / Over All Supervision -7008142492
UPHC SNT Control Room -7008628306

GANDHI NAGAR 4TH LN, WARD NO -23
Grocery, Milk& Other Essentials -7077024267
BeMC Land Line for Other Queries -0680-2250290
Medical Emergency -9439998623
Active Surveillance / Over All Supervision -7008142492
UPHC SNT Control Room -7008628306

ବିଏମସି ପକ୍ଷରୁ ଜାରି କରାଯାଇଥିବା ହେଲପ୍ ଲାଇନ ପୋଷ୍ଟର।

## ଦୁଇ ଦୋକାନ ୧୫ ଦିନ ସିଲ୍


ମିଠାଦୋକାନ ଉପରେ ଚଢ଼ାଉ କରାଯାଉଛି।

ବ୍ରହ୍ମପୁର ଅଫିସ,୨୯।୬–

ବ୍ରହ୍ମପୁରରେ କରୋନା ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ଶନିବାରରୁ ମଙ୍ଗଳବାର ପର୍ଯ୍ୟନ୍ତ ବ୍ରହ୍ମପୁରକୁ ସମ୍ପୂର୍ଣ୍ଣ ଶଟ୍‌ଡ଼ାଉନ୍ ଘୋଷଣା କରାଯାଇଛି। କିନ୍ତୁ ସହରର କେତେଜଣ ଦୋକାନୀ ଓ ବ୍ୟବସାୟୀ ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ସୋମବାର ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବ୍ରହ୍ମପୁର ମହାନଗର ନିଗମ ଦୁଇଟି ଦୋକାନକୁ ୧୫ ଦିନ ପାଇଁ ସିଲ୍ କରିଛି। ଶଟ୍‌ଡାଉନ୍ ସତ୍ତ୍ୱେ ଜେନେନା ହସ୍ପିଟାଲ ରୋଡ୍‌ରେ ଥିବା ଏକ ଦୋକାନ ଭିତରେ ମିଠା ତିଆରି କରୁଥିବା ବେଳେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ଦୋକାନ ସିଲ୍ କରିଛି। ସେହିପରି ଗୋଲାପଲି ସାହିରେ ମଧ୍ୟ ପାନ ଦୋକାନ ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ସିଲ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ୧୪ ପଜିଟିଭ୍ ଚିହ୍ନଟ

**ଉତ୍ତର ଓଡ଼ିଶା**

ବାରିପଦା ଅଫିସ/ଭଦ୍ରକ ଅଫିସ/ କେନ୍ଦୁଝର/ ପାଟଣା, ୨୯।୬ (ସ୍ୱ.ପ୍ର./ଡି.ଏନ୍.ଏ.)

ଉତ୍ତର ଓଡ଼ିଶାରେ ସୋମବାର ଆଉ ୧୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ମୟୂରଭଞ୍ଜ ଜିଲାରୁ ୫, କେନ୍ଦୁଝରର ୭ ଓ ଭଦ୍ରକ ଜିଲାରୁ ୨ ଜଣ ରହିଛନ୍ତି। ୫ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୟୂରଭଞ୍ଜ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୧କୁ ବୃଦ୍ଧି ପାଇଛି। ଚିହ୍ନଟ ହୋଇଥିବା ୫ ଜଣଙ୍କ ମଧ୍ୟରୁ ୪ ଜଣ ସଙ୍ଗରୋଧ କେନ୍ଦ୍ରର ଓ ଜଣେ ଲୋକାଲ କେଶ୍। ଲୋକାଲ ଜଣକ ବଡ଼ସାହି ବ୍ଲକ ଅଞ୍ଚଳର ଜଣେ କୋଭିଡ୍ ଯୋଦ୍ଧା ବୋଲି ପ୍ରଶାସନ ସୂଚନା ଦେଇଛି। ବିଜାତଳା, ଶୁକୃଳି, ବଡ଼ସାହି ବ୍ଲକରୁ ଜଣେ ଲେଖାଏ ଏବଂ ବାଙ୍ଗିରିପୋଷି ବ୍ଲକରୁ ୨ ଜଣ ଚିହ୍ନଟ ହୋଇଛନ୍ତି।

ଭଦ୍ରକ ଜିଲାରେ ୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୨୯ ଛୁଇଁଛି। ଆକ୍ରାନ୍ତ ଦ୍ୱୟ ମହାରାଷ୍ଟ୍ର ଫେରନ୍ତା। ଜଣେ ଭଦ୍ରକ ପୌରପାଳିକା ଓ ଅନ୍ୟ ଜଣେ ବାସୁଦେବପୁର କରଞ୍ଜଆଡ଼ିଆ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି। ରବିବାର ସାହାରପଡା ବ୍ଲକ ଅଞ୍ଚଳରୁ ୨ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହି ଦୁଇ ଆକ୍ରାନ୍ତ ସ୍ତ୍ରୀ ଓ ସ୍ୱାମୀ ବୋଲି ସୂଚନା ମିଳିଛି। ଉଭୟ ହାଇଦ୍ରାବାଦରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ।

## ଗଞ୍ଜାମରେ କରୋନା ନେଲାଣି ୧୨ ଜୀବନ

ଦିନକରେ ୯୬ ଆକ୍ରାନ୍ତ ଚିହ୍ନଟ, ୧୩୬୭ରେ ପହଞ୍ଚିଲା ସଂଖ୍ୟା

ଛତ୍ରପୁର,୨୯।୬(ଡି.ଏନ.ଏ)

ଗଞ୍ଜାମ ଜିଲାରେ କରୋନାରେ ଆଉ ୨ ଜଣଙ୍କ ଜୀବନ ଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଫଳରେ ଜିଲାରେ କରୋନାରେ ମୃତକଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ସେପଟେ ସୋମବାର ଆଉ ୯୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୬୭ରେ ପହଞ୍ଚିଛି। ସେହିପରି ୬୦ ଜଣ ଆକ୍ରାନ୍ତ ସୁସ୍ଥ ମଧ୍ୟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୯୫୨ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଆହୁରି ୪୦୩ ଜଣ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ସୋମବାର ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ଜଣ କରୋନା ଯୋଦ୍ଧା ରହିଥିବା ବେଳେ ୭ ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ରହିଛି। ଅନ୍ୟ ୭୧ ଜଣ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି।

## ମୁଜାଗଡ଼ ରେଞ୍ଜରେ ବାଘ ଆତଙ୍କ



ଭଞ୍ଜନଗର,୨୯।୬(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜରେ ପୁଣି ବାଘ ଆତଙ୍କ ଦେଖାଦେଇଛି । ରେଞ୍ଜ ଅନ୍ତର୍ଗତ ବାଇବାଲି ଗ୍ରାମରୁ ଗତ ଶୁକ୍ରବାର ରାତିରେ ବାଘ ଏକ ବାଛୁରୀକୁ ଘୋଷାଡ଼ି ନେଇ ମାରି ଦେଇଛି। ବାଛୁରୀ ରଡ଼ି ଶୁଣି ଲୋକେ ଉଠି ହୋହଲ୍ଲା କରିବାରେ ବାଘ ଛାଡି ପଳାଇଥିବା ଗ୍ରାମର କେତେଜଣ କହିଛନ୍ତି। ଖବରପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ବାଘ ପାଦ ଚିହ୍ନକୁ ପ୍ଲାଷ୍ଟର ପ୍ୟାରିସ୍‌ରେ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି । ଏ ନେଇ ବିଭାଗ ପାଖରେ ଖବର ଥିବା ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି। ଏସିଏଫ୍ ସୁଦର୍ଶନ ବାଦୀ ଘଟଣାସ୍ଥଳକୁ ତଦନ୍ତ କରିଛନ୍ତି। ପ୍ଲାଷ୍ଟର ପ୍ୟାରିସ୍ ରିପୋର୍ଟ ଆସିବା ପରେ ତାହା ବାଘ କି ନାହିଁ ଜଣାପଡ଼ିବ। ସୂଚନାଯୋଗ୍ୟ, ଏହା ପୂର୍ବରୁ ରମ୍ଭା ସେକ୍ସନର ଉଲିଙ୍ଗିଆରେ ମଧ୍ୟ ଜଣଙ୍କ ଗାଈ ବାଛୁରୀକୁ ବାଘ ମାରିଥିବା ଅଭିଯୋଗ ହୋଇଥିଲା। ବନ ବିଭାଗ ବିଳମ୍ବରେ ଏହି ଘଟଣା ଜାଣିଥିବାରୁ ପାଦ ଚିହ୍ନ ସଂଗ୍ରହ କରାଯାଇ ପାରି ନ ଥିଲା।

## ଆବାସ ଯୋଜନାରେ ଦୁର୍ନୀତି

**ଅଭିଯୋଗ ପରେ ବି ତଦନ୍ତ ହେଉନି**

ଭଦ୍ରକ ଅଫିସ, ୨୯।୬

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ସାନକାଳିଦାସପୁର ଗ୍ରାମରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ବି ଘଟଣାର ତଦନ୍ତ ହେଉନାହିଁ।

ଅଭିଯୋଗ ଅନୁଯାୟୀ ଗ୍ରାମର ଜଣେ ବ୍ୟକ୍ତିଙ୍କର ପକ୍କା ଘର ନ ଥିବା ବେଳେ ତାଙ୍କ ନାମରେ ବିଲ୍ କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଛି। ସେହିପରି ଅନ୍ୟ କେତେଜଣ ବ୍ୟକ୍ତି ପୁରୁଣା ଘର ଦେଖାଇ ନୂତନ ଆବାସ ଯୋଜନାରେ ବିଲ୍ କରିନେଇଛନ୍ତି। ଯାହାକି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ଏପରିକି ଚାକିରିଆ ଲୋକଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ଜିଓଟ୍ୟାକ୍ ସମୟରେ ହିତାଧିକାରୀଙ୍କୁ ଅନ୍ୟ ଏକ ଘର ସମ୍ମୁଖରେ ଠିଆ କରାଇ ଫଟୋ ଲଗାଇ ବିଲ୍ କରାଯାଇଥିବା ଦେଖିବାକୁ ମିଳିଛି। ଆଶାୟୀ ତାଲିକାରେ ଗ୍ରାମରେ ନ ଥିବା ଲୋକଙ୍କୁ ମଧ୍ୟ ସାମିଲ କରାଯାଇଛି। ଏନେଇ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତାଙ୍କୁ ପଚାରିବାରୁ ସେ ସମ୍ପର୍କରେ ତାଙ୍କ ପାଖରେ କିଛି ସୂଚନା ନାହିଁ ବୋଲି କହିଛନ୍ତି। ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସେ ଏ ବିଷୟରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ହେଲେ ଅଶେଷ

ଦିଗପହଣ୍ଡି, ୨୯।୬(ଡି.ଏନ.ଏ.)



ନବନିର୍ବାଚିତ ସମ୍ପାଦକଙ୍କ ସହ ଅଧକ୍ଷ ଏବଂ ସଭ୍ୟ।

ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶ ପ୍ରକାରେ ନିର୍ବାଚନ ଅଧିକାରୀ ପ୍ରଭାକର ରାଉତଙ୍କ ଉପସ୍ଥିତିରେ ସୋମବାର ଦିଗପହଣ୍ଡି ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ଭାବେ ଅଶେଷ ନାଥ ମିଶ୍ରଙ୍କୁ ମନୋନୀତ କରାଯାଇଛି। ସଂଘର ମନୋନୀତ ଅଧକ୍ଷ ପରେଶ ଚନ୍ଦ୍ର ରଥଙ୍କ ଦ୍ୱାରା ସମ୍ପାଦକ ପଦବୀ ନିମନ୍ତେ ଆଗତ ପ୍ରସ୍ତାବକୁ ଓକିଲ ସଂଘ ଅନ୍ତରୀଣ କମିଟିର ଅନ୍ୟତମ ସଦସ୍ୟ ସୁରେଶ ଚନ୍ଦ୍ର ସାହୁ ସମର୍ଥନ କରିଥିଲେ। ନବନିର୍ବାଚିତ ସମ୍ପାଦକ ଅଶେଷ ନାଥ ମିଶ୍ରଙ୍କୁ ସଂଘର ଅଧକ୍ଷ ଓ ଉପସ୍ଥିତ ସଦସ୍ୟବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ପରେ ସଂଘର ଅଧକ୍ଷଙ୍କ ସଭାପତିତ୍ୱରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇ ରାଜ୍ୟ ବାର୍ କାଉନସିଲର ଅନୁମୋଦନ ନିମନ୍ତେ ପଠାଯିବାକୁ ସର୍ବସମ୍ମତକ୍ରମେ ନିଷ୍ପତ୍ତି ନିଆଯାଇଥିଲା।

## ପର୍ଯ୍ୟବେକ୍ଷଣ ଆବାସରେ ନାବାଳକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୨୯।୬


ପର୍ଯ୍ୟବେକ୍ଷଣ ଆବାସ।

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ପର୍ଯ୍ୟବେକ୍ଷଣ ଆବାସରେ ରହୁଥିବା ଜଣେ ନାବାଳକ ଅନ୍ତେବାସୀ ରବିବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ପର୍ଯ୍ୟବେକ୍ଷଣ ଆବାସ ଅଧୀକ୍ଷକ ପି.କେ. ହାରା ସୋମବାର ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଆବାସର ଏକ ଶୌଚାଳୟରେ ଅନ୍ତେବାସୀ ଜଣକ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲା ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ନଂ.୨୯୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମାଜିଷ୍ଟ୍ରେଟ, ପୋଲିସ ଓ ଆବାସ ଅଧୀକ୍ଷକଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଥିଲା। ପରେ ବ୍ୟବଚ୍ଛେଦ ପାଇଁ ବଡ ମେଡିକାଲକୁ ପଠାଯାଇଛି ବୋଲି ଥାନାଧିକାରୀ ଦାସ ସୂଚନା ଦେଇଛନ୍ତି। ଅନ୍ତେବାସୀ ଜଣକ କାହିଁକି ଆତ୍ମହତ୍ୟା କରିଛନ୍ତି ସେ ନେଇ କୌଣସି ସୂଚନା ମିଳିପାରିନାହିଁ ବୋଲି ପୋଲିସ କହିଛି। ମୃତ କଙ୍କ ପରିବାର ଲୋକଙ୍କୁ ମଧ୍ୟ ଏନେଇ ଖବର ଦିଆଯାଇଛି। ଅନ୍ତେବାସୀ ଜଣଙ୍କ ନବରଙ୍ଗପୁର ଜିଲାର ହୋଇଥିବା ବେଳେ ସେ ଗତ ୨୪ ତାରିଖରେ ଏକ ପୋକ୍‌ସୋ ମାମଲାରେ ବାଳସୁଧାର ଗୃହକୁ କୋର୍ଟ ନିର୍ଦ୍ଦେଶରେ ଆସିଥିବା ଅଧୀକ୍ଷକ ହାରା କହିଛନ୍ତି। ସେ ଡର୍ମେଟୋରି ୩ରେ ରହୁଥିଲେ। ସେଥିରେ ୧୭ ଜଣ ଅନ୍ତେବାସୀ ରହୁଥିଲେ। ସୋମବାର ସକାଳେ ଜଣେ ଅନ୍ତେବାସୀ ପରିସ୍ରା କରିବାକୁ ଶୌଚାଳୟ ଯିବା ବେଳେ ସେଠାରେ ଆତ୍ମହତ୍ୟା କରିଥିବା ସେ ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ଆବାସ ଅଧୀକ୍ଷକଙ୍କୁ ଜଣାଇଥିଲେ।

## ପୋଖରୀରେ ବୁଡ଼ି ଜୀବନ ଗଲା

ରାଇରଙ୍ଗପୁର,୨୯।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ବଡ଼ଭୁଣ୍ଡୁ ଗ୍ରାମରେ ପୋଖରୀରେ ବୁଡ଼ି ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଦୁଃଖିଆ ମୁର୍ମୁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୦୨୦) ରୁଜୁ ହୋଇଛି। ସକାଳେ ସେ ଗାଧୋଇବା ପାଇଁ ଯାଇ ଦୀର୍ଘସମୟ ଧରି ଘରକୁ ଫେରି ନ ଥିଲେ। ପୋଖରୀ କୂଳରେ ତାଙ୍କ ପୋଷାକ ପଡ଼ିଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରିବାରୁ ପୋଖରୀ ମଧ୍ୟରୁ ମୃତଦେହ ଉଦ୍ଧାର କରିଥିଲେ।

## ୬ ପୋଲିସ, ୨ ଅଗ୍ନିଶମ କର୍ମଚାରୀ କରୋନା ଆକ୍ରାନ୍ତ

ବୁଗୁଡ଼ା,(ଡି.ଏନ୍.ଏ.)୨୯।୬

ବୁଗୁଡ଼ା ଥାନାର ୬ ପୋଲିସ (ଓଏସ୍‌ଏପି) କର୍ମଚାରୀ ଓ ସ୍ଥାନୀୟ ଅଗ୍ନିଶମ ବିଭାଗର ଆଉ ୨ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ରବିବାର ବିଳମ୍ବିତ ରାତିରେ କୋଭିଡ ହସ୍ପିଟାଲକୁ ପଠାଯାଇଛି। ଅପରପକ୍ଷେ ବୁଗୁଡ଼ା ବ୍ଲକ ଗୌଡ଼ିଆବୋରଦା ପଞ୍ଚାୟତ କାନସୁକା ଗ୍ରାମରେ ଜଣେ କରୋନା ଆକ୍ରାନ୍ତ ହୋଇଥିବା ଯୋଗୁ ତାଙ୍କୁ ମଧ୍ୟ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। କାନଶୁକା ଗ୍ରାମରେ କରୋନା ପଜିଟିଭ ବାହାରିଥିବା ଯୋଗୁ ଉକ୍ତ ଗ୍ରାମରେ କରୋନା ସଂକ୍ରମଣକୁ ପ୍ରତିହତ ସକାଶେ ଉକ୍ତ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିବାକୁ ଉଦ୍ୟମ କରାଯାଉଛି। ସୋମବାର ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ବିଡିଓ ତନ୍ମୟ ପାତ୍ର ଉକ୍ତ ଗ୍ରାମକୁ ଯାଇ ପରିସ୍ଥିତି ଲକ୍ଷ୍ୟ ରଖି ତାକୁ କଣ୍ଟେନ୍‌ମେଣ୍ଟ ଜୋନ କରିବା ପାଇଁ ଜିଲାପାଳଙ୍କ ନିକଟକୁ ସୁପାରିସ କରିଛନ୍ତି।

## ବିଦ୍ୟାଳୟ ପରିସରରେ ସନ୍ଦେହଜନକ ମୃତ୍ୟୁ

ବାରିପଦା ଅଫିସ,୨୯।୬

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ତୁଳସୀଚଉରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୋମବାର ବିଦ୍ୟାଳୟ ପରିସରରେ ଥିବା ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ କରତବସା ଅଞ୍ଚଳର ପଣ୍ଡା ସିଂ (୫୦)। ମାନସିକ ବିକୃତି ଥିବାରୁ ସେ ପୂର୍ବରୁ ୩ ଥର ଘର ଛାଡ଼ି ପଳାଇ ଯାଇଥିବା ମୃତ ପଣ୍ଡାଙ୍କ ସ୍ତ୍ରୀ ବତୀ ସିଂ କହିଛନ୍ତି। ତେବେ ଝୁଲନ୍ତା ଅବସ୍ଥାରେ ଗୋଡ଼ ତଳେ ଲାଗିଥିବାରୁ ପଣ୍ଡାଙ୍କୁ କେହି ହତ୍ୟା କରିଥିବା ନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

## ଅନ୍ଧାରରେ ପାଟଣା ଅଞ୍ଚଳ

ପାଟଣା,୨୯।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସବଷ୍ଟେଶନକୁ ରବିବାର ଅପରାହ୍ନ ୨ଟାଠାରୁ ୧୬ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ହେବା ଫଳରେ ମୁଖ୍ୟାଳୟସ୍ଥିତ ସମସ୍ତ ସରକାରୀ କାର୍ଯ୍ୟାଳୟ ସହ ପାଟଣା ଓ ତୁରୁମୁଙ୍ଗା ଅଞ୍ଚଳର ୨୧ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। ଦୀର୍ଘ ୮୦ କି.ମି.ବ୍ୟବଧାନ ପଳାଶପଙ୍ଗା ଗ୍ରୀଡରୁ ପାଟଣାକୁ ବିଦ୍ୟୁତ ସଂଯୋଗ ହୋଇଥିବାରୁ ମରାମତି କରିବାରେ ଦୀର୍ଘସମୟ ଲାଗୁଥିବା ବିଭାଗ ତରଫରୁ ସଫେଇ ଦିଆଯାଉଛି। ଫଳରେ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡୁଛି। ଅଞ୍ଚଳରେ ସାମାନ୍ୟ ବର୍ଷା ଘଡଘଡିରେ ଦିନ ଦିନ ଧରି କରେଣ୍ଟ ରହୁନାହିଁ। ଏସମ୍ପର୍କରେ ଏସଡିଓ କାର୍ତ୍ତିକ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ବର୍ଷା ଓ ବଜ୍ରପାତ ଫଳରେ ରବିବାର ଖିରେଇଟାଙ୍ଗିରିରେ ଏକ ଟ୍ରମ୍ପ ଲାଇନ ଖୁଣ୍ଟ ଉପୁଡ଼ି ପଡିଛି। ତୁରୁମୁଙ୍ଗାରୁ ପାଟଣା ମଧ୍ୟରେ ବଜ୍ରପାତ ଯୋଗୁ ୨୦ରୁ ଅଧିକ ଇନ୍‌ସୁ୍ୟଲେଟର ଫାଟି ଯିବା ଫଳରେ ମରାମତି କରିବାରେ ସମୟ ଲାଗୁଛି। ମରାମତିରେ ଆମର ସମସ୍ତ କର୍ମଚାରୀ ଲାଗିଥିବା ସେ କହିଛନ୍ତି।

## ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ବାରିପଦା ଅଫିସ/ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ/କେନ୍ଦୁଝର, ୨୯।୬(ସ୍ୱ.ପ୍ର/ଡି.ଏନ.ଏ.)

ତୈଳ ଦର ବୃଦ୍ଧି ପ୍ରତିବାଦରେ ସୋମବାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଜିଲାର ବନ୍ତ, ଧାମନଗର ଏବଂ ବାଲେଶ୍ୱର ଜିଲାର ବାଲିଆପାଳ ସହ ବିଭିନ୍ନ ସ୍ଥାନରେ କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଅଧାପନ୍ତରିଆ ରାସ୍ତାକୁ ନେଇ ଅସନ୍ତୋଷ

ବାଲେଶ୍ୱର ଅଫିସ, ୨୯।୬


ଆଜିମାବାଦ ଛକରେ ନୂତନ ଡ୍ରେନ୍ ଓ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି।

ବାଲେଶ୍ୱର ସହରର ବିଭିନ୍ନ ମୁଖ୍ୟ ରାସ୍ତା ସହ ଅନେକ ରାସ୍ତା ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ରହିଛି। ମରାମତି ଓ ନବୀକରଣ ପାଇଁ ରାସ୍ତାକଡ଼ରେ ବାଲି, ମେଟାଲ, ଚିପ୍ସ ପଡ଼ି ରହୁଥିବାରୁ ଟ୍ରାଫିକ୍ ଜାମ୍ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ସହରବାସୀ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗତ ୨୦୧୮–୧୯ ଆର୍ଥିକ ବର୍ଷରେ ସହରର ବିଭିନ୍ନ ରାସ୍ତା ନବୀକରଣ ଓ ମରାମତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ୩୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଭିନ୍ନ କାରଣ ଦର୍ଶାଇ ଠିକାଦାର ଉକ୍ତ କାର୍ଯ୍ୟକୁ ସମ୍ପାଦନ ନ କରିବାରୁ ସହରବାସୀ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଠିକାଦାରମାନେ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ଅଭିଯୋଗ ପାଇବା ପରେ ମଧ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ ଠିକ୍ ଭାବେ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି।

ଷ୍ଟେଶନଛକରୁ ପାତ୍ରପଡ଼ା ୪ କି.ମି. ଡ୍ରେନ୍, ପିଚୁ ଓ କଂକ୍ରିଟ୍ ରାସ୍ତା କାର୍ଯ୍ୟ ସହିତ ଓଟିରୋଡ୍‌ରୁ ଶୋଭାରାମପୁର ଦେଇ ସୁରଜ ହୋଟେଲ ଛକ, ଚିଡ଼ିଆପୋଲରୁ ଦର୍ଜିପୋଖରୀ ଛକ ଭାୟା ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ, ଆଜିମାବାଦରୁ ମଲ୍ଲିକାଶପୁର ଶାନ୍ତିକାନନ ରାସ୍ତା, ଦେୱାନୀପାଟଣାରୁ ପାତ୍ରପଡ଼ା ଭାୟା କନକଦୁର୍ଗା ମନ୍ଦିର, ବୈରାମନଗର ଛକରୁ କାଦ୍ରି ମସଜିଦ୍ ଛକ ଓ ଗଡ଼ଗଡ଼ିଆରୁ ପୁରୁଣାବାଲେଶ୍ୱର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଦୀର୍ଘ ୨ବର୍ଷ ଧରି ଜାରି ରହିଛି। ଅଧିକାଂଶ ରାସ୍ତାର କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ସବୁରାସ୍ତା ଅଧପନ୍ତରିଆ ଅବସ୍ଥାରେ ଥିବା ବେଳେ ରାସ୍ତାକଡ଼ରେ ନିର୍ମାଣ ସାମଗ୍ରୀ ପଡ଼ିରହିଛି। ସାମଗ୍ରୀଗୁଡ଼ିକ ରାସ୍ତା ଉପରେ ପଡ଼ି ରହିବା ଫଳରେ ଲୋକେ ଯାତାୟାତ କରିବାରେ ନାନା ସମସ୍ୟା ଭୋଗୁଛନ୍ତି। ରାସ୍ତାର ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଲୋକଙ୍କ ଆପତ୍ତିକୁ ଭ୍ରୂକ୍ଷେପ କରୁ ନାହାନ୍ତି କି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ବିଭାଗୀୟ ଉଦାସୀନତା ଯୋଗୁ ଆନ୍ଦୋଳନ ଦାନା ବାନ୍ଧୁଛି।

ଏନେଇ ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ମହେଶ ଚନ୍ଦ୍ର ମହାନ୍ତି କୁହନ୍ତି, ଗତ ସାଧାରଣ ନିର୍ବାଚନ, 'ଫନୀ' ବାତ୍ୟା, ଠିକାଦାରଙ୍କ ଆନ୍ଦୋଳନ, ସ୍ଥାନୀୟ ଲୋକଙ୍କ ଜବରଦଖଲ ଉଚ୍ଛେଦଜନିତ ସମସ୍ୟା ସହିତ କରୋନା ମହାମାରୀ ସ୍ଥିତିର ଲକ୍‌ଡାଉନ୍ ଏବଂ ଶଟ୍‌ଡାଉନ୍ ବିଭିନ୍ନ କାରଣ ଯୋଗୁ କାର୍ଯ୍ୟରେ ବିଳମ୍ବ ହେଉଛି। ଉପରୋକ୍ତ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରାଯାଉଛି। ଆସନ୍ତା ନଭେମ୍ବର ସୁଦ୍ଧା କାର୍ଯ୍ୟ ସବୁ ସମ୍ପୂର୍ଣ୍ଣ ହୋଇଯିବ।

ଧରିତ୍ରୀ
DHARITRI
ମଙ୍ଗଳବାର, ୩୦ ଜୁନ୍, ୨୦୨୦



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

**ବୌଦ୍ଧ,୨୯।୬(ସ୍ୱ.ପ୍ର.):** ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଗମ୍ଭାରୀପଦର ଛକଠାରେ ସୋମବାର ସନ୍ଧ୍ୟାରେ ଏକ ବାଇକ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି ଓ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଗୁଡ଼ୀଆଳୀ ଗ୍ରାମର ତିନିଜଣ ଯୁବକ ବୌଦ୍ଧ ପଟୁ ଏକ ବାଇକ୍( ଓଡି ୨୭ ବି -୦୫୩୧) ଯୋଗେ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ସୋନପୁର ପଟରୁ ଆସୁଥିବା ଏକ କାର (ଓଡି ୨୭ ୨୩୨୨) ସହିତ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଆହତମାନଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । ସେଠାରେ ବାଇକ୍ ଆରୋହୀ ଗୁଡ଼ୀଆଳୀ ଗ୍ରାମର ତ୍ରିଲୋଚନ ପ୍ରଧାନ(୩୨)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ବାଇକ୍‌ରେ ବସିଥିବା ଅନ୍ୟ ଦୁଇଜଣ ଶମ୍ଭୁ ନାଏକ(୪୨) ଓ ଶାନ୍ତନୁ ମଲ୍ଲିକ(୩୨) ଚିକିତ୍ସାଧୀନ ଅଛନ୍ତି । କାର ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। ପୋଲିସ ଉଭୟ ଗାଡି ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ଜୁଆଆଡ୍ଡା ଉପରେ ଚଢ଼ାଉ : ୫ ଗିରଫ, ୬ ବାଇକ ଜବତ

**ଲୋଇସିଂହା,୨୯।୬(ଡି.ଏନ.ଏ.):** ପୋଲିସ ପକ୍ଷରୁ ରବିବାର ଅପରାହ୍ନରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବାଦିମୁଣ୍ଡାଠାରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି । ଏହାଛଡା ସେଠାରୁ ଘୁଡୁଘୁଡୁ ପଟି, ଗୁଟି, ୪୯୬୦ ଟଙ୍କା ଓ ୬ଟି ବାଇକ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ମନୋଜ ଅଗ୍ରୱାଲ, ବେଡା ମେହେର ,ବିପ୍ରପ୍ରସାଦ ମେହେର,ବୀରେନ୍ଦ୍ର ସୁନା ଓ ରାହୁଲ ମହମ୍ମଦ । ଘଟଣାସ୍ଥଳରୁ ଅନ୍ୟ ୫ ଜଣ ଫେରାର ହୋଇ ଯାଇଥିବା ପୋଲିସ କହିଛି । ଗିରଫ ବ୍ୟକ୍ତିମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଗୁରବେଡା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା କହିଛନ୍ତି । ଏନେଇ ଥାନାରେ ଏକ ମାମଲା (ନଂ ୨୦୩/୨୦) ରୁଜୁ ହୋଇଛି ।

### ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଝାରସୁଗୁଡା ଅଫିସ,୨୯।୬:** ଝାରସୁଗୁଡା ଜିଲା ଲଇକେରା ସମାସିଂହା ଗ୍ରାମର ଦିବ୍ୟକୁମାର ଖାଡି ଗତ ଶୁକ୍ରବାର ଏକ ଗାଡିରେ ଲୋକଙ୍କୁ ନେଇ ଯାଉଥିବା ବେଳେ ରାସ୍ତାରେ ଠିଆ ହୋଇଥିବା ଟ୍ରକ୍ ସହିତ ତାଙ୍କ ଗାଡିର ଧକ୍କା ହୋଇଥିଲା। ଫଳରେ ଦିବ୍ୟସିଂହଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଏଣୁ ତାଙ୍କ ପରିବାର ଓ ସ୍ଥାନୀୟ ଲୋକେ ସମାସିଂହା ମୁଖ୍ୟ ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ସେମାନେ ଉଠିଥିଲେ।

### ଶ୍ରମିକଙ୍କୁ ୨ଶହ ଦିନ କାର୍ଯ୍ୟ ଯୋଗାଇ ଦେବାକୁ ଦାବି

**ଦେଓଗାଁ,୨୯।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଶ୍ରମିକମାନଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨ଶହ ଦିନ କାର୍ଯ୍ୟ ଯୋଗାଇ ଦେବା ପାଇଁ ବ୍ଲକ ଲୋକଉନ୍ନତି ସଂଗଠନ ତରଫରୁ ସୋମବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ବ୍ଲକ ସଭାପତି ପୁରନ୍ଦର ଭୋଇଙ୍କ ନେତୃତ୍ୱରେ ୨୦ଜଣ ସ୍ୱେଚ୍ଛାସେବୀ ବିଡିଓ ନବୀନ କିଶୋର ପାଢ଼ୀଙ୍କୁ ସାକ୍ଷାତ କରିଥିଲେ। କରୋନା ମହାମାରୀ ଯୋଗୁଁ ବର୍ତ୍ତମାନ ବ୍ଲକକୁ ହଜାର ସଂଖ୍ୟକ ପ୍ରବାସୀ ଶ୍ରମିକ ପରିବାର ଆସିଥିବା ବେଳେ ଏଠାରେ ରହୁଥିବା ଶ୍ରମିକମାନେ ମଧ୍ୟ କାମ ନପାଇ ପେଟ ଚିନ୍ତାରେ ରହିଛନ୍ତି । ଏଣୁ ସରକାରଙ୍କ ଏମଜିଏନଆରଇଜିଏ ତଥା ଅନ୍ୟାନ୍ୟ ଯୋଜନାରେ ସମସ୍ତ ଶ୍ରମିକଙ୍କୁ ଅତିକମରେ ୨ଶହ ଦିନର କାର୍ଯ୍ୟ ଯୋଗାଇ ଦେବା ପାଇଁ ସେମାନେ ଦାବି କରିଥିଲେ।

# ହାତୀଶାଳପଡ଼ା ହେଲା କଣ୍ଟେନମେଣ୍ଟ ଜୋନ୍

**ବଲାଙ୍ଗୀର ଅଫିସ, ୨୯।୬**

ଦୀର୍ଘଦିନର ବ୍ୟବଧାନ ପରେ ବଲାଙ୍ଗୀରରେ କରୋନା ସଂକ୍ରମଣ ପୁଣି ଥରେ ମୁଣ୍ଡବ୍ୟଥାର କାରଣ ପାଲଟିଛି। କିଛିଦିନ ତଳେ ବଲାଙ୍ଗୀର ସହର ହାତୀଶାଳପଡାରେ ଦୁଇଜଣ କରୋନା ସଂକ୍ରମିତ ଲୋକାଲ କଣ୍ଟାକ୍ଟ ବୋଲି ଚିହ୍ନଟ ହୋଇଥିଲା। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେହି ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇଥିଲା । ୭୩ ଜଣଙ୍କଠାରୁ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା । ସେମାନଙ୍କ ରିପୋର୍ଟ ଆସି ନ ଥିବାବେଳେ ସୋମବାର ସକାଳେ ହାତୀଶାଳପଡାକୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଦୁଇଟି ଆମ୍ବୁଲାନ୍ସ ନେଇ ପହଞ୍ଚିବା ପରେ ପଡାରେ ଭୟର ବାତାବରଣ ଦେଖାଦେଇଛି। ମେଡିକାଲ ଟିମ୍ ପଡାର କେତେକଙ୍କୁ ଆମ୍ବୁଲାନ୍ସରେ ନେବା ପରେ ସେମାନେ କରୋନା ସଂକ୍ରମିତ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଥିଲା । ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ବଲାଙ୍ଗୀର ମ୍ୟୁନିସିପାଲିଟିର ହାତୀଶାଳପଡାକୁ କଣ୍ଟେନମେଣ୍ଟ ଜୋନ୍


ବଲାଙ୍ଗୀର ହାତୀଶାଳପଡାରେ ମେଡିକାଲ ଟିମ୍ ଓ ଆମ୍ବୁଲାନ୍ସ ପହଞ୍ଚିଛି ।

ଘୋଷଣା କରାଯାଇଛି । ଜିଲାପାଳ ଅରିନ୍ଦମ ଡାକୁଆ ଏ ନେଇ ନୋଟିସ୍ ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମାରେ ହାତୀଶାଳପଡାର ଲକ୍ଷ୍ମୀଯୋର ଖଣ୍ଡିକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ଏହା ସହିତ ପଡାର ଅନ୍ୟ ଅଞ୍ଚଳକୁ ବଫର ଜୋନ୍ ଘୋଷଣା କରାଯାଇଛି । ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କେତେ ଜଣ ସଂକ୍ରମିତ ହୋଇଛନ୍ତି ତାହା ସ୍ପଷ୍ଟ କରାଯାଇନାହିଁ । ତେବେ ପଡାରୁ ୧୩ଜଣଙ୍କୁ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆମ୍ବୁଲାନ୍ସରେ ନେଇଥିବା କୁହାଯାଉଛି । କଣ୍ଟେନମେଣ୍ଟ ଜୋନ୍ ଘୋଷଣା ପରେ ଏହି ଅଞ୍ଚଳରେ କୋଭିଡ-୧୯ ନିର୍ଦ୍ଦେଶନାମାକୁ କଡାକଡି ଭାବେ ଲାଗୁ କରାଯାଇଛି ।

ଠିକାଦାରପଡା ଛକରୁ ପବ୍ଲିକ୍ ସ୍କୁଲ ରାସ୍ତା, ଓଡେଶା ଭବନ, ମିଶନ୍ ପଡିଆ ରାସ୍ତା ସୋମ୍ ପାନ ଦୋକାନ ପାଖ, ଟାଉନହଲ ସଂଲଗ୍ନ ରାସ୍ତାକୁ ସିଲିଂ ପଏଣ୍ଟ କରାଯାଇଛି । ଏହି ଜୋନ୍‌ରେ ସମସ୍ତ ପ୍ରକାର ଯାନବାହନ ଚଳାଚଳ, ଲୋକଙ୍କ ଯିବା ଆସିବା ଉପରେ ପ୍ରତିବନ୍ଧକ ଲାଗାଯାଇଛି । ଏଠାକାର କୌଣସି ଅଧିବାସୀ ବାହାରକୁ ନ ଯିବା ଓ ବାହାରର କୌଣସି ଅଧିବାସୀ କଣ୍ଟେନମେଣ୍ଟ ଜୋନ ଭିତରକୁ ପ୍ରବେଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅଞ୍ଚଳର ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅଫିସ ଓ ଅନୁଷ୍ଠାନ ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ନହେବା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଅବଧି ବଳବତ୍ତର ରହିବ ବୋଲି କୁହାଯାଇଛି। ଏହି ଅଞ୍ଚଳରେ ସାନିଟେସନ୍ ପାଇଁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବି.ପି.ଦୀପ, ଅଗ୍ନିଶମ ଅଧିକାରୀ ଏସ୍.ଏସ୍.ସିଂ, ଖାଦ୍ୟ ଯୋଗାଣ ପାଇଁ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ ଓ ଏସିଏସ୍‌ଓ ବି.କେ.ମରାଣ୍ଡି, ଆଇନଶୃଙ୍ଖଳା ପାଇଁ ଟାଉନ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ସ୍ୱାସ୍ଥ୍ୟ ସେବା ପାଇଁ ଡା ପରିସ୍ମିତା ସାହୁ ଏବଂ ସମସ୍ତ କାର୍ଯ୍ୟ ତଦାରଖ ପାଇଁ ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ମଙ୍ଗଳବାରଠାରୁ ଏହି ଅଞ୍ଚଳରେ ଘରକୁ ଘର ସର୍ଭେ ଓ କଣ୍ଟାକ୍ଟ ଟ୍ରେସିଂ ପାଇଁ ଟିମ୍ ପ୍ରସ୍ତୁତ ରହିବାକୁ ଜିଲାପାଳ ଡାକୁଆ ନିର୍ଦ୍ଦେଶ ଦେଇଛନ୍ତି ।

# ଗର୍ଭବତୀଙ୍କୁ କରୋନା

**ଲାଠୋର, ୨୯।୬(ଡି.ଏନ.ଏ.)**

**କରୁଆଁଝର ପଞ୍ଚାୟତ ୪୮ଘଣ୍ଟା ଶଟ୍‌ଡାଉନ ଘୋଷିତ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମରେ ଜଣେ କରୋନା ରୋଗୀ ଚିହ୍ନଟ ହେବାରୁ ତାଙ୍କୁ ବଲାଙ୍ଗୀର କୋଭିଡ ହସ୍ପିଟାଲକୁ ପଠାଯାଇଛି। ସଂକ୍ରମଣ ଅଧିକ ଯେପରି ନ ବ୍ୟାପେ ସେଥିଲାଗି ସରପଞ୍ଚ ବିଜୟଲକ୍ଷ୍ମୀ ବାଗ ପଞ୍ଚାୟତ ଅଧୀନ ୫ଖଣ୍ଡ ଗ୍ରାମକୁ ମଙ୍ଗଳବାର ସକାଳ ୬ଟାରୁ ଗୁରୁବାର ସକାଳ ୬ଟା ପର୍ଯ୍ୟନ୍ତ ୪୮ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସୂଚନାମତେ ତେଲେଙ୍ଗାନା ରାଜ୍ୟ ୱାରଙ୍ଗଲକୁ ଦାଦନ ଖଟିବାକୁ ଯାଇ ସାନଗୁର୍ଜିଭଟା ଗ୍ରାମର ଜଣେ ଗର୍ଭବତୀ ମହିଳା ମେ ମାସ ୨୫ତାରିଖରେ ଫେରି କରୁଆଁଝର ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସେଠାରେ ଗୋଟିଏ ଦିନ ରହିବା ପରେ ସେ ଗର୍ଭବତୀ ଥିବା ଜଣା ପଡିଥିଲା। ଏଥି ସହିତ ତାଙ୍କର ଏକ ଛୋଟ ଝିଅ ଥିବାରୁ ସରପଞ୍ଚ ଗୃହ ସଙ୍ଗରୋଧ ପାଇଁ ପଠାଇଥିଲେ। ଜୁନ ୨୫ତାରିଖରେ ତାଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ବଲାଙ୍ଗୀର ପଠାଯାଇଥିଲା। ସୋମବାର ତାଙ୍କର ରିପୋର୍ଟ ପଜିଟିଭ ଆସିଥିଲା। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ କରି ସ୍ୱାସ୍ଥ୍ୟ ବିଭାଗ ସ୍ୱାବ ପରୀକ୍ଷା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଚାହିଦା ଅନୁସାରେ ମିଳୁନି ଧାନ ବିହନ


ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲା କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଦେବଗଡ଼,୨୯।୬(ଡ଼ି.ଏନ୍.ଏ.)**

ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଅଭାବୀ ଧାନ ବିହନ ନେଇ ସୋମବାର ଏକ ଦାବିପତ୍ର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦିଆଯାଇଛି। ଜିଲାର ସମସ୍ତ ସେବା ସମବାୟ ସମିତି ମାଧମରେ ଦିଆଯାଇଥିବା ଧାନ ବିହନ ଚାଷୀଙ୍କୁ ଚାହିଦା ମୁତାବକ ମିଳୁ ନାହିଁ। ଅନ୍ୟପକ୍ଷେ ବୁଣାଯାଇଥିବା ଧାନ ବିହନ ଗଜା ହେଉନି ବୋଲି ମଧ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏଣୁ ଏହାର ଉଚିତ ତଦନ୍ତ ସହ ଉନ୍ନତମାନର ଧାନ ବିହନ ଯୋଗାଇ ଦେବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।

# ରୋଗୀ ମୃତ୍ୟୁକୁ ନେଇ ଆର୍‌ଜିଏଚ୍‌ରେ ଉତ୍ତେଜନା


ଆରଜିଏସ୍ ସମ୍ମୁଖରେ ମୃତ ରୋଗୀଙ୍କ ସମ୍ପର୍କୀୟ ଧାରଣାରେ ବସିଛନ୍ତି।

**ରାଉରକେଲା ଅଫିସ,୨୯।୬**

ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ସୋମବାର ପୂର୍ବାହ୍ନରେ ଜଣେ ରୋଗୀଙ୍କ ମୃତ୍ୟୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ଡାକ୍ତରଖାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ମୃତକଙ୍କ ସମ୍ପର୍କୀୟ ଅଡି ବସିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଡାକ୍ତରଖାନାରେ ୨ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା। ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ମାଲଗୋଦାମ ସନ୍ତୋଷି ବସ୍ତି ବାସିନ୍ଦା ରାମେଶ୍ୱର କଣ୍ଡିଆଙ୍କ ପୁଅ ହରିଶ (୨୦) ରବିବାର ଅପରାହ୍ନରେ ହଠାତ ଅସୁସ୍ଥ ହେବାରୁ ତାଙ୍କୁ ଆରଜିଏଚ୍ ଅଣା ଯାଇଥିଲା। ତାଙ୍କୁ ଚିକିତ୍ସା କରାଯାଇଥିଲା। ପରେ ହରିଶ ଗୁରୁତର ହୋଇ ପଡିଥିଲେ। ହେଲେ ଡାକ୍ତର ଓ ନର୍ସଙ୍କୁ ଖୋଜିଲାବେଳକୁ କାହାରି ଦେଖା ମିଳି ନ ଥିଲା। ଛାତି ଯନ୍ତ୍ରଣାରେ ଛଟପଟ ହେଉଥିବା ହରିଶଙ୍କୁ ଦେଖିବାକୁ ଡାକ୍ତର ଆସି ନ ଥିଲେ। ସନ୍ଧ୍ୟାରେ ଡାକ୍ତର ଆସି ହରିଶଙ୍କୁ ଦେଖିବା ବେଳକୁ ତାଙ୍କ ପ୍ରାଣ ବାୟୁ ଉଡିଯାଇ ଥିଲା। ଏହାକୁ ନେଇ ମୃତକଙ୍କ ସମ୍ପର୍କୀୟ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏଭଳି ଦୁଃଖଦ ଖବର ପାଇ ବସ୍ତି ବାସିନ୍ଦା ବିଳମ୍ବିତ ରାତି ପର୍ଯ୍ୟନ୍ତ ଡାକ୍ତରଖାନାରେ ରହି ପାଟିତୁଣ୍ଡ କରିଥିଲେ। ପୋଲିସ ପହଞ୍ଚି ବୁଝାସୁଝା କରିବାରୁ ଏମାନେ ଫେରି ଯାଇଥିଲେ। ତେବେ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପୁନଶ୍ଚ ସୋମବାର ବସ୍ତି ବାସିନ୍ଦା ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଉଚିତ ସମୟରେ ଚିକିତ୍ସା କରାଯାଇ ଥିଲେ ସେ ବଞ୍ଚି ଯାଇଥାନ୍ତା ବୋଲି ହରିଶଙ୍କ ଭଉଣୀ ନମିତା କହିଛନ୍ତି।

# ସଙ୍ଗରୋଧ କେନ୍ଦ୍ରରେ କରୋନା ପଜିଟିଭ

**ଲଇକେରା, ୨୯।୬ (ଡି.ଏନ.ଏ)**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଲଇକେରା ସଙ୍ଗରୋଧ କେନ୍ଦ୍ରରେ ଦୁଇ କରୋନା ରୋଗୀ ଚିହ୍ନଟ ପରେ ଅଇତାପାଲି ସଙ୍ଗରୋଧ କେନ୍ଦ୍ରରୁ ଆଉ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୁଦ୍ରାଯୋର ଗ୍ରାମର ଉକ୍ତ ୨୪ ବର୍ଷୀୟ ଆକ୍ରାନ୍ତ ତାମିଲନାଡୁରୁ ଆସି ଏଠାରେ ରହୁଥିଲେ । ରବିବାର ପ୍ରଶାସନ ପକ୍ଷରୁ ଏଲପିଏସ୍‌ଡି ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

# ସ୍କୁଲ ମିଶ୍ରଣକୁ ଲୋକଙ୍କ ବିରୋଧ

**ଦେବଗଡ, ୨୯।୬(ଡି.ଏନ.ଏ.)**

ଦେବଗଡ ସହର କଚେରି ସାହି ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ ସ୍କୁଲ ସହ ମିଶ୍ରଣକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ୧୯୮୬ରେ ସ୍ଥାପିତ ଏହି ବିଦ୍ୟାଳୟରେ ପୂର୍ଣ୍ଣ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଚାଲିଛି। ୨ବର୍ଷ ପୂର୍ବେ କମ୍ ଉପସ୍ଥାନ ଯୋଗୁ ମହୁଲଡିପା ସାହି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଥିଲା। ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ କଚେରି ସାହି ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରା ଯାଇଥିଲା। ମାତ୍ର ଚଳିତ ଶିକ୍ଷାବର୍ଷରେ ଶିକ୍ଷା ବିଭାଗ କଚେରି ସାହି ପ୍ରାଥମିକ ବିଦ୍ୟାଳୟକୁ ବାଳକ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ନିଷ୍ପତ୍ତି କରାଯାଇଛି। ଏହାକୁ ବିରୋଧ କରି ସୋମବାର ଅତିରିକ୍ତ ଜିଲାପାଳ ଧରମ ହାଂସଦାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ବନ୍ଦ ହେଲା ବାଲ୍ୟ ବିବାହ, ଫେରିଗଲେ ବର

**ତରଭା,୨୯।୬(ଡି.ଏନ.ଏ.):** ନାବାଳିକାଙ୍କ ବିବାହ ନ କରିବା ପାଇଁ ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଛି । ଏହାର କୁପରିଣାମ ବିଷୟରେ ଚେତାଇ ଦିଆଯାଉଛି । ଏହାସତ୍ତ୍ୱେ ବାପା ମା' ବାହାଘର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଦୁବୁଲା ଗ୍ରାମ ପଞ୍ଚାୟତର ସୁରୁଜିମୁଣ୍ଡା ଗ୍ରାମରେ ସୋମବାର ଏଭଳି ଏକ ଘଟଣା ନଜରକୁ ଆସିଛି ,ଯାହାର ପରିମାଣ ସ୍ୱରୂପ ଉଭୟ ବର ଓ କନ୍ୟା ପକ୍ଷକୁ ହଟହଟାର ସମ୍ମୁଖୀନ ହେବାକୁ ପଡିଥିବା ବେଳେ ବର ଶିଶୁପାଳ ହୋଇ ଫେରିଛି । ପ୍ରଶାସନର ହସ୍ତକ୍ଷେପ ପରେ ଏହି ଗ୍ରାମରେ ହେବାକୁ ଥିବା ବାଲ୍ୟ ବିବାହକୁ ଶେଷ ମୁହୂର୍ତ୍ତରେ ରୋକାଯାଇ ପାରିଛି । ପ୍ରକାଶ ଯେ, ସୋମବାର ସୁରୁଜିମୁଣ୍ଡା ଗ୍ରାମର ଜଣେ ନାବାଳିକାଙ୍କ ବିବାହ ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ଦଶପୁର ଗ୍ରାମର ଜଣେ ଯୁବକଙ୍କ ସହ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ଏଥିପାଇଁ କନ୍ୟା ଘରେ ଖୁସିର ମାହୋଲ ଲାଗି ରହିଥିଲା । ଭୋଜିଭାତର ଆୟୋଜନ ଚାଲିଥିଲା । ନିର୍ଦ୍ଧାରିତ ସମୟରେ ବର ବରଯାତ୍ରୀ ଗହଣରେ ଆସି କନ୍ୟାଘରେ ପହଞ୍ଚି ଥିଲେ । ହେଲେ ଖବର ପାଇ ତରଭା ବ୍ଲକ ସିଡିପିଓ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ସବିତା ଦୋରା ଓ ପୋଲିସ ପ୍ରଶାସନ ପହଞ୍ଚି ଏଥିରେ ହସ୍ତକ୍ଷେପ କରିଥିଲେ । କନ୍ୟାଘର ଲୋକେ ବିରୋଧ କରିବା ସହ ଯୁକ୍ତିତର୍କ କରିଥିଲେ ହେଁ ଶେଷରେ ବୁଝାଶୁଝା କରି ଏହି ବିବାହକୁ ବନ୍ଦ କରାଯାଇଥିଲା । ଅପରପକ୍ଷରେ ବରପକ୍ଷ ପରିସ୍ଥିତି ଦେଖି ବରକୁ ଧରି ଘଟଣାସ୍ଥଳରୁ ଛୁ ମାରିଥିଲେ । ସିଡିପିଓ ଦୋରାଙ୍କ କହିବା ଅନୁଯାୟୀ, ଅଙ୍ଗନୱାଡି ରେଜିଷ୍ଟରରେ ସମ୍ପୃକ୍ତ ନାବାଳିକାଙ୍କ ଜନ୍ମ ତାରିଖ ୨୨.୦୭.୨୦୦୫ ଥିବା ବେଳେ ସ୍କୁଲ ସାର୍ଟିଫିକେଟରେ ଜନ୍ମ ତାରିଖ ୨.୦୧.୨୦୦୪ ରହିଛି । ତାଙ୍କୁ ୧୮ ବର୍ଷ ହୋଇ ନ ଥିବାରୁ ବିବାହ ବନ୍ଦ କରାଯିବାକୁ କନ୍ୟାପକ୍ଷକୁ କହିବା ବେଳେ ବରପକ୍ଷ ଧରାଛୁଆଁ ଦେଇ ନ ଥିଲେ । ଏପରି କି ଗତବର୍ଷ ଡିସେମ୍ବର ମାସରେ ଉକ୍ତ ନାବାଳିକାଙ୍କ ବିବାହ ପ୍ରସ୍ତାବ ପଡିଥିବା ଖବର ପାଇ ଝିଅର ମାଆ ବାପାଙ୍କୁ ବୁଝାଶୁଝା କରିବା ସହ ତାଗିଦ କରାଯାଇଥିଲା । ଏହାକୁ ନ ମାନି ବିବାହ କାର୍ଯ୍ୟ ଚାଲିଥିଲା । ଅପରପକ୍ଷରେ ନାବାଳିକାଙ୍କୁ ପୋଲିସ ସହାୟତାରେ ସୋନପୁର ସିଡବ୍ଲ୍ୟୁସିକୁ ପଠାଯାଇଥିବା ସିଡିପିଓ ପ୍ରକାଶ କରିଛନ୍ତି । ଏ ନେଇ ସିଡିପିଓ ଦୋରାଙ୍କୁ ପଚାରିବାରେ ବାଲ୍ୟ ବିବାହ ନ କରିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଆମ ଅଞ୍ଚଳକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି । ଏହି ଚଢାଉରେ ସୁପରଭାଇଜର ଶ୍ରଦ୍ଧାଞ୍ଜଳୀ ଭୋଇ,ତିଲୋତ୍ତମା ବରିହା,ଏସଆଇ ପ୍ରିୟଙ୍କା ବେହେରା,ଏଏସଆଇ ନାରାୟଣ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ ଥିଲେ ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ସମ୍ବଲପୁର, ୨୯।୬(ବ୍ୟୁରୋ)**

ତୈଳ ଦରବୃଦ୍ଧିକୁ ବିରୋଧ କରି ସୋମବାର ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ଜାତୀୟ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ପରିଚାଳନାରେ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ସୁରେଶ୍ୱର ମିଶ୍ର, ବିଜିତେନ୍ଦ୍ର ପ୍ରଧାନ, ଅଶୋକ ବେରିହା, ଆଶୁତୋଷ ସ୍ୱାଇଁ, ମହିଳା କଂଗ୍ରେସ ସଭାନେତ୍ରୀ ସୁତାପା ମିତ୍ର ପ୍ରମୁଖ ସାମିଲ ହୋଇଥିଲେ। **ବଲାଙ୍ଗୀର ଅଫିସ-** ବଲାଙ୍ଗୀର ନଗର କଂଗ୍ରେସ କମିଟି ସଭାପତି ବୁଲୁ ଦାନୀଙ୍କ ଆବାହକତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଦର ମହକୁମାରେ ଯୁବନେତା ସମରେନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ଅସୀମ ପଟ୍ଟନାୟକ, ପିସିସି ସଭ୍ୟ ସୁଦାମ ସାହୁ ଓ ଅଜୟ ବାଲି, ଜିଲା କଂଗ୍ରେସ ଉପ ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଗ୍ରହଣ କରିଥିଲେ । ଦେଓଗାଁ ବ୍ଲକରେ ଯୁବନେତା ପପୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଦାବିପତ୍ର ବିଡିଓ ନବୀନ କିଶୋର ପାଢ଼ୀଙ୍କୁ ପ୍ରଦାନ କରାଯାଇଥିଲା। ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳର ଜିଲା କାର୍ଯ୍ୟକାରୀ ସଭାପତି ଉମ୍ବରୁ ଛତ୍ରିଆଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। **ସୋନପୁର(ନି.ପ୍ର.)-**ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ନୀତିରଞ୍ଜନ ସେନ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଟାଉନ କଂଗ୍ରେସ ସଭାପତି ସୁଧୀର ପଣ୍ଡା, ଗୌରୀଶ୍ୟାମ ପଣ୍ଡା, ଜିତେନ୍ଦ୍ର କୁମାର ପଟ୍ଟନାୟକ ଆନ୍ଦୋଳନରେ ସାମିଲ ଥିଲେ। **ବରଗଡ଼ ଅଫିସ୍-** ବରଗଡ଼ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ବରଗଡ଼ ସହରରେ ଦଳୀୟ ନେତା ଯୁଗଳ ପ୍ରସାଦ ସିଂହ, ପ୍ରଦୀପ ଦେବତା ପ୍ରମୁଖଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇ ଉପଜିଲାପାଳ ପ୍ରଭାସ ଦଣ୍ଡସନାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପାଇକମାଳରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଅତାବିରାରେ ନିହାର ରଞ୍ଜନ ମହାନନ୍ଦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । **ଦେବଗଡ(ଡି.ଏନ.ଏ.)-**ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅତିରିକ୍ତ ଜିଲାପାଳ ଧରମ ହାଂସଦାଙ୍କୁ ଦାବିପତ୍ର ଦିଆଯାଇଥିଲା। ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ ସାମିଲ ଥିଲେ। **ନୂଆପଡା ଅଫିସ:** ନୂଆପଡ଼ା ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ହାଲ୍ଲା ସିଂ ପ୍ରମୁଖ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଦାବିପତ୍ର ଦେଇଥିଲେ। **ସୁନ୍ଦରଗଡ,(ଡି.ଏନ୍.ଏ.):** ସୁନ୍ଦରଗଡ଼ରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର ସମ୍ବଲପୁର ଅତିରିକ୍ତ ଜିଲାପାଳଙ୍କୁ କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

# କଣ୍ଟେନମେଣ୍ଟ ଜୋନ ଘୋଷଣା ଦାବି କଲେ ଅଞ୍ଚଳବାସୀ

**ଟିଟିଲାଗଡ଼, ୨୯।୬ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ସିରଭଟାପଡା ସଂଲଗ୍ନ ନିଉ ରେଳବାଇ କଲୋନୀରେ ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ଆକ୍ରାନ୍ତ ସିରଭଟା ପଡା ଅଞ୍ଚଳରେ ବୁଲାବୁଲି କରିବା ସହ ଅନେକଙ୍କ ସଂସ୍ପର୍ଶରେ ଆସିଛନ୍ତି। ଏଣୁ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦାବି ହୋଇଛି। ସ୍ଥାନୀୟ ନିବାସୀ ଏ ନେଇ ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀଙ୍କ ପାଖରେ ଫେରାଦ ହୋଇଛନ୍ତି। ସୋମବାର ସେମାନେ ସେମାନଙ୍କ ଅଞ୍ଚଳକୁ ପ୍ରବେଶ କରିଥିବା ରାସ୍ତାକୁ ଅବରୋଧ କରିଥିଲେ। ଟିଟିଲାଗଡ ଏବିଡିଓ ମହେନ୍ଦ୍ର ପ୍ରଧାନୀ, ଜିପିଇଓ ଦାମୋଦର ଦାଶ ତଥା ସ୍ଥାନୀୟ ଆରପିଏଫ ଲୋକଙ୍କ ସହ ଆଲୋଚନା କରିଥିଲେ। ଆଇନଜୀବୀ ବୀରେନ୍ଦ୍ର ବାଗ, କୁନା ଭାଟି ଲୋକଙ୍କ ସ୍ୱାସ୍ଥ୍ୟ ନେଇ ପ୍ରଶାସନ ସତର୍କ ରହିବାକୁ ଦାବି କରିଥିଲେ। ଉପଜିଲାପାଳ ଛୁଟିରୁ ଆସିଲେ କିଛି ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଜୁନ୍ ୩୦/୨୦୨୦ Tuesday, June 30/2020

**ସଂକ୍ଷେପରେ**

## ବିସିସିଆଇ ରାଡାରରେ ଦାଣ୍ଡିୱାଲ

**ନୂଆଦିଲ୍ଲୀ, ୨୯।୬ (ପି.ଟି.):** ରବିନ୍ଦର ଦାଣ୍ଡିୱାଲ ଗତ ୩ରୁ ୪ ବର୍ଷ ହେଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୱାଚ୍‌ଲିଷ୍ଟରେ ରହିଆସିଛନ୍ତି। ବୋର୍ଡର ଦୁର୍ନୀତି ନିବାରଣ ବିଭାଗ ମୁଖ୍ୟ ଅଜିତ୍ ସିଂ ସୋମବାର ଏହା ପ୍ରକାଶ କରିଛନ୍ତି। ନିକଟରେ ପଦାକୁ ଆସିଥିବା ଏକ ଇଣ୍ଟରନ୍ୟାଶନାଲ ଟେନିସ ମ୍ୟାଚ୍ ଫିକ୍ସିଂ ସିଣ୍ଡିକେଟ୍‌ର ସେ କିଙ୍ଗପିନ୍ ବୋଲି କୁହାଯାଉଛି। ୨୦୧୮ରେ ଇଜିପ୍ଟ ଏବଂ ବ୍ରାଜିଲରେ ଅନୁଷ୍ଠିତ ଅତି କମ୍‌ରେ ଦୁଇଟି ଇଭେଣ୍ଟରେ କେତେଜଣ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ୍ ଖେଳାଳି ମ୍ୟାଚଫିକ୍ସିଂ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ଏହି ସ୍କାଣ୍ଡାଲ ପଛରେ ଦାଣ୍ଡିୱାଲ୍‌ଙ୍କର ବିଶେଷ ଭୂମିକା ଥିବା ଅଷ୍ଟ୍ରେଲିଆର ଭିକ୍ଟୋରିଆ ପୋଲିସ କହିଥିବା ଶନିବାର ଦି ସିଡ୍‌ନୀ ମର୍ଣ୍ଣିଂ ହେରାଲ୍‌ଡ ନାମକ ଏକ ଖବର କାଗଜ ରିପୋର୍ଟରେ ପ୍ରକାଶ ପାଇଛି। ସିଂ କହିଛନ୍ତି, ଦାଣ୍ଡିୱାଲ ନିଜସ୍ୱ ଲିଗ୍ ଆୟୋଜନ କରିବା ଲାଗି ଚେଷ୍ଟା କରିଥାନ୍ତି। ଏଥିରେ ସଫଳ ହେଲେ ସେ ନିଜ ଇଚ୍ଛା ମୁତାବକ ଗେମ୍‌ଗୁଡ଼ିକ ଫିକ୍ସ କରିଥାନ୍ତି। ଦାଣ୍ଡିୱାଲ ନେପାଳରେ ଏସିଆନ ପ୍ରିମିୟର ଲିଗ୍ ଆୟୋଜନ କରିପାରିଛନ୍ତି। ଆଫଗାନ ଲିଗ୍ ସହିତ ସେ ସମ୍ପୃକ୍ତ। ସେ ହରିୟାଣାରେ ଏକ ଲିଗ୍ ଆୟୋଜନ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ବିସିସିଆଇର ହସ୍ତକ୍ଷେପ ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଭାରତ ଅପେକ୍ଷା ବିଦେଶରେ ଦାଣ୍ଡିୱାଲଙ୍କର ପ୍ରଭାବ ରହିଥିବା ବିସିସିଆଇ ଦୁର୍ନୀତି ନିବାରଣ ଶାଖା ମୁଖ୍ୟ ସିଂ କହିଛନ୍ତି।

## କରୋନାରେ ଦିଲ୍ଲୀ କ୍ଲବ କ୍ରିକେଟରଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୯।୬ (ପି.ଟି.):** କୋଭିଡ୍-୧୯ରେ ସଂକ୍ରମିତ ଜଣାଶୁଣା କ୍ଲବ କ୍ରିକେଟର ତଥା ପୂର୍ବତନ ୨୩ବର୍ଷରୁ କମ୍ ଦିଲ୍ଲୀ ସପୋର୍ଟ ଷ୍ଟାଫ୍ ସଞ୍ଜୟ୍ ଡୋବାଲଙ୍କର ସୋମବାର ମୃତ୍ୟୁ ଘଟିଛି। ଡୋବାଲଙ୍କୁ ୫୩ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ପୁତ୍ର ସନ୍ତାନ ରହିଛନ୍ତି। ତାଙ୍କ ବଡ଼ ପୁଅ ସିଦ୍ଧାନ୍ତ ରାଜସ୍ଥାନ ତରଫରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳୁଛନ୍ତି। ସାନ ପୁଅ ଏକାଂଶ ଦିଲ୍ଲୀର ୨୩ ବର୍ଷରୁ କମ୍ ଦଳରେ ପଦାର୍ପଣ କରିଛନ୍ତି। ସପ୍ତାହ ପୂର୍ବରୁ ଡୋବାଲଙ୍କ ନିକଟରେ ଲକ୍ଷଣ ଦେଖାଦେବା ମାତ୍ରେ ପ୍ରଥମେ ତାଙ୍କୁ ବାହାଦୁରଗଡ଼ସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଦ୍ୱାରକା ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ପ୍ଲାଜ୍‌ମା ଚିକିତ୍ସା କରାଯାଇଥିଲା। ମାତ୍ର ସେଥିରୁ ସୁଫଳ ମିଳି ନ ଥିଲା।

# ଆଇସିସି ଏଲିଟ ପ୍ୟାନେଲରେ ମେନନ

ଦୁବାଇ, ୨୯।୬ (ପି.ଟି.)


ନୀତିନ ମେନନ

ଭାରତର ନୀତିନ ମେନନ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏଲିଟ ପ୍ୟାନେଲ ଅମ୍ପାୟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ସେ ସର୍ବକନିଷ୍ଠ ଅମ୍ପାୟର ଭାବେ ଏହି ପ୍ୟାନେଲରେ ସାମିଲ ହୋଇଛନ୍ତି। ବାର୍ଷିକ ସମୀକ୍ଷା ପରେ ୨୦୨୦-୨୧ ସିଜନ ପାଇଁ ସେ ଇଂଲଣ୍ଡର ନାଇଜଲ ଲଙ୍ଗ୍‌ଙ୍କ ସ୍ଥାନ ନେଇଛନ୍ତି। ୩୬ ବର୍ଷୀୟ ମେନନ କ୍ୟାରିୟରରେ ଏପର୍ଯ୍ୟନ୍ତ ୩ଟି ଟେଷ୍ଟ, ୨୪ ଦିନିକିଆ ଓ ୧୬ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିଛନ୍ତି। ଭାରତର ତୃତୀୟ ଅମ୍ପାୟର ଭାବେ ସେ ଏହି ଏଲିଟ ପ୍ୟାନେଲରେ ପ୍ରବେଶ କରିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଅଧିନାୟକ ଶ୍ରୀନିବାସ ଭେଙ୍କଟରାଘବନ ଓ ସୁନ୍ଦରମ ରବି ଏହି ପ୍ୟାନେଲରେ ଥିଲେ। ରବି ଗତବର୍ଷ ଏହି ପ୍ୟାନେଲରୁ ବାଦ୍ ପଡ଼ିଥିଲେ।

ନିୟମିତଭାବେ ବିଶ୍ୱର ପ୍ରତିଷ୍ଠିତ ଅମ୍ପାୟର ଏବଂ ରେଫରିଙ୍କ ସହ କାର୍ଯ୍ୟ କରିବା ଦ୍ୱାରା ମୁଁ ମଧ୍ୟ ଏପରି କିଛି ସ୍ୱପ୍ନ ଦେଖିଥିଲି। ଏବେ ତାହା ସାକାର ହୋଇଛି'' ବୋଲି ମେନନ କହିଛନ୍ତି। ମେନନ ଆଇସିସି ଏଲିଟି ପ୍ୟାନେଲରେ ପ୍ରବେଶ କରିବା ପୂର୍ବରୁ ଇଂଲଣ୍ଡର ୪୦ ବର୍ଷୀୟ ମାଇକେଲ ଗଫ୍ ସର୍ବକନିଷ୍ଠ ଥିଲେ। ମେନନ ୨୨ ବର୍ଷ ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଛାଡ଼ିଥିଲେ। ୨୩ ବର୍ଷରେ ସେ ଜଣେ ସିନିୟର ଅମ୍ପାୟରଭାବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ( ବିସିସିଆଇ) ଦ୍ୱାରା ଅଧିସ୍ୱୀକୃତ ମ୍ୟାଚ ପରିଚାଳନା କରିଥିଲେ। ଆଇସିସି ଜେନେରାଲ ମ୍ୟାନେଜର (କ୍ରିକେଟ) ଜେଫ୍ ଆଲାର୍ଡିସ, ପୂର୍ବତନ ଖେଳାଳି ତଥା ଭାଷ୍ୟକାର ସଞ୍ଜୟ ମଞ୍ଜ୍ରେକର, ମ୍ୟାଚ ରେଫରି ରଞ୍ଜନ ମଦୁଗଲେ ଓ ଡେଭିଡ ବୁନ୍‌ଙ୍କୁ ନେଇ ଗଠିତ ଚୟନ ପ୍ୟାନେଲ ମେନନଙ୍କୁ ମନୋନୟନ କରିଥିଲେ। ମେନନ ପୂର୍ବରୁ ଏମିରେଟ୍ସ ଆଇସିସି ଅନ୍ତର୍ଜାତୀୟ ପ୍ୟାନେଲ ଅମ୍ପାୟର ଥିଲେ। ନିକଟ ଅତୀତରେ ଭାରତୀୟ ଅମ୍ପାୟରଙ୍କ ପ୍ରଦର୍ଶନ ବିଶ୍ୱବ୍ୟାପୀ ସମାଲୋଚିତ ହେଉଥିବାବେଳେ ଗତ କିଛିବର୍ଷ ଧରି ମେନନ ଚମତ୍କାର ଅମ୍ପାୟରିଂ କରି ଆସୁଥିଲେ।

### ସର୍ବକନିଷ୍ଠ ଅମ୍ପାୟର

ନିଜ ଦାୟିତ୍ୱ ସମ୍ପର୍କରେ ଅବଗତ ଥିବା ମେନନ ପ୍ରକାଶ କରିଛନ୍ତି। ''ଅନେକ ସମୟରେ ଭାରତ ଏଲିଟ ପ୍ୟାନେଲରେ ପ୍ରତିନିଧିତ୍ୱ ଶୂନ୍ୟ ରହୁଛି। ନିଜ ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ କରି ମୁଁ ଭାରତୀୟ ପତାକାକୁ ସଗର୍ବେ ଉଡ଼ାଇବାକୁ ଚାହିଁବି। ଏହା ଏକ ସୁଯୋଗ ଏବଂ ବଡ଼ ଦାୟିତ୍ୱ। ମୁଁ ମୋ ଅନୁଭବକୁ ବାଣ୍ଟି ଅଧିକରୁ ଅଧିକ ଭାରତୀୟ ଅମ୍ପାୟରଙ୍କୁ ଉଚ୍ଚସ୍ତରକୁ ଆସିବା ପାଇଁ ସାହାଯ୍ୟ କରିବି '' ବୋଲି ଏକ ସାକ୍ଷାତ୍‌କାରରେ ମେନନ କହିଛନ୍ତି। ଏହି ଅବସରରେ ଆଇସିସି ଅମ୍ପାୟର କୋଚ୍ ଡେନିସ ବର୍ସ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି ମେନନ। ସେ ଜଣେ ଭଲ ଅନ୍ତର୍ଜାତୀୟ ଅମ୍ପାୟର ହେବା ପଛରେ ବର୍ସ୍ୱଙ୍କ ଦିଗ୍‌ଦର୍ଶନ ଓ ସମର୍ଥନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଇସିସି ଘରୋଇ ସିରିଜ ପରିଚାଳନାରୁ ସ୍ଥାନୀୟ ଅମ୍ପାୟରଙ୍କୁ ବାଦ୍ ଦେବାକୁ ଚିନ୍ତା କରୁଛି। ତେଣୁ ଏଲିଟ ପ୍ୟାନେଲକୁ ଉନ୍ନୀତ ହେବା ଫଳରେ ମେନନ ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଆଶେସ ଟେଷ୍ଟ ପରିଚାଳନା କରିବାକୁ ଯୋଗ୍ୟ ହେବେ। ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଘରୋଇ ପରିବେଶରେ ଇଂଲଣ୍ଡ ବିପକ୍ଷରେ ଖେଳିବାକୁଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ମଧ୍ୟ ସେ ପରିଚାଳନା କରିପାରିବେ। ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟର ନରେନ୍ଦ୍ର ମେନନଙ୍କ ପୁଅ ହେଉଛନ୍ତି ନୀତୀନ। ନିଜ ସଂକ୍ଷିପ୍ତ କ୍ରିକେଟ କ୍ୟାରିୟରରେ ସେ ମଧ୍ୟପ୍ରଦେଶ ବିପକ୍ଷରେ ୨ଟି ଲିଷ୍ଟ-ଏ ଗେମ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଯୁବ ବୟସରୁ ଅମ୍ପାୟରିଂ ଆରମ୍ଭ କରିଥିବାରୁ ଇତିମଧ୍ୟରେ ସେ ଏଥିରେ ୧୩ ବର୍ଷ ଅତିକ୍ରମ କରିଛନ୍ତି। ଏହା ମଧ୍ୟରେ ସେ ୨୦୧୮ ଓ ୨୦୨୦ ମହିଳା ଟି୨୦ ବିଶ୍ୱକପ ପରିଚାଳନା କରିଛନ୍ତି।

## ରୁଟ୍ ଖେଳିବେନି, ଷ୍ଟୋକ୍ସ ନେତୃତ୍ୱ ନେବେ

**ଲଣ୍ଡନ, ୨୯।୬(ପି.ଟି.):** ଦ୍ୱିତୀୟ ସନ୍ତାନର ଜନକ ହେବାକୁ ଯାଉଥିବା ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଖେଳିବେ ନାହିଁ। ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ଏହି ସିରିଜର ପ୍ରଥମ ଟେଷ୍ଟରେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ପ୍ରଥମଥର ପାଇଁ ଦଳର ନେତୃତ୍ୱ ନେବେ। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟେଷ୍ଟ ସାଉଥାମ୍ପଟନର ଏଜେସ ବାଓଲ ଷ୍ଟାଡିୟମରେ ଜୁଲାଇ ୮ରୁ ଆରମ୍ଭ ହେବ। ସେହି ସମୟରେ ରୁଟ୍‌ଙ୍କ ସ୍ତ୍ରୀ ଦ୍ୱିତୀୟ ସନ୍ତାନର ଜନନୀ ହେବା ସମ୍ଭାବନା ରହିଛି। ଅନ୍ତରୀଣ ଅଧିନାୟକ ନିଯୁକ୍ତ ହୋଇଥିଲେ ହେଁ ଷ୍ଟୋକ୍ସଙ୍କୁ ରୁଟ୍ 'ନେଚୁରାଲ ଲିଡର' ଭାବେ ଅଭିହିତ କରିଛନ୍ତି। କେବଳ ପ୍ରଥମ ଟେଷ୍ଟ ନୁହେଁ, ରୁଟ୍ ଦ୍ୱିତୀୟ ଟେଷ୍ଟ ଖେଳିବା ନେଇ ମଧ୍ୟ ସନ୍ଦେହ ରହିଛି। କାରଣ ଦଳସହ ଯୋଗ ଦେବା ପୂର୍ବରୁ ତାଙ୍କୁ ୭ ଦିନ ସେଲ୍ଫ-ଆଇସୋଲେଶନରେ ରହିବାକୁ ପଡ଼ିବ। କରୋନା ଭାଇରସ ସଂକ୍ରମଣ ଯୋଗୁ ୩ ମାସ ବ୍ୟବଧାନ ପରେ ଏହି ସିରିଜ ଜୈବ-ସୁରକ୍ଷିତ ଭେନ୍ୟୁରେ ଆରମ୍ଭ ହେବାକୁ ଯାଉଛି।

# 'ବ୍ଲାକ୍ ଲିଭ୍ସ ମ୍ୟାଟର' ଲୋଗୋ ବ୍ୟବହାର କରିବ ୱେଷ୍ଟଇଣ୍ଡିଜ

ମାଞ୍ଚେଷ୍ଟର, ୨୯।୬ (ପି.ଟି.)



ଆଗକୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବେଳେ ୱେଷ୍ଟଇଣ୍ଡିଜ କ୍ରିକେଟ ଖେଳାଳିଙ୍କ ଶାର୍ଟ କଲର୍‌ରେ ଏକ ଭିନ୍ନ ଧରଣର ଲୋଗୋ ଦେଖିବାକୁ ମିଳିବ। ସେଥିରେ ଲେଖାଥିବ 'ବ୍ଲାକ୍ ଲିଭ୍ସ ମ୍ୟାଟର'। କ୍ରୀଡ଼ାରେ ବର୍ଣ୍ଣବାଦ ବିରୋଧରେ ପ୍ରତିବାଦ ସ୍ୱରୂପ ୱେଷ୍ଟଇଣ୍ଡିଜ ଖେଳାଳିମାନେ ଏହି ଲୋଗୋ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ନିକଟରେ ଆମେରିକାରେ ପୋଲିସ ନିର୍ଯାତନାରେ ଜର୍ଜ ଫ୍ଲଏଡ୍ ନାମକ ଜଣେ କୃଷ୍ଣକାୟଙ୍କ ମୃତ୍ୟୁ ଘଟଣାରେ ବିଶ୍ୱବ୍ୟାପୀ ବିଭିନ୍ନ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସମାଜରୁ ବର୍ଣ୍ଣବାଦ ଏବେ ସୁଦ୍ଧା ଦୂର ହୋଇ ନ ଥିବା ପ୍ରମାଣିତ କରୁଛି। ଏଥିପାଇଁ ଆମେ ସମସ୍ତେ ମିଳିମିଶି ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍‌ଡର କହିଛନ୍ତି। ଲୋଗୋର ଡିଜାଇନ୍ କରିଛନ୍ତି ଆଲିଶା ହୋସାନା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଏହା ମଧ୍ୟ ଅନୁମୋଦନ ଲାଭ କରିସାରିଛି। ପ୍ରିମିୟର ଲିଗ୍ ଫୁଟ୍‌ବଲ ଚଳିତମାସ ପ୍ରଥମ ଭାଗରେ ଆରମ୍ଭ ହୋଇଛି। ଏଥିରେ ଭାଗ ନେଉଥିବା ସମସ୍ତ ୨୦ଟି କ୍ଲବ ସିଜନର ଅବଶିଷ୍ଟ ମ୍ୟାଚ୍‌ରେ ଏହି ଲୋଗୋ ବ୍ୟବହାର କରିବେ।

## ଓଡ଼ିଶା ଏଫ୍‌ସି ଦଳରେ ଗୋଲକିପର ରବି କୁମାର

**ଭୁବନେଶ୍ୱର, ୨୯।୬ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ)ର ୭ମ ସିଜନ ପୂର୍ବରୁ ଓଡ଼ିଶା ଏଫସି ଦଳରେ ସାମିଲ ହୋଇଛନ୍ତି ଗୋଲକିପର ରବି କୁମାର। ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ସହିତ ଉତ୍ତର ପ୍ରଦେଶ ଜନ୍ମିତ ରବି କୁମାର ୨ ବର୍ଷୀୟା ଚୁକ୍ତି କରିଛନ୍ତି।



ଇଣ୍ଡିଆନ ଆରୋଜ ଓ ସ୍ପୋର୍ଟିଂ କ୍ଲବ ଡି ଗୋଆ ପକ୍ଷରୁ ଖେଳିବା ପରେ ରବି ଆଇଏସଏଲ ଦ୍ୱିତୀୟ ସିଜନ ପାଇଁ ଦିଲ୍ଲୀ ଡାଇନାମସ ସହିତ ଚୁକ୍ତି କରିଥିଲେ। ଏହା ବ୍ୟତୀତ ସେ ନର୍ଥଇଷ୍ଟ ୟୁନାଇଟେଡ ଓ ମୁମ୍ବାଇ ସିଟି ଏଫସି ପକ୍ଷରୁ ଯଥାକ୍ରମେ ୨୦୧୭-୧୮ ଓ ୨୦୧୮-୧୯ ସିଜନରେ ଖେଳିଥିଲେ। କ୍ୟାରିୟର ଆରମ୍ଭରେ ଏହି ୨୬ ବର୍ଷୀୟ ଗୋଲକିପର ମିନର୍ଭା ପଞ୍ଜାବ ଏଫସି ପକ୍ଷରୁ ମଧ୍ୟ ଖେଳିଥିଲେ।

# ଅନ୍‌ଲାଇନ୍ ଚେସ୍: ନିପୁନ ଚାମ୍ପିୟନ

ଭୁବନେଶ୍ୱର, ୨୯।୬(କ୍ରୀଡ଼ା ପ୍ରତିନିଧି)



ନିପୁନ ଆଦିତ୍ୟ ମହାନ୍ତି

ଏସଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ୯ମ ଅନ୍‌ଲାଇନ୍ ଚେସ୍‌ରେ ନିପୁନ ଆଦିତ୍ୟ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ୨୦୧୯ରେ ରାଜ୍ୟ ବଧିର ଚେସ୍ ଚାମ୍ପିୟନ ହୋଇଥିବା ଭୁବନେଶ୍ୱର ନିପୁନ ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୂରା ୬ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ତନ୍ମୟ ତ୍ରିପାଠୀ, ସନ୍ଦୀପା ସାହୁ, ବିକାଶ କୁମାର ଲେଙ୍କା ଓ ପ୍ରତୀକ ଚୌରାସିଆ(ସମସ୍ତେ ୪.୫ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ହାସଲ କରିଛନ୍ତି। ୧୧ ବର୍ଷରୁ କମ୍ ବର୍ଗରେ ଆଦିତ୍ୟ ନାରାୟଣ ମହାନ୍ତି, ତ୍ରିଦେବ ତୀର୍ଥଙ୍କର, ଦେବାଂଶ ପଣ୍ଡା, ୯ ବର୍ଷରୁ କମ୍‌ରେ ସୂର୍ଯ୍ୟାଂଶୁ ମହାକୁଡ଼, ନିଲିଶା ନିବେଦିତା, ୭ ବର୍ଷରୁ କମ୍‌ରେ ସାରାଂଶ ସାହୁ ଓ ଅର୍ନବ ବିଶ୍ୱାଳ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ଓ ଦେଶର ୪୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆୟୋଜକ ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର ମାନସ ରଞ୍ଜନ ମିଶ୍ର ଓ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ଆଇସିସି ଚେୟାରମ୍ୟାନ ଦୌଡ଼ରେ କାମେରନ

**କିଙ୍ଗଷ୍ଟନ, ୨୯।୬ (ପି.ଟି.):** ଭାରତର ଶଶାଙ୍କ ମନୋହରଙ୍କ ସ୍ଥାନରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚେୟାରମ୍ୟାନ ପଦବୀ ଦୌଡ଼ରେ ସାମିଲ ହୋଇଛନ୍ତି କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲୁଆଇ)ର ପୂର୍ବତନ ମୁଖ୍ୟ ଡେଭ୍ କାମେରନ। ୟୁନାଇଟେଡ୍ ଷ୍ଟେଟ୍ସ ହଲ୍ ଅଫ୍ ଫେମ୍ ତାଙ୍କ ନାମ ସୁପାରିସ୍ କରି ମନୋହରଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। କାମେରନ ୨୦୧୩ରୁ ୨୦୧୯ ପର୍ଯ୍ୟନ୍ତ ସିଡବ୍ଲୁଆଇ ସଭାପତି ଭାବେ କାର୍ଯ୍ୟକରିଛନ୍ତି। ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ପ୍ରାର୍ଥୀ ହେଲେ ଦୁଇଟି ସୁପାରିସ ଆବଶ୍ୟକ ରହିଛି। କ୍ରିକେଟ ୱେଷ୍ଟଇଣ୍ଡିଜର ବର୍ତ୍ତମାନ ମୁଖ୍ୟଙ୍କର ତାଙ୍କ ପ୍ରତି ସମର୍ଥନ ରହିଛି କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ, କାରଣ ଦୁଇଜଣଙ୍କ ମଧ୍ୟରେ ମତାନ୍ତର ରହିଛି। ମନୋହରଙ୍କ କାର୍ଯ୍ୟକାଳ ଚଳିତବର୍ଷ ଶେଷ ହେଉଛି। ଜୁଲାଇ ଶେଷ ଭାଗରେ ଆଇସିସିର ବାର୍ଷିକ ସାଧାରଣ ବୈଠକ ବସିବ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ